ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୨୫/୨୦୨୧ (୧୬ ପୃଷ୍ଠା) | Balasore, Thursday, February 25/2021 | ★★★★

୪୭ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ପଡିକାଲଙ୍କ ଶତକ


ଓଡ଼ିଶା ବିପକ୍ଷ ବିଜୟ୍ ହଜାରେ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ୧୫୨ ରନର ଶତକୀୟ ଇନିଂସ ଖେଳି କର୍ନାଟକକୁ ଜିତାଇଛନ୍ତି ଦେବଦତ୍ତ ପଡିକାଲ। ୧୬

୧୪

## ବିବାହ କରିବାକୁ ଇଚ୍ଛା ନ ଥିଲା

ବିବାହ କରିବାକୁ ଇଚ୍ଛା ନ ଥିଲା, ହେଲେ ପ୍ରେମରେ ପଡ଼ିଗଲେ । ଶେଷରେ ବାଧ ହୋଇ ଘର ସଂସାର କଲେ ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ।






ଅହମ୍ମଦାବାଦରେ ବୁଧବାର ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୬ ଉଇକେଟ ସଫଳତା ପାଇଥିବା ଭାରତର ଅକ୍ଷର ପଟେଲ **(ରିପୋର୍ଟ: ପୃଷ୍ଠା-୧୨)**।

# ମେ' ୧୮ରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ମେ' ୧୮ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇ ଜୁନ୍ ୧୨ରେ ସରିବ। ସେହିପରି ମେ' ୨୮ରୁ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଆରମ୍ଭ ହେବ। ତେବେ ଏପ୍ରିଲ ୨୯ରୁ ମେ' ୮ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ହେବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୮ଟା ୪୫ ସୁଦ୍ଧା ନିଜ ସିଟ୍‌ରେ ବସିବେ। ୮ଟା ୪୫ରୁ ୯ଟା ଭିତରେ ଛାତ୍ରୀଛାତ୍ରଙ୍କୁ ଉତ୍ତର ଖାତା ଦିଆଯିବ। ୯ଟାରେ ପ୍ରଶ୍ନପତ୍ର ବଣ୍ଟନ କରାଯିବ। ପ୍ରଶ୍ନପତ୍ର ପଢ଼ିବା ପାଇଁ ୧୫ ମିନିଟ୍ ସମୟ ରହିବ। ପୂର୍ବାହ୍ନ ୯ଟା ୧୫ରୁ ପରୀକ୍ଷା ଆରମ୍ଭ ହେବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ରହିବ। ତେଣୁ ପରୀକ୍ଷାର ସୁପରିଚାଳନା ପାଇଁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନେ ଦୃଷ୍ଟି ଦେବାକୁ ☞**ପୃଷ୍ଠା-୪**




# ୭ ଜିଲାରେ ସୀମା ବିବାଦ

## ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

କୋରାପୁଟ ଜିଲାର କୋଟିଆ ସମେତ ରାଜ୍ୟର ସୀମା ବିବାଦକୁ ନେଇ ବିରୋଧୀ ସରକାରଙ୍କୁ ସଣ୍ଟୁଆଶି ଆକ୍ରମଣ କରିଛନ୍ତି। ସରକାରଙ୍କ ଅପରିଣାମଦର୍ଶିତା ପାଇଁ ରାଜ୍ୟର ଗୋଟିଏ ପରେ ଗୋଟିଏ ସୀମାବର୍ତ୍ତୀ ଗ୍ରାମ ହାତରୁ ଚାଲିଯାଉଛି। ସେହି ଗ୍ରାମଗୁଡ଼ିକ ଉପରେ ସରକାରଙ୍କ ନଜର ନାହିଁ। ବିକାଶ ଅପହଞ୍ଚ ହୋଇଛି। ବୁଧବାର ବିଧାନସଭାରେ ଓଡ଼ିଶା ସୀମା ବିବାଦ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନିଜେ କୋଟିଆ ଗସ୍ତ କରନ୍ତୁ। ସର୍ବଦଳୀୟ ବୈଠକ ଡକାଯାଉ। ଦଳଗତ ନିର୍ବିଶେଷରେ ସମସ୍ତେ ସେଠାକୁ ଚାଲନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି।

ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ, ୪ ରାଜ୍ୟ ସହିତ ଓଡ଼ିଶାର ୯୬ ଗ୍ରାମର ସୀମା ବିବାଦ ରହିଛି। ଆନ୍ଧ୍ର ସରକାର ଓଡ଼ିଶାରେ ପ୍ରବେଶ କରି ଜବରଦସ୍ତ

### ବିଧାନସଭାରେ ମୁଲତବୀ ଆଲୋଚନା

କୋଟିଆରେ ନିର୍ବାଚନ କରାଉଛନ୍ତି। ଆନ୍ଧ୍ର ସରକାର କୋଟିଆରେ ୨୨୫୦ ଟଙ୍କା ଭତ୍ତା ଦେଉଥିବା ବେଳେ ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି। ତେଣୁ ଲୋକମାନେ ଆନ୍ଧ୍ର ମୁହାଁହେବା ସ୍ୱାଭାବିକ। ସରକାର ପାନୀୟ ଜଳ ଯୋଗାଇ ପାରୁନାହାନ୍ତି। ସ୍କୁଲକୁ ଶିକ୍ଷକ ଦେଇ ପାରୁନାହାନ୍ତି। କୋଟିଆ ଅଞ୍ଚଳରେ ଲୋକମାନେ ଆମ ଭାଷା ବୁଝୁନାହାନ୍ତି। ସେହି ଅଞ୍ଚଳର ସୀମା ସୁରକ୍ଷିତ ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ମୋହନ ମାଝି କହିଲେ, କୋଟିଆ ଆମ ପାଖରେ ଆଉ ନାହିଁ। ରାଜ୍ୟର ପ୍ରାୟ ୧୦୦ ଗ୍ରାମ ସୀମା ବିବାଦରେ ରହିଛି। ସରକାରଙ୍କ ଅଦୂରଦର୍ଶିତା ଯୋଗୁ ସୀମାବର୍ତ୍ତୀ ଗ୍ରାମ ଓଡ଼ିଶା ହାତରୁ ଚାଲିଯାଉଛି। କୋଟିଆ ଅଞ୍ଚଳକୁ ସଚିବ, ମୁଖ୍ୟ ଶାସନ ସଚିବ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କେତେଥର ଯାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ☞**ପୃଷ୍ଠା-୪**

# ଜାମିନ ସତ୍ତ୍ୱେ ଜେଲ



ପ୍ରଦୀପ ପାଣିଗ୍ରାହୀ

**କଟକ ଅଫିସ,୨୪।୨**

ଚାକିରି ଦେବା ନାଁରେ ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବୁଧବାର ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫ଲକ୍ଷ ଟଙ୍କା ଲେଖାଏ ୨ଜଣ ଜାମିନଦାର ଏବଂ ୨୪ଲକ୍ଷ ଟଙ୍କା ନଗଦ ଜମା କରିବାକୁ ବିଚାରପତି ସଙ୍ଗମ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତଦନ୍ତରେ ସହଯୋଗ, ପାସ୍‌ପୋର୍ଟ ସରେଣ୍ଡର କରିବେ। ଏପରି କି ତଦନ୍ତକାରୀ ଅଧିକାରୀଙ୍କ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ତେବେ ପ୍ରଦୀପଙ୍କ ବିରୋଧରେ ଥିବା ଅନ୍ୟ ୩ଟି ମାମଲାରେ ☞**ପୃଷ୍ଠା-୪**

# କାଳିଆରେ ୧.୦୪ ଲକ୍ଷ ଚାଷୀ ଅଯୋଗ୍ୟ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନର ଉତ୍ତରରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, କାଳିଆରେ ୫୬ ଲକ୍ଷ ୧୪ ହଜାର ୭୦୭ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୩୬ ଲକ୍ଷ ୫୦ ହଜାର ୮୭୩ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୭ ଲକ୍ଷ ୦୪ ହଜାର ୭୩୩ ଜଣ ଭୂମିହୀନ କୃଷକ ପରିବାର ଉପକୃତ ହୋଇଥିବା କୃଷିମନ୍ତ୍ରୀ କହିଛନ୍ତି। ଯେଉଁମାନେ ଏଯାଏ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି ସେମାନେ କାଳିଆ ୱେବ୍ ପୋର୍ଟାଲରେ ଆବଶ୍ୟକ ଡକ୍ୟୁମେଣ୍ଟ ସହ ଅନ୍‌ଲାଇନ ଆବେଦନ କରିପାରିବେ। ସେହିଭଳି ବଳିଆ ଯୋଜନା ପାଇଁ ଯୋଗ୍ୟ ବିବେଚିତ ଚାଷୀଙ୍କ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। କାଳିଆ ଯୋଜନାରେ ଅଯୋଗ୍ୟଙ୍କ ସଂଖ୍ୟା ଲକ୍ଷେ ଟପିଛି। ☞**ପୃଷ୍ଠା-୪**

**ଆଜିର ସମ୍ପାଦକୀୟ**

**ଷଣ୍ଢମାନଙ୍କୁ ନିର୍ଯାତନା**




# ସର୍ଦ୍ଦାରଙ୍କ ସ୍ଥାନରେ ମୋଦି

## ବିବାଦରେ ଷ୍ଟାଡିୟମ୍ ନାମକରଣ


**ଅହମଦାବାଦ/ନୂଆଦିଲ୍ଲୀ,୨୪।୨**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ବିଶ୍ୱର ବୃହତ୍ତମ କ୍ରିକେଟ ଷ୍ଟାଡିୟମ୍‌ର ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଏହା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମରେ ଥିବାବେଳେ ଏବେ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ନାମିତ କରାଯାଇଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠାଇବା ସହ ସର୍ଦ୍ଦାର ପଟେଲଙ୍କୁ କେନ୍ଦ୍ର ସରକାର ଅପମାନିତ କରିଥିବା ଅଭିଯୋଗ ଆଣିଛନ୍ତି। ଏହି ପ୍ରସଙ୍ଗ ଜାତୀୟ ରାଜନୀତିକୁ ସରଗରମ କରିଛି।

୨୦୨୦ ଫେବୃୟାରୀ ୨୪ ତାରିଖ। ଆମେରିକାରେ ରାଷ୍ଟ୍ରପତି ନିର୍ବାଚନକୁ କିଛି ମାସ ବାକିଥିବାବେଳେ ଗୁଜରାଟର ଅହମଦାବାଦ ସହର ମୋଟେରାସ୍ଥିତ ସର୍ଦ୍ଦାର ପଟେଲ କ୍ରିକେଟ ଷ୍ଟାଡିୟମ୍ ଚର୍ଚ୍ଚାକୁ ଆସିଥିଲା। କାରଣ ଏହି ଦିନ ଉକ୍ତ ଷ୍ଟାଡିୟମ୍‌ରେ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ☞**ପୃଷ୍ଠା-୪**

> " ସତ କେତେ ସୁନ୍ଦର ଭାବେ ନିଜକୁ ପ୍ରଘଟ କରେ। ନରେନ୍ଦ୍ର ମୋଦି ଷ୍ଟାଡିୟମ୍ -ଆଡାନୀ ଏଣ୍ଡ -ରିଲାଏନ୍ସ ଏଣ୍ଡ ଜୟ୍ ଶାହାଙ୍କ ଅଧକ୍ଷତାରେ।
>
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> " କେଭାଡିଆରେ ନିର୍ମିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶ୍ୱର ଉଚ୍ଚତମ ପ୍ରତିମୂର୍ତ୍ତିକୁ ସୋନିଆ ଗାନ୍ଧୀ କି ରାହୁଲ ଗାନ୍ଧୀ କେବେହେଲେ ପ୍ରଶଂସା କରିଛନ୍ତି କି? ସେମାନେ କେବେ ସେଠାକୁ ପରିଦର୍ଶନରେ ଯାଇଛନ୍ତି କି? ଅଧିକ କ'ଣ କୁହାଯାଇପାରିବ?
>
> **-ରବିଶଙ୍କର ପ୍ରସାଦ, କେନ୍ଦ୍ରମନ୍ତ୍ରୀ**



### ମୋଦିଙ୍କ ମୁଣ୍ଡକୁ ଜୁଟିଥିଲା ଯୋଜନା

୮୦୦ କୋଟି ଟଙ୍କା ଖର୍ଚ୍ଚ କରି ସର୍ଦ୍ଦାର ପଟେଲ ଷ୍ଟାଡିୟମ୍‌କୁ ଅତ୍ୟାଧୁନିକ କରାଯାଇଛି। ୫୩ ଏକର ପରିମିତ ଏହି ଷ୍ଟାଡିୟମ୍‌ରେ ଏକକାଳୀନ ୧.୩୨ ଲକ୍ଷ ଦର୍ଶକ ବସି କ୍ରିକେଟ ଖେଳ ଉପଭୋଗ କରିପାରିବେ। ମେଲବର୍ନ କ୍ରିକେଟ ଗ୍ରାଉଣ୍ଡରେ ଦର୍ଶକ ଧାରଣ କ୍ଷମତା ୯୦,୦୦୦ ଥିବାବେଳେ ଏହି ଷ୍ଟାଡିୟମ୍ ତାକୁ ଟପିଯାଇଛି। ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଏହାକୁ ଅତ୍ୟାଧୁନିକ କରିବା ଯୋଜନା ତାଙ୍କ ମୁଣ୍ଡକୁ ଜୁଟିଥିଲା। ସେତେବେଳେ ମୋଦି ଗୁଜରାଟ କ୍ରିକେଟ ଆସୋସିଏଶନ୍ ଅଧକ୍ଷ ମଧ ଥିଲେ ବୋଲି ଉଦ୍‌ଘାଟନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

**ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଆତ୍ମହତ୍ୟା**

ମାଲକାନଗିରି,(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ଆତ୍ମସମର୍ପଣ କରିଥିବା ଜଣେ ମହିଳା ମାଓବାଦୀ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ପାଣ୍ଡେ କବାସୀ। ସେ ଫେବୃଆରୀ ୧୯ରେ ଆତ୍ମସମର୍ପଣ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ଥାନୀୟ ପୋଲିସ କଲୋନୀରେ ରଖାଯାଇଥିଲା। ସେହି ପୋଲିସ କ୍ୱାର୍ଟର୍ସରେ ସେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏହାର ତଦନ୍ତ ଚାଲିଛି ବୋଲି ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲଭ କହିଛନ୍ତି।

# ଲୋକସେବା ଭବନ ସହ ଯୋଡ଼ିହେଲା ୨୪୭ କାର୍ଯ୍ୟାଳୟ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ୍ ମୋଡ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ଏକ ବହୁମୁଖୀ ସୁଇଚିଂ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱର୍କ (ଆର୍‌ଡି-ଏମ୍‌ପିଏଲ୍‌ଏସ୍ ଭିପିଏନ୍) ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଇଣ୍ଟରନେଟ୍ ସଂଯୋଗ ନ ଥିବା ବିଭାଗର ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକ ସହିତ ଆଭ୍ୟନ୍ତରୀଣ ଯୋଗାଯୋଗ ରକ୍ଷା କରିବାରେ ଏହି ନେଟ୍‌ୱର୍କ ବ୍ୟବସ୍ଥା ସହାୟକ ହେବ। ଏହି ବ୍ୟବସ୍ଥାରେ ଲୋକସେବା ଭବନଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ୨୪୭ କାର୍ଯ୍ୟାଳୟ ଯୋଡ଼ି ହୋଇଛି। ସରକାରଙ୍କ ୫-'ଟି'କୁ ସଶକ୍ତ କରିବାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏଭଳି ଉଦ୍ୟମକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏହି ନେଟ୍‌ୱର୍କ କ୍ଷେତ୍ରୀୟ ସ୍ତରରେ ଅନ୍‌ଲାଇନ୍ ୱେବ୍‌ଭିତ୍ତିକ ପ୍ରୟୋଗକୁ ଉପଯୋଗ କରିବାରେ ସମର୍ଥ ହେବ। ଏହାସହ ସ୍ୱଚ୍ଛତା, ଫଳପ୍ରଦ ତଦାରଖ ବ୍ୟବସ୍ଥା ଏବଂ ସମସ୍ୟା ସମାଧାନ ଇତ୍ୟାଦିରେ ବିଭାଗର ୫-'ଟି' ଅଭିଯାନକୁ ସମ୍ପ୍ରସାରିତ କରିବ। ଟେଣ୍ଡରିଂ, ରକ୍ଷଣାବେକ୍ଷଣ ପରିଚାଳନା, ବିଭିନ୍ନ କାର୍ଯ୍ୟ ଓ କାଗଜାତ ପରିଚାଳନା, ଆର୍ଥିକ ପରିଚାଳନା, ଅଭିଯୋଗ ସମାଧାନ ସମେତ ବିଭିନ୍ନ ସେବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ୱେବ୍‌ଭିତ୍ତିକ ଉପଯୋଗକୁ କାର୍ଯ୍ୟକାରୀ କରୁଛି। ଟେଣ୍ଡର ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ବ୍ୟବସ୍ଥା ପ୍ରବର୍ତ୍ତନରେ ବିଭାଗର ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ମନୁଷ୍ୟକୃତ ହସ୍ତକ୍ଷେପ ହ୍ରାସ ପାଇବା ସହିତ ସମୁଦାୟ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାରେ ଅଧିକ ଦକ୍ଷତା ଓ ପାରଦର୍ଶିତା ଆସିପାରିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ୧ ଲକ୍ଷ କିଲୋମିଟର ଗ୍ରାମ୍ୟ ସଡକ, ୬୦ ଲକ୍ଷ ସ୍କୋୟାର ମିଟର ଅଞ୍ଚଳ, ୧୪୦୦ ବ୍ରିଜ ନିର୍ମାଣ ରହିଥିବାବେଳେ ୬୦୦ ପୋଲ ନିର୍ମାଣ ଜାରି ରହିଛି। ଏହି ବ୍ୟବସ୍ଥା




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ୍ ମୋଡ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ଏକ ବହୁମୁଖୀ ସୁଇଚିଂ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱର୍କ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

ଏସବୁ ଭିତ୍ତିଭୂମିର ରକ୍ଷଣାବେକ୍ଷଣର ଅନୁଧ୍ୟାନରେ ସହାୟକ ହେବ।

ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ନେଇ ବିଭାଗଗୁଡିକ କାମ କରୁଛନ୍ତି। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିବାବେଳେ ଉନ୍ନୟନ କମିଶନର ପ୍ରଦୀପ୍ତ କୁମାର ଜେନା ସ୍ୱାଗତ ଭାଷଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଏସିଏସ୍ ଫରେଷ୍ଟ, ବିଏସ୍‌ଏନ୍‌ଏଲ୍ ସିଜିଏମ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଜିଲାସ୍ତର ଅଧିକାରୀ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥଲେ।

# ପିହୁଙ୍କ ମା'ଙ୍କୁ ଅଟକାଇଲା ପୋଲିସ

**ବିଧାନସଭା ଆଗରେ ଧାରଣାଦେବାକୁ ଯାଉଥିଲେ**

**ବିଞ୍ଝାରପୁର,୨୪।୨(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ବହୁଚର୍ଚ୍ଚିତ ଶୁଭଲକ୍ଷ୍ମୀ ନାୟକ(୩)ଓରଫ୍ ପିହୁ ନିଖୋଜ ଘଟଣା ଭିନ୍ନମୋଡ଼ ନେଇଛି। ପିହୁଙ୍କୁ ଖୋଜିବା ଦାବିରେ ବିଧାନସଭା ଆଗରେ ଧାରଣା ଦେବାକୁ ଯାଉଥିବା ପିହୁଙ୍କ ମା' ମୋନାଲିସାଙ୍କୁ ବୁଧବାର କଟକ ଚାଉଳିଆଗଞ୍ଜ ଥାନା ପୋଲିସ ବାଟରେ ଅଟକାଇ ଦେଇଛି। ମୋନାଲିସା ଭୁବନେଶ୍ୱର ଯାଉଥିବା କୌଣସି ସୂତ୍ରରୁ ଖବର ପାଇ ପୋଲିସ କଟକ ଓଏମ୍‌ପି ଛକରେ ତାଙ୍କୁ ଅଟକାଇବାରେ



ମୋନାଲିସାଙ୍କୁ ପୋଲିସ ଅଟକାଇଛି।

ସଫଳ ହୋଇଛି। ଅଟକ ପରେ ତାଙ୍କୁ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ନିକଟକୁ ନିଆଯାଇଥିଲା। ସେଠାରେ ଏଡିଜି ପ୍ରିୟଦର୍ଶୀ ମୋନାଲିସାଙ୍କୁ ବୁଝାଶୁଝା କରିଥିଲେ। ପିହୁଙ୍କୁ ଖୋଜିବା ପାଇଁ ୫ଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ପିହୁଙ୍କୁ ଖୋଜି ବାହାର କରାଯିବ ବୋଲି ଏଡିଜି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୋନାଲିସା ଆତ୍ମାହୁତି ଓ ଧାରଣା ଦେବା ନିଷ୍ପତ୍ତିରୁ ଓହରିଥିଲେ।

ସୂଚନାଯୋଗ୍ୟ, ପିହୁ ନିଖୋଜ ଘଟଣାକୁ ୬ ମାସ ବିତିଥିଲେ ମଧ ପୋଲିସ ଘଟଣାର କୌଣସି ସୁରାକ ପାଇ ପାରିନାହିଁ। ପିହୁଙ୍କ ମା' ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିଖୋଜ ମାମଲା ରୁଜୁ କରି ଚୁପ୍ ରହିଥିଲା। ନୟାଗଡ଼ର ପରୀ ହତ୍ୟା ଘଟଣା ପରେ ପିହୁ ନିଖୋଜ ଘଟଣା ଚର୍ଚ୍ଚାକୁ ଆସିଥିଲା। ମୋନାଲିସା ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଭେଟି ପିହୁଙ୍କୁ ଖୋଜିବାକୁ ନିବେଦନ କରିଥିଲେ। ତେବେ ଏ ପର୍ଯ୍ୟନ୍ତ ତାଙ୍କୁ ପିହୁଙ୍କ ସମ୍ପର୍କରେ କୌଣସି ସୂଚନା ମିଳୁ ନ ଥିବାରୁ ସେ ବିଧାନସଭା ସମ୍ମୁଖରେ ଧାରଣା ଦେବାକୁ ଯାଉଥିଲେ।

# ନିଜ ଆଡ୍ରୁ ଜନସ୍ୱାର୍ଥ ମାମଲା ରୁଜୁକଲେ ହାଇକୋର୍ଟ

**କଟକ ଅଫିସ, ୨୪।୨**

**ମାସକରେ ୮୦୦ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟଣା**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ମୁହାଣରେ ମାସକ ମଧ୍ୟରେ ପ୍ରାୟ ୮୦୦ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟିବା ନେଇ ଗତ ୪ତାରିଖରେ ଜାତୀୟସ୍ତରର ଏକ ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଓଡ଼ିଶା ହାଇକୋର୍ଟ ମଙ୍ଗଳବାର ନିଜ ଆଡ୍ରୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା ସହ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଛି, ସେନେଇ ପରବର୍ତ୍ତୀ ତାରିଖରେ ଅଦାଲତଙ୍କୁ ଜଣାଇବାକୁ କହିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗର ସଚିବ, ରାଜନଗର ହେନ୍ତାଳ ବନଖଣ୍ଡର ସହକାରୀ ବନ ଅଧିକାରୀ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ, ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଏହି ନୋଟିସ୍ କରାଯାଇଛି।

ପ୍ରକାଶିତ ରିପୋର୍ଟ ଅନୁସାରେ ଗହୀରମଥା ମୁହାଣରେ ଚଳିତବର୍ଷ ଜାନୁୟାରୀ ମାସରେ ପ୍ରାୟ ୮୦୦ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟିଛି। ମାଛ ଧରା ଜାଲରେ ପଡ଼ି ଅନେକ କଇଁଛଙ୍କ ମୃତ୍ୟୁ ଘଟିଛି। ମୃତ କଇଁଛଙ୍କ ମଧ୍ୟରୁ ଅଧିକାଂଶଙ୍କ ଶରୀରରେ ଜାଲ ଛନ୍ଦି ହୋଇଥିବା ଦେଖିବାକୁ ମିଳିଛି। ଏପରି କି ରୁଷିକୂଲ୍ୟା ମୁହାଣରେ ମଧ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ମତ୍ସ୍ୟଜୀବୀମାନେ ଛିଡ଼ିଯାଇଥିବା ଜାଲ, ପଲିଥିନ, ପ୍ଲାଷ୍ଟିକ ବୋତଲ ଏବଂ କ୍ଷତିକାରକ ଜିନିଷ ସମୁଦ୍ରରେ ଫିଙ୍ଗି ଦେଉଥିବା କାରଣରୁ ଏହାର ସଂସ୍ପର୍ଶରେ ଆସି ବିରଳ କଇଁଛଗୁଡ଼ିକଙ୍କ ମୃତ୍ୟୁ ଘଟୁଛି। ବିଶେଷକରି ମୃତ୍ୟୁବରଣ କରୁଥିବା କଇଁଛଗୁଡ଼ିକ ବେଳାଭୂମି ଓ ମୁହାଣ ନିକଟରେ ପଡ଼ି ରହୁଥିବାରୁ ତାହା ପଚିଶଢ଼ି ଦୁର୍ଗନ୍ଧ ସୃଷ୍ଟି କରୁଛି। ଫଳରେ ପର୍ଯ୍ୟଟକ ଉକ୍ତ ଅଞ୍ଚଳକୁ ଯିବାକୁ ଅମଙ୍ଗ ହେଉଛନ୍ତି ବୋଲି ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।

୨୫ବର୍ଷ ତଳେ ଏଭଳି ଏକ ପ୍ରସଙ୍ଗରେ ହାଇକୋର୍ଟ ଏକ ଆବେଦନର ଶୁଣାଣି କରିଥିଲେ। ସେଥିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନିରନ୍ତର ଭାବେ ପ୍ରଚେଷ୍ଟା କରାଯିବା ଆବଶ୍ୟକ ବୋଲି ସରକାରଙ୍କୁ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ କୌଣସି କାରଣରୁ ଉକ୍ତ ଆବେଦନର ଶୁଣାଣି ହୋଇପାରିଲା ନାହିଁ। ଏବେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଅଦାଲତ ନିଜ ଆଡ୍ରୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବା ସହ କଇଁଛଙ୍କ ସୁରକ୍ଷା ଏବଂ ବେଳାଭୂମିର ଉନ୍ନତୀକରଣ ଓ ଏହାର ସଂରକ୍ଷଣ ଠିକ୍ ଭାବେ କିପରି ହୋଇପାରିବ ସେନେଇ ଚିନ୍ତା କରିଛନ୍ତି। ଗହୀରମଥା ମୁହାଣର ୨୦ କିଲୋମିଟର ବେଳାଭୂମିରେ ୨୦୨୦ ନଭେମ୍ବର ୧ରୁ ୨୦୨୧ ମେ' ୩୧ ପର୍ଯ୍ୟନ୍ତ ମାଛଧରାକୁ ରାଜ୍ୟ ସରକାର ନିଷେଧ କରିଥିଲେ ସୁଦ୍ଧା ଏହି ସମୟରେ ଏତେ ସଂଖ୍ୟକ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟିବା ଏକ ଉଦ୍‌ବେଗର ବିଷୟ ବୋଲି ଅଦାଲତ କହିଛନ୍ତି। ଏହି ମାମଲାରେ ସହଯୋଗ କରିବାକୁ ଆଇନଜୀବୀ ମୋହିତ ଅଗ୍ରୱାଲାଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିବା ସହ ମାମଲାର ପରବର୍ତ୍ତୀ ତାରିଖ ଆସନ୍ତା ୨୬ ତାରିଖକୁ ଧାର୍ଯ୍ୟ କରିଛନ୍ତି।

# ସିରିଜ୍ ଦୁର୍ଘଟଣା: ଡାକ୍ତର ମୃତ, ୩ ଗୁରୁତର

**ବାରିପଦା ଅଫିସ/ କୁଳିଅଣା(ଡି.ଏନ୍.ଏ.),୨୪।୨**

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥ କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆ ନିକଟରେ ବୁଧବାର ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଚାନ୍ଦୁଆ ଡାକ୍ତରଖାନାର ଆୟୁଷ ଡାକ୍ତର ରାମଚନ୍ଦ୍ର ହେମ୍ବ୍ରମଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରାତି ସାଢ଼େ ୮ଟାରେ ପ୍ରଥମେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିବା ବେଳେ ସେହି ସମୟରେ ଆସୁଥିବା ଏକ ହାଇୱା ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିବା ସୂଚନା ମିଳିଛି। ଖବରପାଇ ପୋଲିସ ଆହତମାନଙ୍କୁ ଉଦ୍ଧାର କରି କୁଳିଅଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସହକାରୀ ଯନ୍ତ୍ରୀଙ୍କୁ ଧମକ, ବ୍ଲକ୍ ଉପାଧ୍ୟକ୍ଷ ଗିରଫ

**ପୂର୍ବରୁ ବିଡିଓଙ୍କୁ ଅପହରଣ କରି ଚର୍ଚ୍ଚାରେ ଥିଲେ**

**ବଲାଙ୍ଗୀର ଅଫିସ, ୨୪।୨:** ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକରେ ଜଣେ ସହକାରୀ ଯନ୍ତ୍ରୀଙ୍କୁ ଧମକ ଦେବା ଅଭିଯୋଗରେ ବ୍ଲକ ଉପାଧ୍ୟକ୍ଷ ରଘୁନାଥ ଓରଫ୍ ସନ୍ତୋଷ ଗୁରାଣ୍ଡିଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଦୁଇଦିନ ପୂର୍ବରୁ ସହକାରୀ ଯନ୍ତ୍ରୀ ନରେନ୍ଦ୍ର ନାଏକଙ୍କୁ ଉପାଧ୍ୟକ୍ଷ ଗୁରାଣ୍ଡି ଧମକ ଦେଇଥିବା ନେଇ ବିଡିଓ ରବିନାରାୟଣ ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଇଁତଲା ପୋଲିସ ତାଙ୍କ ବିରୋଧରେ ମାମଲା (ନଂ.୩୭/୨୧) ରୁଜୁ କରି ବୁଧବାର ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବି. ରୁଦ୍ରିଆ ସୂଚନା ଦେଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ଏହି ବ୍ଲକ୍‌ର ତତ୍କାଳୀନ ବିଡିଓଙ୍କୁ ଏକ କାରରେ ଅପହରଣ କରି ଉପାଧ୍ୟକ୍ଷ ଗୁରାଣ୍ଡି ଚର୍ଚ୍ଚାକୁ ଆସିଥିଲେ। ଅପହରଣର ତିନି ଘଣ୍ଟା ପରେ ତାଙ୍କୁ ଛାଡି ଦେଇଥିଲେ।

# ମାଲକାନଗିରିରେ ପେଟ୍ରୋଲ ୧୦୦ ଟପିଲା

**ମାଲକାନଗିର,୨୪।୨ (ଡି.ଏନ୍.ଏ.):** ସାରା ଦେଶରେ ପେଟ୍ରୋଲ ଦର ବଢିବାରେ ଲାଗିଛି। ମାଲକାନଗିରି ଜିଲାରେ ରାଜ୍ୟର ସବୁଠାରୁ ଅଧିକ ଦର ରହିଛି। ଜିଲା ସଦର ମହକୁମାରେ ପାୱାର ପ୍ଲସ ପେଟ୍ରୋଲ ଲିଟର ପିଛା ୧୦୦.୦୫ ଟଙ୍କା ଥିବା ବେଳେ ଡିଜେଲ ୯୩.୧୧ ଟଙ୍କା ରହିଛି। ସେହିପରି ସାଧାରଣ ପେଟ୍ରୋଲ ଲିଟର ପିଛା ୯୯.୩୮ ଟଙ୍କା ରହିଛି। ପେଟ୍ରୋଲ ଓ ଡିଜେଲର ଏପରି ଅହେତୁକ ବୃଦ୍ଧି ଯୋଗୁ ଗାଡି ଭଡ଼ା ବୃଦ୍ଧି ପାଉଛି। ଏଥିଯୋଗୁ ବିଭିନ୍ନ ସାମଗ୍ରୀ ପରିବହନ କରୁଥିବା ଯାନବାହନ ମଧ ସେମାନଙ୍କ ଭଡା ବୃଦ୍ଧି କରୁଛନ୍ତି।

# ପିଆର୍‌ଏମ୍ ମେଡିକାଲରୁ ନବଜାତ ଶିଶୁ ଚୋରି

**ବାରିପଦା ଅଫିସ,୨୪।୨:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରୁ ବୁଧବାର ସନ୍ଧ୍ୟାରେ ନବଜାତ ଶିଶୁକୁ ଚୋରି କରିନେବା ଘଟଣାରେ ପୋଲିସ ଦୁଇ ମହିଳାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଶିଶୁକୁ ଉଦ୍ଧାର କରାଯାଇଛି। ଗିରଫ ମହିଳା ଦ୍ୱୟ ହେଲେ ବାଲେଶ୍ୱର ଜିଲା ଶୋଭାରାମପୁର ଅଞ୍ଚଳର ସୀମା ସିଂ ଓ ଚାନ୍ଦୁଆ ଥାନା ନାଗଶୋଳ ଅଞ୍ଚଳର ମୀନାକ୍ଷୀ ବେହେରା। ପୋଲିସ ଏକ ମାମଲା (ନଂ.୧୬୨/୨୧) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଖାରପୋଖରିଆ ଥାନା ବାଲିଡ଼ିହି ଗ୍ରାମର ରାଇମଣି ଟୁଡୁ ୪ଦିନ ପୂର୍ବେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ। ବୁଧବାର ସନ୍ଧ୍ୟାରେ ୨ ମହିଳା ଶିଶୁ ବିଭାଗ ୱାର୍ଡରେ ପହଞ୍ଚି ଉକ୍ତ ଶିଶୁକୁ କୋଳେଇବା ବାହାନାରେ ଚତୁରତାର ସହ ଚୋରି କରି ନେଇଥିଲେ। ଶିଶୁକୁ ଖୋଜା ଖୋଜି କରି ନ ପାଇ ରାଇମଣିଙ୍କ ସ୍ୱାମୀ ସୋଲାର ବାସ୍କେ ଡାକ୍ତରଖାନା ଫାଣ୍ଡିରେ ଜଣାଇଥିଲେ। ଖବର ପ୍ରଚାରିତ ହେବା ପରେ ପୋଲିସ ଚଢ଼ାଉ କରି ଅଧଘଣ୍ଟା ମଧ୍ୟରେ ଷ୍ଟେଶନ ବଜାର ନିକଟ ବାଗଡ଼ିହା ଅଞ୍ଚଳରୁ ଶିଶୁକୁ ଉଦ୍ଧାର କରିବା ସହ ଦୁଇ ମହିଳାଙ୍କୁ ଗିରଫ କରିଥିଲା।

# ମା'ପୁଅ ମୃତ, ବାପା ଗୁରୁତର

**ସମ୍ବଲପୁର/ଜମନକିରା, ୨୪।୨(ବ୍ୟୁରୋ/ଡି.ଏନ.ଏ.)**

**ଇଟାଭାଟି ଶ୍ରମିକଙ୍କୁ ଦନ୍ତାହାତୀ ଆକ୍ରମଣ**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ବଞ୍ଜିପାଲି ସେକ୍ସନ ଆଖଡାଦାଣ୍ଡ ଗ୍ରାମର ଇଟାଭାଟି ଶ୍ରମିକଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଆକ୍ରମଣ କରିଥିଲା। ଶ୍ରମିକମାନେ କ୍ୟାମ୍ପରେ ଶୋଇଥିବା ସମୟରେ ହାତୀଟି କ୍ୟାମ୍ପ ଭାଙ୍ଗି ଏକ ପରିବାର ସଦସ୍ୟଙ୍କୁ ଦଳିଦେଇଥିଲା। ଘଟଣାସ୍ଥଳରେ ମାଆ ରୀନା ମୁଣ୍ଡା (୪୧) ଓ ପୁଅ ସାହିଲ ମୁଣ୍ଡା (୧୫)ଙ୍କ ମୃତ୍ୟୁ ଘଟିଥିବାବେଳେ ବାପା ସୁଶାନ୍ତ ମୁଣ୍ଡା ଗୁରୁତର ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ଜମନକିରା ରେଞ୍ଜର ଲକ୍ଷ୍ମୀନାରାୟଣ ନାୟକ, ଫରେଷ୍ଟର ଟିକନ ଚୌଧୁରୀ ପହଞ୍ଚିଥିଲେ। କୁଚିଣ୍ଡା ଥାନା ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ଜଙ୍ଗଲ ଭିତରେ ବେଆଇନ ଭାବେ ଇଟାଭାଟି ଚାଲୁଥିବାବେଳେ ବନ କର୍ମଚାରୀ କିପରି ଜାଣିପାରୁ ନ ଥିଲେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କୁଚିଣ୍ଡା ଥାନା ଅଧିକାରୀ କମଳ ପଣ୍ଡା କହିଛନ୍ତି, ବୁଧବାର ସକାଳେ ହାତୀ ଆକ୍ରମଣରେ ମା'ପୁଅଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ପୋଲିସ ମୃତଦେହ ଜବତ କରିଥିଲା। ଅନ୍ୟ ଦୁଇ ପରିବାର ସନ୍ଧ୍ୟାରେ ନିକଟସ୍ଥ ଗାଁକୁ ଚାଲିଯାଇଥିବାରୁ ସେମାନେ ବର୍ତ୍ତିଯାଇଥିଲେ। ବେଆଇନ ଇଟାଭାଟି କରାଯାଇଥିବା ଅଭିଯୋଗର ତଦନ୍ତ ରାଜସ୍ୱ ବିଭାଗ କରିବ। ଏ ସମ୍ପର୍କରେ ରେଙ୍ଗାଲି ରେଞ୍ଜର ହରିହର ପାତ୍ର କହିଛନ୍ତି, ମୃତକମାନେ ରେଙ୍ଗାଲି ରେଞ୍ଜ ଅଧୀନ ଗଣ୍ଡାକୁନା ଗ୍ରାମର। ନିୟମ ଅନୁସାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ୨୪ ଘଣ୍ଟା ଭିତରେ ୨୦ ପ୍ରତିଶତ ଅର୍ଥରାଶି ପ୍ରଦାନ କରାଯିବ। ଆହତଙ୍କୁ ବିଭାଗ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରାଯିବ। ବନ କର୍ମଚାରୀ ଦନ୍ତାହାତୀ ଉପରେ ନଜର ରଖିଛନ୍ତି। ଆଗକୁ ଯେଭଳି ଏପରି ଅଘଟଣ ନ ଘଟେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ।

# ମାର୍ଚ୍ଚ ୧ରୁ ବୟସ୍କଙ୍କୁ ଟିକା

**ନୂଆଦିଲ୍ଲୀ, ୨୪।୨/ ଭୁବନେଶ୍ୱର(ବ୍ୟୁରୋ)**

**ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ**
- ସରକାରୀ ହସ୍ପିଟାଲରେ ମାଗଣା
- ଟିକାକରଣରେ ଘରୋଇ ହସ୍ପିଟାଲ ସାମିଲ
- ଗାଇଡ୍‌ଲାଇନ୍ ଜାରି କଲେ ରାଜ୍ୟ ସରକାର

ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ପ୍ରାଥମିକତା ଦିଆଯିବ। ସେହିଭଳି ଅନ୍ୟ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ମଧ ଟିକା ନେଇପାରିବେ। ଟିକାକରଣ କାର୍ଯ୍ୟକ୍ରମରେ ଦେଶର ୧୦ ହଜାର ସରକାରୀ ଓ ୨୦ ହଜାର ଘରୋଇ ହସ୍ପିଟାଲକୁ ସାମିଲ କରାଯିବ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। କେଉଁସବୁ ରୋଗ ଥିଲେ ଟିକା ନେବା ପାଇଁ ଅନୁମତି ମିଳିବ ତାହା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯିବ। ସରକାରୀ ହସ୍ପିଟାଲରେ ମାଗଣାରେ ଟିକା ମିଳିବାକୁ ଥିବାବେଳେ ଘରୋଇ ହସ୍ପିଟାଲ ପାଇଁ ଦେୟ ଦେବାକୁ ପଡ଼ିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଟିକା ଉତ୍ପାଦନକାରୀ ସଂସ୍ଥା ଓ ହସ୍ପିଟାଲଗୁଡ଼ିକ ସହ ଆଲୋଚନା କରି ୩/୪ ଦିନ ମଧ୍ୟରେ ଦେୟ ସ୍ଥିର କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୨୭ କୋଟି ଲୋକଙ୍କୁ କୋଭିଡ୍ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏମାନଙ୍କ ମଧ୍ୟରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ହେଉଛି ୧୦ କୋଟି। ଆସନ୍ତା ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଟିକା ନେବେ। ଅଧିକାଂଶ ମନ୍ତ୍ରୀ ଟିକା ପାଇଁ ଦେୟ ପୈଠ କରିବା ଆଶା କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

ଅନ୍ୟପକ୍ଷରେ ମାର୍ଚ୍ଚ ୧ରୁ ବୟସ୍କ ଓ ଅନ୍ୟାନ୍ୟ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକାକରଣ ନେଇ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ ଓ ସମସ୍ତ ମହାନଗର ନିଗମ କମିଶନରଙ୍କୁ ଗାଇଡ୍‌ଲାଇନ ପଠାଇଛନ୍ତି। ସପ୍ତାହରେ ୫ ଦିନ ଟିକାକରଣ କରାଯିବ। ଅତିରିକ୍ତ ଟିକା କର୍ମୀ ଓ ଯାଞ୍ଚକାରୀଙ୍କୁ ଚିହ୍ନଟ କରି ତାଲିମ ଦିଆଯିବ। ପ୍ରତି ବ୍ଲକ ଓ ସହରାଞ୍ଚଳରେ ୬/୭ଟି ମୋବାଇଲ ଟିକା ଟିମ୍ କାର୍ଯ୍ୟ କରିବ। ଅନ୍ୟ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଏଏନ୍‌ଏମ୍‌ଙ୍କୁ ଟିକାକରଣରେ ଲଗାଯିବନି। ବ୍ଲକସ୍ତରରେ ଟିକା ଗଚ୍ଛିତ ଓ ଯୋଗାଣ କାର୍ଯ୍ୟ ସୁନିୟନ୍ତ୍ରିତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଫେବୃୟାରୀ ୨୮ ମଧ୍ୟରେ ସାରିବାକୁ କୁହାଯାଇଛି।


ସୂଚନାଯୋଗ୍ୟ, ଭାରତରେ ଜାନୁୟାରୀ ୧୬ରୁ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ଟିକା ଦିଆଯାଇଥିଲା। ଫେବୃୟାରୀ ପ୍ରଥମ ସପ୍ତାହରୁ କୋଭିଡ୍ ସମ୍ମୁଖ ଯୋଦ୍ଧାଙ୍କୁ ଟିକାଦାନ ଆରମ୍ଭ ହୋଇଥିଲା। ଏବେ ସ୍ୱାସ୍ଥ୍ୟକର୍ମୀଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଉଛି। ବୁଧବାର ସକାଳ ସୁଦ୍ଧା ମୋଟ ୧.୨୧ କୋଟି କୋଭିଡ୍ ଟିକା ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୪ ଲକ୍ଷ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ମହାରାଷ୍ଟ୍ର, କେରଳ ସମେତ କେତେକ ରାଜ୍ୟରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆରମ୍ଭ ହୋଇଥିବାରୁ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଭାରତରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଟିକାକୁ ବ୍ୟବହାରିକ ମଞ୍ଜୁରୀ ମିଳିଛି। ରୁଷିଆ ପ୍ରସ୍ତୁତ ସ୍ପୁଟ୍‌ନିକ୍-ଭି ଟିକାକୁ ମଞ୍ଜୁରୀ ସମ୍ପର୍କରେ ସବ୍‌ଜେକ୍ଟ ଏକ୍ସପର୍ଟ କମିଟି ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ। ଏହି ଟିକା ୯୧.୬ ପ୍ରତିଶତ ଫଳପ୍ରଦ ବୋଲି ରୁଷିଆ ଦାବି କରୁଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୨୮,୩୦,୭୨୦ | ୨୫,୦୦,୭୬୪ | ୮,୮୪,୧୧,୫୫୬ |
| ଭାରତ | ୧,୧୦,୪୩,୯୨୫ | ୧,୫୬,୭୧୩ | ୧,୦୭,୩୪,୩୨୮ |
| ଓଡ଼ିଶା | ୩,୩୬,୮୩୫ | ୧୯୧୪(+୫୩) | ୩,୩୪,୩୩୩ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସଂରକ୍ଷିତ ସିଟ୍‌ରେ ହେବ ଅନ୍‌ଲାଇନ ନାମଲେଖା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ରାଇଟ୍ ଟୁ ଏଜୁକେଶନ (ଆର୍‌ଟିଇ) ଅନ୍‌ଲାଇନ୍ ପୋର୍ଟାଲ ବୁଧବାର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓସେପା କାର୍ଯ୍ୟାଳୟରେ ଏହି ପୋର୍ଟାଲକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସମସ୍ତ ଘରୋଇ ବିଦ୍ୟାଳୟଗୁଡ଼ିକ ଅନଗ୍ରସର ବର୍ଗର ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କ ପାଇଁ ପ୍ରବେଶସ୍ତରରୁ ରହିଥିବା ମୋଟ୍ ସିଟ୍‌ର ୨୫ ପ୍ରତିଶତ ସଂରକ୍ଷିତ ସିଟ୍‌ରେ ନାମ ଲେଖାଇବା ବାଧ୍ୟତାମୂଳକ। ବର୍ତ୍ତମାନ ପର୍ଯ୍ୟନ୍ତ ଗଣଶିକ୍ଷା ବିଭାଗ ଅଫ୍‌ଲାଇନ୍ ମୋଡ୍‌ରେ ଏହି ନାମଲେଖା ପ୍ରକ୍ରିୟା କରୁଥିଲା। କିନ୍ତୁ ୨୦୨୧-୨୨ ଶିକ୍ଷାବର୍ଷରୁ ଏହା ଓଡ଼ିଶା ସରକାରଙ୍କ ୫ 'ଟି' ପଦକ୍ଷେପର ଏକ ଅଂଶ ଭାବେ ଏଥିରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଏଭଳି ଏକ ଦକ୍ଷ ଅନ୍‌ଲାଇନ୍ ପ୍ରକ୍ରିୟାକୁ ଆପଣା ଯାଇଛି। ବର୍ତ୍ତମାନଠାରୁ ୨୫ ପ୍ରତିଶତ ସଂରକ୍ଷିତ ସିଟ୍ ଆଡ୍‌ମିଶନ ପ୍ରକ୍ରିୟା ଅନ୍‌ଲାଇନ୍ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ (www.rteparadarshi.odisha.gov.in) ମାଧ୍ୟମରେ କାର୍ଯ୍ୟକାରୀ ହେବ। ଏଥିପାଇଁ ପ୍ରଥମେ ଓଡ଼ିଶା ସରକାରଙ୍କଠାରୁ ସ୍ୱୀକୃତି ପ୍ରମାଣପତ୍ର ପାଇଥିବା ସମସ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକ ଏହି ପୋର୍ଟାଲ୍‌ରେ ପଞ୍ଜୀକୃତ କରିବାକୁ ପଡ଼ିବ। ଏହାପରେ ଯୋଗ୍ୟ ଛାତ୍ରୀଛାତ୍ରମାନେ ସମାନ ପୋର୍ଟାଲରେ ଥିବା ନିକଟ ବିଦ୍ୟାଳୟରେ ଆବେଦନ କରିବାର ସୁଯୋଗ ପାଇବେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନ ପରେ ସମ୍ପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ହାର୍ଡ କପି ଡକ୍ୟୁମେଣ୍ଟ ଯାଞ୍ଚ/ଯୋଗ୍ୟତା ଯାଞ୍ଚ ଆରମ୍ଭ କରିବେ। ଯୋଗ୍ୟ ପିଲାଙ୍କୁ ରାଜ୍ୟସ୍ତରରେ ଅନ୍‌ଲାଇନ୍ କେନ୍ଦ୍ରୀଭୂତ ଲଟେରି ପାଇଁ ଅନୁମୋଦନ କରିବେ। ଲଟେରି ବିଜେତା ପିଲାମାନେ ବିଦ୍ୟାଳୟରେ ସିଧାସଳଖ ଆଡ୍‌ମିଶନ୍ ପାଇଁ ସୁଯୋଗ ପାଇବେ। ଅଷ୍ଟମ ଶ୍ରେଣୀ ଶିକ୍ଷା ସମାପ୍ତ କରିବା ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ରହିବ। ଏହି ସଂରକ୍ଷିତ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଘରୋଇ ସ୍କୁଲ୍‌ଗୁଡ଼ିକ କୌଣସି ଶୁଳ୍କ ଲାଗୁ କରିବେ ନାହିଁ।

ଏଥିପାଇଁ ମନ୍ତ୍ରୀ ହେଲ୍ପଲାଇନ୍ ନଂ. ୦୮୦-୪୫୬୮୩୩୫୫ ଶେୟାର କରିଛନ୍ତି। କୌଣସି ସାହାଯ୍ୟ ଆବଶ୍ୟକ କରୁଥିଲେ ଏହି ନମ୍ବରରେ ମିସ୍‌କଲ୍ ଦେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାର, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପ୍ରଦୀପ ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ଏବଂ ଯୁଗ୍ମ ନିର୍ଦ୍ଦେଶକ ପ୍ରୀତିପ୍ରତିମା ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ।

**ଆର୍‌ଟିଇ ପାରଦର୍ଶୀ ଅନ୍‌ଲାଇନ୍ ପୋର୍ଟାଲ ଶୁଭାରମ୍ଭ**
- ଘରୋଇ ସ୍କୁଲ ଯୋଗ୍ୟ ପିଲାଙ୍କୁ ନାମଲେଖାଇବା ବାଧ୍ୟତାମୂଳକ: ମନ୍ତ୍ରୀ
- ଲଟେରି ମାଧ୍ୟମରେ ନାମଲେଖା, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସୁବିଧା
- ଜାରି ହେଲା ହେଲ୍ପ ଲାଇନ୍ ନଂ. ୦୮୦-୪୫୬୮୩୩୫୫

## ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ଅନ୍‌ଲାଇନ ପାଠପଢ଼ା

**ଭୁବନେଶ୍ୱର, ୨୪।୨(ବ୍ୟୁରୋ):** ଆସନ୍ତା ମାର୍ଚ୍ଚ ୧ରୁ ଯୁକ୍ତ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍‌ରେ ପାଠପଢ଼ା ଆରମ୍ଭ ହେବ। ଏନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଓ ଘରୋଇ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଗତ ଜାନୁୟାରୀ ୧୧ରୁ ଅଫ୍‌ଲାଇନ୍‌ରେ ପାଠପଢ଼ା ଆରମ୍ଭ ହୋଇଛି। ସେହିପରି ଗତ ୧୦ ତାରିଖରୁ ସ୍ନାତକୋତ୍ତର ପ୍ରଥମ ବର୍ଷ ଏବଂ ତିନି ବର୍ଷୀୟ ସ୍ନାତକ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ସହ ୪ ବର୍ଷୀୟ ସ୍ନାତକ ପାଠ୍ୟକ୍ରମର ତୃତୀୟ ବର୍ଷର ପିଲାଙ୍କ ପାଠପଢ଼ା ଅଫ୍‌ଲାଇନ୍‌ରେ ଚାଲିଛି। କୋଭିଡ୍-୧୯ କଟକଣା ନିୟନ୍ତ୍ରଣକୁ ଆସିପାରି ନ ଥିବାରୁ ଯୁକ୍ତ୩ ପ୍ରଥମ ବର୍ଷର ପିଲାଙ୍କ ପାଠପଢ଼ା ଅଫ୍‌ଲାଇନ୍‌ରେ ହୋଇପାରୁନାହିଁ। କିନ୍ତୁ ପାଠପଢ଼ା ଶୀଘ୍ର ଆରମ୍ଭ ନ କରାଗଲେ ଯୁକ୍ତ୩ ଶ୍ରେଣୀର ପିଲାମାନେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଅନ୍‌ଲାଇନ୍‌ରେ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

## ବୟସ ଅତିକ୍ରାନ୍ତଙ୍କୁ ୟୁପିଏସ୍‌ସି ପରୀକ୍ଷା ପାଇଁ ମିଳିବନି ସୁଯୋଗ

**ସୁପ୍ରିମକୋର୍ଟରେ ଆବେଦନ ଖାରଜ**

ନୂଆଦିଲ୍ଲୀ, ୨୪।୨(ପି.ଟି.)

କରୋନା ମହାମାରୀ ଯୋଗୁ ଗତବର୍ଷ ଅକ୍ଟୋବରରେ ଶେଷ ସୁଯୋଗ ହରାଇଥିବା ସିଭିଲ୍ ସର୍ଭିସ ଆଶାୟୀଙ୍କୁ ୟୁପିଏସ୍‌ସି ପରୀକ୍ଷା ପାଇଁ ଆଉ ସୁଯୋଗ ମିଳିବ ନାହିଁ। ଆଉ ଏକ ସୁଯୋଗ ଦେବା ଲାଗି ସେମାନେ କରିଥିବା ଆବେଦନକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଶେଷ ସୁଯୋଗ ହରାଇଥିବା ଆଶାୟୀଙ୍କ ପାଇଁ ୟୁପିଏସ୍‌ସି ପରୀକ୍ଷା ବୟସସୀମାରେ କୋହଳ କରାଯାଇପାରିବ ନାହିଁ। ଏପରି କଲେ ଅନ୍ୟ ପ୍ରାର୍ଥୀମାନଙ୍କ ପ୍ରତି ପକ୍ଷପାତ ହେବ ବୋଲି ଗତ ୯ ତାରିଖରେ କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଥିଲେ।

## କୋଇଲା ମାଫିଆଙ୍କ ଆକ୍ରମଣରେ ୨ ଆର୍‌ପିଏଫ୍ କର୍ମଚାରୀ ଗୁରୁତର

ଭଦ୍ରକ ଅଫିସ, ୨୪।୨

ଭଦ୍ରକ ଜିଲାରେ ଚୋରା କୋଇଲା କାରବାର କମିବାର ନାଁ ଧରୁନି। ବୁଧବାର କୋଇଲା ଚୋରି ରୋକିବା ପାଇଁ ଯାଇ ୨ ଆର୍‌ପିଏଫ୍ ଆକ୍ରମଣର କୋଇଲା ମାଫିଆଙ୍କ ଶିକାର ହୋଇଛନ୍ତି କର୍ମଚାରୀ।

ଧାମରା ରେଳ ଲାଇନରୁ ଟ୍ରେନ୍‌ରେ ଆସୁଥିବା କୋଇଲା ଚୋରି କରି ବ୍ୟାପକ ଚୋରା ଚାଲାଣ କରାଯାଇଥାଏ। ତେବେ ଚୋରା କୋଇଲାକୁ ସ୍ଥାନୀୟ ଲୋକେ ବେଆଇନ ଇଟାଭାଟି ପୋଡ଼ିବା ପାଇଁ ବ୍ୟବହାର କରିଥାନ୍ତି। ବୁଧବାର ପୂର୍ବାହ୍ନରେ ଆର୍‌ପିଏଫ୍‌ର ୮ ଜଣିଆ ଟିମ୍ ମତୋ ଥାନା ପଳାସପୁର(ପଟାପୋଲ) ନିକଟରେ ଚଢ଼ାଉ କରି ଇଟାଭାଟିରେ ଗଚ୍ଛିତ ଥିବା ଚୋରା କୋଇଲା ଜବତ କରିଥିଲେ। ଏହି ସମୟରେ କୋଇଲା ମାଫିଆ ଓ ସ୍ଥାନୀୟ ଲୋକେ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିସହ ସେମାନଙ୍କ ଜିପ୍ ଉପରକୁ ଢେଲାମାଡ଼ କରିବାରୁ ୨ କର୍ମଚାରୀ ମୁକେଶ କୁମାର ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ୨ କର୍ମଚାରୀ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଆର୍‌ପିଏଫ୍‌ର ଆସିଷ୍ଟାଣ୍ଟ କମିଶନର ଏ ଜି ଫାରକୁ ଓ ଆର୍‌ପିଏଫ୍ ଥାନାଧିକାରୀ ବିକାଶ ରଞ୍ଜନ ସିଂ ଘଟଣାର ତଦନ୍ତ କରିଥିଲେ। ତେବେ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆର୍‌ପିଏଫ୍ ଥାନାଧିକାରୀ ସିଂ ସୂଚନା ଦେଇଛନ୍ତି।

## ୭ ଜେଲ କର୍ମଚାରୀଙ୍କ ବଦଳି

**ଜେଲରେ ମହିଳା କଏଦୀଙ୍କ ସହ ଶାରୀରିକ ସମ୍ପର୍କ ମାମଲା**

**ପୀଡ଼ିତାଙ୍କ ବୟାନ ରେକର୍ଡ**

ଟିଟିଲାଗଡ଼, ୨୪।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପକାରାଗାରରେ ଜଣେ ବିଚାରାଧୀନ ମହିଳା କଏଦୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସେଠାରେ ବନ୍ଦୀ ଥିବା ଅନ୍ୟ ଜଣେ କଏଦୀ ଶାରୀରିକ ସମ୍ପର୍କ ରଖିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ଅଭିଯୋଗ ପରେ ଜେଲ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହି ମାମଲାରେ ଜେଲର ୭ଜଣ କର୍ମଚାରୀଙ୍କୁ ବୁଧବାର ଅନ୍ୟତ୍ର ବଦଳି କରାଯାଇଥିବା ଟିଟିଲାଗଡ ଜେଲର ପ୍ରଦୀପ ମହାଳିକ ସୂଚନା ଦେଇଛନ୍ତି। ଅପରପକ୍ଷରେ ଗତ ୨୨ତାରିଖରେ ଟିଟିଲାଗଡ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। କିଛିଦିନ ପୂର୍ବରୁ ଟିଟିଲାଗଡ ଜେଲରୁ ବାହାରିଥିବା ଜଣେ ମହିଳା ତାଙ୍କୁ ଜେଲ ଭିତରେ ବିବାହ ପ୍ରତିଶ୍ରୁତି ଦେଇ ଜିଏସ୍‌ଟି ଠକେଇ ମାମଲାରେ ଜେଲରେ ଥିବା ତୀର୍ଥଙ୍କର ପୁଟେଲ ଓରଫ ପପୁ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ଆଣିଥିଲେ। ଉକ୍ତ ମହିଳା ଜଣକ ନିଜ ସ୍ୱାମୀ ଓ ପରିବାର ସହ ଗଣ୍ଡଗୋଳ ଅଭିଯୋଗରେ ଗିରଫ ହୋଇ ପ୍ରାୟ ଦେଢ ମାସ ଧରି ଜେଲରେ ଥିଲେ। ସେହି ସମୟରେ ସେ ପପୁଙ୍କ ସମ୍ପର୍କରେ ଆସିଥିଲେ। ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ କରିଥିବା ସମ୍ପର୍କରେ ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ ସୂଚନା ଦେଇଥିଲେ। ପୀଡ଼ିତା ଗତ ୧୯ ଡିସେମ୍ବରରେ ଜେଲରୁ ମୁକୁଳିଥିଲେ ଓ ଫେବୃୟାରୀ ୬ରେ ଏ ନେଇ ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୨୪।୨:** ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳର ଶଙ୍କର ପ୍ରଧାନୀ। ୨୦୧୪ ଜାନୁୟାରୀ ୧୭ ତାରିଖରେ ବେଲଘର ଥାନା ଅଞ୍ଚଳର ଜଣେ ନାବାଳିକା ପାଖ ଗ୍ରାମକୁ ଭିଡିଓ ଦେଖିବାକୁ ଯାଇଥିଲେ। ଫେରିବା ବେଳେ ଶଙ୍କର ତାଙ୍କୁ ସାଙ୍ଗରେ ଆଣି ଜଙ୍ଗଲ ଭିତରେ ବଳାତ୍କାର କରିଥିଲେ। ୩ ଦିନ ପର୍ଯ୍ୟନ୍ତ ନାବାଳିକାଙ୍କୁ ସେ ଏକ ଟ୍ରେଞ୍ଚ (ଗାତ) ଭିତରେ ରଖି ବଳାତ୍କାର କରିଥିଲେ। ୨୦ ତାରିଖରେ ଶଙ୍କର ନାବାଳିକାଙ୍କୁ ଛାଡିଥିଲେ। ପରିବାର ଲୋକ ଏନେଇ ଥାନାରେ ଏତଲା ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ


ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଛି। ବୁଧବାର ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ମୋଟ ୧୧୦ଟି ଷ୍ଟଲ୍ ଖୋଲିଥିବାବେଳେ ୨୧ ଜିଲାରୁ ଶିଳ୍ପୀମାନେ ସେମାନଙ୍କ ହାତ ତିଆରି ସାମଗ୍ରୀ ସହ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ମାର୍ଚ୍ଚ ୨ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଚାଲିବ। ଉଦ୍‌ଘାଟନ ଅବସରରେ ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା, ଅତିରିକ୍ତ ଶାସନ ସଚିବ କୈଳାସ ଚନ୍ଦ୍ର ସାହୁ, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସନାତନ ନାୟକ, ସ୍ୱତନ୍ତ୍ର ଅଧିକାରୀ ଏସ୍. ଆର୍. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଭିନ୍ନ ଷ୍ଟଲ୍ ବୁଲିବା ସହ କାରିଗର ଓ ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ।

## ୪୫ କିଲୋ ହାତୀଦାନ୍ତ ଜବତ


ବାରିପଦା ଅଫିସ/ଉଦଳା, ୨୪।୨(ଡି.ଏନ.ଏ.)

- ୨ ବେପାରୀ ଗିରଫ
- ୧୮ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଚାଲିଥିଲା ଡିଲ୍
- ଗ୍ରାହକ ସାଜି ଧରିଲେ ବନ କର୍ମଚାରୀ

ମୟୂରଭଞ୍ଜ ଜିଲା ଉଦଳା ବନଖଣ୍ଡ ଅଧୀନ ଅଙ୍ଗାରପଦାଠାରେ ହାତୀଦାନ୍ତ କାରବାର କରୁଥିବା ଦୁଇ ବେପାରୀଙ୍କୁ ବୁଧବାର ବନ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ୪୫କିଲୋ ଓଜନର ୮ ଖଣ୍ଡ ଦାନ୍ତ ଜବତ କରାଯାଇଛି। ଅଭିଯୁକ୍ତମାନେ ଏହାକୁ ୧୮ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ବନ ବିଭାଗ କର୍ମଚାରୀ ଗ୍ରାହକ ସାଜି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ଅଙ୍ଗାରପଦା ଗ୍ରାମର ଫାଗୁ ପ୍ରସାଦ ହାଁସଦା ଏବଂ ଉଦଳା ଥାନା ଅନନ୍ତପୁର ଗ୍ରାମର ପୀଥ ସୋରେନ। ଜବତ ଦାନ୍ତ ଏକ ବୟସ୍କ ହାତୀର ହୋଇଥିବା ଅନୁମାନ କରାଯାଉଛି ଓ ପରୀକ୍ଷା ପାଇଁ ଏହାକୁ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବ ବୋଲି ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ କହିଛନ୍ତି। ଉଦଳା ବନାଞ୍ଚଳ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଏକ ସ୍ପେଶାଲ୍ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ।

ଗତ ମାସ ୭ତାରିଖରେ କପ୍ତିପଦା ରେଞ୍ଜ ଶାରୀଶୁଆ ରାମକୁଣ୍ଡା ଜଙ୍ଗଲରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଉକ୍ତ ହାତୀର ଦାନ୍ତକୁ ଶିକାରୀମାନେ କାଟି ନେଇଥିଲେ। ସେହି ଘଟଣାରେ ଦୁଇ ବନ କର୍ମଚାରୀ ମଧ୍ୟ ନିଲମ୍ବିତ ହୋଇଥିଲେ। ବୁଧବାର ଜବତ ହୋଇଥିବା ଦାନ୍ତ ସହ ଉକ୍ତ ମୃତ ହାତୀଦାନ୍ତର ସାମଞ୍ଜସ୍ୟ ଥିବା ଆଶଙ୍କା କରି ବନ ବିଭାଗ ତଦନ୍ତକୁ ଜୋରଦାର କରିଛି। ତେବେ ଅଭିଯୁକ୍ତ ଦ୍ୱୟ ଏକ ହାତୀକୁ ୪/୫ମାସ ପୂର୍ବେ ଶିକାର କରି ଦାନ୍ତ ବିକ୍ରିକରିବାକୁ ଯୋଜନା କରିଥିଲେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର କରୁଥିବା ଶିକାରୀମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବୈତନିକ ବନ୍ୟ ପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।


ଗିରଫ ଦୁଇ ବେପାରୀ ଓ ଜବତ ହାତୀଦାନ୍ତ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ: ..............................................
ଜନ୍ମ ତାରିଖ: ..............................................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ



ଶ୍ରୀୟା
ପରିବାରବର୍ଗ

ସୂଚନା: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପଠାନ୍ତୁ।

# ପୁଡୁଚେରୀରେ ରାଷ୍ଟ୍ରପତି ଶାସନକୁ କେନ୍ଦ୍ର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୪।୨**

ପୁଡୁଚେରୀରେ ରାଷ୍ଟ୍ରପତି ଶାସନକୁ କେନ୍ଦ୍ର କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଏଥିପାଇଁ ପୁଡୁଚେରୀ ଉପରାଜ୍ୟପାଳ ତାମିଲିସାଇ ସୌନ୍ଦରରାଜନ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସୋମବାର ପୁଡୁଚେରୀ ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିବାରୁ ଭାଙ୍ଗିଯାଇଥିଲା। କଂଗ୍ରେସର ୫ ଏବଂ ସହଯୋଗୀ ଦଳ ଡିଏମ୍‌କେର ଜଣେ ବିଧାୟକଙ୍କ ଇସ୍ତଫା ଫଳରେ ଏହି ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିଲା। ଫଳରେ ଗୃହରେ ବିଧାୟକଙ୍କ ସଂଖ୍ୟା ୨୬କୁ ହ୍ରାସ ପାଇଥିଲା। କଂଗ୍ରେସ-ଡିଏମ୍‌କେ ମେଣ୍ଟର ବିଧାୟକ ସଂଖ୍ୟା ବାଚସ୍ପତିଙ୍କୁ ମିଶାଇ ୧୨ ଥିବାବେଳେ ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ବିଧାୟକ ସଂଖ୍ୟା ୧୪ରେ ପହଞ୍ଚିଥିଲା। ସୋମବାର ଗୃହରେ ଆସ୍ଥାଭୋଟ ପୂର୍ବରୁ ନାରାୟଣସ୍ୱାମୀ ସରକାର ଇସ୍ତଫା ଦେଇଥିଲେ। ସରକାର ଭାଙ୍ଗିବା ପାଇଁ ସେ ପୂର୍ବତନ ଉପରାଜ୍ୟପାଳ କିରଣ ବେଦୀ ଏବଂ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ। ଏପ୍ରିଲ-ମେ'ରେ ପୁଡୁଚେରୀ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ବିରୋଧୀ ଦଳ ସରକାର ଗଢ଼ିବା ପାଇଁ ଆଗ୍ରହ ପ୍ରକାଶ ନ କରିବାରୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଉପରାଜ୍ୟପାଳ ସୁପାରିସ କରିଥିଲେ। ଏଥିସହିତ ଚତୁର୍ଦ୍ଦଶ ବିଧାନସଭା ଭଙ୍ଗ କରିବାକୁ ମଧ୍ୟ ଉପରାଜ୍ୟପାଳ କେନ୍ଦ୍ରକୁ ଜଣାଇଥିଲେ।

# ବେଦ କୁମାରୀ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ

**ନୂଆଦିଲ୍ଲୀ,୨୪।୨**



କଟକ ନରାଜସ୍ଥିତ ଓଡ଼ିଶାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଡ. ବେଦ କୁମାରୀ ନିଯୁକ୍ତ ହୋଇଛନ୍ତି। ପ୍ରଫେସର ଏସ୍. କେ. ଭଟ୍ଟନାଗର, ଡକ୍ଟର ଫୈଜାନ ମୁସ୍ତାଫା ଏବଂ ବିଚାରପତି ଏ.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଯାଞ୍ଚ କମିଟି ତିନି ଜଣଙ୍କ ନାମ ପ୍ରଧାନ ବିଚାରପତିଙ୍କୁ ସୁପାରିସ କରିଥିଲେ। ଆବେଦନ କରିଥିବା ୪୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ଡ. ବେଦ କୁମାରୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଡିନ୍ ଭାବେ କାର୍ଯ୍ୟ କରିଥିଲେ। ସେ ଦିଲ୍ଲୀ ଜୁଡିସିଆଲ ଏକାଡେମୀର ଅଧ୍ୟକ୍ଷା ଭାବେ ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ଦାୟିତ୍ୱରେ ଅବସ୍ଥାପିତ ଥିଲେ। ୧୯୮୩ରୁ ୧୯୮୫ ପର୍ଯ୍ୟନ୍ତ ସେ ଜମ୍ମୁ ବିଶ୍ୱବିଦ୍ୟାଳୟରେ ଆଇନ ଅଧ୍ୟାପିକା ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ୧୯୯୭ରେ ସେ ଆମେରିକାର ଭାଣ୍ଡରବିଲ୍ଟ ବିଶ୍ୱବିଦ୍ୟାଳୟରେ ଫୁଲବ୍ରାଇଟ୍ ଫେଲୋ ଥିଲେ। ସେ ଭାରତରେ କିଶୋର ନ୍ୟାୟ(ଜୁଭେନାଇଲ୍ ଜଷ୍ଟିସ୍) ଉପରେ ତିନୋଟି ପୁସ୍ତକ ଲେଖିଛନ୍ତି। ଏଥିମଧ୍ୟରେ 'ଦ ଜୁଭେନାଇଲ୍ ଜଷ୍ଟିସ୍(କେୟାର ଆଣ୍ଡ ପ୍ରୋଟେକ୍‌ସନ୍ ଅଫ୍ ଚିଲ୍ଡ୍ରେନ୍) ଆକ୍ଟ ୨୦୧୫- କ୍ରିଟିକାଲ ଆନାଲିସିସ୍' ତାଙ୍କର ସଦ୍ୟ ପ୍ରକାଶିତ ପୁସ୍ତକ।

## ୭ ଜିଲାରେ ସୀମା ...

ପାର୍ଟି ପାଇଁ ସମୟ ଅଛି, ମାଟି ପାଇଁ ନାହିଁ। ସୁନ୍ଦରଗଡ଼, କଳାହାଣ୍ଡିରେ ଶହ ଶହ ଶାସକ ଦଳ ନେତା ଓ ମନ୍ତ୍ରୀ ଡେରା ପକାଇଲେ, କୋଟିଆକୁ ଜଣେ ହେଲେ ଯାଉନାହାନ୍ତି। ସତେ ଯେମିତି ଭାରତର ସୀମାକୁ ପାକିସ୍ତାନ କବ୍‌ଜା କରିନେଇଛି। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ। ସମସ୍ତେ ଏକ ହୋଇ ଲଢ଼ିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମାଝି କହିଛନ୍ତି। ଭାଜପା ସଭ୍ୟ ଜୟନାରାୟଣ ମିଶ୍ର କହିଥିଲେ, ସରକାର ଠିକ୍ ସମୟରେ ପଦକ୍ଷେପ ନେଇଥିଲେ ଏପରି ଅବସ୍ଥା ହୋଇ ନ ଥାଆନ୍ତା। ରାୟଗଡ଼, ସରେଇ ପାଲି ଛାଡ଼ି ଦେଲେ। ସରକାର ଯେତିକି ସତର୍କ ହେବା କଥା ସେତିକି ହେଉନାହାନ୍ତି। ଦଳଗତ ନିର୍ବିଶେଷରେ ଗୃହରେ ଏ ନେଇ ଏକ ସଂକଳ୍ପ ଆଣିବା ଦରକାର। ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ଉପଜିଲାପାଳ ପ୍ରତ୍ୟେକ ମାସରେ ଯାଇ ସେମାନଙ୍କର ଅସୁବିଧା ବୁଝିବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଲେ, ପଟ୍ଟାଙ୍ଗୀରେ ଦେଢ଼ ବର୍ଷ ପର୍ଯ୍ୟନ୍ତ ତହସିଲଦାର ନ ଥିଲେ। କୋଟିଆ ଅଞ୍ଚଳର ଆଦିବାସୀମାନେ ଜାତିଗତ ପ୍ରମାଣପତ୍ର ପାଇଁ ମାସ ମାସ ଧରି ଅପେକ୍ଷା କରୁଥିଲେ। ସେମାନେ ଆନ୍ଧ୍ରରୁ ଦିନେ ଦୁଇଦିନରେ ସାର୍ଟିଫିକେଟ ପାଇ ଯାଉଛନ୍ତି। ଆନ୍ଧ୍ର ସରକାର ସେଠାରେ ଭୋଟ କରୁଛନ୍ତି, ଓଡ଼ିଶା ପୋଲିସ କ'ଣ କରୁଛି। ହାଇଦ୍ରାବାଦ ଲୋକ ସେଠାରେ ୪୦ ଏକର ଜମି କିଣିଲେଣି। ସେଠାକୁ ମୁଖ୍ୟମନ୍ତ୍ରୀ ଯାଇ ସର୍ବଦଳୀୟ ବୈଠକ କରନ୍ତୁ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଥିଲେ, ଭୋଟ ବେଳେ ଜିଲାପାଳ, ପୋଲିସ , ମୁଖ୍ୟ ଶାସନ ସଚିବ କ'ଣ କରୁଥିଲେ। ମୁଖ୍ୟମନ୍ତ୍ରୀ କ'ଣ କରୁଥିଲେ। କେବଳ କୋଟିଆ ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ସ୍ଥିତି ଭୟଙ୍କର ହେଲାଣି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସମସ୍ତେ ସେଠାକୁ ଯିବା। ସମସ୍ୟାର ସମାଧାନ କରିବା ବୋଲି ସେ କହିଥିଲେ। ବିଜେଡି ସଭ୍ୟ କିଶୋର ମହାନ୍ତି, ଅନନ୍ତ ଦାସ, ମନୋହର ରାନ୍ଧାରୀ, ପ୍ରକାଶ ମାଝି ପ୍ରମୁଖ କୋଟିଆରେ ସରକାର କରିଥିବା ବିକାଶର ଗୁଣଗାନ କରିଥିଲେ। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି କରି କୋଟିଆ ଯିବାକୁ ଅନନ୍ତ ପ୍ରସ୍ତାବ ଦେଇଛନ୍ତି।

ବିରୋଧୀଙ୍କ ମୁଲତବୀ ଆଲୋଚନାର ଜବାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି, ଓଡ଼ିଶାର ୧୪ ଜିଲା ପଡୋଶୀ ରାଜ୍ୟ ଆନ୍ଧ୍ର, ଛତିଶଗଡ ଏବଂ ଝାଡଖଣ୍ଡର ସୀମାକୁ ଲାଗିଛି। ସେହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ପଡୋଶୀ ରାଜ୍ୟ ସହିତ ୭ ଜିଲାର ସୀମା ବିବାଦ ରହିଛି। ସେହି ଜିଲାଗୁଡ଼ିକ ହେଲା କୋରାପୁଟ, ବାଲେଶ୍ୱର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, କେନ୍ଦୁଝର ଏବଂ ନୂଆପଡ଼ା। କୋରାପୁଟର ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ଗଞ୍ଜେଇପଦର, ଫଗୁଣସିନେରି ଓ ଫଟୁସିନେରି ଗ୍ରାମରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ୨୦୨୧ ଫେବୃୟାରୀ ୨ରେ ଜିଲାପାଳ ପଟ୍ଟାଙ୍ଗୀ ତହସିଲଦାରଙ୍କଠାରୁ ରିପୋର୍ଟ ପାଇଥିଲେ। ଜିଲାପାଳ ୩ ତାରିଖରେ ବିଭାଗକୁ ଜଣାଇଥିଲେ ଯେ, ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ଗଞ୍ଜେଇପଦର ଓ ଫଗୁଣସିନେରିରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ହୋଇଥିବାବେଳେ ଫଟୁସିନେରିରେ ଫେବୃୟାରୀ ୧୩ରେ ନିର୍ବାଚନ ହେବ। ଏ ଖବର ପାଇବା ପରେ ରାଜ୍ୟ ସରକାର ତୁରନ୍ତ ଆଡଭୋକେଟ୍ ଜେନେରାଲଙ୍କ ସହ ବିଚାରବିମର୍ଶ କରି ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିବାକୁ କୋରାପୁଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟରେ ଫେବୃୟାରୀ ୧୦ରେ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାଏର କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ମାମଲାକୁ ଗ୍ରହଣ କରିବା ସହ ଫେବୃୟାରୀ ୧୨ରେ ଆନ୍ଧ୍ର ପ୍ରଦେଶକୁ ଜବାବ ଦାଖଲ କରିବାକୁ ନୋଟିସ କରିଥିଲେ। ଆନ୍ଧ୍ର ସରକାର ୧୭ ତାରିଖରେ ସତ୍ୟପାଠ ଦାଖଲ କରିଛନ୍ତି। ଏହାର ଶୁଣାଣି ୧୯ ତାରିଖରେ ହୋଇସାରିଛି। ପ୍ରତି ଜବାବ ଦାଖଲ କରିବା ପାଇଁ ରାଜ୍ୟ ସରକାର ୪ ସପ୍ତାହ ମାଗିଛନ୍ତି। କୋରାପୁଟ ଜିଲାପାଳଙ୍କ ସୂଚନା ଅନୁଯାୟୀ, ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଫଟୁସିନେରି ଗ୍ରାମରେ ନିର୍ମାଣାଧୀନ ଏକ ଚର୍ଚ୍ଚରେ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ୧୦୨୫ ମତଦାତାଙ୍କ ମଧ୍ୟରୁ ୬୧୫ ଜଣ ଭୋଟ ଦେଇଛନ୍ତି। ସରକାର ପରିସ୍ଥିତି ଉପରେ ଦୃଷ୍ଟି ରଖିଛନ୍ତି। ୨୦୦୬ ମାର୍ଚ୍ଚ ୩ରେ ସୁପ୍ରିମକୋର୍ଟ ଆନ୍ଧ୍ର ବିରୋଧରେ ଦାଏର କରାଯାଇଥିବା ମାମଲାର ରାୟ ଶୁଣାଇଥିଲେ ଯେ, ୧୯୬୮ ଡିସେମ୍ବର ୨ରେ ରାଜ୍ୟ ହାଇକୋର୍ଟ ଅନ୍ତରୀଣ ରାୟ ମୁତାବକ ସ୍ଥିତାବସ୍ଥା କାଏମ ରଖିବେ। ତେବେ ଆନ୍ଧ୍ର ସରକାର ଏହି ଆଦେଶର ଉଲ୍ଲଂଘନ କରିଥିବାରୁ ରାଜ୍ୟ ସରକାର ଅଦାଲତ ଅବମାନନା ମାମଲା ଦାଏର କରିଛନ୍ତି। ରାଜ୍ୟ ସରକାର କୋଟିଆରେ ସବୁ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। ଏଥିନିମନ୍ତେ ୨୦୧୯ ନଭେମ୍ବର ୨୫ରେ ରାଜସ୍ୱ ପର୍ଷଦ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ କୋଟିଆ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ପଶ୍ଚିମବଙ୍ଗ ସହିତ ବାଲେଶ୍ୱର ଜିଲାର ସାହାବାଜପୁର, ବିଳାସପୁର, ଗୋପାଳପୁର, ମାଙ୍କଡ଼ିଆ, କୁଆଁରପୁର, ତୋଟାପଡ଼ା, ବେହେରାସାହି, ପ୍ରହରାଜପୁର, ଦକ୍ଷିଣ ପ୍ରହରାଜପୁର ଓ ମକରମପୁର ଗ୍ରାମ ବିବାଦ ରହିଛି। ରାଜ୍ୟ ସରକାର ସୀମା ଚିହ୍ନଟ ପାଇଁ ୨୦୨୦ ମାର୍ଚ୍ଚ ୧୩ରେ ଏକ ସର୍ଭେ କମିଟି ଗଠନ କରିଛନ୍ତି। ଓରସାକ ସହାୟତାରେ ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ମୟୂରଭଞ୍ଜ ଜିଲାର ୪ ଗ୍ରାମର ବିବାଦ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଗଞ୍ଜାମ ସହ ୫୩ ଗ୍ରାମକୁ ନେଇ ଆନ୍ଧ୍ର ସହ ବିବାଦ ରହିଛି। ଗଜପତି ଜିଲା ସହ ଆନ୍ଧ୍ରର ୧୬ ଗ୍ରାମକୁ ନେଇ ବିବାଦ ରହିଛି। ଜିଲା ପ୍ରଶାସନ ବିବାଦର ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ଝାଡ଼ଖଣ୍ଡ ସିଂହଭୂମ ଜିଲାର ତାଟିବା, ଭଣଗାଁ, ବଣେଇକଳା, ସିଲିଯୋଡ଼ା, ବଡ଼ପୋଷି , ମୋଚିଗାଁ ଓ ଜୟନ୍ତୀଗଡ଼ ସହିତ ଓଡ଼ିଶାର କେନ୍ଦୁଝର ଜିଲାର ବଡବିଲ ତହସିଲର ପୁରୁଷୋତ୍ତମପୁର କଙ୍କଡ଼ାପାଟ, ଜଗନ୍ନାଥପୁର ଏବଂ ଚମ୍ପୁଆର ସୀମା ବିବାଦ ରହିଛି। ଛତିଶଗଡ଼ର ବୁର୍ଜାବାହଲ ଗ୍ରାମ ସହିତ ନୂଆପଡ଼ା

**classifieds**

**Everyday**
**0674-2580101, 2549302**



**SALE**

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

**Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227.** D-19978

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295.
D-70191

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834.** D-70188

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666.
D-70535

**Plot Bhubaneswar, Aims Patia, Hanspal, Gudiapokhari, Sundarpada, Rangabazar, Rasulgarh. 9853415415**
D-19781

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70431



**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997



Zen salon and SPA positively health benefits with expert therapeutic & genuinely massage appointment. 7205084157. D-70534

New opened Saikrupa Panchakarma and Spa, Jointpain, Fullbody Massage. 8984068077.
D-65911

Swarna SPA newly open positively health benefits with expert therapist. 9556978408.
D-70533



SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/- 35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70540

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କମ୍ପ୍ୟୁଟର ସାଇନ୍ସରେ ଡକ୍ଟରେଟ ଲାଭ**



**ଶ୍ରୀମତୀ ନିର୍ଝରିଣୀ ପରିଡ଼ା**

Notification No. SOA / CoE /Ph.D. / 961 / Ph16 / 2021 ଅନୁଯାୟୀ ଗବେଷିକା, ଶିକ୍ଷା ଓ ଅନୁସନ୍ଧାନ (Deemed to be) ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ଡଃ ଦେବାହୁତି ମିଶ୍ର ଓ ସହ-ଗାଇଡ ଡଃ କାବେରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗରେ ପିଏଚ୍.ଡି. (Ph.D.) ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ରଚିତ ସନ୍ଦର୍ଭ "Development of Commodity Market Price Prediction Models for Indian Market Scenario using machine learning techniques" N.I.T., ଦୁର୍ଗାପୁର ପ୍ରଫେସର ଡଃ ଦେବାଶିଷ ନନ୍ଦୀଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ସହାୟକ ପ୍ରାଧ୍ୟାପକ ଶ୍ରୀ ନରେନ୍ଦ୍ର କୁମାର ରାଉତଙ୍କ ପତ୍ନୀ ଶ୍ରୀମତୀ ପରିଡ଼ା କଟକ ଜିଲାର ସିଡିଏ ନିବାସୀ ଅବସରପ୍ରାପ୍ତ ଇଞ୍ଜିନିୟର ଶ୍ରୀ ନିର୍ମଳ ଚନ୍ଦ୍ର ପରିଡ଼ା ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁବାଳା ଖୁଣ୍ଟିଆଙ୍କ ସୁପୁତ୍ରୀ ଅଟନ୍ତି। ଆଠଗଡ଼ସ୍ଥିତ ନୂଆ ଆଙ୍ଗୁଲା ଗ୍ରାମର ସ୍ୱର୍ଗତ ଧୋବି ରାଉତ ଓ ଚାରୁଲତାଙ୍କର କନିଷ୍ଠା ପୁତ୍ରବଧୂ ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଭକ୍ତିପୂର୍ଣ୍ଣ କୃତଜ୍ଞତା ଅର୍ପଣ ସହ ତାଙ୍କର ପରିବାରବର୍ଗ, ଶୁଭେଚ୍ଛୁଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

D-20046

## ପ୍ରଥମ ପୃଷ୍ଠାରୁ...

ଜିଲା ନୂଆମାଲପଡ଼ା ସହ ସୀମା ବିବାଦ ରହିଛି ବୋଲି ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି। ଏହି ବିବାଦ ଖାଲି ସରକାରଙ୍କର ନୁହେଁ, ଦଳଗତ ନିର୍ବିଶେଷରେ ସମସ୍ତଙ୍କର। ସମସ୍ୟାର ସମାଧାନ ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଥିଲେ। ଏହାକୁ ବିରୋଧୀ କରି କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ଚାଲିଯାଇଥିଲେ।

## କାଳିଆରେ ୧.୦୪ ଲକ୍ଷ ...

ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନରେ କୃଷିମନ୍ତ୍ରୀ ସାହୁ ଏହି ଉତ୍ତର ରଖିଛନ୍ତି। କାଳିଆ ଯୋଜନାରେ ମୋଟ ୧,୦୪,୦୭୬ ଜଣ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଏଥିରେ ଚାଷୀଙ୍କୁ ସହାୟତା କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ କୃଷି ବିଭାଗ ଦ୍ୱାରା ଡିବିଟି ତାଲିକା ଓ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପ୍ରଦତ୍ତ ତାଲିକା ପ୍ରାଥମିକ ସ୍ତରରେ ବ୍ୟବହାର କରାଯାଇଥିଲା। ଯେଉଁମାନଙ୍କ ଆଧାର ନମ୍ବର ଓ ବ୍ୟାଙ୍କ ତଥ୍ୟ ଉପଲବ୍ଧ ଥିଲା ତାହାର ଏକ ତାଲିକା ଗ୍ରାମପଞ୍ଚାୟତ ସ୍ତରରେ ପ୍ରଦର୍ଶିତ ହୋଇଥିଲା। ଅଯୋଗ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ଆପତ୍ତି ଅଭିଯୋଗ ଓ ସ୍ୱତଃପ୍ରବୃତ୍ତ ବାଦ୍ ଦେବା ପାଇଁ ଲାଲରଙ୍ଗ ଫର୍ମରେ ଦରଖାସ୍ତ ଗ୍ରହଣ କରାଯିବା ସଙ୍ଗେସଙ୍ଗେ ପଞ୍ଚାୟତ ନୋଡାଲ ଅଧିକାରୀ ସ୍ୱତଃ ବାଦ୍ ଦେବା ଲାଗି ନିର୍ଦ୍ଦେଶ ଥିଲା। ଉକ୍ତ ତାଲିକାରେ ଯେଉଁମାନଙ୍କ ନାମ ନ ଥିଲା ସେମାନଙ୍କଠାରୁ ସବୁଜ ଆବେଦନପତ୍ର, ଚାଷୀଙ୍କ ବ୍ୟାଙ୍କଖାତାର ବିବରଣୀ ଓ ଆଧାର ନମ୍ବର ତଥ୍ୟ ଗ୍ରହଣ କରାଯାଇ ସେଗୁଡ଼ିକ କ୍ଷେତ୍ରସ୍ତରରେ ଥିବା ଗ୍ରାମ, ବ୍ଲକ, ଜିଲାସ୍ତରୀୟ କମିଟି ମାଧ୍ୟମରେ ଯାଞ୍ଚ କରାଗଲା। ଏହାପରେ ପୁନର୍ବାର କୌଣସି ତ୍ରୁଟିକୁ ଦୂରକରିବା ଲାଗି ରାଜ୍ୟସ୍ତରରେ ବିଭିନ୍ନ ତଥ୍ୟାବଳୀ ସହିତ ମେଳକ କରି ତର୍ଜମା କରାଗଲାପରେ ହିତାଧିକାରୀ ଚୟନ ହୋଇଥାଏ। ସେହିପରି ବାଦ୍ ପଡିଯାଇଥିବା ଚାଷୀଙ୍କୁ ସାମିଲ ଲାଗି ଅନ୍‌ଲାଇନ ମାଧ୍ୟମରେ ମଧ୍ୟ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ସେହି ଅନ୍‌ଲାଇନ ଆବେଦନଗୁଡ଼ିକ ମଧ୍ୟ କ୍ଷେତ୍ର ଓ ରାଜ୍ୟସ୍ତରରେ ଯାଞ୍ଚ କରାଯିବା ପରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇଥିଲା। କାଳିଆ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୬,୧୪,୭୦୭ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି। କୌଣସି ହିତାଧିକାରୀ ଯେପରି ଡିବିଟି ଜରିଆରେ ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ କାଳିଆ ଯୋଜନାରେ ଆଧାରଭିତ୍ତିକ ଓ ବ୍ୟାଙ୍କ ଆକାଉଣ୍ଟ ଭିତ୍ତିକ ଅର୍ଥରାଶି ପ୍ରେରଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ମେ' ୧୮ରୁ ଯୁକ୍ତ...

କୁହାଯାଇଛି। ତେବେ ସମସ୍ତ ରେଗୁଲାର ଓ ୨୦୧୬ରୁ ୨୦୧୯ ମଧ୍ୟରେ ପଞ୍ଜୀକରଣ କରିଥିବା ଏକ୍ସରେଗୁଲାର ଛାତ୍ରୀଛାତ୍ରମାନେ ଧଳା ରଙ୍ଗର ପ୍ରଶ୍ନପତ୍ରରେ ପରୀକ୍ଷା ଦେବେ। ଏହି ପ୍ରଶ୍ନପତ୍ର ୨୦୨୧ ପରିବର୍ତ୍ତିତ ସିଲାବସ୍ ଅନୁଯାୟୀ ପ୍ରସ୍ତୁତ ହୋଇଛି। କିନ୍ତୁ ୨୦୧୫ ପର୍ଯ୍ୟନ୍ତ ଯେଉଁ ଏକ୍ସରେଗୁଲାର ଛାତ୍ରୀଛାତ୍ର ପଞ୍ଜୀକୃତ କରିଛନ୍ତି ସେମାନେ ୨୦୧୭ ସିଲାବସ୍ ଅନୁସାରେ ହୋଇଥିବା ହଳଦିଆ ରଙ୍ଗର ପ୍ରଶ୍ନପତ୍ରର ପରୀକ୍ଷା ଦେବେ। ସେହିପରି ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ବାୟୋଲୋଜି ପରୀକ୍ଷା ଗୋଟିଏ ଦିନରେ ହେବ। ପ୍ରାଣୀ ବିଜ୍ଞାନ ଓ ଜୀବ ବିଜ୍ଞାନ ପରୀକ୍ଷା ମଧ୍ୟରେ ୨୦ ମିନିଟ୍ ଅବଧି ରହିବ। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଚଳିତବର୍ଷ ରେଜଲ୍ଟ କେବେ ପ୍ରକାଶ ହେବ ସେନେଇ ଏପର୍ଯ୍ୟନ୍ତ କିଛି କହି ହେବ ନାହିଁ। ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାକୁ ଗୁରୁତ୍ୱ ଦେଇ ବିଜ୍ଞାନ ବିଭାଗର ପରୀକ୍ଷାକୁ ଶୀଘ୍ର ଶେଷ କରିବାକୁ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବିଜ୍ଞାନ ବିଭାଗରେ ଇଂଲିଶ ବଦଳରେ ଫିଜିକ୍ସ ପରୀକ୍ଷା ପ୍ରଥମେ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, କରୋନାକୁ ଦୃଷ୍ଟିରେ ରଖି ଯୁକ୍ତ୨ ପରୀକ୍ଷା ପାଇଁ ଭିନ୍ନ ରଣନୀତି ଆପଣାଇଥିଲା ଗଣଶିକ୍ଷା ବିଭାଗ। କରୋନାର ପ୍ରକୋପ କମିବାମାତ୍ରେ ଗତ ଜାନୁୟାରୀ ୮ରୁ ଯୁକ୍ତ୨ ଛାତ୍ରୀଛାତ୍ରଙ୍କର କ୍ଲାସ ଆରମ୍ଭ ହୋଇଥିଲା।

## ସର୍ଦ୍ଦାରଙ୍କ ସ୍ଥାନରେ ...

ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା 'ନମସ୍ତେ ଟ୍ରମ୍ପ'। ଏହି ଭବ୍ୟ ଆୟୋଜନ ଜରିଆରେ ଆମେରିକାରେ ଥିବା ଭାରତୀୟ ବଂଶୋଦ୍ଭବ ଭୋଟରଙ୍କୁ ଟ୍ରମ୍ପ ନିଜ ସପକ୍ଷକୁ ଟାଣିବା ପାଇଁ ଉଦ୍ୟମ କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ହାଓଡି ମୋଦି' ବଦଳରେ ବନ୍ଧୁ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଭାରତୀୟ ଟିକସଦାତାଙ୍କ ୧୦୦ କୋଟି ଟଙ୍କା ଉଡ଼ାଇଦେଇଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ୍ ବୋଲି ଦାବି କରାଯାଉଥିବା ଏହି ଷ୍ଟାଡିୟମ୍‌କୁ ନେଇ ନୂଆ ବିବାଦ ଉଠିଛି। କାରଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମରେ ନାମିତ ଉକ୍ତ ଷ୍ଟାଡିୟମ୍‌ର ନୂଆ ନାମକରଣ କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ତାଙ୍କ ପୁଅ ତଥା ବିସିସିଆଇ ସେକ୍ରେଟାରି ଜୟ ଶାହା ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ୍ ରିଜିଜୁଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହାକୁ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ୍ ରୂପେ ରାଷ୍ଟ୍ରପତି ଉଦ୍‌ଘାଟନ କରିଛନ୍ତି। ବୁଧବାର ଉଦ୍‌ଘାଟନ ପରେ ଏହି ଷ୍ଟାଡିୟମ୍‌ରେ ଭାରତ ଓ ବ୍ରିଟେନ ମଧ୍ୟରେ ଡେ-ନାଇଟ୍ ଟେଷ୍ଟ ଖେଳାଯାଇଛି। ଉକ୍ତ ଷ୍ଟାଡିୟମ୍ ଅହମଦାବାଦର ପ୍ରସ୍ତାବିତ ସର୍ଦ୍ଦାର ପଟେଲ ସ୍ପୋର୍ଟ୍ସ ଏନ୍‌କ୍ଲେଭ୍‌ର ଏକ ଅଂଶ ଭାବେ ରହିବ ବୋଲି ରାଷ୍ଟ୍ରପତି କୋବିନ୍ଦ କହିଛନ୍ତି। ଅହମଦାବାଦ ଭାରତର ସ୍ପୋର୍ଟ୍ସ ସିଟି ଭାବେ ପରିଚିତ ହେବ। ଏହି ଷ୍ଟାଡିୟମ୍‌ରେ ଅଲିମ୍ପିକ୍ ମଧ୍ୟ ଖେଳାଯାଇପାରିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ତେବେ କଂଗ୍ରେସର ପ୍ରଶ୍ନ ହେଉଛି ସର୍ଦ୍ଦାର ପଟେଲଙ୍କ ନାମ ହଟାଇ ଏହାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାମରେ କାହିଁକି କରାଗଲା। ଗୁଜରାଟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହାର୍ଦ୍ଦିକ ପଟେଲ ଟୁଇଟ୍ କରିଛନ୍ତି, ସର୍ଦ୍ଦାର ପଟେଲଙ୍କ ନାମରେ ଭୋଟ ମାଗୁଥିବା ଭାଜପା ତାଙ୍କୁ ଅପମାନିତ କରିଛି। ପଟେଲଙ୍କ ନାଁ ହଟାଇ ନିଜ ନାମ ରଖିବା ଆତ୍ମପ୍ରେମୀ ପବ୍ଲିସିଟି ମିନିଷ୍ଟରଙ୍କ ଏକ ମାଷ୍ଟରଷ୍ଟ୍ରୋକ୍ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ମୋଦିଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଜବାବରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କଂଗ୍ରେସର ଦୋମୁହାଁ ନୀତିକୁ ନେଇ ସମାଲୋଚନା କରିଛନ୍ତି। ପଟେଲଙ୍କ ନାମରେ ବିଶ୍ୱର ସର୍ବବୃହତ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କି ତାଙ୍କ ପୁଅ ରାହୁଲ ଗାନ୍ଧୀ କାହିଁକି ପ୍ରଶଂସା କରି ନ ଥିଲେ ବୋଲି ରବିଶଙ୍କର ଓଲଟା ପ୍ରଶ୍ନ କରିଛନ୍ତି।

## ଜାମିନ ସତ୍ତ୍ୱେ ...

ସେ ଜାମିନ ପାଇ ନ ଥିବାରୁ ଏବେ ତାଙ୍କୁ ଜେଲ୍‌ରେ ରହିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଗୋପାଳପୁର ଅଞ୍ଚଳର ଅନେକ ଯୁବତୀଯୁବକଙ୍କୁ ଟାଟା କମ୍ପାନୀରେ ଚାକିରି ଯୋଗାଇ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଦୀପ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ତଥା ଭାବୀ ଜ୍ୱାଇଁ ଆକାଶ ପାଠକଙ୍କ ପାଇଁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଗତ ଡିସେମ୍ବର ୩ତାରିଖରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଗିରଫ କରିଥିଲା। ଏନେଇ ସାଇବର ପୋଲିସ ଷ୍ଟେଶନ କେସ୍ ନଂ. ୨୬/୨୦୨୦(ଆଇପିସି ଦଫା ୪୧୯, ୪୨୦, ୪୬୭, ୪୬୮, ୪୬୯, ୪୭୧, ୧୨୦(ବି) ଏବଂ ଆଇଟି ଆକ୍ଟର ଦଫା ୬୬(ସି) ଓ (ଡି)ରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପ୍ରଦୀପ ଚାକିରି ଆଶାୟୀଙ୍କ ଠାରୁ ୪୭.୪୫ଲକ୍ଷ ଟଙ୍କା ନେଇଥିବାର ସମସ୍ତ କାଗଜପତ୍ର ଗତ ସୋମବାର ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଦାଖଲ କରିଥିଲେ। ଏପରି କି ଏହି ରାଶି ଆଗକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପରିଜା ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ଜବାବ ରଖି କହିଥିଲେ ଯେ, ଏକକାଳୀନ ୪୭ଲକ୍ଷ ୪୫ହଜାର ଟଙ୍କା ଦେବା ତାଙ୍କ ମହକିଲ ଓ ପରିବାର ପାଇଁ କଷ୍ଟସାଧ୍ୟ। ଧାର କରଜ କିମ୍ବା ସମ୍ପର୍କୀୟଙ୍କ ଠାରୁ ୫୦% ଅର୍ଥାତ ୨୪ଲକ୍ଷ ଟଙ୍କା ବର୍ତ୍ତମାନ ଅଦାଲତରେ ପୈଠ କରିପାରିବେ ବୋଲି କୋର୍ଟଙ୍କୁ ନିବେଦନ କରିଥିଲେ। ବାକି ୫୦% ଅର୍ଥକୁ ଜାମିନରେ ମୁକୁଳିବା ପରେ ଜମିବାଡି ବନ୍ଧକ କିମ୍ବା ବିକ୍ରି କରି କିସ୍ତି ଅନୁଯାୟୀ ପ୍ରଦାନ କରିବେ ବୋଲି ଅଦାଲତଙ୍କୁ ଅନୁମତି ମାଗିଥିଲେ। ଅଦାଲତ ଏହାକୁ ଗ୍ରହଣ କରି ପ୍ରଦୀପଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ୩ଥର ବିଧାୟକ ଏବଂ ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ପ୍ରଦୀପ ଏକଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅତି ଘନିଷ୍ଠ ଥିଲେ। ଏପରି କି ସେ ହିଞ୍ଜିଳି ଆସନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ଦୁର୍ନୀତି ଓ ଠକେଇ ମାମଲାରେ ଛନ୍ଦି ହୋଇ ଜେଲ ଯାଇଥିବା ଗିରଫ ଆଇଏଫ୍‌ଏସ୍ ଅଧିକାରୀ ଅଭୟ କାନ୍ତ ପାଠକଙ୍କ ପୁଅ ଆକାଶଙ୍କ ସହ ମିଶି ପ୍ରଦୀପ ଠକେଇ କରିଥିବା ଜଣାପଡ଼ିବା ପରେ ତାଙ୍କୁ ଜନବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଥିଲା। ପରେ ତାଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଏକ ମାମଲା ରୁଜୁ କରି ଗିରଫ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କାମ ପୂର୍ଣ୍ଣାଙ୍ଗ ପାଇଁ ଅତି ନିକଟରେ ରହୁଥିବା ବନ୍ଧୁଟିର ସାହାଯ୍ୟ ଆଶା କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ମିଳିବ । ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ । ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ ।

**ବୃଷ**
ମାନସିକ ସ୍ଥିତି ଦୁର୍ବଳ ରହିବାରୁ କୌଣସି କାମରେ ଅଗ୍ରଗତି ହୋଇ ନ ପାରେ । କର୍ମକ୍ଷେତ୍ରରେ କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି । ସାହିତ୍ୟ, ଗବେଷଣା ଲେଖାପଢ଼ା, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ । ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ହୋଇପାରେ ।

**ମିଥୁନ**
ପାରିବାରିକ ଅଶାନ୍ତି ସୃଷ୍ଟି କରିବା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟା ଯୁକ୍ତ ରହିବ । ମାନସିକ ଅସ୍ଥିରତା କାରଣରୁ କଥାରେ ସଂଯମତା ହରାଇବେ ଓ ଶତ୍ରୁତା ସୃଷ୍ଟି କରିବେ । ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ଅପରାହ୍ନେ ବନ୍ଧୁଙ୍କ ସାହାଯ୍ୟରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି ।

**କର୍କଟ**
ସମସ୍ୟା ଭିତର ଦେଇ ଗତି କରୁଥିବାରୁ ପ୍ରତ୍ୟେକ କାମକୁ ସତର୍କତାର ସହ କରିବା ଭଲ । ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବଢ଼ିଯିବ ।

**ସିଂହ**
ସାମଗ୍ରିକ ଦୃଷ୍ଟିକୋଣରୁ ଆଜିର ଦିନଟି ଭଲ । ଯାହା କରୁଛନ୍ତି ତାହା ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ । ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ । ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ । ପୁରାତନ ରୋଗ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି ।

**କନ୍ୟା**
ପ୍ରତ୍ୟେକ କାମରେ ଅଗ୍ରଣୀ ହେବେ ଓ ପ୍ରଶଂସା, ପ୍ରୋତ୍ସାହନ ମଧ୍ୟ ପାଇବେ । ଭୁଲ୍ ଧାରଣା ହେତୁ ସ୍ତ୍ରୀଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ । ଅବଶ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ କ୍ଷତିରେ ପଡ଼ିବେ ନାହିଁ । ନିକଟ ସମ୍ପର୍କୀୟମାନଙ୍କ ବେଖାତିର କଥାରେ ଉତ୍‌କ୍ଷିପ୍ତ ହୋଇପାରନ୍ତି ।

**ତୁଳା**
ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ କିନ୍ତୁ କୌଣସି ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ । ଅଭାବ ରହିଥିଲେ ମଧ୍ୟ କାମ ସମୟକୁ କେହି ନା କେହି ସାହାଯ୍ୟ କରିବେ । ଆପଣଙ୍କ ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି । ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ ।

**ବିଛା**
ତରବରିଆ ଭାବେ କୌଣସି ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ନେବା ଠିକ୍ ହେବନି । ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦୀର୍ଘଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ । ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେ ନାହିଁ । ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ ।

**ଧନୁ**
ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ । ଅବଶ୍ୟ ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ । ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ଆନୁଷ୍ଠାନିକ କିମ୍ବା ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ ।

**ମକର**
ପାରିବାରିକ ପରିସ୍ଥିତି ପୂର୍ବପରି ରହିବ । ପଡ଼ୋଶୀ ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିବେ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ,କିନ୍ତୁ ସମସ୍ୟା ଲାଗି ରହିବ । ବୁଝାବଣା ଅଭାବରୁ ଆତ୍ମୀୟଙ୍କ କଥାରେ ଏକମତ ହୋଇ ନ ପାରନ୍ତି ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରି ସ୍ଥିତି ସୁଧାରିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ । ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ଉପରିସ୍ଥଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ କିଛି କହିପାରିବେ ନାହିଁ ।

**ମୀନ**
ଅତୀତ ଘଟଣାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ । ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି । ସଭାସମିତି, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

ଆଜି ମାଘ ଶୁକ୍ଳ ତ୍ରୟୋଦଶୀ(ସଂନ୍ଧ୍ୟା ଘ.୦୫।୧୯ ଗତେ ଚତୁର୍ଦ୍ଦଶୀ), ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଫେବୃୟାରୀ ୨୫ତାରିଖ, ଯୋରନ୍ଦା ମହିମା ଗାଦିରେ ମେଳା, ରାଶି ନକ୍ଷତ୍ର-ଦିବା ଘ.୦୧।୧୬ ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାତ୍ର ଘ.୦୨।୫୩ ଗତେ ଘ.୦୩।୪୩ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୧୨ଗତେ ଘ.୦୭।୪୫ ମଧ୍ୟେ, ଘ.୧୦।୫୦ଗତେ ଘ.୦୧।୦୯ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୬ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

**ବାଚସ୍ପତିଙ୍କୁ ନେଇ ଆଜି ଦିଲ୍ଲୀରେ ବୈଠକ**

ଭୁବନେଶ୍ୱର, (ବ୍ୟୁରୋ)- ଓଡ଼ିଶା ବିଧାନସଭାର ଦୈନନ୍ଦିନ ବୈଠକରେ ସୂଚନା ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଇ ଏହାକୁ ଇ-ବିଧାନସଭାରେ ପରିଣତ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ଉପଯୋଗ କରାଯାଇ ସୁଚାରୁରୂପେ ବିଧାନସଭା କାର୍ଯ୍ୟାବଳୀ ପରିଚାଳିତ ହେବ। ଏଥିପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ଉପରେ ସୁପାରିଶ କରିବାକୁ ନୂଆଦିଲ୍ଲୀ ସ୍ଥିତ ପାର୍ଲାମେଣ୍ଟ ହାଉସ ଠାରେ ଓଡ଼ିଶା, ତେଲଙ୍ଗାନା, ଉତ୍ତରାଖଣ୍ଡ, ଆସାମ ଓ ପୁଡୁଚେରୀ ବାଚସ୍ପତିଙ୍କୁ ନେଇ ଏକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି।

# ସେବା, ସମ୍ପର୍କରୁ ସଫଳତା



**ଘରକୁ ବିଶ୍ୱସ୍ତ ବ୍ରାଣ୍ଡର ଇଲେକ୍ଟ୍ରୋନିକ୍ସ ଓ ଡିଜିଟାଲ ଉପକରଣ ସହ କିଚେନ୍ ଆପ୍ଲିଏନ୍ସେସ୍ ନେବାକୁ ହେଲେ ଗ୍ରାହକମାନେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସଙ୍କୁ ବାଛନ୍ତି। ଆଟ୍ରାକ୍ଟିଭ୍ ଅଫର, କଷ୍ଟମର୍ ସର୍ଭିସ୍ ଓ ପ୍ରଡକ୍ଟ ଗ୍ୟାରେଣ୍ଟିକୁ ଏହାର ବଡ଼ କାରଣ ବୋଲି କୁହନ୍ତି ବ୍ୟବସାୟିକ ସଫଳତାର ୪୬ ବର୍ଷ ଅତିକ୍ରମ କରିଥିବା ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଉଦ୍ୟୋକ୍ତା ରାଜେଶ ଗୁପ୍ତା। ଧରିତ୍ରୀ ସହ ତାଙ୍କର ମନଖୋଲା କଥା।**




**■ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଅନ୍ୟମାନଙ୍କଠାରୁ କିଭଳି ସ୍ୱତନ୍ତ୍ର?**

ଭଲ ପ୍ରଡକ୍ଟ, ଉଚିତ ମୂଲ୍ୟ ଓ ଆକର୍ଷଣୀୟ ଅଫର ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ଏହା ଅନ୍ୟମାନଙ୍କଠାରୁ ଆମକୁ ଭିନ୍ନ କରିଛି। ୧୯୭୨ ମସିହାରୁ ଏହି ଟ୍ରେଡ୍‌ରେ ରହିଛୁ। ଗ୍ରାହକଙ୍କୁ ଗୋଟିଏ ଛାତ ତଳେ ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ, ହୋମ୍ ଆପ୍ଲାଏନ୍ସ, ଡିଜିଟାଲ ପ୍ରଡକ୍ଟ ସହ କେତେକ ଷ୍ଟୋରରେ ଫର୍ନିଚର ଉପଲବ୍ଧ କରାଯାଉଛି। ଗ୍ରାହକ ପ୍ରକୃତ ପ୍ରଡକ୍ଟର ଗ୍ୟାରେଣ୍ଟି ପାଉଥିବାରୁ ବିଶ୍ୱାସର ସହ ଆମ ଶୋ ରୁମ୍‌ରୁ କ୍ରୟ କରିଥାଆନ୍ତି। ବିକ୍ରି ପରବର୍ତ୍ତୀ ସେବା ସହ ବିଭିନ୍ନ ସମୟରେ ସ୍ୱତନ୍ତ୍ର ଅଫର୍ ଦିଆଯାଉଛି।

**■ବର୍ତ୍ତମାନ ସରକାରଙ୍କଠାରୁ କିଭଳି ସହାୟତା ଆଶା କରୁଛନ୍ତି?**

ସରକାର ବର୍ତ୍ତମାନ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଭୋକାଲ ଫର୍ ଲୋକାଲ'କୁ ଗୁରୁତ୍ୱ ଦେଉଛନ୍ତି। ଯଦି ଅଫ୍‌ଲାଇନ କ୍ରୟକୁ ସରକାର ପ୍ରୋତ୍ସାହନ ଦିଅନ୍ତେ ତେବେ ସ୍ଥାନୀୟ ବ୍ୟବସାୟୀ ନିଜ କାରବାରକୁ ବଞ୍ଚାଇ ରଖିବା ଦିଗରେ ସକ୍ଷମ ହୁଅନ୍ତେ। ଆମ ବାଣିଜ୍ୟରେ ଟ୍ରେଡର, ବଡ଼ ଫର୍ମାଟ ବ୍ୟବସାୟୀ ଏବଂ ଅନ୍‌ଲାଇନ ସେଲରଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ରହିଛି। ବଡ଼ ଫର୍ମାଟରେ କାରବାର କରୁଥିବା ବ୍ୟବସାୟୀ ଏବଂ ଆମ ଭଳି ବ୍ୟବସାୟୀଙ୍କଠାରୁ ସାମଗ୍ରୀ କିଣିବାବେଳେ ଏକ ବଡ଼ ପାର୍ଥକ୍ୟ ରହୁଛି। ସରକାର ଏହାକୁ ବିଚାରକୁ ନେବା ଆବଶ୍ୟକ। ମାନୁଫାକ୍ଟରର୍ ସମାନ ପ୍ରଡକ୍ଟ ଓ ସମାନ ପ୍ରାଇସ୍ ନେଇ ନୀତି ପାଳନ କରିବା ଆବଶ୍ୟକ। ଏପରି ହେଉନଥିବାରୁ ଆମ ଭଳି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା କଠିନ ହେଉଛି। କାରଣ ପ୍ରଡକ୍ଟ ମୂଲ୍ୟରେ ପ୍ରତିଯୋଗିତା ଯୋଗୁ ମାର୍ଜିନ ବହୁତ କମ୍ ରହୁଛି। ଏମିତି ହେଲେ ବ୍ୟବସାୟିକ ପରିଚାଳନା ଖର୍ଚ୍ଚ ଚଳାଇବାରେ ସମସ୍ୟା ଉପୁଜୁଛି।

**■କରୋନା ପରେ ଅନ୍‌ଲାଇନ ପ୍ଲାଟ୍‌ଫର୍ମରୁ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ପ୍ରତି ବଢୁଥିବା ଆକର୍ଷଣ ଉପରେ ମତ କ'ଣ?**

ହଁ, ଏହା ଆମମାନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ମାତ୍ର ବର୍ତ୍ତମାନ ଅନେକ ଗ୍ରାହକ ପାଖରେ ଥିବା ଷ୍ଟୋରକୁ ଆସି କିଣାକିଣି କରିବାକୁ ପସନ୍ଦ କରୁଛନ୍ତି। ପର୍ସନାଲ କେୟାର ଭଳି ପ୍ରସଙ୍ଗ ଏହା ସହ ଜଡ଼ିତ ଥିବାରୁ ଗ୍ରାହକ ଷ୍ଟୋରକୁ ଆସିବାକୁ ପସନ୍ଦ କରୁଛନ୍ତି। ଏ କ୍ଷେତ୍ରରେ ଟଚ୍ ଏବଂ ଫିଲ୍ ଅଭିଜ୍ଞତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡ଼ିଶାର ଗ୍ରାହକଙ୍କ ପାଇଁ ଶୀଘ୍ର ଏକ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଆରମ୍ଭ କରିବାକୁ ପ୍ରସ୍ତୁତ ରହିଛୁ।

**■ମହାମାରୀ ଚ୍ୟାଲେଞ୍ଜକୁ ସାମ୍ନା ଲାଗି କିଭଳି ପ୍ରସ୍ତୁତି କରିଛନ୍ତି?**

କରୋନା ମହାମାରୀ ଯୋଗୁ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ବ୍ୟବସାୟ ଅନେକ ସମସ୍ୟା ଦେଇ ଗତି କରୁଛି। ୨୦୨୦ ଜୁଲାଇ ପରେ ବଜାରରେ ସୁଧାର ଦେଖୁଛୁ। ମାତ୍ର ଗତବର୍ଷ ଭଳି କାରବାର ଫେରିନାହିଁ। ଅଧିକାଂଶ ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଚାଇନାରୁ ସଂଗ୍ରହ ହୋଇଥାଏ। ଫଳରେ ପ୍ରଡକ୍ଟ ଯୋଗାଣରେ ବ୍ରାଣ୍ଡ ପାର୍ଟନରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଞ୍ଚାମାଲ ଦାମ୍ ବଢୁଥିବାରୁ ଅଧିକାଂଶ ବ୍ରାଣ୍ଡ ଉପରେ ଉତ୍ପାଦ ଦର ବୃଦ୍ଧିର ଅନୁମାନ କରାଯାଉଛି।

**■ ଅନ୍ୟ ସହରରେ ଆପଣଙ୍କ ସେବା ସମ୍ପ୍ରସାରଣ ନେଇ ଯୋଜନା ?**

ରାଜ୍ୟରେ ୨୨ଟି ଷ୍ଟୋର ଦ୍ୱାରା ସେବା ଉପଲବ୍ଧ କରୁଛୁ। ସହରାଞ୍ଚଳ ବାଦ୍ ଗ୍ରାମାଞ୍ଚଳ ଉପରେ ମଧ୍ୟ ଫୋକସ୍ କରାଯାଉଛି। ପୂର୍ବରୁ ଗ୍ରାମାଞ୍ଚଳର ଲୋକେ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କିଣିବା ଲାଗି ସହରକୁ ଆସୁଥିଲେ। ଷ୍ଟୋର ସମ୍ପ୍ରସାରଣ କରିବା ପରେ ଗ୍ରାହକ ନିଜ ଘର ପାଖରେ ସମାନ ମୂଲ୍ୟରେ ପ୍ରଡକ୍ଟ କିଣିପାରୁଛନ୍ତି। ଭବିଷ୍ୟତରେ ୫୦ ଷ୍ଟୋର ଖୋଲିବା ନେଇ ଯୋଜନା ରଖିଛୁ।

# ଅନିୟମିତତା ଅଭିଯୋଗରେ ୨ ନିଲମ୍ବିତ, ଜଣେ ବହିଷ୍କୃତ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ବରଗଡ଼ ଜିଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ଲଖମରା ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାରେ ବ୍ୟାପକ ଅନିୟମିତତା ହୋଇଛି। ଏହାସହ କାର୍ଯ୍ୟରେ ଗୁରୁତର ଅବହେଳା ଓ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାର ଉଲ୍ଲଂଘନ ଅଭିଯୋଗରେ ପ୍ୟାକ୍ସ ସମ୍ପାଦକ ଏବଂ କିରାଣିଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଡାଟାଏଣ୍ଟ୍ରି ଅପରେଟରଙ୍କୁ ଏନେଇ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ଲଖମରା ପ୍ୟାକ୍ସ ସମ୍ପାଦକ ଅମୂଲ୍ୟ ବେହେରା ଏବଂ କିରାଣି ଦିଲୀପ କୁମାର ସୁନାନୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଡାଟାଏଣ୍ଟ୍ରି ଅପରେଟର ବୁଲୁ ଅନନ୍ତଙ୍କୁ ବୁଧବାର ବହିଷ୍କୃତ କରାଯାଇଥିବା ନିବନ୍ଧକ, ସମବାୟ ସମିତି ସମୂହ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି।

ସେହିପରି ବରଗଡ଼ ଜିଲା ଅନ୍ତର୍ଗତ ପଦ୍ମପୁରର ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲଙ୍କୁ କାର୍ଯ୍ୟରେ ଗୁରୁତର ଅବହେଳା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଧାନସଂଗ୍ରହ ମାର୍ଗଦର୍ଶିକାର ଉଲ୍ଲଂଘନ ଅଭିଯୋଗରେ ନିଲମ୍ବନ କରାଯାଇଛି। ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି । ଏହାସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଉକ୍ତ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

**ଲଖମରା ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାରେ ବ୍ୟାପକ ଅନିୟମିତତା**

**■ପଦ୍ମପୁର ସହକାରୀ ଯୋଗାଣ ଅଧିକାରୀ ନିଲମ୍ବିତ**

# ଚଢ଼ାଉ ବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ

ଉଦଳା,୨୪।୨(ଡି.ଏନ.ଏ.)


ମୟୂରଭଞ୍ଜ ଜିଲା ଉଦଳା ବନ ବିଭାଗ ଅଧୀନ ଜାମୁଡ଼ିହା ଗ୍ରାମରେ ମଙ୍ଗଳବାର ରାତିରେ ଚଢ଼ାଉ ବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ସଂଘବଦ୍ଧ ଭାବେ ବନ ବିଭାଗ ଗାଡ଼ି ଭଙ୍ଗାରୁଜା କରିବା ସହ ଗିରଫ ହୋଇଥିବା ଜଣେ ଶିକାରୀଙ୍କୁ ଜୋରଜବରଦସ୍ତି ଛଡ଼ାଇ ନେଇଛନ୍ତି। ଲୋକଙ୍କ ଆକ୍ରମଣରେ ୩ ବନ କର୍ମଚାରୀ ଆହତ ହୋଇଛନ୍ତି। ଖବର ପାଇ କୁଣ୍ଡାବାଇ ଫାଣ୍ଡି ପୋଲିସ ପହଞ୍ଚି ବନ କର୍ମଚାରୀମାନଙ୍କୁ ଉଦ୍ଧାର କରିଥିଲା। ଏନେଇ ଉଦଳା ଥାନାରେ ଏକ ମାମଲା (ନଂ.୬୮/୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ୬୦ରୁ ଊର୍ଦ୍ଧ୍ୱ ଲୋକ ୨ଟି ଶମ୍ବର ଶିକାର କରି ତାହାର ମାଂସକୁ ନିଜ ନିଜ ମଧ୍ୟରେ ଭାଗବଣ୍ଟା କରି ନେଇଯାଇଥିବା ଖବର ପାଇ ଉଦଳା ବନ ବିଭାଗ କର୍ମଚାରୀ ଜାମୁଡ଼ିହା ଗ୍ରାମର ଜଣେ ଶିକାରୀଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୨ଟି ବନ୍ଧୁକ, ଧନୁତୀର ଏବଂ ୬୦ କିଲୋରୁ ଅଧିକ ଶମ୍ବର ମାଂସ ଜବତ କରି ସମ୍ପୃକ୍ତ ଶିକାରୀଙ୍କୁ ଗିରଫ କରିଥିଲେ । ଗିରଫ ଶିକାରୀଙ୍କୁ ଗାଡ଼ିରେ ବସାଇ ବନ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଗାଁ ମୁଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଘେରି ଯାଇ ବନ ବିଭାଗ ଗାଡ଼ି ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ରେଞ୍ଜର ଅରୁଣ କୁମାର ବେହେରାଙ୍କୁ ଠେଲାପେଲା କରିବା ସହ କାଠଗଣ୍ଡି ଏବଂ ପଥର ମାଡ଼ କରି ଗାଡ଼ିର କାଚ ଭାଙ୍ଗି ଦେଇଥିଲେ। ସେମାନଙ୍କ ଆକ୍ରମଣରେ ବନ କର୍ମଚାରୀ ଅନନ୍ତ ନାରାୟଣ ଚୌଧୁରୀ, ଅଜୟ କୁମାର ସାହୁ ଏବଂ ଯଦୁନାଥ ସିଂ ଆହତ ହୋଇଛନ୍ତି। ପରେ ଗାଡ଼ି ଭିତରେ ବସିଥିବା ଶିକାରୀଙ୍କ ସହ ୫୦ କିଲୋରୁ ଅଧିକ ଶମ୍ବର ମାଂସ ଏବଂ ଗୋଟିଏ ବନ୍ଧୁକ ଛଡ଼ାଇ ନେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବା ଜାଣି ରେଞ୍ଜର ସ୍ଥାନୀୟ କୁଣ୍ଡାବାଇ ଫାଣ୍ଡିକୁ ସୂଚନା ଦେଇଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଆକ୍ରମଣକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ବନ ବିଭାଗ କେବଳ ଗୋଟିଏ ଦେଶୀ ବନ୍ଧୁକ, ୧୦ କିଲୋ ଶମ୍ବର ମାଂସ, ଧନୁ, ତୀର, ବାରୁଦ, ଗୁଳିରେ ବ୍ୟବହୃତ ସାଇକେଲ ବଲ୍ ଆଦି ଜବତ କରି ଫେରି ଆସିଥିଲା। ଏ ସଂକ୍ରାନ୍ତରେ ଡିଏଫ୍‌ଓ ସନ୍ତୋଷ ଯୋଶୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବନ ବିଭାଗ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ଏବଂ ପୋଲିସ ତଦନ୍ତ ଆରମ୍ଭ କରିଥିବା ସେ କହିଛନ୍ତି।

**୩ କର୍ମଚାରୀ ଆହତ, ଗାଡ଼ି ଭଙ୍ଗାରୁଜା**







# ଷଣ୍ଢମାନଙ୍କୁ ନିର୍ଯ୍ୟାତନା



ମାନେକା ଗାନ୍ଧୀ

ବିଶ୍ୱରେ ଭାରତରେ ସବୁଠୁ ବେଶି ଗୋରୁ ଅଛନ୍ତି। ସେମାନେ ମନ୍ଦିରରେ ପୂଜା ପାଉନାହାନ୍ତି କି ସେମାନଙ୍କୁ ଆଉ ଗ୍ରାମାଞ୍ଚଳର ଖୋଲା ସ୍ଥାନରେ ବୁଲି ଖାଇବା ଦେଖାଯାଉନାହିଁ। ହେଲେ କୃଷକମାନଙ୍କ ଫସଲ ଖାଇବାକୁ ଆସିଲେ ସେମାନଙ୍କୁ କୃଷକମାନେ ବାଡାଉଛନ୍ତି। ସହରାଞ୍ଚଳର ଫଳ ବିକାଳିମାନେ ସେମାନଙ୍କ ଉପରକୁ ଏସିଡ୍ ଫିଙ୍ଗୁଛନ୍ତି। ସେମାନଙ୍କୁ ବିଷଦେଇ ମାରିଦିଆଯାଉଛି। ଛୋଟ ଘରେ ସେମାନଙ୍କୁ ବାନ୍ଧି ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଉଛି। ଟ୍ରକ୍‌ରେ ଅଧିକ ସଂଖ୍ୟାରେ ବୋଝେଇ କରି ସେମାନଙ୍କୁ କଂସେଇଖାନାକୁ ନିଆଯାଉଛି। ଗୋଶାଳାରେ ରଖାଯାଉଛି, ଯେଉଁଠି ସେମାନେ ଅନାହାରରେ ମରିବା ପର୍ଯ୍ୟନ୍ତ ଗୋବର ଉପରେ ଠିଆ ହୋଇ ରହୁଛନ୍ତି। ଏଣେତେଣେ ବୁଲି ପ୍ଲାଷ୍ଟିକ୍ ଖାଉଛନ୍ତି ଓ ମଇଳା ନଳାପାଣି ପିଉଛନ୍ତି। ରାସ୍ତାରେ ଦୁର୍ଘଟଣାର ଶିକାର ବି ହେଉଛନ୍ତି। କହିବାକୁ ଗଲେ ଭାରତରେ ଗାଈ କି ମଇଁଷି କେହି ଭଲରେ ନାହାନ୍ତି। ୨୦୧୪ରେ ଭାଜପା ଶାସନକୁ ଆସି ଗୋମାଂସ ରପ୍ତାନି ବନ୍ଦ କରିବା ଲାଗି ସଙ୍କଳ୍ପ କରିଥିଲା। କିନ୍ତୁ ସେବେଠାରୁ ଭାରତ ବ୍ରାଜିଲକୁ ପଛରେ ପକାଇ ବିଶ୍ୱର ସବୁଠୁ ବଡ଼ ଗୋମାଂସ ରପ୍ତାନିକାରୀ ଦେଶ ଭାବେ ରହି ଆସିଛି। ବିଶ୍ୱ ଗୋମାଂସ ଉତ୍ପାଦନର ୪୦ ପ୍ରତିଶତ ଏହି ଦୁଇ ଦେଶରେ ହେଉଛି। ଆମେ ବି ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦକ ଦେଶ ଭାବେ ୟୁରୋପୀୟ ସଂଘ, ଆମେରିକା ଏବଂ ଚାଇନାକୁ ଟପିଯାଇଛୁ।

ଅଧିକାଂଶ ଗାଈ ଓ ମଇଁଷିଙ୍କୁ ଆଉ ପ୍ରାକୃତିକ ଉପାୟରେ ପ୍ରଜନନ କରାଯାଉନାହିଁ। ମୁଁ ଯେଉଁ ଶହଶହ ପ୍ରାଣୀ ଚିକିତ୍ସକଙ୍କୁ ଆଣେ, ମୋ ଜାଣିବାରେ ସେମାନେ ଡାଇଗ୍ନୋସିସ୍ ଏବଂ ଔଷଧ ବିଷୟରେ କିଛି ଜାଣିନାହାନ୍ତି। କିନ୍ତୁ ସେମାନେ ସମସ୍ତେ କୃତ୍ରିମ ଗର୍ଭଧାରଣ ପ୍ରକ୍ରିୟା ବା ନିଷିକ୍ତୀକରଣ ସମ୍ପର୍କରେ ଭଲ ଭାବେ ଜାଣିଛନ୍ତି। ଏହା ସମସ୍ତ ପ୍ରାଣୀଚିକିତ୍ସା ମହାବିଦ୍ୟାଳୟର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି। କ୍ଷୀର ଓ ମାଂସ ଉତ୍ପାଦନ ବଢ଼ାଇବା ଲାଗି ଭାରତରେ ଏକ ବୃହତ୍ ରାଷ୍ଟ୍ରୀୟ ପ୍ରଜନନ କାର୍ଯ୍ୟକ୍ରମ ଚାଲିଛି। ଷଣ୍ଢଙ୍କଠାରୁ ସିମେନ ବା ଶୁକ୍ର ସଂଗ୍ରହ କରାଯାଇ ଦେଶର ସବୁସ୍ଥାନରେ କ୍ଷୀର ଓ ମାଂସ ବ୍ୟବସାୟୀମାନଙ୍କ ପାଖକୁ ପଠାଯାଉଛି। ଡାଇରୀ ଫାର୍ମର ୮୦% ଗାଈଙ୍କୁ କୃତ୍ରିମ ଉପାୟରେ ଗର୍ଭଧାରଣ କରାଯାଉଛି। ସ୍ପର୍ମ ଫାର୍ମିଂ ଇଣ୍ଡଷ୍ଟ୍ରି ଏବଂ ସିମେନର ଶୀତଳୀକରଣ ଟେକ୍‌ନୋଲୋଜି ଉପରେ ୨୦୧୪-୨୦୧୬ ମଧ୍ୟରେ ଏକ ଗବେଷଣା କରାଯାଇଥିଲା। ସମ୍ମିଳିତ ତଥ୍ୟକୁ ଅନୁଧ୍ୟାନ କରିବା ବ୍ୟତୀତ ସେମାନେ ସିମେନ ଉତ୍ପାଦନ, ଶିଳ୍ପନୀତି ଏବଂ ପ୍ରାଣୀସୁରକ୍ଷା ସହ ଜଡିତ ଶହ ଶହ ଲୋକଙ୍କୁ ସାକ୍ଷାତ କରି ତଥ୍ୟ ସଂଗ୍ରହ କରିଥିଲେ। ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ସିମେନ ଷ୍ଟେଶନରେ ସିମେନ ସଂଗ୍ରହ ପଦ୍ଧତି, ତା'ର ମାନ, ଭଣ୍ଡାରଣ ବ୍ୟବସ୍ଥା ଓ ଡାଇରୀ ଫାର୍ମକୁ ପରିବହନ ଉପରେ ଗବେଷକମାନେ ଅନୁଧ୍ୟାନ କରିଥିଲେ। ଏହି ସିମେନକୁ ଗାଈଙ୍କୁ କୃତ୍ରିମ ଉପାୟରେ ଗର୍ଭଧାରଣ କରାଯିବା ଲାଗି ବ୍ୟବହାର କରାଯାଇଥାଏ। ଥରକରେ ଯେତିକି ସିମେନ ସଂଗ୍ରହ କରାଯାଏ ସେଥିରେ ଶହ ଶହ ବାଛୁରି ଜନ୍ମ କରାଯାଇପାରିବ। ଏଣୁ ଫାର୍ମରେ ଗାଈ ଓ ଅଣ୍ଡିରା ବାଛୁରିମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ବିରୋଧ କରି ବହୁ ଭାରତୀୟ କ୍ଷୀର ପିଇବା ଛାଡିଦେଇଛନ୍ତି। କିନ୍ତୁ ସିମେନ ସଂଗ୍ରହ କରିବାର ନିଷ୍ଠୁର ପଦ୍ଧତି ଉପରେ ଏମାନେ ସଚେତନ ନୁହନ୍ତି।


ଷଣ୍ଢକୁ ୧୮ ମାସ ବେଳକୁ ନିଆଯାଏ ଏବଂ ସେମାନଙ୍କୁ ଫାର୍ମରେ ଛୋଟ ଛୋଟ ଗ୍ରୁପ କରି ବନ୍ଧାଯାଏ କିମ୍ବା ଗୋଟିଏ ଷଣ୍ଢକୁ ଗୋଟିଏ ଘରେ ବର୍ଷ ବର୍ଷ ଧରି ବାନ୍ଧି ରଖାଯିବା ଅନୁଧ୍ୟାନରୁ ଜଣାପଡିଛି। ଏହାଦ୍ୱାରା ସେମାନେ ହତାଶ ଓ ଉତ୍ତେଜିତ ଅବସ୍ଥାରେ ରହନ୍ତି। ଷଣ୍ଢମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ସେମାନଙ୍କ ନାକ ଭିତରେ ଦଉଡ଼ି ପୂରାଇ ବନ୍ଧାଯାଇଥାଏ। ଏହାଦ୍ୱାରା ନାକରେ କ୍ଷତ ହେବା ସହ ବହୁ ସମୟରେ ଏମାନେ ରୋଗର ଶିକାର ହୋଇଥାଆନ୍ତି। ଗୋଟିଏ ଷଣ୍ଢକୁ ସପ୍ତାହକୁ ଚାରିଦିନ ବୀର୍ଯ୍ୟ ସଂଗ୍ରହ କେନ୍ଦ୍ରକୁ ଦିନକୁ ଦୁଇଥର ନିଆଯାଇ କୃତ୍ରିମ ଉପାୟରେ ସିମେନ ସଂଗ୍ରହ କରାଯାଇଥାଏ। ଡମି ଗାଈ ମାଧ୍ୟମରେ ଇଲେକ୍ଟ୍ରୋ ପଦ୍ଧତି ଆପଣାଯାଇ ସିମେନ ସଂଗ୍ରହ କରାଯାଏ। ଏହା ବାସ୍ତବିକ ଯନ୍ତ୍ରଣାଦାୟକ ଓ ୧୯୬୦ ଦଶକର ଶେଷ ଆଡକୁ ଆରମ୍ଭ କରାଯାଇଥିଲା। ଏହି ପଦ୍ଧତିରେ ଷଣ୍ଢ ମଳଦ୍ୱାରରେ ଏକ ରଡ୍ ପ୍ରବେଶ କରାଯାଇ ୧୨-୨୪ ଭୋଲ୍ଟ ବିଦ୍ୟୁତ୍ ଝଟକା ଦିଆଯାଏ। ଷଣ୍ଢର ମଳଦ୍ୱାରରେ ଇଲେକ୍ଟ୍ରିକ ରଡ ଦିନକୁ ଦୁଇଥର ବର୍ଷ ବର୍ଷ ଧରି ପ୍ରବେଶ କରାଯାଇଥାଏ। ଥରକରେ ସଂଗୃହୀତ ସିମେନରୁ ୫୦୦ରୁ ୬୦୦ ସ୍ପର୍ମ ଡୋଜ୍ ହୋଇଥାଏ। ଗୋଟିଏ ଡୋଜରେ ୨୦ ମିଲିୟନ ସ୍ପର୍ମ ରହିଥାଆନ୍ତି। ୫-୧୦ ବର୍ଷ ମଧ୍ୟରେ ଗୋଟିଏ ଷଣ୍ଢ କ୍ଷେତ୍ରରେ ଏହା ହୋଇଥାଏ। ଏହାପରେ ସେମାନଙ୍କୁ କଂସେଇଖାନାକୁ ପଠାଇଦିଆଯାଏ। ସିମେନ ସଂଗ୍ରହ କରାଯିବା ପରେ ତରଳ ନାଇଟ୍ରୋଜେନ୍‌ର ଶୀତଳୀକରଣ ପଦ୍ଧତିରେ ରଖାଯାଇଥାଏ ଓ ପରେ ଦେଶର ବିଭିନ୍ନ ସ୍ଥାନକୁ ପଠାଯାଏ। ଏହି ଭୟଙ୍କର ପ୍ରଜନନ ଟେକ୍‌ନୋଲୋଜି ୧୯୭୦ ଦଶକରେ 'ହ୍ୱାଇଟ ରିଭୋଲ୍ୟୁଶନ'(ଶ୍ୱେତ ବିପ୍ଳବ) ବା 'ଅପରେଶନ ଫ୍ଲଡ୍'ର ସଫଳତାରେ ଏକ ପ୍ରମୁଖ ଭୂମିକା ନେଇ ଭାରତକୁ ଏକ ଅଗ୍ରଣୀ ଦୁଗ୍ଧ ଉତ୍ପାଦକ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରିଥିଲା। କିନ୍ତୁ ଏଥିରେ ଗୁଣବତ୍ତା ବଦଳରେ ପରିମାଣ ଉପରେ ଗୁରୁତ୍ୱ ରହିଥିଲା। ତା'ପରଠାରୁ ଆଗକୁ ଆଉ କ୍ଷୀରର ସେହି ଶୁଦ୍ଧତା ଏବଂ ଗୁଣବତ୍ତା ରହିପାରିନାହିଁ।

ଭାରତର ପଶୁପାଳନ ବିଭାଗଗୁଡ଼ିକ ଅଧୀନରେ ୬୦ଟି ସିମେନ ଫ୍ରୋଜନ୍ ଫାର୍ମ ଏବଂ ୭୭,୦୦୦ଟି କୃତ୍ରିମ ଗର୍ଭଧାରଣ କେନ୍ଦ୍ର ରହିଛି। ଏଗୁଡ଼ିକର କୌଣସି ନିୟମ ନାହିଁ କି ଏଠାରେ ରହୁଥିବା ଷଣ୍ଢମାନଙ୍କ କଲ୍ୟାଣ କି ସୁରକ୍ଷା ପାଇଁ କିଛି ବ୍ୟବସ୍ଥା ନାହିଁ। ଷଣ୍ଢମାନଙ୍କୁ ମାନସିକ ଓ ଶାରୀରିକ ଆଘାତ ଦେଇ ସିମେନ ବା ଶୁକ୍ର ସଂଗ୍ରହ କରିବା ଅପ୍ରାସଙ୍ଗିକ ମନେହୁଏ। ଷଣ୍ଢଙ୍କ ମଳଦ୍ୱାରରେ ଇଲେକ୍ଟ୍ରୋରଡ୍ ପ୍ରବେଶ କରାଇବା ଦ୍ୱାରା ଏହା ତା' ପଛ ଗୋଡ ମାଂସପେଶୀର ସ୍ନାୟୁଗୁଡ଼ିକୁ ଉତ୍ତେଜିତ କରେ। ଏହାଦ୍ୱାରା ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇଥାଏ। ପଛଗୋଡ, ଜଙ୍ଘ ଏବଂ ପିଠି ମାଂସପେଶୀରେ ଭୀଷଣ ସଙ୍କୋଚନ ହୋଇଥାଏ। କେତେକ ପ୍ରକାର ଇଲେକ୍ଟ୍ରୋ ରଡ ଦ୍ୱାରା ଏହି ସଙ୍କୋଚନ ଭାରି ସାଂଘାତିକ ହୋଇଥାଏ। ଏହାଦ୍ୱାରା ପ୍ରଭାବିତ ମାଂସପେଶୀରେ ରକ୍ତସ୍ରାବ ହେବା ସହ ଏହାର ଗୁରୁତର କ୍ଷତି ହୋଇଥାଏ। କିଛି ଦିନ ଧରି ଷ୍ଟିଫ୍‌ନେଶ ଲାଗିରହେ। ଶାରୀରିକ ପୀଡ଼ା କିଭଳି ପ୍ରାଣୀମାନଙ୍କର ପ୍ଲାଜ୍‌ମା, କୋରଟିସୋଲ ହର୍ମନ ସ୍ତରକୁ ପରିବର୍ତ୍ତନ କରୁଛି ତା'ଉପରେ ପରୀକ୍ଷା କରାଯାଇଥିଲା। ଏହି ପରିବର୍ତ୍ତନକୁ ପ୍ରାଣୀମାନେ ଭୋଗୁଥିବା ପୀଡ଼ା ମାତ୍ରାର ଏକ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଥିଲା। ପ୍ଲାଜମା କୋରଟିସୋଲ ସ୍ତର ଇଲେକ୍ଟ୍ରୋଏକ୍‌ଜାକ୍ୟୁଲେଶନ ବା ଇଲେକ୍ଟ୍ରୋପଦ୍ଧତିରେ ଶୁକ୍ର ସ୍ଖଳନର ୧୫ ମିନିଟ ପରେ ଦ୍ରୁତ ଗତିରେ ବଢିବା ସହ ୨-୪ ଘଣ୍ଟାଯାଏ କ୍ରମାଗତ ବୃଦ୍ଧିପାଇବା ଦେଖାଯାଇଥିଲା। ଏଥିରୁ ପ୍ରତୀୟମାନ ଯେ, ସେମାନେ ଅତି କଷ୍ଟରେ ରହୁଛନ୍ତି। ଇଲେକ୍ଟ୍ରୋଏକ୍‌ଜାକ୍ୟୁଲେଶନର କ୍ରୂରତା କାରଣରୁ ନେଦରଲ୍ୟାଣ୍ଡ ଏବଂ ଡେନମାର୍କ ଏହି ପଦ୍ଧତିକୁ ବନ୍ଦ କରିଦେଇଛନ୍ତି।

ଫାର୍ମ କିମ୍ବା ପଶୁପାଳନ କ୍ଷେତ୍ରରେ କୌଣସି ବ୍ୟବସ୍ଥା ଠିକ୍ ଭାବେ ଚାଲୁନାହିଁ। ଷଣ୍ଢମାନଙ୍କର ସ୍ୱାସ୍ଥ୍ୟପାଇଁ ସେମାନଙ୍କୁ ନିୟମିତ ପରୀକ୍ଷା କରାଯିବା ଉଚିତ। ସର୍ବୋତ୍ତମ ମାନର ସିମେନ ପାଇଁ ସେମାନଙ୍କୁ ଭଲ ଖାଦ୍ୟ ଦେବା, ଚଳପ୍ରଚଳ କରାଇବା ଏବଂ ଖୁସିରେ ରଖିବା ଆବଶ୍ୟକ। କୌଣସି ଗୋଟିଏ କେନ୍ଦ୍ରରେ ଏହା ପାଳନ ହୁଏନାହିଁ। ଅଧିକାଂଶ ଷଣ୍ଢଙ୍କୁ ରୁଗ୍‌ଣ ଅବସ୍ଥାରେ ରଖାଯାଏ। ସେମାନଙ୍କୁ କମ୍ ଖାଇବାକୁ ଦିଆଯାଏ। ସେମାନଙ୍କ ସ୍ୱାସ୍ଥ୍ୟ କ୍ୱଚିତ ପରୀକ୍ଷା କରାଯାଏ। ଏଣୁ ଏବେ କ'ଣ ଘଟିଛି? ଭାରତରେ ବିଶ୍ୱର ସବୁଠୁ ବେଶି ଗୋ ପ୍ରଜନନ କେନ୍ଦ୍ର ଥିବା ସତ୍ତ୍ୱେ କୃତ୍ରିମ ଗର୍ଭଧାରଣ ପ୍ରକ୍ରିୟା ଉପଯୋଗ କରିବାରେ ସଫଳତା ହାର ବହୁତ କମ୍। ଷଣ୍ଢମାନଙ୍କୁ ଖରାପ ପରିସ୍ଥିତିରେ ରଖାଯାଉଛି ଏବଂ ବହୁ ସମୟରେ ସବୁଆଡକୁ ରୁଗ୍‌ଣ ସିମେନ ବି ପଠାଯାଉଛି, ଯାହାଦ୍ୱାରା ଗାଈମାନଙ୍କର ଗର୍ଭପାତ ଘଟୁଛି। ଏବେ ବ୍ୟାପୁଥିବା ଯକ୍ଷ୍ମାର ସମ୍ପର୍କ ଗାଈ କ୍ଷୀର ସହ ରହିଛି, ଯାହା ସିମେନ ମାଧ୍ୟମରେ ଗାଈକୁ ଆସିଛି। ମଣିଷ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡୁଛି। କୃତ୍ରିମ ଉପାୟରେ ସଂଗ୍ରହ କରାଯାଉଥିବା ସିମେନ ମାଧ୍ୟମରେ ଆହୁରି ଅନେକ ରୋଗ ଆସୁଛି। ଆଗାମୀ ସ୍ତମ୍ଭରେ ଏ ବିଷୟରେ ମୁଁ ଉଲ୍ଲେଖ କରିବି। ଷଣ୍ଢମାନଙ୍କଠାରୁ ସଂଗୃହୀତ ସିମେନରେ ଗାଈଙ୍କୁ କୃତ୍ରିମ ଉପାୟରେ ଗର୍ଭଧାରଣ କରାଇ ଦୁଗ୍ଧ ଉତ୍ପାଦନ ବଢାଇବାର ପ୍ରଚେଷ୍ଟାରେ ଷଣ୍ଢମାନେ ଭୀଷଣ କଷ୍ଟ ପାଉଛନ୍ତି। କ୍ଷୀର ପିଉଛ ସତ, କିନ୍ତୁ ଯେତେଦିନ ଯାଏ ତୁମେ କ୍ଷୀର ପିଇଚାଲିଥିବ ଏହି ବୀର୍ଯ୍ୟବାନ ପ୍ରାଣୀ ସେମିତି କଷ୍ଟ ଭୋଗୁଥିବେ। ତେବେ ତୁମେ କ'ଣ ଏହି ଭୟଙ୍କର ନିର୍ଯ୍ୟାତନା ପାଇଁ ଦାୟୀ ହେବାକୁ ଚାହୁଁଛ କି?

Email: gandhim@nic.in

# ମହିମା ଗୋସେଇଁ



ଡ. ଉଦ୍ଧବ ଚରଣ ନାୟକ

ମହିମା ଗୋସେଇଁ ବା ମହିମା ସ୍ୱାମୀ ହେଉଛନ୍ତି ଓଡ଼ିଶାର ନିଜସ୍ୱ ଧର୍ମ ମହିମା ଧର୍ମର ପ୍ରାଣପ୍ରତିଷ୍ଠାତା। ତାଙ୍କର ମାତାପିତା, ଜନ୍ମ ସମୟ ଓ ଜନ୍ମସ୍ଥାନ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ପ୍ରାପ୍ତ ନ ହୋଇ ମହିମା ଧର୍ମର ସାଧୁ, ସନ୍ନ୍ୟାସୀ ଓ ଭକ୍ତମାନେ ତାଙ୍କୁ ଅଯୋନିସମ୍ଭୂତ ଭାବରେ ଆଖ୍ୟାୟିତ କରନ୍ତି। ହେଲେ ଗବେଷକମାନେ ଏଥିରେ ଏକମତ ନୁହନ୍ତି। ପ୍ରଫେସର ଘନଶ୍ୟାମ ଦାଶଙ୍କ ମତରେ, ମହିମା ସ୍ୱାମୀଙ୍କର ସର୍ବପ୍ରଥମେ ୧୮୨୬ରେ ଆବିର୍ଭାବ ଘଟିଥିଲା ଶ୍ରୀକ୍ଷେତ୍ର ପୁରୀର ବଡ଼ଦାଣ୍ଡରେ ଧୂଳିଆ ଗୋସେଇଁ ଭାବରେ। ଏହାପରେ ମହିମା ସ୍ୱାମୀ ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରି ପାହାଡ଼କୁ ଚାଲିଆସି ଏଠାରେ ଜଙ୍ଗଲ ସଫା କରି ଗୋଟିଏ ନିଭୃତ ସ୍ଥାନରେ ଆତ୍ମଯୋଗ ସମାଧିରେ ଅବସ୍ଥାନ କରିଥିଲେ। ବରମୁଣ୍ଡା ଗ୍ରାମର ଜନୈକ ଧର୍ମପ୍ରାଣ ବ୍ୟକ୍ତି ଭାଗ୍ୟଧର ଦଳେଇ ତାଙ୍କୁ ପ୍ରତ୍ୟହ ନିର୍ମଳ ଜଳ ଯୋଗାଇଥିଲେ। ତେଣୁ ତାଙ୍କୁ 'ନିରାହାରୀ ଗୋସେଇଁ' ବୋଲି କୁହାଯାଉଥିଲା।

ଖଣ୍ଡଗିରିଠାରେ ମହିମା ସ୍ୱାମୀ ପ୍ରାୟ ବାରବର୍ଷ କାଳ ଅତିବାହିତ କରିଥିବାର ଜଣାଯାଏ। ବାରବର୍ଷ ସମ୍ପୂର୍ଣ୍ଣ ହେଉଥିବା ସମୟରେ ଇଂରେଜ ଅଧିକାରୀ ଫର୍ଗୁସନ ସେହି ସ୍ଥାନକୁ ୧୮୩୬ରେ ପରିଦର୍ଶନ ପାଇଁ ଯାଇଥିଲେ। ସେ ଦେଖିଲେ, ମହିମା ସ୍ୱାମୀଙ୍କ ସମେତ ତାଙ୍କର ଭକ୍ତମାନେ କେତେଗୁଡ଼ିଏ ମୁଖ୍ୟ ଗୁମ୍ଫା ଅଧିକାର କରି ନେଇଛନ୍ତି। ଏହାପରେ ୧୮୩୭-୩୮ ମସିହାରେ ଲେଫ୍ଟନାଣ୍ଟ କିଟୋ ଖଣ୍ଡଗିରି ପାହାଡ଼ ସର୍ଭେ ନିମନ୍ତେ ଆସି ସେଠାରେ ପହଞ୍ଚିଲେ। ଫଳରେ ମହିମା ଗୋସେଇଁଙ୍କ ସାଧନାରେ ବ୍ୟାଘାତ ଘଟିଲା। ଏଣୁ ମହିମା ଗୋସେଇଁ ୧୮୩୮ରେ ଖଣ୍ଡଗିରି ତ୍ୟାଗ କରି କଟକ ପଳାଇଗଲେ। କଟକଠାରେ ଗୋଟିଏ ରାତ୍ରି ରହିବା ପରେ ଢେଙ୍କାନାଳର ସୁରମ୍ୟ ଗିରି କପିଳାସ ଯାତ୍ରା କଲେ। କପିଳାସରେ ସେ ଦୀର୍ଘ ଚବିଶବର୍ଷ କାଳ ଅବସ୍ଥାନ କରିଥିବାର ଜଣାଯାଏ। ପ୍ରଥମ ବାରବର୍ଷ ସେ ବଣର ଫଳ ଆହାର କରିଥିବାରୁ ତାଙ୍କୁ 'ଫଳାହାରୀ ଗୋସେଇଁ' ବୋଲି କୁହାଯାଉଥିଲା। ଏହି ଫଳ କପିଳାସ ପାହାଡ଼ର ନିମ୍ନ ଦେଶରେ ଥିବା 'ଦେଓଗାଁ' ଗ୍ରାମର ଜନୈକ ଆଦିବାସୀ ସଦାନନ୍ଦ ମହିମା ଗୋସେଇଁଙ୍କୁ ପ୍ରତ୍ୟହ ଯୋଗାଉଥିଲେ। ଦ୍ୱିତୀୟ ବାରବର୍ଷ ସେ କେବଳ କ୍ଷୀରପାନ କରି ସମୟ ଅତିବାହିତ କରୁଥିଲେ। ପ୍ରତ୍ୟହ ନୂତନ ମୃତ୍ତିକା ଭାଣ୍ଡରେ ତତ୍କାଳୀନ ଢେଙ୍କାନାଳ ରାଜା ଭଗୀରଥ ମହୀନ୍ଦ୍ର ବାହାଦୁର କ୍ଷୀର ଯୋଗାଉଥିବାର ଜଣାଯାଏ। ଫଳରେ ଏହି ସମୟରେ ତାଙ୍କୁ 'କ୍ଷୀରାହାରୀ ଗୋସେଇଁ' ବୋଲି କୁହାଯାଉଥିଲା। କପିଳାସଠାରେ ଅବସ୍ଥାନ କାଳରେ ମହିମା ଗୋସେଇଁ ଗୋବିନ୍ଦ ବାବା ନାମକ ଜଣେ ବ୍ୟକ୍ତିଙ୍କୁ ମହିମା ଧର୍ମରେ ଦୀକ୍ଷିତ ଓ ସନ୍ନ୍ୟାସୀ ଭାବରେ ଅଭିହିତ କରି ଓଡ଼ିଶାର ପଶ୍ଚିମାଞ୍ଚଳକୁ ଧର୍ମ ପ୍ରଚାର ପାଇଁ ପଠାଇ ଦେଇଥିଲେ।

୧୮୬୨ରେ ମହିମା ଗୋସେଇଁ ଦାରୁଠେଙ୍ଗ (ଖୋର୍ଦ୍ଧା)କୁ ଚାଲିଆସିଲେ। ତାଙ୍କ ସହିତ ଆସିଲେ ତାଙ୍କର ପ୍ରଥମ ସନ୍ନ୍ୟାସୀ ଶିଷ୍ୟ ଗୋବିନ୍ଦ ବାବା। ଏଠାରେ ଦୁହେଁ ବସି ମହିମା ଧର୍ମର ନୀତିନିୟମ ପ୍ରଣୟନ କଲେ। ''ମହିମା ଧର୍ମରେ ମୂର୍ତ୍ତିପୂଜା ନିଷେଧ। ସ୍ୱୟଂ ଅବ୍ୟକ୍ତ ଅଲେଖ ବ୍ରହ୍ମ ହେଉଛନ୍ତି ଏକମାତ୍ର ଉପାସ୍ୟ। ଜାତିଭେଦ ବର୍ଜନ। ସକଳ ଶ୍ରେଣୀର ଲୋକଙ୍କର ଅଲେଖ ବ୍ରହ୍ମଙ୍କୁ ଉପାସନା କରିବାର ସମାନ ଅଧିକାର। ସତ୍ୟ, ଅହିଂସା ହେଉଛି ଏହି ନୂତନ ଧର୍ମର ମୂଳନୀତି।'' ନୂତନ ଧର୍ମ 'ମହିମା ଧର୍ମ' ଭାବରେ ସ୍ୱୀକୃତି ଲାଭ କଲା। ଏହି ଧର୍ମର ବାଣୀ ପ୍ରଚାର କରିବା ପାଇଁ ଏଠାରେ ସନ୍ନ୍ୟାସୀ ଶ୍ରେଣୀ ସୃଷ୍ଟି ହେଲା। ଏଠାରେ ୭ ଜଣଙ୍କୁ ସନ୍ନ୍ୟାସୀ ଧର୍ମରେ ଦୀକ୍ଷିତ କରାଗଲା। ସେମାନେ ହେଲେ, କଟକ ସାଇଲୋ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତି ଗ୍ରାମର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣ ଦାସ ଓ ଭାଇଗ ଦାସ, ଦାରୁଠେଙ୍ଗର ମାଧବ ଦାସ, କୃପାସିନ୍ଧୁ ଦାସ, ଅଚ୍ୟୁତ ଦାସ ଓ ବୌଦ୍ଧର ନରସିଂହ ଦାସ। ମହିମା ଧର୍ମର ନୀତିନିୟମ ପ୍ରଣୀତ ହେବା ପରେ ମହିମା ଗୋସେଇଁଙ୍କ ଆଦେଶରେ ନରସିଂହ ଦାସ ୯୧ଜଣଙ୍କୁ ବଲ୍‌କଲ ପ୍ରଦାନ କରି ସନ୍ନ୍ୟାସୀ ଶ୍ରେଣୀ ସୃଷ୍ଟି କଲେ ବାଙ୍କୀର ମାଳବିହାରପୁର ମହିମାଧୁନି ମନ୍ଦିରଠାରେ। ଏହି ୯୧ଜଣଙ୍କ ମଧ୍ୟରୁ ମହିମା ଗୋସେଇଁ ୬୪ ଜଣଙ୍କୁ ସିଦ୍ଧ ଭାବରେ ଆଖ୍ୟାୟିତ କଲେ। ସେହିପରି ଢେଙ୍କାନାଳର ଜକା ମହିମାଶ୍ରମଠାରେ ମହିମା ଗୋସେଇଁଙ୍କ ଆଦେଶରେ ବାଞ୍ଛାନିଧି ବାବା ୬୦ଜଣଙ୍କୁ କୌପୀନ ପ୍ରଦାନ କଲେ। ମହିମା ଗୋସେଇଁ ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କୁ ସିଦ୍ଧ ଭାବରେ ଆଖ୍ୟାୟିତ କରିଥିଲେ। ଏହି ସନ୍ନ୍ୟାସୀମାନଙ୍କ ଦ୍ୱାରା ମହିମା ଧର୍ମ ଦ୍ରୁତଗତିରେ ପ୍ରଚାରିତ ହେବାରେ ଲାଗିଲା। ଏହି ଅବସରରେ ମହିମା ଗୋସେଇଁ ରେଢ଼ାଖୋଲର କାଙ୍କଣପଡ଼ା ଜଙ୍ଗଲରେ ଥିବା କୂପ ମଧ୍ୟରୁ ଭୀମ ଭୋଇଙ୍କୁ ଉଦ୍ଧାର କରି ମହିମା ଧର୍ମରେ ଦୀକ୍ଷିତ ପୂର୍ବକ ଦିବ୍ୟଜ୍ଞାନ ପ୍ରଦାନ କରି ମହିମା ଧର୍ମ ସମ୍ପର୍କରେ ଓ ଧର୍ମର ନୀତିନିୟମ ସମ୍ପର୍କରେ ଭଜନ, ଜଣାଣ, ଚଉତିଶା, ସ୍ତୁତି ଆଦି ରଚନା କରିବା ପାଇଁ ଆଜ୍ଞା ପ୍ରଦାନ କ'ଲେ। ମହିମା ଧର୍ମ ଦ୍ରୁତଗତିରେ ପ୍ରଚାର ହେଲା। ଏହା ହୋଇଗଲା ଲୋକଧର୍ମ ବା ଗଣଧର୍ମ।

ମହିମା ଗୋସେଇଁ ଧର୍ମପ୍ରଚାର କରି ୧୮୭୬ରେ ଯୋରନ୍ଦା ମହିମାଶ୍ରମଠାରେ ଇହଲୀଳା ସାଙ୍ଗକଲେ। ସେ ଯୋରନ୍ଦା ମହିମା ଆଶ୍ରମଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀରେ ମେଳା ମହୋତ୍ସବ ଅନୁଷ୍ଠିତ କରୁଥିବାରୁ ତାଙ୍କର ସ୍ୱର୍ଗପ୍ରାପ୍ତି ପରେ ସେହିଦିନରେ ଯୋରନ୍ଦାଠାରେ ମହିମା ମେଳା ଅନୁଷ୍ଠିତ ହେଉଅଛି। ମହିମା ଗୋସେଇଁଙ୍କ ସମାଧି ମନ୍ଦିର ଏଠାରେ ବିଦ୍ୟମାନ। ତାହା ମହିମା ଗାଦି ମନ୍ଦିର ଭାବରେ ଖ୍ୟାତ।

ମୋ: ୯୪୩୮୨୯୯୧୭୪

## ଏଇ ଭାରତରେ

ଗଡ଼ିଆ, ସିମେଣ୍ଟ କୁଣ୍ଡ କିମ୍ବା ମାଛ ଚାଷ କରାଯାଉଥିବା ଟାଙ୍କିରେ ମୁକ୍ତାଚାଷ କରାଯିବା ବିଷୟରେ ସମସ୍ତେ ଜାଣନ୍ତି। କିନ୍ତୁ ଛୋଟ ଛୋଟ କାଚଟାଙ୍କିରେ ମୁକ୍ତାଚାଷ କରାଯିବା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହା ସତ। ଏମିତି ଚାଷ କରୁଛନ୍ତି ଉତ୍ତରପ୍ରଦେଶର ଜିତେନ୍ଦ୍ର ଚୌଧୁରୀ। ଗାଜିଆବାଦର ମୁରାଦନଗର ଅନ୍ତର୍ଗତ ଖୁରାମପୁର ଗାଁ ନିବାସୀ ଜିତେନ୍ଦ୍ର ୩ ଫୁଟ୍ ଲମ୍ବ ଓ ୨.୫ ଫୁଟ୍ ଚଉଡ଼ାର କାଚଟାଙ୍କିରେ ଏହି ଚାଷ କରୁଛନ୍ତି। ୫୦ଟି ଶାମୁକା ଏହି ଟାଙ୍କିରେ ରଖାଯାଉଛି। ଗୋଟିଏ ଛୋଟ ଶାମୁକାରୁ ୨ରୁ ୮ଟି ଏବଂ ବଡ଼ ଶାମୁକାରୁ ୨୮ଟି ମୁକ୍ତା ମିଳୁଛି। ଉତ୍ପାଦିତ ମୁକ୍ତାକୁ ସେ ବିଦେଶକୁ ମଧ୍ୟ ରପ୍ତାନି କରୁଛନ୍ତି। ୨୦୦୯ରେ ଜିତେନ୍ଦ୍ର ମୁକ୍ତାଚାଷ ଆରମ୍ଭ କରିଥିଲେ ଓ ଏଥିରେ ୨୦,୦୦୦ ଟଙ୍କା ଖଟାଇଥିଲେ। ରିସର୍କ୍ୟୁଲେଟିଂ ଆକ୍ୱାକଲଚର ସିଷ୍ଟମ( ଆରଏଏସ) ରେ ଏହି ଚାଷ କରୁଛନ୍ତି। ଏହି ପଦ୍ଧତି ସମ୍ପର୍କରେ ସେ ଓଡ଼ିଶାସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫ୍ରେଶୱାଟର ଆକ୍ୱାକଲଚର( ସିଆଇଏଫ୍‌ଏ)ରୁ ପ୍ରଶିକ୍ଷଣ ପାଇଛନ୍ତି। ସେ ମାଛ ଚାଷ କରୁଛନ୍ତି ଓ ମାଛ ଟାଙ୍କିର ପାଣିକୁ ଫିଲଟର କରି ମୁକ୍ତାଚାଷରେ ବ୍ୟବହାର କରିବା ଦ୍ୱାରା ପାଣି ଅପଚୟକୁ ବି ରୋକି ପାରିଛନ୍ତି। କାଚ ଟାଙ୍କିରେ ୫ରୁ ୧୦ ହଜାର ଟଙ୍କା ମଧ୍ୟରେ ମୁକ୍ତାଚାଷ ଆରମ୍ଭ କରାଯାଇପାରିବ ବୋଲି କହନ୍ତି ଜିତେନ୍ଦ୍ର। ଜିତେନ୍ଦ୍ର କମ୍ପ୍ୟୁଟର ଆପ୍ଲିକେଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ବି ଏହି ଚାଷ କରୁଛନ୍ତି ଓ ଏଥିରେ ୯୫ ପ୍ରତିଶତ ସଫଳତା ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଫେବୃୟାରୀ ୧୯୯୬

- ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ ଜ୍ୱାଇଁ ଜେନେରାଲ କମଲ୍ ହାସନ ଓ କଲୋନେଲ୍ ସଦ୍ଦାମ ହାସନଙ୍କୁ ସେମାନଙ୍କ ପରିବାରର ସଦସ୍ୟମାନେ ହତ୍ୟା କରିଛନ୍ତି।
- ଚୀନର ପୂର୍ବ ଜିଆଙ୍ଗସୁ ପ୍ରଦେଶରେ କୋଇଲା ଗ୍ୟାସ୍ ବିସ୍ଫୋରଣ ଫଳରେ ୧୯ ଜଣଙ୍କ ମୃତ୍ୟୁ।
- ତାମିଲନାଡୁ ରାଜ୍ୟ ପରିବହନର ଏକ ବସ୍‌ରେ ଦୁର୍ଘଟଣା ଯୋଗୁ ନିଆଁ ଲାଗିଯିବା ଫଳରେ ୨୩ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | | | | | D | | 0 | | | 6 | 5 |
| 1 | | | | | | | | 3 | 2 | | | | 7 | |
| 8 | E | | 4 | | B | | | | 6 | | C | | | |
| | | 9 | D | 1 | | | | | | 7 | | 3 | 4 | |
| | | | | | | 9 | 1 | | | | | E | | C |
| | 3 | 7 | | 2 | | | | E | | | | 9 | | |
| | 2 | | 8 | 4 | | | | | | 1 | | | | E |
| | | | | | | | | | 3 | 8 | 9 | | B | |
| 4 | 8 | | | | | C | | | | | 0 | | | |
| B | 1 | | 5 | 7 | D | 2 | | | A | | | | | |
| | 9 | | | | | D | E | 5 | | | 3 | | | 8 |
| C | | | 1 | | | | B | | | 5 | | A | | 3 |
| | D | | E | | | | 3 | | | | 1 | B | 0 | |
| | | | 2 | | | | | 0 | | C | 6 | 5 | | |
| 7 | 6 | 0 | B | | | | 8 | | | | A | | 1 | 9 |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | D | 6 | 1 | C | 3 | 5 | 0 | B | 9 | E | 8 | 4 | A |
| B | E | 4 | 0 | 8 | 5 | A | D | 9 | C | 2 | 3 | 7 | 1 | 6 |
| 3 | 6 | 5 | B | A | D | 1 | C | 4 | 7 | 8 | 0 | E | 9 | 2 |
| 0 | C | 1 | 2 | 7 | 9 | 8 | E | 6 | 4 | 5 | A | D | B | 3 |
| 9 | A | 8 | E | 4 | 3 | 2 | B | 7 | 6 | D | 1 | C | 0 | 5 |
| 1 | B | 7 | D | 5 | E | 9 | 0 | 8 | A | 4 | 2 | 3 | 6 | C |
| D | 0 | E | A | B | 7 | 6 | 1 | 2 | 3 | C | 8 | 9 | 5 | 4 |
| 8 | 5 | 9 | 3 | 2 | 6 | 4 | A | C | 1 | 0 | D | B | 7 | E |
| A | 3 | C | 8 | 0 | 4 | 5 | 7 | B | E | 6 | 9 | 1 | 2 | D |
| 6 | 4 | 2 | 9 | C | 1 | E | 3 | D | 5 | B | 7 | 0 | A | 8 |
| E | 9 | 0 | 5 | D | 8 | B | 6 | 1 | 2 | A | C | 4 | 3 | 7 |
| 5 | D | B | 1 | 3 | 2 | C | 9 | A | 8 | 7 | 4 | 6 | E | 0 |
| 4 | 1 | 3 | C | 9 | 0 | 7 | 2 | 5 | D | E | 6 | A | 8 | B |
| C | 8 | A | 7 | 6 | B | 0 | 4 | E | 9 | 3 | 5 | 2 | D | 1 |
| 7 | 2 | 6 | 4 | E | A | D | 8 | 3 | 0 | 1 | B | 5 | C | 9 |

ଗତକାଲିର ଉତ୍ତର

# ମାନସିକ ସ୍ୱାସ୍ଥ୍ୟ ଆଇନ ଓ ପୋଲିସ



ରାଜୀବ କର୍ମ

ମାନସିକ ସ୍ୱାସ୍ଥ୍ୟ ଯତ୍ନ ଆଇନକୁ ଆସନ୍ତା ଏପ୍ରିଲରେ ଚାରି ବର୍ଷ ପୂରିବ। ଅନେକ ତର୍କ ବିତର୍କ ଏବଂ ବିଚାରବିମର୍ଶ ପରେ ଏହି ଆଇନ ୨୦୧୭ରେ ପ୍ରଣୟନ ହୋଇଥିଲା। ଏଥିରେ ମୁଖ୍ୟତଃ ଘରେ ରହୁଥିବା ଓ ବାହାରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି, କୌଣସି ଆବାସିକ ସଂସ୍ଥାରେ ରହୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ଆଇନ ସହିତ ସାମିଲ କିମ୍ବା ଜଡ଼ିତ ଥିବା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା, ସୁରକ୍ଷା ଏବଂ ଅଧିକାରକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଇନରେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସହିତ ତାଙ୍କ ପରିବାରର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଗୁରୁତ୍ୱ ଦେବା ସହ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ସରକାରୀ ଅଧିକାରୀ, ପୋଲିସ ଏବଂ କୋର୍ଟଙ୍କ ଭୂମିକା ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରାଯାଇଛି।

ପ୍ରତ୍ୟେକ ଥାନାର ଥାନା ଅଧିକାରୀ ନିଜ ଅଞ୍ଚଳରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି ଯିଏକି ନିଜର ଯତ୍ନ ନେବାକୁ ଅକ୍ଷମ କିମ୍ବା ଅନ୍ୟମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେବାର ସମ୍ଭାବନା ବୋଲି ବିଚାର କରିବେ ତାଙ୍କୁ ସୁରକ୍ଷା ପ୍ରଦାନ କରିବେ। ସେ କାହିଁକି ସୁରକ୍ଷାରେ ତାଙ୍କୁ ନେଉଛନ୍ତି ତାହାର କାରଣ ସେହି ଅସୁସ୍ଥ ବ୍ୟକ୍ତିଙ୍କୁ ଜଣାଇବେ। ଯଦି ସେ ଏହା ବୁଝିବାକୁ ଅକ୍ଷମ ତେବେ ତାଙ୍କର ପରିବାର ଲୋକ କିମ୍ବା ଯତ୍ନକାରୀଙ୍କୁ ଏ ବିଷୟରେ ଅବଗତ କରାଇବେ। ସୁରକ୍ଷାରେ ନେଲା ପରେ ଅସୁସ୍ଥ ବ୍ୟକ୍ତିଙ୍କୁ ୨୪ ଘଣ୍ଟାରୁ ଅଧିକ ଥାନାରେ ରଖିପାରିବେ ନାହିଁ। ଅସୁସ୍ଥ ବ୍ୟକ୍ତିଙ୍କୁ ଯାହା ବି କାରଣ ଥାଉନା କାହିଁକି ଥାନାର କାରାଗୃହରେ ରଖିପାରିବେ ନାହିଁ। ଯେତେଶୀଘ୍ର ସମ୍ଭବ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରୀକ୍ଷା ଏବଂ ଚିକିତ୍ସା ପାଇଁ ପଠାଇବେ। ସ୍ୱାସ୍ଥ୍ୟ ଅଧିକାରୀ ସ୍ଥିତି ଅନୁଯାୟୀ ମାନସିକ ଅସୁସ୍ଥ ବ୍ୟକ୍ତିର ପରୀକ୍ଷା ଏବଂ ଆଇନ ଅନୁସାରେ ଅନ୍ୟାନ୍ୟ ଆବଶ୍ୟକତାକୁ ପୂରଣ କରିବାର ଦାୟିତ୍ୱ ନେବେ। ଯଦି ସ୍ୱାସ୍ଥ୍ୟ ଅଧିକାରୀ ପରୀକ୍ଷାରୁ ଜାଣିଲେ ଯେ ବ୍ୟକ୍ତିର ମାନସିକ ଅସୁସ୍ଥତା କମ୍ ଅଛି ଏବଂ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବାର ଆବଶ୍ୟକତା ନାହିଁ ତେବେ ସେ ଥାନା ଅଧିକାରୀଙ୍କୁ ଜଣାଇବେ। ଏ କ୍ଷେତ୍ରରେ ଥାନା ଅଧିକାରୀ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବେ। ଯଦି ସେ ବାସହୀନ କିମ୍ବା ନିଜର କେହି ନ ଥାନ୍ତି ତେବେ ତାଙ୍କୁ ସରକାରଙ୍କ ଆବାସିକ କେନ୍ଦ୍ର କିମ୍ବା ସ୍ୱଧାର ଗୃହକୁ ପଠାଇବାର ବ୍ୟବସ୍ଥା କରିବେ।

କୌଣସି ସାଧାରଣ ଲୋକଙ୍କୁ ମନେ ହେଲା ଯେ କୌଣସି ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ପରିବାର କିମ୍ବା ଯତ୍ନ ନେଉଥିବା ବ୍ୟକ୍ତି ଅବହେଳା କିମ୍ବା ନିର୍ଯ୍ୟାତନା ଦେଉଛନ୍ତି ତେବେ ସେ ନିକଟସ୍ଥ ଥାନାରେ ଏହାକୁ ଜଣାଇପାରିବେ। ଯଦି ଥାନା ଅଧିକାରୀ ବିଶ୍ୱାସ କରନ୍ତି ଯେ ତାଙ୍କ ଥାନା ଅଞ୍ଚଳରେ କେହି ମାନସିକ ଅସୁସ୍ଥ ବ୍ୟକ୍ତି ଅଛନ୍ତି ଏବଂ ତାଙ୍କୁ ଅବହେଳା କିମ୍ବା ନିର୍ଯ୍ୟାତନା ଦିଆଯାଉଛି ତେବେ ସେ ନିଜ ଅଞ୍ଚଳର କୋର୍ଟକୁ ଅବଗତ କରାଇବେ। କୋର୍ଟ ଯଦି ବିଶ୍ୱାସ କରନ୍ତି କି ମାନସିକ ଅସୁସ୍ଥ ବ୍ୟକ୍ତିର ଅବହେଳା ଏବଂ ନିର୍ଯ୍ୟାତନା ସତ ତେବେ କୋର୍ଟ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ କୋର୍ଟରେ ହାଜିରା ପାଇଁ ନୋଟିସ୍ ଜାରି କରିବେ। ଯେକୌଣସି ମାନସିକ ଅସୁସ୍ଥ ବ୍ୟକ୍ତି କିମ୍ବା ସମ୍ଭାବ୍ୟ ଅସୁସ୍ଥ ବ୍ୟକ୍ତିଙ୍କୁ କୋର୍ଟରେ ହାଜର ପରେ କୋର୍ଟ ଲିଖିତ ଭାବରେ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଇନ ଅନୁସାରେ ପରୀକ୍ଷା ଏବଂ ଦରକାର ହେଲେ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶନାମା ଜାରି କରିବେ। ଦରକାର ହେଲେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଚିକିତ୍ସା ଯୋଜନା ପାଇଁ ଅନୁମତି ଦେବେ, ଯାହାକି ୧୦ ଦିନରୁ ଅଧିକ ହେବ ନାହିଁ। ଏହି ସମୟ ପୂରଣ ହେବା ପରେ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ କୋର୍ଟଙ୍କୁ ଏକ ବିବରଣୀ ପ୍ରଦାନ କରିବେ।

ଯଦି କୌଣସି ଜେଲରେ ମାନସିକ ଅସୁସ୍ଥ ବ୍ୟକ୍ତି ଥାଆନ୍ତି ତେବେ ସେହି ଜେଲର କର୍ତ୍ତୃପକ୍ଷ ସେହି ବ୍ୟକ୍ତିଙ୍କୁ ନିଜ ଜେଲର ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ବ୍ୟବସ୍ଥା କରିବେ। ସେହି ଜେଲରେ ଚିକିତ୍ସା ସୁବିଧା ନ ଥିଲେ ତାଙ୍କୁ ଜିଲା ମାନସିକ ସ୍ୱାସ୍ଥ୍ୟ ସମୀକ୍ଷା ପରିଷଦର ଅନୁମତି ନେଇ ଅନ୍ୟ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବେ। ଜେଲର ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ସ୍ୱାସ୍ଥ୍ୟ ଅଧିକାରୀ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଏକ ବିବରଣୀ ଉପରୋକ୍ତ ପରିଷଦକୁ ନିୟମିତ ବ୍ୟବଧାନରେ ପଠାଇବେ। ଏହି ପରିଷଦ ମଧ୍ୟ ଜେଲକୁ ବିଭିନ୍ନ ସମୟରେ ପରିଦର୍ଶନରେ ଯାଇ କୌଣସି ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ବିନା ଚିକିତ୍ସାରେ ରଖାଯାଇଛି କି ସେ ବିଷୟରେ ତଦନ୍ତ କରିବେ। ଜେଲରେ ଥିବା ମାନସିକ ଅସୁସ୍ଥଙ୍କ ମାନସିକ ସ୍ୱାସ୍ଥ୍ୟର ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ଅଧିକାରୀ ଛଅ ମାସକୁ ଥରେ ବିବରଣୀ ପ୍ରଦାନ କରିବେ। ସାମ୍ପ୍ରତିକ ଆଇନ ମୁତାବକ ରାଜ୍ୟର ଅତି କମ୍‌ରେ ଗୋଟିଏ ଜେଲରେ ମାନସିକ ଅସୁସ୍ଥମାନଙ୍କ ପାଇଁ ଚିକିତ୍ସାଳୟ ଖୋଲିବାର ବ୍ୟବସ୍ଥା ସରକାର କରିବେ।

ରାଜ୍ୟ ସରକାରଙ୍କ ପରିଚାଳିତ କୌଣସି ଆବାସିକ ସଂସ୍ଥା ଯଥା ଭିକ୍ଷୁକ ଗୃହ, ଅନାଥାଶ୍ରମ, ସ୍ୱଧାର ଗୃହ ଏବଂ ଶିଶୁ ଗୃହରେ ମାନସିକ ଅସୁସ୍ଥ କିମ୍ବା ସମ୍ଭାବ୍ୟ ଅସୁସ୍ଥ ବ୍ୟକ୍ତି ଥାଆନ୍ତି ତେବେ ତାଙ୍କୁ ନିକଟସ୍ଥ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରୀକ୍ଷା ଏବଂ ଚିକିତ୍ସା ପାଇଁ ପଠାଇବାର ଦାୟିତ୍ୱ ସେହି ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କର ରହିବ। ଯଦି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କୌଣସି ମାନସିକ ଅସୁସ୍ଥ ବ୍ୟକ୍ତି ସ୍ୱାସ୍ଥ୍ୟ କେନ୍ଦ୍ରର ବିନା ସୂଚନା କିମ୍ବା ଅନୁମତିରେ ବାହାରକୁ ଚାଲିଯାଇଛନ୍ତି ତେବେ ତାଙ୍କୁ ସୁରକ୍ଷାରେ ନେଇ ଡାକ୍ତରଖାନାକୁ ହସ୍ତାନ୍ତର କରିବାର ଦାୟିତ୍ୱ ପୋଲିସର ରହିବ। କୌଣସି କେସ୍‌ର ବିଚାର ସମୟରେ ଅଭିଯୁକ୍ତଙ୍କ ମାନସିକ ଅସୁସ୍ଥତାର ପ୍ରମାଣପତ୍ର ଅଭିଯୁକ୍ତଙ୍କ ତରଫରୁ କୋର୍ଟରେ ଦାଖଲ ଯଦି କରାଯାଏ ତେବେ କୋର୍ଟ ଏ ବିଷୟରେ ଅଧିକ ପରୀକ୍ଷା ପାଇଁ ଜିଲା ମାନସିକ ସ୍ୱାସ୍ଥ୍ୟ ସମୀକ୍ଷା ପରିଷଦକୁ ପଠାଇବେ। ପରିଷଦ ଏହାକୁ ନିଜେ କିମ୍ବା ବିଶେଷଜ୍ଞ କମିଟି ଦ୍ୱାରା ପରୀକ୍ଷା କରାଇ କୋର୍ଟଙ୍କୁ ଜଣାଇବା ପରେ କୋର୍ଟ ଆଇନ ଅନୁସାରେ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ।

ଏହି ଆଇନ ଅନୁସାରେ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କର ମୁକ୍ତ ଆଇନ ସେବା ପାଇବାର ଅଧିକାର ରହିବ। ଏଥିପାଇଁ କୋର୍ଟ, ପୋଲିସ, ସୁରକ୍ଷା ଗୃହର ଅଧିକାରୀ ଏବଂ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଏ ବିଷୟରେ ଅସୁସ୍ଥ ବ୍ୟକ୍ତିଙ୍କୁ ଅବଗତ କରାଇବେ। ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଜିଲାସ୍ତରରେ ଏକ ମାନସିକ ସ୍ୱାସ୍ଥ୍ୟ ସମୀକ୍ଷା ପରିଷଦ ଗଠନ କରାଯିବ, ଯାହାର ଅଧ୍ୟକ୍ଷ ସେହି ଜିଲାର ଜିଲା ନ୍ୟାୟାଧିଶ କିମ୍ବା ଅବସରପ୍ରାପ୍ତ ନ୍ୟାୟାଧିଶ କିମ୍ବା ସେହି ସ୍ତରର ଜଣେ ନ୍ୟାୟାଧିଶ ରହିବେ। ଫଳରେ ମାନସିକ ଅସୁସ୍ଥ ବ୍ୟକ୍ତି କିମ୍ବା ତାଙ୍କ ପରିବାର ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ଅବହେଳାର ଶିକାର କିମ୍ବା ଏହି ଆଇନ ମୁତାବକ କୌଣସି ଅଧିକାର ପାଉ ନାହାନ୍ତି ତେବେ ସେମାନେ ଏହି ପରିଷଦରେ ଅଭିଯୋଗ କରିପାରିବେ।

ସବୁଠାରୁ ବଡ଼କଥା ହେଲା ଚାରିବର୍ଷ ପରେ ବି ଏହି ଆଇନ ବିଷୟରେ ସବୁସ୍ତରରେ ସଚେତନତାର ଅଭାବ ରହିଛି। ଏହାର କାର୍ଯ୍ୟକାରିତାରେ ମଧ୍ୟ ବିଶେଷ କିଛି ଅଗ୍ରଗତି ହୋଇନାହିଁ। ବିଗତ ଚାରି ବର୍ଷ ଭିତରେ ଏ ବିଷୟରେ ସଚେତନ କରାଯାଇଥିଲେ, ଆଜି ପର୍ଯ୍ୟନ୍ତ ଅନେକ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଉପକୃତ ହୋଇ ସାରିଥାନ୍ତେ।

ଶଗଡ଼ା, ବୌଦ୍ଧ, ମୋ- ୮୩୨୮୮୪୮୧୪୫

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମାଞ୍ଚଳ ପକ୍କା ରାସ୍ତା ନାମକୁମାତ୍ର

ମହାଶୟ,

ଅଧୁନା ଗ୍ରାମାଞ୍ଚଳର ଛୋଟ ବଡ଼, ଓସାରିଆ ଓ ଅଣଓସାରିଆ ରାସ୍ତାଗୁଡ଼ିକ ପକ୍କା କରାଯାଉଛି। ରାସ୍ତାର ଉଭୟ କଡ଼ରେ ପ୍ରାୟ ଏକ ଫୁଟ ଓସାର ଠିକ୍ ଭାବେ ପକ୍କା ହେଉଛି ସତ, କିନ୍ତୁ ମଧ୍ୟ ଭାଗରେ ବାଲି, ମାଟି, ଗୋଡ଼ି ପକାଇ ଉପରେ କେବଳ ୨ଇଞ୍ଚ ମୋଟେଇ ମାତ୍ର ପକ୍କା କରାଯାଉଛି। ଏହାର ସ୍ଥାୟିତ୍ୱ କଥା ନ କହିଲେ ଭଲ। ଅଳ୍ପ କିଛି ଦିନପରେ ସେ ରାସ୍ତାରୁ ଗେଟି ସବୁ ବାହାରି ଏଣେତେଣେ ବିଛୁଡି ହୋଇପଡୁଛି। ପାଦଚଲା ଲୋକ ଝୁଣ୍ଟି ପଡ଼ି ଲହୁଲୁହାଣ ହେଉଛନ୍ତି। ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସବୁ ଲୋକଦେଖାଣିଆ ଭଳି ଜଣାପଡୁଛି। ସୁତରାଂ ସମ୍ପୃକ୍ତ ପଞ୍ଚାୟତ, ପଞ୍ଚାୟତ ଅଧୀନ ରାସ୍ତା ଗୁଡ଼ିକୁ ଭଲଭାବେ ମରାମତି କରି ମଜଭୁତ ହୋଇପାରିଲେ ଜନସାଧାରଣ ଚଲାବୁଲା କରିବାରେ ଆଉ ଅସୁବିଧାରେ ପଡ଼ନ୍ତେ ନାହିଁ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେହର ଅଭିଳାଷ ଗୀତରେ ପରକାଶ
କହିଲି ତାକୁ ପ୍ରେମ ପୀରତି
ଭାଷାର ଆବରଣ ଫିଟାଇ ଦେଲେ ସେ ଯେ
ହୋଇବ ଖାଲି ପାପ ଅନୀତି! -(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ତଥା ଅଧିକାର କର୍ମୀ କିରନ ଆହୁଜାଙ୍କୁ ପର୍ସୋନେଲ୍ ମ୍ୟାନେଜମେଣ୍ଟ କାର୍ଯ୍ୟାଳୟର ମୁଖ୍ୟ ଭାବେ ମନୋନୀତ କରିଛନ୍ତି। ଏହି ସଂଘୀୟ ସଂସ୍ଥା ଆମେରିକାର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀଙ୍କୁ ପରିଚାଳନା କରିଥାଏ। ସିନେଟର ଅନୁମୋଦନ ମିଳିଲେ ଆହୁଜା ଆମେରିକା ସରକାରରେ ଏହି ସର୍ବୋଚ୍ଚ ପଦବୀ ପାଇବାରେ ପ୍ରଥମ ଭାରତୀୟ-ଆମେରିକୀୟ ହେବେ।

## ସଂକ୍ଷେପରେ

### ସଙ୍ଗୀତଜ୍ଞ ଶାର୍ଦ୍ଦୂଳ ସିକନ୍ଦରଙ୍କ ପରଲୋକ



**ନୂଆଦିଲ୍ଲୀ, ୨୪।୨:** ପ୍ରସିଦ୍ଧ ପଞ୍ଜାବୀ ସଙ୍ଗୀତଜ୍ଞ ଶାର୍ଦ୍ଦୂଳ ସିକନ୍ଦରଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। କୋଭିଡ୍-୧୯ରେ ସଂକ୍ରମିତ ହୋଇ ସେ ମୋହାଲିର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ସଙ୍ଗୀତ ଦୁନିଆରେ ଶୋକର ଛାୟା ଖେଳିଯାଇଛି। ଗାୟକ ଦଲେର ମେହେନ୍ଦି, ଗୁରୁଦାସ ମାନ, ଦିଲ୍‌ଜିତ୍ ଦୋସାଞ୍ଜ, ହର୍ଷଦୀପ କୌର, ବିଶାଲ ଦାଦଲାନି ପ୍ରମୁଖ ଗାୟକଙ୍କ ସମେତ କପିଲ ଶର୍ମା, ଆୟୁଷ୍ମାନ ଖୁରାନା ବହୁ କଳାକାର ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ଶାର୍ଦ୍ଦୂଳଙ୍କ ପରଲୋକ ସଙ୍ଗୀତ ଇଣ୍ଡଷ୍ଟ୍ରି ପାଇଁ ବିରାଟ କ୍ଷତି ବୋଲି ସେମାନେ କହିଛନ୍ତି। ତାବ୍‌ଲା ବାଦକ ସାଗର ମସ୍ତାନାଙ୍କ ପୁଅ ଶାର୍ଦ୍ଦୂଳ ନିଜ ୩୦ ବର୍ଷର କ୍ୟାରିୟରରେ ୨୫ରୁ ଊର୍ଦ୍ଧ୍ୱ ଆଲବମ୍ କରିଛନ୍ତି।

### ୟୁପି ବିଧାନସଭାରେ ଧର୍ମାନ୍ତରଣ ନିରୋଧୀ ବିଲ୍ ଗୃହୀତ

**ହୁଗ୍‌ଲି, ୨୪।୨ :** ଉତ୍ତରପ୍ରଦେଶ ବିଧାନସଭାରେ ବୁଧବାର ବେଆଇନ ଧର୍ମାନ୍ତରୀକରଣ ନିଷିଦ୍ଧ ବିଲ୍, ୨୦୨୧ ଧ୍ୱନି ମତରେ ଗୃହୀତ ହୋଇଛି। ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ଲାଗି ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ବିବାହ ପ୍ରାପ୍ତବୟସ୍କଙ୍କର ଘରୋଇ ବ୍ୟାପାର ହୋଇଥିବାରୁ ନୂଆ ଆଇନ ବ୍ୟକ୍ତିର ମୌଳିକ ଅଧିକାରର ଉଲ୍ଲଂଘନ ବୋଲି କଂଗ୍ରେସ ସଦସ୍ୟ ଆରାଧନା ମିଶ୍ର କହିଥିଲେ। ନୂଆ ଆଇନ ସମ୍ବିଧାନିକ ଭାବନା ବିରୋଧୀ ହୋଇଥିବାରୁ ସରକାର ଏହାକୁ ପ୍ରତ୍ୟାହାର କରିନେବାକୁ ବିଏସ୍‌ପି ବିଧାୟକ ଲାଲ୍‌ଜୀ ବର୍ମା ଦାବି କରିଥିଲେ। ବିବାହ ନାଁରେ ଯୁବତୀମାନଙ୍କ ଧର୍ମ ପରିବର୍ତ୍ତନ କରାଯାଉଥିବାରୁ ଏହାକୁ ରୋକିବା ଲାଗି ଆଇନ ଅଣାଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ ଖାନ୍ନା କହିଥିଲେ। ବେଆଇନ ଧର୍ମାନ୍ତରୀକରଣ ରୋକିବା ଲାଗି ଗତ ନଭେମ୍ବରରେ ୟୁପି ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଅଧାଦେଶ ଜାରି କରିଥିଲେ।

### ବଳାତ୍କାରରେ ବିଫଳ ହେବାରୁ ଯୁବତୀଙ୍କୁ ନିଆଁ ଲଗାଇଦେଲେ

**ଶାହାଜାହାନପୁର, ୨୪।୨:** ଉତ୍ତରପ୍ରଦେଶର ଶାହାଜାହାନପୁର ଦେଇ ଯାଇଥିବା ରାଜପଥରେ ସୋମବାର ଜଣେ ଯୁବତୀଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବଳାତ୍କାର ଉଦ୍ୟମ କରି ବିଫଳ ହେବା ପରେ ୩ ଅଭିଯୁକ୍ତ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ ବୋଲି ପୀଡ଼ିତା ଜଣକ ପୋଲିସକୁ ନିଜ ବୟାନରେ କହିଛନ୍ତି। ତେବେ ସେ କାହା ନାଁ ନେଇ ନ ଥିବା ପୋଲିସ କହିଛି। ତାଙ୍କ ଶରୀରର ପ୍ରାୟ ୭୦ ଭାଗ ପୋଡ଼ି ଯାଇଥିବାବେଳେ ଲକ୍ଷ୍ନୌର ଏକ ହସ୍ପିଟାଲରେ ସେ ଚିକିତ୍ସିତ ହେଉଛନ୍ତି। ବିଏ ପଢୁଥିବା ଛାତ୍ରୀ ଜଣକ କଲେଜକୁ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ବିନା ପୋଷାକରେ ରାସ୍ତାରେ ପଡ଼ିଥିବା ଅବସ୍ଥାରେ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇଥିଲା।

## ଆତ୍ମହତ୍ୟା ରୋକିବାକୁ ମନ୍ତ୍ରଣାଳୟ

**ଟୋକିଓ, ୨୪।୨:** କୋଭିଡ୍-୧୯ ମହାମାରୀ ସମୟରେ ଜାପାନରେ ଆତ୍ମହତ୍ୟା ରୋକିବାକୁ ସେଠାକାର ସରକାର କ୍ୟାବିନେଟରେ ନୂଆ ମନ୍ତ୍ରଣାଳୟ ଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ୟୋଶୀହିଦେ ସୁଗା ଏହି ମନ୍ତ୍ରଣାଳୟ ପାଇଁ ତେତ୍‌ସୁଶି ସାକାମୋଟୋଙ୍କୁ ମନ୍ତ୍ରୀ (ମିନିଷ୍ଟର ଫର୍ ଲୋନ୍‌ଲିନେସ୍) ଭାବେ ନିଯୁକ୍ତ କରିଛନ୍ତି। ସାକାମୋଟୋ ଦେଶରେ ଶିଶୁ ଜନ୍ମହାର ହ୍ରାସର ତଦନ୍ତ ସହ ଏଥିରେ ରୋକ ଲଗାଇବା ଦାୟିତ୍ୱରେ ରହିଛନ୍ତି। କୋଭିଡ୍ ସମୟରେ ଏକୁଟିଆପଣ ଯୋଗୁ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ଗତ ୧୧ ବର୍ଷରେ ସର୍ବାଧିକ ରହିଛି। ମହାମାରୀ ସମୟରେ ଲୋକମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ାଇବା ଏବଂ ଡିପ୍ରେସନରୁ ସେମାନଙ୍କୁ ବାହାର କରିବା ଦିଗରେ ଏହି ବିଭାଗ ବିଭିନ୍ନ ପ୍ରକାର



କାର୍ଯ୍ୟକ୍ରମ ହାତକୁ ନେବ ବୋଲି ପ୍ରଧାନମନ୍ତ୍ରୀ ସୁଗା କହିଛନ୍ତି। ୨୦୧୮ରେ ବ୍ରିଟେନରେ ପ୍ରଥମ କରି ଏହି ମନ୍ତ୍ରଣାଳୟ ରଖାଯାଇଥିଲା।

## ମାଫିଆ କୁଇନ୍ ଆଲିୟା

**ନୂଆଦିଲ୍ଲୀ, ୨୪।୨:** ନିର୍ଦ୍ଦେଶକ ସଞ୍ଜୟଲୀଲା ଭଁସାଲିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଗଙ୍ଗୁବାଈ କାଠିଆୱାଡ଼ି'ର ଟ୍ରେଲର ରିଲିଜ ହୋଇଛି। ଫିଲ୍ମଟି କେତେ ଦମ୍‌ଦାର ହୋଇଥିବା ତାହାର ଝଲକ ଟିଜରରେ ଦେଖିବାକୁ ମିଳିଛି। ଆଲିୟା ଭଟ୍ଟ ସମ୍ପୂର୍ଣ୍ଣ ଅଲଗା ଅବତାରରେ ଏଥିରେ ନଜର ଆସିଛନ୍ତି। 'ମୁମ୍ବାଇର ମାଫିଆ କୁଇନ' ଭାବେ ଜଣା ଗଙ୍ଗୁବାଈଙ୍କ ଭୂମିକାରେ ଆଲିୟା ଅଭିନୟ କରିଛନ୍ତି। ଗଙ୍ଗା ହରଜୀବନଦାସ ଜଣେ ଅଭିନେତ୍ରୀ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ତାଙ୍କ ପିତାଙ୍କର ଆକାଉଣ୍ଟାଣ୍ଟଙ୍କ ସହ ପ୍ରେମ ହେବା ପରେ ଉଭୟେ ବିବାହ କରିଥିଲେ। ବାହାଘର ପରେ ସ୍ୱାମୀଙ୍କ ସହ ଗଙ୍ଗା ମୁମ୍ବାଇ ଆସିଥିଲେ। ସେଠାରେ ତାଙ୍କର ଜୀବନର କଷ୍ଟକର ସମୟ ଆରମ୍ଭ ହୋଇଥିଲା। ପରେ ଗଙ୍ଗାଙ୍କୁ ତାଙ୍କ ସ୍ୱାମୀ ବେଶ୍ୟାଳୟରେ ବିକ୍ରି କରିଦେଇଥିଲେ। ସେଠାକୁ ଆସୁଥିବା ମୁମ୍ବାଇର କୁଖ୍ୟାତ ଅପରାଧୀ ଓ ମାଫିଆଙ୍କୁ ଭେଟିବା ପରେ ସେ କିପରି ଗଙ୍ଗୁବାଈରେ ପରିଣତ ହେଲେ ଏବଂ ମାଫିଆ କୁଇନ୍ ପାଲଟିଲେ ତାହାକୁ ନେଇ କାହାଣୀ ଗତିଶୀଳ ହୋଇଛି। ଆସନ୍ତା ଜୁଲାଇ ୩୦ରେ ଏହି ଫିଲ୍ମ ମୁକ୍ତିଲାଭ କରିବ।



# ନେପାଳରୁ ଚୋରାରେ ଆସୁଛି ତେଲ

ଭାରତରେ ତେଲ ଦରରେ ନିଆଁ ଲାଗିଛି। ଦେଶର କେତେକ ଭାଗରେ ପେଟ୍ରୋଲ ଲିଟର ପିଛା ୧୦୦ରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ପେଟ୍ରୋଲ ପ୍ରଥମ ଥର ପାଇଁ ତିନି ଅଙ୍କ ଛୁଇଁଥିବାବେଳେ ଡିଜେଲ ମଧ ଚଢ଼ା ଦାମରେ ବିକ୍ରି ହେଉଛି। ଏହା ବ୍ୟତୀତ ବିଗତ କିଛି ଦିନରେ ଘରୋଇ ଗ୍ୟାସ୍ ମୂଲ୍ୟରେ ମଧ ପ୍ରତି ସିଲିଣ୍ଡର ୫୦ ଟଙ୍କା ବୃଦ୍ଧି କରାଯାଇଛି। ୧୪.୨ କେ.ଜି. ବିଶିଷ୍ଟ ସିଲିଣ୍ଡର ଦାମ୍ ୭୯୬ ଟଙ୍କାରେ ପହଞ୍ଚିଛି। ଏହି ଦରବୃଦ୍ଧି କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଛି। ଆଗାମୀ ଦିନରେ ଏଥିଯୋଗୁ ପରିବହନ ଖର୍ଚ୍ଚ ବଢ଼ି ଅନ୍ୟ ଜରୁରୀ ସାମଗ୍ରୀଗୁଡ଼ିକର ଦରବୃଦ୍ଧିର କାରଣ ହେବ ବୋଲି ଅର୍ଥନୀତିଜ୍ଞମାନେ ଚେତାଇ ଦେଇଛନ୍ତି।



ଭାରତରେ ଲଗାତର ତେଲ ଦର ବୃଦ୍ଧି ପାଉଥିବାବେଳେ ନେପାଳ ସୀମା ଦେଇ ବିହାରକୁ ପେଟ୍ରୋଲ ଚାଲାଣ ହୋଇଆସୁଛି। ଚୋରା ଚାଲାଣ ଉପରେ ତୁରନ୍ତ ନିୟନ୍ତ୍ରଣ ନ ଲାଗିଲେ ସୀମାନ୍ତ ଅଞ୍ଚଳରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ହୋଇଯିବ ବୋଲି କହନ୍ତି ରକ୍ସୋଲର ପମ୍ପ ମାଲିକ ଯୁଗଳ କିଶୋର ଶିକାରିୟା।

**ନୂଆଦିଲ୍ଲୀ,୨୪।୨**

ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ ତେଲ ଦର ଦୈନିକ ବୃଦ୍ଧି କରିବାରେ ଲାଗିଛନ୍ତି। ଉପଭୋକ୍ତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପେଟ୍ରୋଲ ଉପରେ ଟିକସ ବାବଦରେ ୬୦% ଅର୍ଥ ଦେଉଥିବାବେଳେ ଡିଜେଲ ଉପରେ ୫୪% ଦେଉଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ପେଟୋଲ ଲିଟର ପିଛା ୩୨.୯୦ ଟଙ୍କା ଟ୍ୟାକ୍ସ ଅସୁଲ କରୁଥିବାବେଳେ ଡିଜେଲ ଉପରେ ୩୧.୮୦ ଟଙ୍କା ନେଉଛନ୍ତି। ଫଳରେ ସମଗ୍ର ଦକ୍ଷିଣ ଏସିଆରେ ପେଟ୍ରୋଲ ଦର ଭାରତରେ ସବୁଠୁ ମହଙ୍ଗା ହୋଇଛି। ଏପରି କି ଭାରତଠାରୁ ତେଲ ନେଉଥିବା ନେପାଳରୁ ଏବେ ପେଟ୍ରୋଲ ଓ ଡିଜେଲ ଚୋରା ଚାଲାଣରେ ଆସୁଛି। କାରଣ ନେପାଳରେ ଭାରତ ତୁଳନାରେ ପେଟ୍ରୋଲ ୨୩ ଟଙ୍କା ଓ ଡିଜେଲ ୨୭.୫୦ ଟଙ୍କା ଶସ୍ତା।

ଭାରତ-ନେପାଳ ସୀମା ସଂଲଗ୍ନ ବିହାରର ପୂର୍ବ ଚମ୍ପାରଣ ଜିଲା ରକ୍ସୋଲ ସହରରେ ଯୁଗଳ କିଶୋର ଶିକାରିୟା ୩ ଦଶନ୍ଧି ଧରି ପେଟ୍ରୋଲ ପମ୍ପ ଚଳାଉଛନ୍ତି। ସେ ୪ ବର୍ଷ ତଳେ ଦୈନିକ ୭,୦୦୦-୮୦୦୦ ଲିଟର ପେଟ୍ରୋଲ ବିକ୍ରି କରୁଥିବାବେଳେ ଏବେ ଏହି ପରିମାଣ ୧୫୦୦ ଲିଟରକୁ ଖସିଯାଇଛି। ସହରରେ ଗାଡ଼ି ସଂଖ୍ୟା କମିବା ଯୋଗୁ ନୁହେଁ, ବରଂ ପଡ଼ୋଶୀ ନେପାଳରୁ ଭାରତକୁ ପେଟ୍ରୋଲ ଡିଜେଲ ଚାଲାଣ ହେଉଥିବାରୁ ଏଭଳି ହେଉଛି। କିଶୋର କହିଛନ୍ତି, ଅଧିକାଂଶ ସୀମା ମୁକୁଳା ପଡ଼ିଥିବାରୁ ଚାଲାଣକାରୀ ଡ୍ରମ୍‌ରେ ଭରି ଟ୍ରକ୍ ଓ ଟ୍ୟାଙ୍କରରେ ତେଲ ଆଣୁଛନ୍ତି। ନେପାଳର ଶିଳ୍ପ ରାଜଧାନୀ କୁହାଯାଉଥିବା ବୀରଜଙ୍ଗ ନିକଟସ୍ଥ ରକ୍ସୋଲ ସୀମାରେ ଗୁରୁବାର ନେପାଳ ସୈନ୍ୟମାନେ ୧୩୬୦ ଲିଟର ପେଟ୍ରୋଲ ସହ ଏକ ଟ୍ୟାଙ୍କର ଜବତ କରି ୩ ଚାଲାଣକାରୀଙ୍କୁ ଗିରଫ କରିଥିଲେ। ଅନେକ ଲୋକ ଗାଡ଼ି ଧରି ନେପାଳକୁ ତେଲ ଭରିବାକୁ ଯାଉଛନ୍ତି। ଯିଏ ଭୟରେ ସେଠାକୁ ଯାଉନାହାନ୍ତି, ସେ ଏଠାକୁ ଆସୁଥିବା ତେଲ ଭରୁଛନ୍ତି। ନେପାଳ ଭାରତରୁ ତେଲ ନେଉଥିବାବେଳେ ଭାରତୀୟମାନେ ପଡ଼ୋଶୀ ଦେଶରୁ ପେଟ୍ରୋଲ କାହିକି ଆଣୁଛନ୍ତି? ଏହାର ସରଳ ଉତ୍ତର ହେଉଛି ଟିକସ। ଆମ ଦେଶରେ ତେଲ ଟିକସ ଅତି ଉଚ୍ଚ। କରୋନା ସମୟ ତୁଳନାରେ ବର୍ତ୍ତମାନ ତେଲ ଚାହିଦା ବଢ଼ିଛି। ଅନୁରୂପ ଭାବେ ଦର ମଧ ବୃଦ୍ଧି ଘଟିଛି। ଗତ ମାର୍ଚ୍ଚ ମଧ୍ୟଭାଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ପେଟ୍ରୋଲ ଲିଟର ୧୯.୭ ଟଙ୍କା ବଢ଼ିଥିବାବେଳେ ଡିଜେଲ ଉପରେ ୧୭.୪୧ ଟଙ୍କା ବୃଦ୍ଧି ଘଟିଛି। ଏହାର ଏକମାତ୍ର କାରଣ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଯୋଗାଣ ହ୍ରାସ ପାଇବା ଓ ସରକାରଙ୍କ ପକ୍ଷରୁ ଟିକସ ବୃଦ୍ଧି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବ୍ୟାରେଲ ପିଛା ୬୦ ଡଲାର ରହିଛି, ଯାହାକି ଗତ ଏପ୍ରିଲରେ ୨୦ ଡଲାର ଥିଲା। ତେଲ ଦର ବୃଦ୍ଧିର ପ୍ରଭାବ ଗ୍ରାମାଞ୍ଚଳ ତୁଳନାରେ ସହରୀ ଭାରତୀୟଙ୍କ ଉପରେ ଅଧିକ ପଡ଼ିଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି।



ତେଲ ଦର ବୃଦ୍ଧି ପ୍ରତିବାଦରେ ମଧ୍ୟପ୍ରଦେଶର ଜବଲପୁରରେ ଆୟୋଜିତ ଆକ୍ରୋଶ ରାଲି ବେଳେ କଂଗ୍ରେସ କର୍ମୀଙ୍କୁ ଘଉଡ଼ାଇବା ପାଇଁ ୱାଟର କ୍ୟାନନ୍ ପ୍ରୟୋଗ କରୁଛି ପୋଲିସ।

- ସୋମବାର ଓଡ଼ିଶାର ମାଲକାନଗିରି ଜିଲାସ୍ଥିତ କାଳିମେଳାରେ ପ୍ରିମିୟମ୍ ପେଟ୍ରୋଲ ୧୦୦.୨୬ ଟଙ୍କା ଛୁଇଁଥିବାବେଳେ ଡିଜେଲ ଲିଟର ପିଛା ୯୭.୧୪ ଟଙ୍କାରେ ପହଞ୍ଚିଥିଲା।
- ଭୁବନେଶ୍ୱରରେ ପେଟ୍ରୋଲ ୯୧.୬୬ ଓ ଡିଜେଲ ଲିଟର ୮୮.୬୩ ଟଙ୍କାରେ ବିକ୍ରି ହେଉଛି।
- ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲଲିଟରଯଥାକ୍ରମେ୯୭ଓ୮୮.୦୬ଟଙ୍କାରେପହଞ୍ଚିଛି।
- ଗତ ମାର୍ଚ୍ଚ ମଧ୍ୟଭାଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ପେଟ୍ରୋଲ ଲିଟର ୧୯.୭ ଟଙ୍କା ବଢ଼ିଥିବାବେଳେ ଡିଜେଲ ଉପରେ ୧୭.୪୧ ଟଙ୍କା ବୃଦ୍ଧି ଘଟିଛି।
- କେନ୍ଦ୍ର ସରକାର ବର୍ତ୍ତମାନ ପେଟୋଲ ଲିଟର ପିଛା ୩୨.୯୦ ଟଙ୍କା ଟ୍ୟାକ୍ସ ଅସୁଲ କରୁଥିବାବେଳେ ଡିଜେଲ ଉପରେ ୩୧.୮୦ ଟଙ୍କା ନେଉଛନ୍ତି।

## 'ମୋଦିଙ୍କ ପାଇଁ ଖରାପ ସମୟ ଆସୁଛି'

**କୋଲକାତା, ୨୪।୨**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଖରାପ ସମୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଅପେକ୍ଷା କରିଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର



କହିଛନ୍ତି। ତାଙ୍କ ପୁତୁରା ତଥା ଟିଏମ୍‌ସି ଏମ୍‌ପି ଅଭିଷେକ ବାନାର୍ଜୀଙ୍କ ସ୍ତ୍ରୀ ରୁଜିରାଙ୍କୁ ସିବିଆଇ ତଦନ୍ତରେ ସାମିଲ କରାଯାଇଥିବାରୁ ମମତା ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ପଶ୍ଚିମବଙ୍ଗର ହୁଗ୍‌ଲିଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ଅବସରରେ ତୃଣମୂଳ କଂଗ୍ରେସ ନେତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଶର ସବୁଠୁ ବଡ଼ ଦଙ୍ଗାବାଜ୍ ଓ ଦୈତ୍ୟ କହିଥିଲେ। ଗତବର୍ଷ ନଭେମ୍ବରରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ପରାଜିତ ହୋଇଥିଲେ। ଆଗାମୀ ଦିନରେ ମୋଦିଙ୍କ ପାଇଁ ଏହାଠାରୁ ଆହୁରି ଖରାପ ସମୟ ଅପେକ୍ଷା କରିଛି। ମମତା ଗୋଲ୍‌କିପର ହେବେ ଏବଂ ଭାଜପାକୁ ଗୋଟିଏ ବି ଗୋଲ୍ ସ୍କୋର କରିବାକୁ ଦେବେନାହିଁ ବୋଲି କହିଥିଲେ।

### ଟିଏମ୍‌ସିରେ ମନୋଜ ତିୱାରୀ

**ହୁଗ୍‌ଲି, ୨୪।୨ :** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ କ୍ରିକେଟର ମନୋଜ ତିୱାରୀ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାମିଲ ହୋଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ସେ ଦଳରେ ଯୋଗଦେଇଥିଲେ। ଭାଜପା ବିଭାଜନ ରାଜନୀତି ଚଳାଇଥିବାବେଳେ ମମତା ବାନାର୍ଜୀ ଲୋକଙ୍କୁ ଏକାଠି କରିବା ଲାଗି ଉଦ୍ୟମ ଚଳାଇଥିବା ମନୋଜ କହିଥିଲେ। ସେ



କୌଣସି ଅଞ୍ଚଳ ଭିତ୍ତିରେ ନୁହେଁ ବରଂ ଦେଶ ପାଇଁ କ୍ରିକେଟ ଖେଳୁଥିଲେ। ଆଜିଠାରୁ ଏକ ନୂଆ ଯାତ୍ରା ଆରମ୍ଭ ହେଲା ବୋଲି ସେ ଟୁଇଟ୍ କରିଛନ୍ତି।

### ଲାଲକିଲ୍ଲା ହିଂସା ଘଟଣା ୧୯ ଗିରଫ, ୨୫ ମାମଲା ରୁଜୁ

**ନୂଆଦିଲ୍ଲୀ, ୨୪।୨**

ଲାଲକିଲ୍ଲା ହିଂସା ଘଟଣାରେ ମୋଟ ୧୯ ଜଣଙ୍କୁ ଗିରଫ ସହ ୨୫ ମାମଲା ରୁଜୁ ହୋଇଛି ବୋଲି କେନ୍ଦ୍ର ସରକାର ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ପ୍ରାୟ ୫୦ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଆଡିସନାଲ ସଲିସିଟର ଜେନେରାଲ ଚେତନ ଶର୍ମା ଏବଂ କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ ଅଜୟ ଦିଗ୍‌ପଲ୍ କୋର୍ଟଙ୍କୁ କହିଛନ୍ତି। ଲାଲକିଲ୍ଲାର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ନେଇ ମଧ ନ୍ୟାୟାଳୟରେ ରିପୋର୍ଟ ଦାଖଲ ହୋଇଛି। ସର୍ବସାଧାରଣ ସ୍ଥାନରୁ ଆନ୍ଦୋଳନ ହଟାଇବା ଏବଂ ହିଂସାକାଣ୍ଡବେଳେ ଦାୟିତ୍ୱରେ ଅବହେଳା ପାଇଁ ଦିଲ୍ଲୀ ପୋଲିସ କମିଶନରଙ୍କୁ ପଦବୀରୁ ବରଖାସ୍ତ କରିବା ନିମନ୍ତେ ଏକ ପିଟିଶନ ଦାଖଲ ହୋଇଥିଲା।

## ଜବାବ ଅପେକ୍ଷାରେ ତୋମାର

**ନୂଆଦିଲ୍ଲୀ, ୨୪।୨(ପି.ଟି.)**

### ଚାଷୀଙ୍କ ସହ ଆଲୋଚନା ପାଇଁ ସରକାର ପ୍ରସ୍ତୁତ



ନରେନ୍ଦ୍ର ସିଂ ତୋମାର

ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀମାନଙ୍କ ସହ ଆଲୋଚନା ପୁନର୍ବାର ଆରମ୍ଭ କରିବା ଲାଗି ସରକାର ପ୍ରସ୍ତୁତ ଅଛନ୍ତି। ତେବେ ସରକାର ଦେଇଥିବା ପ୍ରସ୍ତାବ ଉପରେ ସେମାନଙ୍କଠାରୁ ଜବାବ ମିଳିବା ଆବଶ୍ୟକ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ବୁଧବାର କହିଛନ୍ତି। ଏହି ଆଇନକୁ ଦେଢ଼ବର୍ଷ ସ୍ଥଗିତ ରଖିବା ଏବଂ ଯୁଗ୍ମ କମିଟି ଜରିଆରେ ମତପାର୍ଥକ୍ୟ ଦୂର କରିବା ଲାଗି ସରକାର ପୂର୍ବରୁ କୃଷକ ସଂଗଠନଗୁଡ଼ିକୁ ପ୍ରସ୍ତାବ ଦେଇଥିଲେ।

ଦିଲ୍ଲୀ ସୀମାରେ ୩ ମାସ ହେଲା କୃଷକମାନେ ଆନ୍ଦୋଳନ ଚଳାଇଥିବାବେଳେ ସରକାରଙ୍କ ସହ ୧୧ ଥର ଆଲୋଚନା ହୋଇଛି। ଶେଷ ଥର ଜାନୁୟାରୀ ୨୨ରେ ସରକାର ଓ କୃଷକ ନେତାଙ୍କ ମଧ୍ୟରେ ବୈଠକ ବସିଥିଲା। ଚାଷୀମାନେ ୩ ବିବାଦୀୟ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଅଡ଼ିବସିଥିବାରୁ ଅଚଳାବସ୍ଥାର ସମାଧାନ ହୋଇପାରି ନ ଥିଲା। ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ହିଂସାକାଣ୍ଡ ପରେ ଆଲୋଚନା ବନ୍ଦ ରହିଥିଲା। କୃଷି ଆଇନ ପ୍ରତ୍ୟାହାର ନ ହେଲେ ୪୦ ଲକ୍ଷ ଟ୍ରାକ୍ଟର ନେଇ ପାର୍ଲାମେଣ୍ଟ ଘେରାଉ କରାଯିବ ବୋଲି ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାୟତ ମଙ୍ଗଳବାର ଚେତାବନୀ ଦେବା ପରେ ତୋମାର ଉପରୋକ୍ତ ସୂଚନା ଦେଇଛନ୍ତି।




ମହାରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ମୁମ୍ବାଇସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍‌ରେ ପ୍ଲାଟ୍‌ଫର୍ମକୁ ସାନିଟାଇଜ କରାଯାଉଛି।

## ନିଜ ସମ୍ପତ୍ତି ବାପାଙ୍କ ପରିବାରକୁ ଦେଇପାରିବେ ହିନ୍ଦୁ ମହିଳା

**ନୂଆଦିଲ୍ଲୀ, ୨୪।୨**

ମହିଳାଙ୍କ ସମ୍ପତ୍ତି ମାମଲାରେ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ହିନ୍ଦୁ ମହିଳାଙ୍କ ବାପଘର ପରିବାର ସଦସ୍ୟଙ୍କୁ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ବିବେଚନା କରାଯାଇପାରିବ। ସେମାନଙ୍କୁ ବାହାର ଲୋକ ଭାବେ ଦେଖାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ହିନ୍ଦୁ ଉତ୍ତରାଧିକାର ଆଇନ, ୧୯୫୬ର ଧାରା ୧୫.୧.ଡି ଅନୁଯାୟୀ ମହିଳାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ତାଙ୍କ ବାପାଙ୍କ ପରିବାର ସଦସ୍ୟ ହୋଇପାରିବେ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଆର୍. ସୁଭାଷ ରେଡ୍ଡୀଙ୍କ ଖଣ୍ଡପୀଠ କହିଛନ୍ତି। ଏହି ଆଇନର ଧାରା ୧୩.୧.ଡିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି, ମହିଳାଙ୍କ ବାପାଙ୍କ ଉତ୍ତରାଧିକାରୀ ତାଙ୍କ ଉତ୍ତରାଧିକାରୀ



ବିବେଚିତ ହୋଇପାରିବେ ଓ ସମ୍ପତ୍ତି ନେଇପାରିବେ। ଜଗ୍‌ନୋ ନାମ୍ନୀ ମହିଳାଙ୍କ ସ୍ୱାମୀ ଶେର୍ ସିଂଙ୍କର ୧୯୫୩ରେ ମୃତ୍ୟୁ ହୋଇଥିଲା। ଜଗ୍‌ନୋଙ୍କର କେହି ପିଲା ନ ଥିଲେ। ତେଣୁ ଉତ୍ତରାଧିକାର ଆଇନର ଧାରା ୧୪ ଅନୁଯାୟୀ ସେ ସ୍ୱାମୀଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥିଲେ। ଜଗ୍‌ନୋ ଉକ୍ତ ସମ୍ପତ୍ତିକୁ ତାଙ୍କ ଭାଇଙ୍କ ପୁଅ ନାଁରେ କରିଦେଇଥିଲେ। ୧୯୯୧ରେ ଭାଇଙ୍କ ପୁଅ ଗୁରଗାଁଓ ସବ୍‌ଜଜ୍‌ଙ୍କ କୋର୍ଟରେ ସିଭିଲ୍ ସୁଟ୍ କରି ଉକ୍ତ ସମ୍ପତ୍ତି ଉପରେ ଡିକ୍ରି ହାସଲ କରିଥିଲେ। ତେବେ ଶେର୍ ସିଂଙ୍କ ଭାଇମାନେ ଏହାର ପ୍ରତିବାଦ କରିବା ସହ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଳକୋର୍ଟ, ଜିଲା ଅଦାଲତ ଓ ହାଇକୋର୍ଟ ଆବେଦନ ଖାରଜ କରିଦେବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବାପାଙ୍କ ପରିବାର ମହିଳାଙ୍କ ଅପରିଚିତ ନୁହନ୍ତି। ସେମାନେ ମଧ ପରିବାରର ଅଂଶ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ଲୁହାପଥର ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ୨୨୦ନଂ. ଜାତୀୟ ରାଜପଥର ଜିଲଡୁଙ୍ଗୁରି ଛକ ନିକଟରୁ ପୋଲିସ ଏକ ଲୁହାପଥର ବୋଝେଇ ଟ୍ରେଲର ଜବତ କରିଛି। ଏହି ଗାଡ଼ିରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ବେଆଇନ ଲୁହାପଥର ଚାଲାଣ ହେଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୯/୨୧) ରୁଜୁ କରି ଗାଡ଼ି ଚାଳକ ଉତ୍ତରପ୍ରଦେଶର ମହମ୍ମଦ ରେଜୁନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର
- ବିଶ୍ୱଶାନ୍ତି ମହାଯଜ୍ଞ। ସ୍ଥାନ: ଭୋଗରାଇ ବ୍ଲକ ଦାରୁହାଁ ଗ୍ରାମ। ସମୟ: ଭୋର ୫ଟା।

ଭଦ୍ରକ
- ଚକ୍ଷୁ ଚିକିତ୍ସା ଶିବିର। ସ୍ଥାନ: ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ, କାଳୀପଡ଼ିଆ। ସମୟ: ସକାଳ ୯ଟା।

ମୟୂରଭଞ୍ଜ
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ। ସ୍ଥାନ-ବେତନଟୀ ବ୍ଲକ ପଣ୍ଡୁଗଡ଼ିଆ ସାଂସ୍କୃତିକ ସଂଘ,ସମୟ: ପୂର୍ବାହ୍ନ ୯ଟା।

# କଡ଼ାକଡ଼ି ହେବ କୋଭିଡ୍ କଟକଣା

ବାରିପଦା ଅଫିସ,୨୪।୨

ପୁନର୍ବାର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ ଲାଗି ଜିଲାପାଳ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏ ନେଇ ଜିଲାର ଏସ୍‌ପି, ସମସ୍ତ ଉପଜିଲାପାଳ ଏବଂ ତହସିଲଦାରଙ୍କୁ କୋଭିଡ୍ କଟକଣାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ଅନ୍ୟାନ୍ୟ ନିୟମ ଉପରେ ସତର୍କ ଦୃଷ୍ଟି ଦେବାକୁ କୁହାଯାଇଛି। ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର ଆଦି ସ୍ଥାନରେ ଗହଳିକୁ ଏଡ଼ାଇବା ପାଇଁ ନଜର ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦିରେ ମଧ୍ୟ କୋଭିଡ୍ କଟକଣାକୁ ପାଳନ କରିବାକୁ କୁହାଯାଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ କେବଳ ପାଠପଢ଼ା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ କରିବା ଉପରେ କଟକଣା ଲଗାଯାଇଛି। ଅଙ୍ଗନୱାଡି କେନ୍ଦ୍ରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ସ୍ୱଚ୍ଛତା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା, ହାତ ଧୋଇବା, ଥର୍ମାଲ ସ୍କାନିଂ ଭଳି ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଏନେଇ କାର୍ଯ୍ୟ କରିବାକୁ କୁହାଯାଇଛି। ମଙ୍ଗଳବାର ଜିଲାରୁ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪,୧୬୬ରେ ପହଞ୍ଚିଛି। ଜିଲାରେ ୯୨ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

## ଅଭାବୀ ଧାନ ବିକ୍ରି ନେଇ ରାସ୍ତାରୋକୋ



ମିତ୍ରପୁରରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ସଜନାଗଡ଼, ୨୪।୨(ଡି.ଏନ.ଏ.)

ନୀଳଗିରି ବ୍ଲକ ମିତ୍ରପୁର ସେବା ସମବାୟ ସମିତିରେ ଅଭାବୀ ଧାନ ବିକ୍ରିକୁ ନେଇ ବୁଧବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମିତ୍ରପୁର ଛକରେ ଧାନବସ୍ତା ପକାଇ ଶତାଧିକ ଚାଷୀ ଧାରଣାରେ ବସିଥିଲେ। ରାଜ୍ୟ ସରକାର ଟୋକନଧାରୀଙ୍କଠାରୁ ଠିକ୍ ସମୟରେ ଧାନ କ୍ରୟ ନ କରିବାରୁ ଚାଷୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଫଳରେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇଛନ୍ତି । ତହସିଲଦାର ଅଶେଷ ନାୟକ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ପଣ୍ଡା, ଗତିକୃଷ୍ଣ ନନ୍ଦ, ପୂର୍ଣ୍ଣଚନ୍ଦ୍ର ସ, ଲମ୍ବୋଦର ଦାସ, ରଜନୀକାନ୍ତ ବେହେରା, ଲକ୍ଷ୍ମଣ ଦାସ, ଯତିନ୍ଦ୍ର ବେହେରା, ଚିତ୍ତରଞ୍ଜନ ବେହେରା, କରୁଣାକର ବାରିକ, ସତ୍ୟପ୍ରକାଶ ରାଉଳଙ୍କ ସମେତ ବହୁ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

## ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ନେଇ ସମୟ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ସୁପାରିସ୍

ସୋର, ୨୪।୨(ଡି.ଏନ୍.ଏ.): ସୋର ମ୍ୟୁନିସିପାଲିଟି ଅଧୀନ ଷ୍ଟେଶନ ନିକଟ ରେଲୱେ ମାଲିକାନାରେ ଥିବା କାଳିପଡିଆ ଆଦିବାସୀ ବସ୍ତି ଜାଗାରେ ୩୫ ପରିବାର ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଥିବା ବେଳେ ଗତ ୩ତାରିଖରେ ଖଡଗପୁର ଡିଭିଜନ୍ ପକ୍ଷରୁ ନୂତନ ଗୃହ ନିର୍ମାଣ ପାଇଁ ୧୫ ଦିନ ମଧ୍ୟରେ ଉଚ୍ଛେଦ ନେଇ ନୋଟିସ୍ ଜାରି କରାଯାଇଛି। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ମ୍ୟୁନିସିପାଲିଟି ଜରିଆରେ ଏହି ବସ୍ତିବାସିନ୍ଦାଙ୍କୁ ଭୂମିହୀନ ଭାବେ ଚିହ୍ନଟ କରାଯାଇ ପ୍ରମାଣପତ୍ର ଦିଆଯିବା ସହ ବସୁନ୍ଧରା ଯୋଜନାରେ ଜମିପଟ୍ଟା ଦିଆଯିବାକୁ ଲିଖିତ ସୂଚନା ଦିଆଯାଇଛି। ରେଲୱେ ପକ୍ଷରୁ ତୁରନ୍ତ ବସ୍ତି ଉଚ୍ଛେଦ କରାଗଲେ ଏହି ଜନଜାତି ସମ୍ପ୍ରଦାୟର ପରିବାର ବେସାହାରା ହୋଇଯିବେ। ଭାଜପା ନେତା ରାକେଶ ମଲ୍ଲିକ ବସ୍ତିବାସିନ୍ଦାଙ୍କୁ ନେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଭେଟି ଜମି ପଟ୍ଟା ପାଇବା ପରେ ସ୍ଥାନାନ୍ତରିତ ହେବାକୁ ୬ମାସ ସମୟ ଦେବାକୁ ଅନୁରୋଧ କରିଥିଲେ। ବସ୍ତିବାସିନ୍ଦାଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ମନ୍ତ୍ରୀ ଷଡଙ୍ଗୀ ରେଳ ବିଭାଗ ଖଡଗପୁର ଡିଭିଜନାଲ ମ୍ୟାନେଜରଙ୍କୁ ଲିଖିତ ଭାବେ ସୂଚନା ଦେଇଛନ୍ତି।

## ଧାନ କିଣିବା ଲାଗି ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଚାଷୀ।

ବାଲେଶ୍ୱର ଅଫିସ,୨୪।୨

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବଡ଼ପାଳ ସେବା ସମବାୟ ଅଧିନସ୍ଥ ବଡ଼ପାଳ, କଲ୍ୟାଣପୁର ଓ ମନ୍ଦାରପୁର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷୀମାନେ ବୁଧବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଫିସ୍‌ରେ ପହଞ୍ଚି ଟୋକନଧାରୀଙ୍କଠାରୁ ନିର୍ଦ୍ଧାରିତ ଧାନ କିଣିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅଫିସ୍ ସମ୍ମୁଖରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

ବଡ଼ପାଳ ସେବା ସମବାୟ ସମିତି ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମୋଟ୍ ୮୨୮ ଜଣ ଚାଷୀ ଧାନ ବିକ୍ରି କରିବା ନିମନ୍ତେ ଅନଲାଇନ୍ ଆବେଦନ କରିଥିବା ବେଳେ ସେଥିରୁ ୭୦୯ଜଣ ଚାଷୀଙ୍କୁ ଟୋକନ ମିଳିଛି। ଯାହାର ପରିମାଣ ୨୭୦୦୦ କୁଇଣ୍ଟାଲ ଅଟେ। ମାତ୍ର ବର୍ତ୍ତମାନ ସୁଦ୍ଧା ୪୪୯ ଜଣ ଚାଷୀଙ୍କଠାରୁ ମୋଟ୍ ୧୫୦୦୨ କୁଇଣ୍ଟାଲ ଧାନ କିଣାଯାଇଛି। ଟୋକନ ପାଇଥିବା ଚାଷୀମାନଙ୍କ ମଧ୍ୟରୁ ବାକିଥିବା ୨୬୦ଜଣ ଚାଷୀଙ୍କଠାରୁ ୧୨ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଚାଷୀଙ୍କର ଟୋକନ ଅବଧି ପୂରଣ ହେବାକୁ ଗଲାଣି, ମାତ୍ର ଟାର୍ଗେଟ୍ ନ ଥିବାରୁ ମିଲରମାନେ ଧାନ କିଣିପାରୁ ନାହାନ୍ତି। ଯଦ୍ୱାରା ସୋସାଇଟିରୁ ଋଣ କରିଥିବା ଚାଷୀମାନେ ଋଣ ପରିଶୋଧ କରିପାରୁନାହାନ୍ତି। ଦାବିପତ୍ର ପ୍ରଦାନ ବେଳେ ହରେକୃଷ୍ଣ ପଣ୍ଡା, ପରମାନନ୍ଦ ବାରିକ, ନିରଞ୍ଜନ ବେହେରା, ମନୋଜ କୁମାର ମହାନ୍ତି ଓ ସ୍ନେହଲତା ପଣ୍ଡା ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

## ଡଙ୍ଗାରୁ ଖସି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ବାହାନଗା, ୨୪।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ମାଝିସାହିର ଜଣେ ମତ୍ସ୍ୟଜୀବୀ ଯନ୍ତ୍ରଚାଳିତ ଡଙ୍ଗାରୁ ସମୁଦ୍ରକୁ ଖସି ପଡିଥିଲେ। ଦୁଇଦିନ ପରେ ସମୁଦ୍ରରୁ ତାଙ୍କ ମୃତଦେହ ଜବତ କରାଯାଇଛି। ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ମାଝିସାହିର ରଙ୍ଗଲାଲ ମାଝି(୪୦) ସୋମବାର ସମୁଦ୍ରକୁ ମାଛ ଧରିବା ପାଇଁ ଘରୁ ବାହାରିଯାଇଥିଲେ। ସେ ଡଙ୍ଗା କଡରେ ବସି ଜାଲ ବିଛାଉଥିବା ବେଳେ ଖସିପଡିଥିଲେ। ଅନ୍ୟ ସାଥିମାନେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ବୁଧବାର ଅନ୍ୟ ମତ୍ସ୍ୟଜୀବୀମାନେ ଜାଲ ପକାଉଥିବା ବେଳେ ରଙ୍ଗଲାଲ୍‌ଙ୍କ ମୃତଦେହ ଭାସି ଜାଲରେ ଲାଗିବାରୁ ସେମାନେ ପାଣିରୁ ବାହାର କରି ତାଙ୍କ ପରିବାରକୁ ଖବର ଦେଇଥିଲେ।

## ପୋଲ ତଳକୁ ଖସିଲା ୨ ବାଇକ

**ଜଣେ ମୃତ, ଜଣେ ଗୁରୁତର**

ସଜନାଗଡ଼, ୨୪।୨(ଡି.ଏନ.ଏ.)

ନୀଳଗିରି ଥାନା ଅଧୀନ ବଉଳଗଡ଼ିଆ ରାସ୍ତା ଜୁରିଆପାଟଣା ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ସେହିପରି ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଟ୍ରାକ୍ଟର ଫେରାର ହୋଇଯାଇଛି।

ନୀଳଗିରି ଥାନା ଅଧୀନ ପଞ୍ଚଲିଙ୍ଗେଶ୍ୱର ନୀଳଗିରି ରାସ୍ତା ଜୁରିଆପାଟଣା ଛକରେ ଏହି ଦୁର୍ଘଟଣା ଘଟିଛି। ନୀଳଗିରି ଏନ୍‌ଏସି ଅଧୀନ ବାଲିଗୋହିରୀ ଅଞ୍ଚଳର ଅଭିଷେକ ରାଉତ, ବରିସାହି ଗ୍ରାମର ମନୀଷ ସ୍ୱାଇଁ, ବିମ୍ବୁରିଆ ଗ୍ରାମର ବିଶ୍ୱଜିତ ମହାପାତ୍ର ଓ କଟକ ଅଞ୍ଚଳର ବିଶ୍ୱଜିତ ସାମଲ ୨ଟି ପୃଥକ୍ ବାଇକରେ ବଉଳଗଡ଼ିଆ ଆଡୁ ନୀଳଗିରିକୁ ଆସୁଥିଲେ। ଶ୍ୟାମସୁନ୍ଦରପୁର ନିକଟ ଜୁରିଆପାଟଣା ଛକ ନିକଟରେ ହଠାତ୍ ଏକ ମାଟି ବୋଝେଇ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା। ଅଭିଷେକ ଓ ମନୀଷଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ଅଭିଷେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଦମ୍ପତି କୋଭିଡ୍ ସଂକ୍ରମିତ

ପାଟଣା ,୨୪।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡା ବ୍ଲକ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଏକ ଗ୍ରାମର ଦମ୍ପତିଙ୍କର ଦ୍ୱିତୀୟ ୱେଭ୍‌ରେ କୋଭିଡ ପଜିଟିଭ ଚିହ୍ନଟ ହୋଇଛି। ଉଭୟ ମୁମ୍ବାଇରେ ଚାକିରୀ କରୁଥିବା ବେଳେ ଗତ ଶୁକ୍ରବାର ଘରକୁ ଫେରିଥିଲେ। ଉଭୟ ହୋମ ଆଇସୋଲେଶନରେ ଥିବା ବେଳେ ବୁଧବାର ଉଭୟଙ୍କର ଆରଟିପିସିଆର ଟେଷ୍ଟ କରାଯାଇଥିଲା।

## ବାଲେଶ୍ୱରରେ ଖୋଲିଲା ଯୋଗାଭ୍ୟାସ କେନ୍ଦ୍ର

ବାଲେଶ୍ୱର ଅଫିସ, ୨୪।୨

ବାଲେଶ୍ୱର ସହରସ୍ଥିତ ପରମିଟ୍ ପଡ଼ିଆ ପରିସରରେ ଆୟୁଷ ନିର୍ଦ୍ଦେଶାଳୟ ତଥା ଜିଲା ହୋମିଓପ୍ୟାଥିକ ଚିକିତ୍ସାଧିକାରୀଙ୍କ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଯୋଗାଭ୍ୟାସ କେନ୍ଦ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଯୋଗ ଶିବିର ପ୍ରତ୍ୟେକ ପୂର୍ବାହ୍ନ ୭ରୁ ୯ଟା ପର୍ଯ୍ୟନ୍ତ ନିଶୁଳ୍କ ଯୋଗ ଶିକ୍ଷା ହେବ ବୋଲି ସୂଚନା ମିଳିଛି।

ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ଆୟୁଷ ମିଶନ ଆର୍ଥିକ ସହାୟତାର ଆୟୁଷ୍ମାନ ପ୍ରକଳ୍ପ ଅଧୀନ ବାଲେଶ୍ୱର ସଦର ମହକୁମାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ହୋମିଓପ୍ୟାଥିକ ଚିକିତ୍ସାଧିକାରୀ ଡା. ନନ୍ଦକିଶୋର ଭୂୟାଁ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ମୁଖ୍ୟବକ୍ତା, ଜିଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ଧଳ, ଡିପିଏମ୍ ଅନୀଲ କୁମାର ମହାନ୍ତି, ଜିଲା କ୍ରୀଡ଼ା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଅଧିପ କୁମାର ଦାସ, ସମ୍ପାଦକ ଅଭୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ମାନବ ସମାଜ ସୁସ୍ଥ ଜୀବନଯାପନ କରିବା ପାଇଁ ଯୋଗ ଓ ପ୍ରାଣାୟମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟାଳୟ ଉପବିଭାଗୀୟ ଅଧିକାରୀ ହିମାଂଶୁ ଶେଖର ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଜଳୁଛି ଅଟେଇ ସଂରକ୍ଷିତ ଜଙ୍ଗଲ

ପାଟଣା, ୨୪।୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ତଣ୍ଡ ବିଟ ଅନ୍ତର୍ଗତ ସଡ଼ଙ୍ଗ ବାହାଳୀ ଓ ରୋହଣୀ ଦୁମା ଗ୍ରାମ ନିକଟ ଜଙ୍ଗଲରେ ବୁଧବାର କେହି ଦୁର୍ବୃତ୍ତ ନିଆଁ ଲଗାଇଦେବାରୁ ଶାଗୁଆନ ଜଙ୍ଗଲ ଜଳୁଛି। ଜଙ୍ଗଲରେ ନିଆଁ ଲାଗିଥିବାରୁ ଜଙ୍ଗଲ ନିକଟରେ ଥିବା ୫୦ ରୁ ଊର୍ଦ୍ଧ୍ୱ ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ କିମ୍ବା ବନ ବିଭାଗ ପହଞ୍ଚି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ଆଇଆଇଏଲ୍‌ର ନୂତନ ଅତିରିକ୍ତ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜଳେଶ୍ୱର, ୨୪।୨(ଡି.ଏନ.ଏ.)

ବାର୍‌କାଉନସିଲଅଫ୍‌ଇଣ୍ଡିଆ(ବିସିଆଇ)ର ଅନୁମୋଦନକ୍ରମେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଲ(ଆଇଆଇଏଲ୍) ପାଇଁ ଓଡ଼ିଶାରେ ବିସିଆଇ ଓ କିଟ୍‌ର ମିଳିତ ପ୍ରୟାସରେ ଆରମ୍ଭ ହୋଇଛି ଗୁଣାତ୍ମକ ନିରନ୍ତର ଆଇନ ଶିକ୍ଷା । ଏହି ଟ୍ରଷ୍ଟକୁ ଓଡ଼ିଶାରୁ ଆଇନଜୀବୀ ଅନୀଲ କୁମାର ପରିଡ଼ାଙ୍କୁ ଅତିରିକ୍ତ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ନୂତନ ଅତିରିକ୍ତ ସମ୍ପାଦକ ପରିଡାଙ୍କୁ ବାଲେଶ୍ୱର ଜିଲା ଜଳେଶ୍ୱର ବାର୍ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

ଜଳେଶ୍ୱର ବାର୍ ଉପସଭାପତି ଫରିଦ୍ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜଳେଶ୍ୱର କୋର୍ଟ ସବ୍‌ଜଜ୍ ଇନ୍ଦିରା ପ୍ରିୟଦର୍ଶନୀ ଯୋଗଦେଇ ସମସ୍ତ ବୃତ୍ତିରେ ନିରନ୍ତର ଶିକ୍ଷାର ଗୁରୁତ୍ୱ ରହିଥିବାରୁ ନିରନ୍ତର ଆଇନଶିକ୍ଷା ଆଇନ ଚିନ୍ତା ଚେତନାରେ ଏକ ମାଇଲଖୁଣ୍ଟ ସୃଷ୍ଟି କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ମୁନ୍‌ସଫ ପାର୍ଥ ପ୍ରତୀକ, ଆଇନ୍‌ଜୀବୀ ସତ୍ୟସୁନ୍ଦର ଦାସ, ଚିନ୍ମୟ କୁମାର ଦାସ, ଅବଧୁତ ଜେନା, ମଦନମୋହନ ରାଉଳ, ପୁରଞ୍ଜୟ ଦାସ, କୁଞ୍ଜବିହାରୀ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଜଳେଶ୍ୱର ବାର୍ ରାଜ୍ୟରେ ଏକ ଇତିହାସ ସୃଷ୍ଟି କରିବ ବୋଲି କହିଥିଲେ । ଜଳେଶ୍ୱର ବାର୍ ସଭାପତି ତଥା ଆଇଆଇଏଲ୍‌ର ଅତିରିକ୍ତ ସମ୍ପାଦକ ଅନୀଲ କୁମାର ପରିଡ଼ା ଟ୍ରଷ୍ଟ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହ ଆଗାମୀ ଦିନରେ ନିଷ୍ଠାର ସହିତ ଦାୟିତ୍ୱ ତୁଲାଇବେ ବୋଲି କହିଥିଲେ। ବାର୍ ସମ୍ପାଦକ ଦେବକାନ୍ତ କାସ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବ୍ୟୋମକେଶ ମଣ୍ଡଳଙ୍କ ସହିତ ବହୁ ଆଇନ୍‌ଜୀବୀ, ମୋହରିର ଓ କର୍ମଚାରୀ ଯୋଗ ଦେଇଥିଲେ ।

## ଟିକାଦାନରେ ବିଳମ୍ବ ନେଇ ଉତ୍ତେଜନା

ରୂପ୍‌ସା, ୨୪।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଉଇଟିକିରି ଅଙ୍ଗନୱାଡ଼ି କେନ୍ଦ୍ରରେ ଟିକାଦାନରେ ବିଳମ୍ବ ନେଇ ଅସନ୍ତୋଷ ଦେଖାଦେଇଛି। ପୋଲିଓ ସହିତ ବିଭିନ୍ନ ଟିକା ନେବାରୁ ବଞ୍ଚିତ ଥିବା ଜନ୍ମରୁ ୫ବର୍ଷ ବୟସର ପିଲାମାନଙ୍କ ପାଇଁ ବୁଧବାର ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟବିଭାଗ ତରଫରୁ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପୋଲିଓ ସହିତ ମୋଟ୍ ୧୧ ପ୍ରକାର ଟିକା ନେବା ପାଇଁ ଶ୍ରୀରାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଛୋଟ ଛୋଟ ପିଲାଙ୍କୁ ନେଇ ଲୋକମାନେ ଆସିଥିଲେ। ମାତ୍ର ସ୍ଥାନୀୟ ଏଏନ୍‌ଏମ୍ କୌଣସି କାରଣରୁ ବିଳମ୍ବରେ ପହଞ୍ଚିବାରୁ ଅଶାନ୍ତି ଦେଖାଦେଇଥିଲା। ଏ ସମ୍ପର୍କରେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ବିନୟ ଦାସ ମହାପାତ୍ରଙ୍କୁ ପଚରାଯିବାରୁ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## 'ଟେକ୍ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର ବାଣିଜ୍ୟ ବୃଦ୍ଧିରେ ସହାୟକ ହେବ'

ବାଲେଶ୍ୱର ଅଫିସ, ୨୪।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ କିଟ୍-ଟିବିଆଇ ଏବଂ ଷ୍ଟାର୍ଟ ଅପ୍ ଓଡ଼ିଶା ସହବନ୍ଧନରେ ହେଉଥିବା 'ବ୍ରିଓଇଙ୍ଗ ଏଣ୍ଟରପ୍ରେନ୍ୟୁରଶିପ୍' କାର୍ଯ୍ୟକ୍ରମକୁ ବୁଧବାର କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଏଣ୍ଟରପ୍ରେନ୍ୟୁରଶିପ୍‌ର ଉନ୍ନୟନ ସାମ୍ପ୍ରତିକ ସମୟରେ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧିରେ ବିଶ୍ୱ ଦ୍ରୁତ ଗତିରେ ଆଗେଇ ଚାଲିଛି। ତା ସହିତ ଯାନ୍ତ୍ରିକ ଜ୍ଞାନକୌଶଳ ଲୋକମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିଛି। ସୂଚନା ଏବେ ସମସ୍ତଙ୍କ ହାତ ପାହାନ୍ତାରେ। ବିଦ୍ୟାର୍ଥୀମାନଙ୍କର ସମସ୍ତ ଇଚ୍ଛା, ଅଭିଳାଷ ସବୁ ପୂରଣ ହେବା ଆବଶ୍ୟକ। ସମସ୍ତଙ୍କର ରୋଜଗାର ଆବଶ୍ୟକ ଥିବାବେଳେ ସେହି ହାରରେ ନିଯୁକ୍ତି ସୃଷ୍ଟି ହେଉନାହିଁ। ତେଣୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚାକିରି ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଏଭଳି ସ୍ଥିତିରେ ସମସ୍ତେ ରିସ୍କ ନେଇ ନୂତନ ପଥ ପ୍ରଦର୍ଶନ କରିବା ଉଚିତ। ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକ ଏଣ୍ଟରପ୍ରେନ୍ୟୁରଶିପ୍ ଉନ୍ନତ ପ୍ରଦର୍ଶନ କରିବାର ଠିକ୍ ସ୍ଥାନ। ଖୁବ୍‌ଶୀଘ୍ର ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର (ଟିବିଆଇ) ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ହେବ। ସେଥିପାଇଁ ଷ୍ଟାର୍ଟ ଅପ୍ ଓଡ଼ିଶା ଓ କିଟ୍ -ଟିବିଆଇର ସହଭାଗିତା ମାଧ୍ୟମରେ ଅଗ୍ରସର ହେବ ବୋଲି ସେ ମତ ଦେଇଛନ୍ତି।

କିଟ୍-ଟିବିଆଇର ସିଇଓ ଡ. ମୃତ୍ୟୁଞ୍ଜୟ ସୁଅର, ଷ୍ଟାର୍ଟ ଅପ୍ ଓଡ଼ିଶାର ପ୍ରଶାନ୍ତ ବିଶ୍ୱାଳ, ଷ୍ଟାର୍ଟ ଅପ୍ କମ୍ପାନୀର ସହପ୍ରତିଷ୍ଠାତା ଡ. ମୃତ୍ୟୁଞ୍ଜୟ ସାହୁ, ଇନ୍‌ଚାର୍ଜ ପ୍ଲେସ୍‌ମେଣ୍ଟ ସେଲ୍ ଡ. ପଦ୍ମଲିତା ରାଉତରାୟ ପ୍ରମୁଖ ଯୋଗଦେଇ କିଟ୍-ଟିବିଆଇ ନିଜର ଅନୁଭୂତିକୁ ଆଧାର କରି ସାରା ରାଜ୍ୟରେ ଏଣ୍ଟରପ୍ରେନ୍ୟୁରଶିପ୍‌କୁ ପ୍ରୋତ୍ସାହନ କରିବାରେ ସାହଯ୍ୟ କରିବ ବୋଲି ପ୍ରକାଶ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଭଦ୍ରକ ଅଫିସ,୨୪।୨: ଭଦ୍ରକ ବଙ୍କସାହିର ସୁନ୍ଦଲତା ପ୍ରଧାନ(୯୨)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ



ଜଣେ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ କୃଷ୍ଣ ମୋହନ ଓ ବିଶ୍ୱରଞ୍ଜନ, ଝିଅ ସୁଷମାଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ। ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବହୁ ରାଜନେତା ପ୍ରମୁଖ ଆସି ଶେଷଦର୍ଶନ କରିଥିଲେ।

## ଅତିଥିଙ୍କୁ ୨ହଜାର ଚାରା ବାଣ୍ଟିଲେ ନବଦମ୍ପତି

**ବିବାହ ଉତ୍ସବରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା**

ସିମୁଳିଆ, ୨୪।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଚାଲୁଣୀଗାଁ ଅଞ୍ଚଳରେ ଏକ ନିଆରା ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଉଭୟ ବରକନ୍ୟା। ଭୋଜିରେ ଯୋଗଦେଇଥିବା ଅତିଥିଙ୍କୁ ନବଦମ୍ପତି ଆମ୍ବ, ପଣସ, ଲିଚୁ, ସପେଟା ଆଦି ୨ହଜାର ଫଳ ଚାରା ବଣ୍ଟନ କରିଥିଲେ। ସେହିପରି କନ୍ୟା ଶୁଭଲକ୍ଷ୍ମୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଉପରେ ରଚିତ ପୁସ୍ତକ 'ସ୍ମୃତି ପୁଲକ' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଉତ୍ସବରେ ମିଳିଥିବା ସମସ୍ତ ଉପହାରକୁ ସେ ବୃଦ୍ଧାଶ୍ରମକୁ ଦାନ କରିବେ ବୋଲି ଶୁଭଲକ୍ଷ୍ମୀ ଘୋଷଣା କରିଥିଲେ। ସ୍ଥାନୀୟ ଅଞ୍ଚଳର 'ବାପୁଜୀ ଯୁବ ପରିଷଦ'ର ୪୦ଜଣ କର୍ମକର୍ତ୍ତା ସହଯୋଗୀ ଥିଲେ । ଯୁବ ପରିଷଦର ସଦସ୍ୟ ତଥା ଶିକ୍ଷକ ନରୋତ୍ତମ ଦାଶ କହନ୍ତି ଏହି ବିବାହ ଆମ ଅଞ୍ଚଳ ଓ ସମାଜ ପାଇଁ ଆଦର୍ଶ ।



ଚାରା ଧରିଛନ୍ତି ନବଦମ୍ପତି।

ସରୋଜ ହାଇଦ୍ରାବାଦରେ ବ୍ୟବସାୟ କରନ୍ତି। ଶୁଭଲକ୍ଷ୍ମୀ ଜଣେ ଉଚ୍ଚ ଶିକ୍ଷିତା। ଗତ ୨୦୧୯ରେ ସେ ଅନ୍ତପୁର କଲେଜରେ ଓଡ଼ିଆ ସମ୍ମାନରେ ଟପ୍ପର ହୋଇ ସମ୍ମାନିତ ମଧ୍ୟ ହୋଇଥିଲେ। ଏହାବ୍ୟତୀତ ସେ ଲେଖାଲେଖି ମଧ୍ୟ କରନ୍ତି। ଏବେ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ପିଜି କରୁଛନ୍ତି। ତେବେ ପତ୍ନୀଙ୍କୁ ସମ୍ମାନ ଜଣାଇ ସରୋଜ ଗଛ ଚାରା ବଣ୍ଟନ ପାଇଁ ଚିନ୍ତା କରିଥିବା କହିଥିଲେ।

## ସେମିରେ ଇଲେଭେନ ଷ୍ଟାର

ଭଣ୍ଡାରିପୋଖରୀ, ୨୪।୨(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ମ୍ୟାଚ୍‌ରେ ରେଡ୍ ଷ୍ଟାର ଭୁବନେଶ୍ୱରକୁ ହରାଇ ଇଲେଭେନ ଷ୍ଟାର ଯାଜପୁର ଟାଉନ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ରେଡ୍ ଷ୍ଟାର ଟସ୍ ଜିତି ୨୫ ଓଭରରେ ୪ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଇଲେଭେନ ଷ୍ଟାର ୨୪.୧ ଓଭରରେ ୧୦ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଅମ୍ପାୟାରଙ୍କ ନିଷ୍ପତ୍ତି କ୍ରମେ ସୁପର ଓଭର ଖେଳ ହୋଇଥିଲା। ଏଥିରେ ଇଲେଭେନ ଷ୍ଟାର ବିଜୟଲାଭ କରିଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଯାଜପୁର ଟାଉନ ଟିମ୍‌ର ଅଭିଳାଷ ରାଉତରାୟଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରଦୂଷଣମୁକ୍ତ ସାଳନ୍ଦୀ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ଭଦ୍ରକ ଅଫିସ,୨୪।୨

କେବଳ ଭଦ୍ରକ ନୁହେଁ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାର ଜୀବନରେଖା କୁହାଯାଉଥିବା ସାଳନ୍ଦୀ ନଦୀକୁ ଏକ ବିକଶିତ ନଦୀଶଯ୍ୟାରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଭଦ୍ରକ ସାଳନ୍ଦୀ ବିକାଶ ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସାଳନ୍ଦୀ ସତ୍ୟାଗ୍ରହ ଧାରଣାସ୍ଥଳରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସାଳନ୍ଦୀ ସତ୍ୟାଗ୍ରହରେ ମଞ୍ଚର ସଭାପତି ପ୍ରଫେସର ଡ. ବଳରାମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମହାନଦୀ ସୁରକ୍ଷା ମଞ୍ଚର ଆବାହକ ସୁଦର୍ଶନ ଦାସ ଓ ଦିଲ୍ଲୀସ୍ଥିତ ରାଜୀବ ଗାନ୍ଧୀ ଫାଉଣ୍ଡେଶନର ସଦସ୍ୟ କୁନାଲ ବାର୍ନାଜୀ ଯୋଗଦେଇ ପ୍ରଦୂଷଣଯୁକ୍ତ ସାଳନ୍ଦୀର ପୂର୍ବାବସ୍ଥା ଫେରାଇ ଆଣିବା ଦିଗରେ କେବଳ ଜନସାଧାରଣ ନୁହେଁ, ଜିଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି କହିଥିଲେ। ମଞ୍ଚ ଉପସଭାପତି ତଥା ଅଧିବକ୍ତା ତୁଷାର ମହାନ୍ତି, ଅଶୋକ ମହାନ୍ତି, ଅନୁପ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଅମ୍ବିକା ଦାସ, କବି ପ୍ରମୋଦ ରାୟ, ସଦସ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ସତ୍ୟାଗ୍ରହର ମୌଳିକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାଳନ୍ଦୀକୁ ନେଇ ଏକ କବିତା ଆସର ଆୟୋଜିତ ହୋଇଥିଲା। ଶେଷରେ ମଞ୍ଚର ଏକ ପ୍ରତିନିଧି ଦଳ ସାଳନ୍ଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେବା ଲାଗି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।



ସାଳନ୍ଦୀ ବିକାଶ ମଞ୍ଚର ପ୍ରତିନିଧି ଦଳ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ତମାଖୁ ଦୋକାନରେ ଚଢ଼ାଉ

ପାଟଣା,(ସ୍ୱ.ପ୍ର.): ପାଟଣା ମୁଖ୍ୟାଳୟ ବଜାର ସହ ସାରା ଜିଲାରେ ଖୋଲାଖୋଲି ତମାଖୁ ବିକ୍ରି ଚାଲିଥିବା ବେଳେ ମଙ୍ଗଳବାର ପାଟଣା ବଜାରରେ ବେଆଇନ ଭାବେ ତମାଖୁ ବିକ୍ରି କରୁଥିବା ଦୋକାନ ଗୁଡିକରେ ଚଢ଼ାଉ କରି ୩୫୫୦ଟଙ୍କା ଜରିମାନା କରିଛନ୍ତି। ଏହି ଚଢ଼ାଉରେ ଜିଲା ଜନ ସାସ୍ଥ୍ୟ ଅଧିକାରୀ ଡ଼.ଲଲାଟେନ୍ଦୁ ନାଏକ, ସହକାରୀ ପରିଚାଳକ ଏନ୍‌ଟିପିସି ସୁଜାତା କବି, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ଡ୍ରଗ ଇନ୍ସପେକ୍ଟର ସଞ୍ଜୟ କୁମାର ହାଁସଦା, ପାଟଣା ଥାନାଧିକାରି ସୋମନାଥ ଜେନା ଓ ଅବକାରୀ ଅଧିକାରୀ ଦିଲୀପ କୁମାର ତାଣ୍ଡି ପ୍ରମୁଖ ସାମିଲ ଥିଲେ।

**ସଂକ୍ଷେପରେ**

## ଦେଶୀ ମଦଭାଟି ଉପରେ ଚଢ଼ାଉ, ଜଣେ ଗିରଫ

**ବାଲିଆପାଳ, ୨୪।୨(ସ୍ୱ.ପ୍ର.):** ବାଲିଆପାଳ ଥାନା ପୋଲିସ ମଙ୍ଗଳବାର ରାତିରେ ବିଷ୍ଣୁପୁର ପଞ୍ଚାୟତ ଅଧୀନ ନଐାବାଲି ଗ୍ରାମର ଏକ ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ନଐାବାଲି ଗ୍ରାମର ତପନ ଦଲାଇ (୩୬) ଦୀର୍ଘଦିନ ହେବ ନିଜ ଗ୍ରାମରେ ଏକ ଦେଶୀ ମଦ ଭାଟି ଚଳାଇ ଆସୁଥିଲେ। ପୋଲିସ ଉକ୍ତ ମଦ ଭାଟିର ସୁରାକ ପାଇ ସତର୍କ ଦୃଷ୍ଟି ରଖିଥିଲା। ବାଲିଆପାଳ ଥାନା ଆଇଆଇସି ବିମଳ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ରାମଚନ୍ଦ୍ର ପୁରୁଧୂଲ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ରାତିରେ ଭାଟି ଉପରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିଲା। ବାଲିଆପାଳ ଥାନାରେ ମାମଲା (ନଂ. ୩୩/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭଣ୍ଡାରିପୋଖରୀ,୨୪।୨(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନବଗଠିତ ବଇଁଆ ବନାପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଶ୍ରୀ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ସମିତିସଭ୍ୟା ସ୍ମିତାରେଖା ରାଉତ, ରଜନୀକାନ୍ତ ଚନ୍ଦ, ସବିତା ଚନ୍ଦ, ରଣଜିତ ସରପଞ୍ଚ ମନୋଜ ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନିତ୍ୟାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ଗ୍ରାମରୋଜଗାର ସେବକ ଅଧର ବଳ ଓ ପରମେଶ୍ୱର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନା ଥାଉକି, ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦକ୍ଷିଣବାଡ଼ ପଞ୍ଚାୟତକୁ ବିଭାଜିତ କରି ଗଠନ କରାଯାଇଥିବା ଏହି ନୂତନ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିଲା।

## ଆହାର କେନ୍ଦ୍ର ସମ୍ମୁଖରେ ବ୍ୟକ୍ତିଙ୍କ ମୃତ୍ୟୁ

**ଯୋଡ଼ା,୨୪।୨(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରର କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଆହାର କେନ୍ଦ୍ର ସମ୍ମୁଖରେ ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଉକ୍ତ ବ୍ୟକ୍ତି ଜଣକ ଦୀର୍ଘଦିନ ହେବ ଆହାର କେନ୍ଦ୍ରରେ ଖାଇ ନିକଟରେ ଥିବା ଏକ କ୍ୟାବିନରେ ରହି ଆସୁଥିଲେ। ପ୍ରାୟ ୨ ଦିନ ହେବ ସେ ଅସୁସ୍ଥ ଥିବା ଆହାର କେନ୍ଦ୍ରର ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ପ୍ରକାଶ କରିଥିଲେ। ଏ ନେଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୪/୨୦୨୧) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।

## ବସ୍ ଧକ୍କାରେ ବାଇକ ଆରୋହୀ ଗୁରୁତର

**ଢେଙ୍କିକୋଟି, ୨୪।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟି ଫାଣ୍ଡି ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥ କପାସପଡା ନିକଟରେ ବୁଧବାର ଅପରାହ୍ନରେ ଏକ ବସ୍ ବାଇକକୁ ଧକ୍କା ଦେବାରୁ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କିକୋଟି ଦଲେଇ ସାହିର ରଞ୍ଜନ ନାଏକ। ଖବର ପାଇ ଢେଙ୍କିକୋଟି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବସ୍‌ଟିକୁ ଘଟଗାଁ ଥାନାରେ ଅଟକ ରଖାଯାଇଛି।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

**ପାଟଣା,୨୪।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁରୁମୁଙ୍ଗା ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ମଙ୍ଗଳବାର ରାତିରେ ବାଇକ ଦୁର୍ଘଟଣା ଘଟି ଜଣେ ମହିଳା ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଭୁଲୁଦା ଗ୍ରାମର ଶାନ୍ତିଲତା ମହାନ୍ତ। ଏନେଇ ଡୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ.୨୪/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଧାନ ରଖି ରାସ୍ତା ଅବରୋଧ କଲେ

**ଚମ୍ପୁଆ, ୨୪।୨(ଡି.ଏନ.ଏ.)**

**ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ**

ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ମଣ୍ଡି ଅଧିକାରୀଙ୍କ ସହ ଯୁକ୍ତିତର୍କ ହେବାପରେ ଚାଷୀମାନେ ବୁଧବାର ରାଜରାସ୍ତାରେ ଧାନବସ୍ତା ରଖି ଅବରୋଧ କରିଥିବା ବେଳେ ପୋଲିସ ଓ ଯୋଗାଣ ବିଭାଗ ପହଞ୍ଚିବାପରେ ରାସ୍ତାଅବରୋଧ ହଟିଥିଲା।

ଖବର ଅନୁସାରେ ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଥିବା ରଜିଆ ଧାନ ମଣ୍ଡିରେ ଆଜି ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କଠାରୁ ଧାନ କିଣା ଯାଉଥିଲା। ମାତ୍ର ଚାଷୀଙ୍କଠାରୁ ଟୋକନ ଅନୁସାରେ ପରିମାଣ ଅନୁଯାୟୀ ଧାନ କିଣିବାକୁ ମଣ୍ଡି କର୍ତ୍ତୃପକ୍ଷ ମନାକରିବା, ସିରିୟଲ ଅନୁସାରେ ଧାନ କିଣୁ ନ ଥିବା, ପୂର୍ବରୁ ୨୦ ତାରିଖ ପର୍ଯ୍ୟନ୍ତ ସମୟ ଥିବା ଟୋକନରେ ଧାନ ନ କିଣିବା, ଝାଡଖଣ୍ଡ ଓ ମୟୂରଭଞ୍ଜ ଅଞ୍ଚଳର ଧାନ କିଣୁଥିବା, ଟୋକନରେ ୩୦ କୁଇଣ୍ଟାଲ ଧାନ ବିକ୍ରି ବ୍ୟବସ୍ଥା ଥିବା ବେଳେ ୧୫ କୁଇଣ୍ଟାଲ କିଣା ହେବା। ଏପରିକି ଚିହ୍ନାମୁହଁ ଦେଖି ଅଗ୍ରାଧିକାର ଦେବା ଆଦିକୁ ଅଭିଯୋଗ କରି ଚାଷୀମାନେ ଧାନବସ୍ତା ଗୁଡିକୁ ଜାତୀୟ ରାଜପଥ ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ସକାଳ ୧୦ଟାରୁ ଏହି ରାସ୍ତା ଅବରୋଧ ହୋଇଥିବା ବେଳେ ୨ଘଣ୍ଟା ପରେ ପୋଲିସ ଓ ବିଭାଗୀୟ ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାଇବା ପରେ ଅବରୋଧ ହଟିଥିଲା। ଏନେଇ ଲ୍ୟାମ୍ପ ଏମଡି ବିଭୂତି ଗିରି କହିଛନ୍ତି, ସରକାର ଦେଇଥିବା ଧାର୍ଯ୍ୟ ଅନୁସାରେ ଧାନ କିଣା ହେଉଛି ମାତ୍ର ଯେଉଁ ଚାଷୀଙ୍କ ଟୋକନ ଅବଧି ସରିଯାଇଛି ତାଙ୍କଠାରୁ ଧାନ କିଣାଯାଇପାରୁ ନାହିଁ। ଗତ କାଲି ଆସିଥିବା ଏମଏଏସ ଅନୁସାରେ ମିଳିଥିବା ଟାର୍ଗେଟ ଅନୁଯାୟୀ ଆମେ ଧାନ କ୍ରୟ କରୁଛୁ। ଯେଉଁମାନେ ରେଜିଷ୍ଟ୍ରେଶନ କରିଥିଲେ ଆମେ ତାଙ୍କ ଧାନ କ୍ରୟ କରୁଛୁ।


ଚାଷୀମାନେ ରାସ୍ତାରେ ଧାନ ରଖି ଅବରୋଧ କରିଛନ୍ତି।

## ଆଜିଠୁ ଜିଲାବ୍ୟାପି ଫାଇଲେରିଆ ନିରାକରଣ ଅଭିଯାନ

**ବାରିପଦା ଅଫିସ,୨୪।୨**

ମୟୂରଭଞ୍ଜ ଜିଲାରେ ସାମୁହିକ ଜାତୀୟ ବାତଜ୍ୱର (ଫାଇଲେରିଆ) ନିରାକରଣ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଭିଯାନ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଜିଲାର ମୋଟ ୨୬ଲକ୍ଷ ଲୋକଙ୍କୁ ସେବନ ଲାଗି ଔଷଧ ଯୋଗାଇ ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରୂପଭାନୁ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏ ନେଇ ବୁଧବାର ଅପରାହ୍ନରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ସହଳ ନିରୂପଣ କେନ୍ଦ୍ର (ଡ଼ିଇଆଇସି) ସଭାଗୃହରେ ଏକ ସମ୍ବେଦନଶୀଳତା (ସେନସିଡ଼ାଇଜେସନ) ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ୬ହଜାର କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଜିଲାର ୨୬ଟି ବ୍ଲକର ୪ହଜାର ୨୪୮ଟି ଗ୍ରାମ, ୨ଟି ମ୍ୟୁନସିପାଲଟି ଓ ୨ଟି ଏନଏସିରେ ୨୬ଲକ୍ଷ ଲୋକଙ୍କୁ ଏହି ଔଷଧ ପ୍ରଦାନ କରାଯିବ । ଏହି ଜ୍ୱର ବ୍ୟାପିବା ଆଶଙ୍କାକୁ ନଜରରେ ରଖି ବାତଜ୍ୱର ମୁକ୍ତ ପାଇଁ ଜାତୀୟ କାର୍ଯ୍ୟକ୍ରମ ମାଧମରେ ସାମୁହିକ ନିରାକରଣ ଅଭିଯାନ କାର୍ଯ୍ୟକ୍ରମରେ ଜିଲାକୁ ସାମିଲ କରାଯାଇଛି। ବୈଠକରେ ନୋଡ଼ାଲ ଅଧିକାରୀ ଏଡ଼ିପିଏଚଓ ଡ଼ାକ୍ତର ବନମାଳୀ ପ୍ରଧାନ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ସୁନନ୍ଦା ମିଶ୍ର ଓ ଡ଼ିପିଏମ ପ୍ରଭୁ ପ୍ରତ୍ୟନ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ।

# ଗୋରୁ ବୋଝେଇ ପିକ୍‌ଅପ୍‌କୁ ପୋଲିସ ଜିମା

**ଭଦ୍ରକ ଅଫିସ ୨୪।୨**

ଭଦ୍ରକରେ ଗୋ ଚାଲାଣ ଘଟଣାକୁ କେନ୍ଦ୍ରକରି ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ନିୟନ୍ତ୍ରଣ ବାହାରକୁ ଯିବାରେ ଲାଗିଛି। ଏହାକୁ ନେଇ କେତେବେଳେ ରାସ୍ତାରୋକୋ ତ ଆଉ କେତେବେଳେ ପୋଡ଼ାଜଳା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ପୋଲିସ ପହଞ୍ଚି ଗୋ ଚାଲାଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଓ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଉଛି। ହେଲେ ପ୍ରତିଶ୍ରୁତି ପାଣିରେ ଗାର ବୋଲି ସାଧାରଣରେ କୁହାଯାଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାହାର ରାଜ୍ୟକୁ ବେଆଇନ ଗୋ ଚାଲାଣ ବେଳେ ଭଦ୍ରକ ଚରମ୍ପା ଷ୍ଟେଶନ ଛକ ନିକଟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ବଜରଙ୍ଗ ଦଳର କର୍ମୀ ଓ ସ୍ଥାନୀୟ ଲୋକେ ଅଟକାଇ ଟାଉନ ଥାନା ପୋଲିସ ଜିମା ଦେଇଛନ୍ତି। ଉକ୍ତ ଗାଡ଼ିରୁ ୨୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଓ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁସାରେ, ଭଦ୍ରକରୁ ପିକ୍‌ଅପ୍ ଭ୍ୟାନ୍‌ରେ ୨୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ବିଳମ୍ବିତ ରାତିରେ କଲିକତାକୁ ଚାଲାଣ କରାଯାଉଥିଲା। ଏହି ସମୟରେ ଗାଡ଼ିଟି ରାସ୍ତାରେ ଠିଆ ହୋଇଥିବା ଲୋକଙ୍କୁ ଧକ୍କା ଦେଇ ଫେରାର ହୋଇଯିବାକୁ ଉଦ୍ୟମ କରି ଚରମ୍ପା ଷ୍ଟେଶନ ଛକ ପାଖରେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଖବର ପାଇ ବଜରଙ୍ଗ ଦଳର କର୍ମୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଅଟକ ରଖିଥିଲେ। ପରେ ଟାଉନ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ପିକ୍‌ଅପ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।


ଜବତ ପିକ୍‌ଅପ୍।

■ କୋଲକାତାକୁ ହେଉଥିଲା ଚାଲାଣ
■ ୨୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

## ଅବକାରୀ, ପୋଲିସର ମିଳିତ ଚଢ଼ାଉ

**ରାଇବଣିଆ, ୨୪।୨**

ପଶ୍ଚିମବଙ୍ଗରୁ ଜଳେଶ୍ୱର ଅଞ୍ଚଳକୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ଖବରପାଇ ବାଲେଶ୍ୱର ଅବକାରୀ ଏସ୍‌ପି ସେକ୍ ଆସତ୍ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଆଇଆଇସି ଗୋଲୁରାମ ସରେନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଜଳେଶ୍ୱର ଓ ରାଇବଣିଆର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜଳେଶ୍ୱର ପୋଲିସ ସହାୟତାରେ ଅବକାରୀ ବିଭାଗ ବଜାରଶୋଲ ଗାଁର ଫଗୁ ହାଁସଦା, ଶ୍ରୀକଣ୍ଠପୁର ଗାଁର ସବିତା ମୁର୍ମୁ, ଚମାରଗାଁର ଦୀପକ ପାତ୍ର ଓ ନାମ୍ପୋର ପ୍ରଦୀପ ମହାପାତ୍ର ଘରେ ଚଢାଉ କରି ମୋଟ ୭୭ଲିଟର ଦେଶୀ, ୪.୫୦୦ଲି. ଚୋରା ବିଦେଶୀ ମଦ ଜବତ କରିବାରେ ସମର୍ଥ ହୋଇଛନ୍ତି। ଚଢାଉରେ ଜଳେଶ୍ୱର ଅବକାରୀ ଓଆଇସି ଦେବେନ୍ଦ୍ର କୁମାର ବେହେରା, ଭୋଗରାଇ ଓଆଇସି ଜୟନ୍ତୀ ଆଚାର୍ଯ୍ୟ, ମାନଗୋବିନ୍ଦ ମହାପାତ୍ର, ରାମଚନ୍ଦ୍ର ମହାନ୍ତି, ପିଙ୍କି ମାରାଣ୍ଡି, ରାଜୀବ କୁମାର ଭଞ୍ଜ, ହୃଷିକେଶ ବାରିକ, ସେକ୍ କାଲିମ, ମଙ୍ଗଳ ସିଂ, ବିଦ୍ୟାଧର ବିନ୍ଧାଣୀ, ରଶ୍ମିରେଖା ପାତ୍ର, ବାବାଜୀ ପଣ୍ଡିତ, ଶଶିଭୂଷଣ ସ୍ୱାଇଁ ପ୍ରମୁଖ ଜଳେଶ୍ୱର ଥାନାର ଏନ୍‌ଫୋର୍ସ ଟିମ୍ ସାମିଲ ଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

**କେନ୍ଦୁଝର ୨୪।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ପ୍ରାୟ ୬ବର୍ଷରୁ ଅଧିକ ଧରି କାର୍ଯ୍ୟକରିଆସୁଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ଚାକିରିରେ ନିୟମିତ କରାଯାଉ ନ ଥିବାରୁ ଆନ୍ଦୋଳନରେ ବସିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ସ୍ତରୀୟ କମିଟି ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ଅନୁମୋଦନ ସତ୍ତ୍ୱେ ସେମାନଙ୍କୁ ନିୟମିତ କରାଯାଉ ନ ଥିବାରୁ ୬୨ଜଣ ସ୍ୱାସ୍ଥ୍ୟ କର୍ମୀ କେନ୍ଦୁଝର ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅଭିଯୋଗ ଅନୁଯାୟୀ ୨୦୦୮-୦୯ ମସିହାରେ ୪୪ ଜଣ ଠିକାରେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା। ଦୀର୍ଘ ୯ ବର୍ଷ ଧରି କାମ କରିବା ପରେ ୨୦୧୮ ମସିହାରେ ସିଡିଏମଓଙ୍କ ପ୍ରସ୍ତାବ ମୁତାବକ ୩୯ ଜଣଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗଙ୍କ ଆଦେଶ କ୍ରମେ କେନ୍ଦୁଝର ସିଡିଏମ୍‌ଓ କାର୍ଯ୍ୟରେ ନିୟମିତ କରିଥିଲେ। ଉପରୋକ୍ତ ନିଯୁକ୍ତି ସମୟରେ ପ୍ରସ୍ତୁତ ହୋଇଥିବା ପ୍ୟାନେଲରୁ ପରବର୍ତ୍ତୀ ସମୟରେ ଧାରଣାରେ ବସିଥିବା ୬୨ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ସରକାରୀ ନିୟମାନୁଯାୟୀ ୬ ବର୍ଷ ସଫଳତାର ଚାକିରି ପରେ ନିୟମିତ ନିଯୁକ୍ତି ମିଳିଥାଏ। କିନ୍ତୁ ଅଦ୍ୟାବଧି ସେମାନଙ୍କୁ ନିୟମିତ କରାଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେଥିପାଇଁ ସେମାନେ ବାଧ ହୋଇ ଧାରଣାରେ ବସିଥିବା କହିଛନ୍ତି।


ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଆନ୍ଦୋଳନକାରୀ।

# ସରିଲା ଡାଲଙ୍ଗ ଯୁବ ମହୋତ୍ସବ



ଯୁବ ମହୋତ୍ସବରେ ମଞ୍ଚାସୀନ ଅତିଥି।

**ଖଇରା, ୨୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଅଧୀନ ଡାଲଙ୍ଗଠାରେ ଚଣ୍ଡିମାତା ସ୍ୱେଚ୍ଛାସେବୀ ସଙ୍ଗଠନ ଆନୁକୂଲ୍ୟରେ ଚାଲିଥିବା ୩ଦିନିଆ ଯୁବ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ସଭାପତି ମୁକ୍ତିକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ନାଲ୍‌କୋରେ କାର୍ଯ୍ୟରତ ଅଧିକାରୀ ପ୍ରଦୀପ୍ତ କୁମାର ଦାସ ମୁଖ୍ୟଅତିଥି, ସଫଳ ବ୍ୟବସାୟୀ ଗୋବିନ୍ଦ ଗୋପାଳ ଶତପଥୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ହରେକୃଷ୍ଣ ଓଝା ବିବରଣୀ ପାଠ ଓ ଅନୀଲ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତର ସଫଳ ଚାଷୀ, ଉତ୍ତମ ଶିକ୍ଷକ, ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିରଞ୍ଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୩ଦିନ ଧରି ସ୍ଥାନୀୟ କଳାକାର ତଥା କଟକ ଭୁବନେଶ୍ୱରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

## ଶୈକ୍ଷିକ ପରିବେଶ ଗଠନ ଉପରେ ଗୁରୁତ୍ୱ

**ଭୋଗରାଇ, ୨୪।୨(ଡି.ଏନ.ଏ.)**

ରାଜ୍ୟ ସରକାର ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସମସ୍ୟା ଦୂର କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ଭୋଗରାଇ ବ୍ଲକର ରଘୁନାଥ ନୋଡ଼ାଲ ଏକାଡେମୀ ସରସ୍ୱତୀପୁର ସ୍କୁଲ ପରିସରରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଭଗିରଥ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଶୈକ୍ଷିକ ପରିବେଶ ଗଠନରେ ଗୁରୁତ୍ୱ ଦେଇଥିଲେ। ପ୍ରଧାନଶିକ୍ଷକ ସୁବ୍ରତ ଘରାଇଙ୍କ ପୌରୋହିତ୍ୟରେ ପୂର୍ବତନ ସିଆର୍‌ସିସି ବିକ୍ରମକେଶରୀ ବେହେରା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା, ସମ୍ମାନନୀୟ ଅତିଥି ଭାବେ ସିଆର୍‌ସିସି ଅମିତା ଜେନା ଯୋଗ ଦେଇଥିଲେ। ଏହି ଅବସରରେ ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୫୭ ଓ ୪୩ଦିନର ମଧ୍ୟାହ୍ନଭୋଜନର ଅର୍ଥରାଶି ସହ ପୋଷାକ ବଣ୍ଟନ କରାଯାଇଥିଲା।

# ୭୩୯ ଗୃହହୀନଙ୍କୁ କାର୍ଯ୍ୟାଦେଶ

**ଜଳେଶ୍ୱର, ୨୪।୨(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ) କାର୍ଯ୍ୟାଦେଶରେ ଅଦ୍ୟାବଧି ଜଳେଶ୍ୱର ମ୍ୟୁନିସିପାଲଟିର ୭୩୯ ଗୃହହୀନ ହିତାଧିକାରୀ ଉପକୃତ ହୋଇଛନ୍ତି। ପୂର୍ବରୁ ଗ୍ରାମାଞ୍ଚଳ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉଥିବା ବେଳେ ଏଣିକି ସହରାଞ୍ଚଳ ଗୃହହୀନ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ପୌରୋହିତ୍ୟ କରି ଅଦ୍ୟାବଧି ୬ଟି ପର୍ଯ୍ୟାୟରେ ମ୍ୟୁନିସିପାଲଟିର ୭୩୯ଟି ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇଛି। ବୁଧବାର ୧୩୪ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୧୯-୨୦୨୨ ମଧ୍ୟରେ ଶେଷ ହେବ। ଆସନ୍ତା ୨୫ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ। ଏହି ଅବସରରେ ପୌରପରିଷଦର ପ୍ରଶାସନିକ ଅଧିକାରୀ ନୀଲୁ ମହାପାତ୍ର ଯୋଗଦେଇ ନିର୍ଦ୍ଦିଷ୍ଟ ସମୟରେ ଆବାସ ଯୋଜନାର କାର୍ଯ୍ୟ ଶେଷ କରିପାରିଲେ ସରକାର ୩୦ ହଜାର ଟଙ୍କା ଅଧିକ ଦେବାର ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଜନସାଧାରଣ ଓ କର୍ମଚାରୀ ମଧ୍ୟରେ ସମନ୍ୱୟ ରହିଲେ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ଏଥିରେ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଉପସ୍ଥିତ ରହି ବାସହୀନଙ୍କୁ ଜମି ଯୋଗାଣ ଆରମ୍ଭ ହୋଇଥିବା ସମ୍ପର୍କରେ କହିଥିଲେ।



ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିଗଣ।

# ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

**ସଜନାଗଡ଼, ୨୪।୨(ଡି.ଏନ.ଏ.)**

'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା' ଯୋଜନାରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ନୀଳଗିରି ଏନ୍‌ଏସି କଲ୍ୟାଣମଣ୍ଡପ ପରିସରରେ ବଡ଼ାଖାନା କାର୍ଯ୍ୟକ୍ରମ ସହ ସ୍ୱଚ୍ଛ ସାଥି, ସ୍ୱଚ୍ଛ ଗୃହ, ବିଶୁଦ୍ଧୀକରଣ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠା ପାଇଁ ବୁଧବାର ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ବିଡିଓ ଅନୀତା ନାୟକ, ତହସିଲଦାର ଅଶେଷ କୁମାର ନାୟକ, ଏସ୍‌ଡିପିଓ ପ୍ରମୁଖ ମଞ୍ଚାସୀନ ଥିଲେ। କରୋନା ମହାମାରୀ ସମୟରେ ଲୋକେ ଘରୁ ବାହାରୁ ନ ଥିବାବେଳେ ଜୀବନକୁ ବାଜି ଲଗାଇ ସହର ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଫେଇ କର୍ମଚାରୀଙ୍କ ସମେତ ସ୍ୱଚ୍ଛ ଗୃହ, ସ୍ୱଚ୍ଛସାଥି, ବିଶୁଦ୍ଧୀକରଣ କର୍ମଚାରୀଙ୍କୁ ଏହି ଅବସରରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।


ଅତିଥିଙ୍କ ଗହଣରେ ସମ୍ମାନିତ କର୍ମଚାରୀ।

# 'କେନ୍ଦ୍ର ଅନୁଦାନର ସୁବିନିଯୋଗ କରିପାରୁନାହାନ୍ତି ରାଜ୍ୟ ସରକାର'

**ବନ୍ତ,୨୪।୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦ୍ର ସରକାର ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେବା ପାଇଁ ପ୍ରଚୁର ଅର୍ଥ ବିଭିନ୍ନ ଯୋଜନାରେ ଯୋଗାଇ ଦେଇ ଆସୁଥିବା ବେଳେ ରାଜ୍ୟ ସରକାର ତାହାର ସୁବିନିଯୋଗ କରିପାରୁ ନାହାନ୍ତି ବୋଲି ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତରେ ବୁଧବାର ଆୟୋଜିତ ଭାଜପାର ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଥିଲେ। ଦଳୀୟ ନେତା ବଦ୍ରି ନାରାୟଣ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ଲକର ପୂର୍ବତନ ଅଧକ୍ଷା ନିରୁପମା ରାଉତ ଶତାଧିକ ସମର୍ଥକଙ୍କୁ ନେଇ ଭାଜପାରେ ସାମିଲ ହୋଇଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ରାଜ୍ୟ ସମ୍ପାଦକ ଗୋଲକ ମହାପାତ୍ର, ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ଜିଲା ସଭାପତି ହେମନ୍ତ ପାଢୀ, ସଂସଦୀୟ କ୍ଷେତ୍ର ନେତା ଅଭିମନ୍ୟୁ ସେଠୀ, କୃଷକ ମୋର୍ଚ୍ଚା ରାଜ୍ୟ କୋଷାଧକ୍ଷ ମହେଶ୍ୱର ସାହୁ, ଆନନ୍ଦପୁର ନିର୍ବାଚନମଣ୍ଡଳୀ ନେତା ଆଲୋକ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ମହାନ୍ତିଙ୍କୁ ଟିଲୋ ଗ୍ରେନଗୋଲା ଛକଠାରୁ ଦଳୀୟ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଓଡ଼ଙ୍ଗ ସରପଞ୍ଚ କିଶୋର କିଙ୍କର ପଡିଆରୀ ସ୍ୱାଗତ ଭାଷଣ ପ୍ରଦାନ ଓ ପୂର୍ବତନ ସରପଞ୍ଚ ପଙ୍କଜିନୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ଦେବେନ୍ଦ୍ର ଜେନା ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଥିଲେ। ପିତାମ୍ବର ପୁହାଣ, ସନାତନ ସାହୁ, ଅଭୟ ସ୍ୱାଇଁ, ରଙ୍ଗାଧର ନାୟକ, ପର୍ଶୁରାମ ରାଉତ, ବିଶ୍ୱନାଥ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦ।

# ପାର୍ଥିବ ସମ୍ପଦ ଫେରିଆସିଲା ଅପାର୍ଥିବ କବିତା ହୋଇ...

## ସୃଜନ-ସ୍ମୃତି


ତୁହିନାଂଶୁ ରଥ

**ତୁହିନାଂଶୁ ରଥ**ଙ୍କ ଜନ୍ମ ୩ ଜାନୁୟାରୀ ୧୯୬୪ରେ, ଯାଜପୁର ଜିଲାର କଣ୍ଟିଗଡ଼ିଆ ଗାଁରେ। ସମାଜବିଜ୍ଞାନରେ ସ୍ନାତକୋତ୍ତର, ବୃତ୍ତି ଅଧାପନା। ପ୍ରକାଶିତ କବିତା ପୁସ୍ତକ: 'ନାଭି ନକ୍ଷତ୍ର'(୧୯୯୯), 'ଅତୁଠ ଶିଳା'(୨୦୦୩), 'ଆଖି ଅକ୍ଷର'(୨୦୦୫), 'ଶୋକ ସନ୍ତକ'(୨୦୦୮), 'ମେଘ ଆଳାପ'(୨୦୧୦) ଓ 'ଉଦ୍ଭିଦ ଗର୍ଭ'(୨୦୧୩)। ଓଡ଼ିଆ କବିତାକୁ ଆଖିଦୃଶିଆ ଅବଦାନ ପାଇଁ କବିଙ୍କୁ ମିଳିଛି ଛୋଟବଡ଼ ବହୁ ପୁରସ୍କାର, ଯହିଁରେ ସାମିଲ 'ବସନ୍ତ ମୁଦୁଲି କବିତା ପୁରସ୍କାର' ଓ କନିଷ୍ଠ ବର୍ଗରେ 'କବି ଦୀପକ ମିଶ୍ର କବିତା ପୁରସ୍କାର'। ତୁହିନାଂଶୁଙ୍କ କବିତା ଭିତରେ, ଦେଖି ଜାଣିଲେ, ଦିଶିଯାଏ ଓଡ଼ିଆ ଭାଷା ଓ ସଂସ୍କୃତିର ସାବଳୀ ଚେହେରା; ତହିଁରେ ପୁଣି ଥାଏ ନିତିପ୍ରତି ନୂଆନୂଆ ପଲ୍ଲବନା। 'ମୂର୍ଚ୍ଛନା' ଶୀର୍ଷକ କବିତା ପଛରେ ଛପିଥିବା ତାଙ୍କର ଏକ ବ୍ୟକ୍ତିଗତ ସ୍ମୃତିକୁ ସେ ବଖାଣିଛନ୍ତି ଏହି ସ୍ତମ୍ଭରେ...

ଘଟଣାଟି ଘଟିଥିଲା ଶ୍ରୀରାମନବମୀ ପାଳନ ମହୋତ୍ସବରେ। ଗାଁରେ ରାମନବମୀ ପାରାୟଣ, ପ୍ରବଚନ ହୁଏ। ଗାଁ ପ୍ରତି ମୋର ଆକର୍ଷଣ ବହୁତ। ଗାଁ କାମରେ ଗୁଣ୍ଡୁଚିମୂଷା ପରି ଯୋଗଦେବା ମୋ' ପାଇଁ ସବୁବେଳେ ଆନନ୍ଦଦାୟକ। ସେତେବେଳେ ମୁଁ ଜାରକାରେ ଭଡ଼ାଘରେ ରହୁଥାଏ। ପ୍ରବଚନ ଶୁଣିବା ପାଇଁ ସପରିବାର ଗାଁକୁ ଆସିଥିଲୁ। ଯେଉଁଦିନ ଫେରିଲୁ ତା'ର ପୂର୍ବ ରାତିରେ ଘରର ଝରକା ତାଡ଼ି, ଆଲମିରା ଭାଙ୍ଗି କେହି ଚୋର ଆଲମିରାରେ ଥିବା ସବୁ ଗହଣା ଓ ଟଙ୍କା ନେଇଯାଇଥାଏ।

ଏ ଖବର ବିଜୁଳି ବେଗରେ ବ୍ୟାପିଗଲା। ଖବରକାଗଜ ଓ ଟେଲିଭିଜନରେ ଘଟଣା ପ୍ରଚାରିତ ହେବା ଫଳରେ ବହୁଲୋକ ଘରକୁ ଆସି ସମବେଦନା ଜଣାଇଲେ। ଦୂରରେ ଥିବା ଶୁଭେଚ୍ଛୁମାନେ ଟେଲିଫୋନ୍ ଯୋଗେ ମତେ ସାନ୍ତ୍ୱନା ଜଣାଇଲେ। ଘଟଣାଟି ମୋ' ପାଇଁ ଅସ୍ୱାଭାବିକ ଥିଲା ସତ, କିନ୍ତୁ ଲୋକଙ୍କ ସହାନୁଭୂତି ଥିଲା ଅଭୂତପୂର୍ବ। ଜୀବନରେ ସୁଖଦୁଃଖର ଅନେକ ଘଟଣା ଘଟେ, କିନ୍ତୁ ଘଟଣାଟି ତାତ୍ପର୍ଯ୍ୟପୂର୍ଣ୍ଣ ହୁଏ ସେତିକିବେଳେ, ଯେତେବେଳେ ଘଟଣା ଭିତରେ ସହାନୁଭୂତି, ସହଭାଗିତାର କରୁଣା ଉଦ୍ରେକ ହୁଏ। ମୁହୂର୍ତ୍ତର ଘଟଣା ମହାକାଳ ଛାତିରେ କବିତାର ମୂର୍ଚ୍ଛନା ତୋଳେ।

ଏପରି ଏକ ଭାବନାରୁ ଜନ୍ମନେଲା ମୋର କବିତା 'ମୂର୍ଚ୍ଛନା'। ପୃଥିବୀ ଲାଗିଲା ଶରବିଦ୍ଧ ପକ୍ଷୀ ପରି। ଶୋକ ପରିଣତ ହେଲା ଶ୍ଳୋକରେ। ମୋ' ଭିତରେ ହରାଇବାର ଘଟଣା ଏକ ସକାରାତ୍ମକ ମୂର୍ଚ୍ଛନାରେ ରୂପାନ୍ତରିତ ହେଲା। କବିତାଟି ପଢ଼ି ଅନେକେ ମୁଗ୍ଧ ହେଲେ। ମତେ ଲାଗିଲା ଯେଉଁ ପାର୍ଥିବ ସମ୍ପଦ ଚୋରିରେ ହରାଇଥିଲି, ତାହା ଯେମିତି ଅପାର୍ଥିବ କବିତା ହୋଇ ମୋ' ପାଖକୁ ଫେରି ଆସିଲା। ଏଇୟା ତ କବିତାରୁ ମୋ' ପରି ସବୁ କବିର ପ୍ରାପ୍ତି। ନୁହେଁ କି?

ମୋ: ୯୮୬୧୨୪୫୧୦୯

## କବିତା

### ମୂର୍ଚ୍ଛନା

ତୁହିନାଂଶୁ ରଥ

ଘଟଣାରେ କିଛି ନ ଥାଏ।
ଦେହରେ ଦେହ
ଲୁହରେ ଲୁହ ମିଶାଇବା
ରତିରତ ପକ୍ଷୀରୁ
ଶରାହତ ଜଣକ
ଖସିପଡ଼େ ଗଛମୂଳରେ।

ବାସ୍ ସେତିକି,
ସେତିକିରେ ପକ୍ଷୀର ଚାହାଣିରେ
କାତରତା ବଦଳରେ
ବିରହର ନୀଳ ଅସୀମତା,
ଡେଣାରେ ଉଡ଼ାଣ ଉଲ୍ଲାସ ବଦଳରେ
ଉଡ଼ି ନ ପାରିବା ଅବସୋସରେ
ନିସାହା ପବନ,
କ୍ଷତରେ ରକ୍ତର ନିର୍ଝର ବଦଳରେ
ସମୟକୁ ଅଟକାଇ ଦେବାର
ନିରୀହ ଆବେଦନ।
ସାରାଜୀବନ ଉଡ଼ିବା,
ବସା ପାରିବା,
ଆକାଶ ଖୋଜିବା
ଘଟଣା ଭିତରେ
ପକ୍ଷୀର ଅଖ୍ୟାତ ଜୀବନ
ବଂଧା ପଡ଼ିଥାଏ
ନିର୍ବେଦ ଶବ୍ଦଙ୍କ
ନିର୍ମମ କାରାରେ।

ପକ୍ଷୀର ଜୀବନ
ପୃଥିବୀରେ ଅହରହ ଘଟୁଥିବା
ଘଟଣାମାନଙ୍କ ଧାଉଡ଼ିରେ
ହଜି ଯାଉଥିବା, ଲିଭି ଯାଉଥିବା
ଚମକହୀନ ପାଦଚିହ୍ନ।

ଘଟଣାରେ ଥାଏ କ'ଣ ?
ବିଦ୍ଧ ହେବା ପରେ ପକ୍ଷୀ
ଘଟଣା ପରିଣତ ହୁଏ କରୁଣାରେ
ଓ ଏ ପୃଥିବୀ ପାଲଟିଯାଏ
ଶରାହତ ପକ୍ଷୀଟିଏ।

ଶବ୍ଦମାନେ ମୁଖର ହୁଅନ୍ତି
ଶୋକ ହୁଏ ଶ୍ଳୋକର ସାଗର
ଗଛ ହୁଏ ମୂକସାକ୍ଷୀ
ବ୍ୟାଧ ନିରସ୍ତ୍ର ହେବା ଦୃଶ୍ୟର।

ଘଟଣାରେ ଥାଏ କ'ଣ ?
ସବୁକିଛି ଥାଏ
ପକ୍ଷୀଟିଏ ବିଦ୍ଧ ହେବା
ବିରଳ ମୂର୍ଚ୍ଛନାରେ।

ମୋ: ୯୮୬୧୨୪୫୧୦୯

### ହୃଦୟରାଗ

କମଳ କୁମାର ମହାନ୍ତି

ଇଏ କେଉଁ ଉଦୟରାଗର ଗୀତି
ଅବା ଅସ୍ତରାଗର ଏଲିଜି
ନୁହେଁରେ ଗୌରାଙ୍ଗ
ଇଏ ମୋ' ଛାତିତଳ ଭୀତି।

ଶବ୍ଦଲୋକର ଉଦାସ ଆଢୁଆଳରେ
ବେଖବର ହୋଇଯାଉଛି ଛନ୍ଦ
ମାଲମାଲ ବ୍ରହ୍ମାଣ୍ଡ ଭିତରେ
ବାଜୁଛି ଓଲଟ ବଂଶୀ !

କେତେ ଚକ୍ରବାତର କାଳଭଉଁରିରେ
ଜୀବନ କହେ ମୃତ୍ୟୁ ବି ଏକ ରାଗ
ସ୍ୱପ୍ନ କ'ଣ ଗଢ଼ିବା
ଲାଲ୍ ଆଖିର କାର୍ପଣ୍ୟରେ
ଛାତିର ନିଭୃତିକୁ ଫେରାଇ ଆଣିବା
ଦୁଃଖର ଦୋହା
ନୁଖୁରା କପାଳର ଗାର ଭିତରେ ଆହା
କେତେ ଛେଉଣ୍ଡ ଏଇ ଭାଗ୍ୟ !

ଯେବେ ବୁଝିଲି ଫଟାବଇଁଶୀର ଧୁନ୍‌ରେ
ଧ୍ୱସ୍ତ ହୋଇଯାଇଛି ଫଗୁଣ
ସେ ଦିନରୁ ମୋତେ କିଏ ଧରାଇଦେଲା
କେନ୍ଦେରା ଆଉ ଯୋଗୀର
ଉଦାସ ଗୀତ
ମତେ ଟାଣିନେଉଛି କିଏ
ମାଟିରୁ ଅସ୍ତାଚଳ
ସ୍ୱପ୍ନ ମୋର ଆହା କେତେ ବେରଙ୍ଗ !

ଭେଟିଛି ଅନେକ ମୃତ୍ୟୁ ଏଠି
ସାମ୍ନା କରିଛି ଅନେକ ବିଫଳ ଯୋଗ
ତଥାପି ଚାହିଁଛି ବେସୁରା ନ ହେଉ ଛନ୍ଦ
ଦେଖିଲୁ ତ, ପାରିଧିରେ ମୋର
ଟୋପେ ଲୁହ ବି କେତେ ଅନ୍ତରଙ୍ଗ !

ମୋ: ୮୨୪୯୩୩୬୫୮୭

## ପୁସ୍ତକ ପରିଚୟ

### ପ୍ରକୀର୍ଣ୍ଣକ


**ଲେଖକ:** ଦାଶରଥି ଦାସ
**ପ୍ରକାଶକ:** ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୩୫୦/-




'ପ୍ରକୀର୍ଣ୍ଣ' (ବିଂ.) ଶବ୍ଦର ଆଭିଧାନିକ ଅର୍ଥ ହେଉଛି ବିବିଧ ବା ବିକ୍ଷିପ୍ତ। ଅନ୍ୟ ଅର୍ଥ ହେଉଛି ଆଲୁଳାୟିତ। ବିଶେଷ୍ୟରେ 'ପ୍ରକୀର୍ଣ୍ଣତା'। 'ପ୍ରକୀର୍ଣ୍ଣ'ରୁ ନୂଆ ଶବ୍ଦଟିଏ ଗଢ଼ିଛନ୍ତି ଦାଶରଥି- 'ପ୍ରକୀର୍ଣ୍ଣକ'। ଅର୍ଥାତ୍ ବିବିଧ ବିଷୟରେ ସେ ଲେଖିଥିବା ନିବନ୍ଧଗୁଡ଼ିକ ଯହିଁରେ ଏକତ୍ରିତ, ସେ ପୁସ୍ତକର ଶୀର୍ଷକ ଅବଧାରିତ ଭାବେ 'ପ୍ରକୀର୍ଣ୍ଣକ'। ନାରୀ ତା'ର ଆଲୁଳାୟିତ କେଶକୁ ସଜାଡ଼ି ବାନ୍ଧିଲା ପରି ନାନା ବିଷୟକ ଚିନ୍ତନକୁ ଲେଖକ ଖୁବ୍ ମନୋଜ୍ଞ କରି ବହିଟିରେ ବାନ୍ଧି ଦେଇଛନ୍ତି। ଗ୍ରନ୍ଥରେ ସ୍ଥାନିତ ୨୭ଟି ନିବନ୍ଧ। ଉପେନ୍ଦ୍ର, ଅଭିମନ୍ୟୁ, କବିସୂର୍ଯ୍ୟଙ୍କ ସୃଜନ-ସମୀକ୍ଷା ସାଙ୍ଗକୁ ଉତ୍କଳ ଗୌରବ, ନନ୍ଦକିଶୋର, କାଳିନ୍ଦୀଚରଣ, ବୈକୁଣ୍ଠନାଥ, ମାନସିଂହ, ଶରତଚନ୍ଦ୍ର, ଫତୁରାନନ୍ଦ, ଆର୍ତ୍ତବଲ୍ଲଭ, ଗୁରୁପ୍ରସାଦ, ଗୋପୀନାଥ, ସୁରେନ୍ଦ୍ର, ମହତାବ, ଜୟନ୍ତ, ରମାକାନ୍ତ, ନୀଳମଣି ଓ ଦେବବ୍ରତଙ୍କ ରଚନାର ମନନଶୀଳ ବ୍ୟାଖ୍ୟା ବାହ୍ୟ ଦୃଷ୍ଟିରୁ ବିକ୍ଷିପ୍ତ ମନେହେଲେ ବି ଏହାର ଗ୍ରନ୍ଥନ-ସୂତ୍ରଟି ଏକ ଓ ନିଦା। ଏକ ନୂଆ ମନ ଓ ନୂଆ ଆଖି ନେଇ ଆପାତଃ ଭିନ୍ନ ବିଷୟର ବିରଳ ବିଶ୍ଳେଷଣ। ପ୍ରତ୍ୟେକଟି ନିବନ୍ଧ ଲେଖକଙ୍କ ବହୁପାଠିତା ଓ ସୂକ୍ଷ୍ମ ତର୍ଜମାରେ ମହିମାମଣ୍ଡିତ। ଗ୍ରନ୍ଥାରମ୍ଭରେ 'ଉପକ୍ରମ' ଲେଖାଯାଏ। ମାତ୍ର ଅଶୀବର୍ଷ ଅତିକ୍ରମି ଯାଇଥିବାରୁ ଏହା ଲେଖାଲେଖି ଛାଡ଼ିବାର ଯଥାର୍ଥ ସମୟ ମନେକରି ଲେଖକ ଏହାର ନାମ ଦେଇଛନ୍ତି 'ଉପସଂହାର'। କିନ୍ତୁ ତାଙ୍କ କଥା ଶୁଣେ କିଏ? ସେ ଲେଖୁଛନ୍ତି ଓ ଆହୁରି ଲେଖିବେ। ଗ୍ରନ୍ଥସ୍ଥ ଲେଖାଗୁଡ଼ିକ ତାଙ୍କ ମତରେ 'ଉଦ୍ୟମ ସ୍ତର'ର, ମାତ୍ର ବୟାନଗତ ପରିପକ୍ୱତା 'ଉଦ୍ୟମ' ନୁହେଁ, 'ସଫଳତା'କୁ ହିଁ ପ୍ରମାଣ କରେ।

### ଛାଇର ଶବ୍ଦ

**କବି:** ଡ. ଗୋପବନ୍ଧୁ ଦାଶ
**ପ୍ରକାଶକ:** ବସନ୍ତ ପବ୍ଲିକେଶନ୍, ଡଗରପଡ଼ା, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୦୦/-




ଆଲୋଚ୍ୟ କାବ୍ୟଗ୍ରନ୍ଥରେ ମୋଟ ୮୩ଟି କବିତା ସ୍ଥାନିତ। ଏହା କବିଙ୍କର ପ୍ରଥମ କବିତା ସଂକଳନ। ପ୍ରାକ୍-କଥନରେ କବି ଅନ୍ୟ ବହୁ ପ୍ରସଙ୍ଗ ଉତ୍ଥାପନ କରିବା ସହିତ ଯେଉଁ ମଞ୍ଜି କଥାଟି କହିଛନ୍ତି, ତାହା ହେଲା- "କବିତା ମାଧ୍ୟମରେ ନିଜକୁ ଆବିଷ୍କାର କରିବାର ଦୁଃସାହସ ଏ ସଂକଳନରେ ପରିଦୃଷ୍ଟ।" କବିଙ୍କ ମତରେ ଜୀବନର ଏପରି କୌଣସି ପ୍ରସଙ୍ଗ ନାହିଁ, ଯାହା କବିତାରେ ଆଗରୁ କୁହାଯାଇନାହିଁ। ତେଣୁ 'କବି ବୋଲି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଧୃଷ୍ଟତା' ସେ ଏ ଗ୍ରନ୍ଥରେ କରୁନାହାନ୍ତି। ମାତ୍ର ବହିର କବିତାଗୁଡ଼ିକୁ ପଢ଼ିଲେ ମନେହୁଏ, ସେ 'କୁହା ସରିଥିବା କଥା' କହୁଥିଲେ ବି 'କୁହାଯାଇ ନ ଥିବା ବାଗ'ରେ କହିବାକୁ ଚେଷ୍ଟା କରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି। ସମ୍ୟକ୍ ଉଦ୍ଧୃତି ନେବା: ୧. "ସବୁ ଛାଇ ଶୀତଳ ନୁହେଁ/ ସବୁ ଉତ୍ତାପ ଅଗ୍ନି ନୁହେଁ/ ସବୁ କାକର ଶିଶିର ନୁହେଁ/ ସବୁ ଆଲିଙ୍ଗନ ପ୍ରେମ ନୁହେଁ।" (ସାହାରା, ପୃ: ୬୧)। ୨. "ରାତିକୁ ନିଦଟେ ମାଗିଥିଲେ,/ ସେ ଦେଇଥିଲା ସ୍ୱପ୍ନ।/ ସକାଳକୁ ଆଲୁଅ ମାଗିଥିଲେ,/ ସେ ଦେଇଥିଲା ସୂର୍ଯ୍ୟ।/ ଧରଣୀକୁ ଛାଇଟିଏ ମାଗିଥିଲେ, ସେ ଦେଇଥିଲା ଅରଣ୍ୟ।/ ନଦୀକୁ ପାଣି ଟୋପେ ମାଗିଥିଲେ,/ ସେ ଦେଇଥିଲା ସମୁଦ୍ର। ଆକାଶକୁ ତାରାଟିଏ ମାଗିଥିଲେ,/ ସେ ଦେଇଥିଲା ଅନ୍ତରୀକ୍ଷ।" (ସ୍ୱର୍ଗାରୋହଣ, ପୃ: ୩୯)। କୁଆଡୁ କୁଆଡ଼କୁ ନେଇ ନଯାଏ ଏ ପଙ୍କ୍ତିମାନ! ଏହା କ'ଣ ପୁନରାବୃତ୍ତି? ଶବ୍ଦରେ ଏହା ଚେତନାର ନୂଆ ଅଙ୍କୁରୋଦ୍‌ଗମ, ଯାହା ଗୋପବନ୍ଧୁଙ୍କ କବିତାକୁ ଅନନ୍ୟ କରେ।

## କାଳକାଳକୁ

"ମଧ୍ୟମେଧାଙ୍କ ପାଇଁ
ମୋର ସମୟ ନାହିଁ।
ମୁଁ ମିଶିବାକୁ ଚାହେଁନା
ସେମାନଙ୍କ ସହ, ଯେଉଁମାନେ
ପ୍ରବଳ ଅହଂକାରୀ।
ମୁଁ ସେମାନଙ୍କ ପାଇଁ ବିବ୍ରତ,
ଯେଉଁମାନେ ଯୋଗ୍ୟଲୋକଙ୍କୁ
ତା'ର ହକ୍ ଦିଅନ୍ତି ନାହିଁ।"
– ମାରିଓ ଡେ ଆଣ୍ଡ୍ରାଡେ



**ମାରିଓ ଡେ ଆଣ୍ଡ୍ରାଡେଙ୍କ** ଜନ୍ମ ୯ ଅକ୍ଟୋବର ୧୮୯୩ରେ ବ୍ରାଜିଲ୍‌ରେ ଓ ପରଲୋକ ୨୫ ଫେବୃୟାରୀ ୧୯୪୫ରେ। ସେ ଏକାଧାରରେ କବି, ଔପନ୍ୟାସିକ, ସଂଗୀତଶାସ୍ତ୍ରୀ, କଳା-ଐତିହାସିକ, ସମାଲୋଚକ ଓ ଫଟୋଗ୍ରାଫର୍। ବ୍ରାଜିଲୀୟ କବିତାରେ ସେ ଆଧୁନିକତାର ଅନ୍ୟତମ ପ୍ରତିଷ୍ଠାତା। ୧୯୨୨ରେ ତାଙ୍କ ପୁସ୍ତକ "Pauliceia Desvairada" (Hallucinated City) ପ୍ରକାଶ ପାଇବା ପରେ ବ୍ରାଜିଲୀୟ କବିତାରେ ଆଧୁନିକତାର ନୂତନ ରକ୍ତ ସଞ୍ଚରିତ ହୋଇଥିଲା। ୧୯୨୮ରେ ପ୍ରକାଶିତ ତାଙ୍କର ପ୍ରଖ୍ୟାତ ଉପନ୍ୟାସ "Macunaima."

## ଅଣୁ ଗଳ୍ପ

### କଞ୍ଚା କଥା

ରଜନୀକାନ୍ତ ମହାନ୍ତି

॥ ଏକ ॥

– ଡେରିରେ ଅଫିସ୍ ଆସିଲେ ଯେ !
– ହଁ, ଭଡ଼ାଘର ମାଲିକ ପୁଅ ଓ ମୋ' ପୁଅ ଉଭୟ ମେଟ୍ରିକ୍ ପରୀକ୍ଷା ଦେଇଥିଲେ ; ପୁଅ ଫାଷ୍ଟ ଡିଭିଜନରେ ପାସ୍ କଲା ଯେ ସେଇ ଖୁସିରେ ବାଧ ହେଲି ଅଲଗା ଘର ଖୋଜିବାକୁ। ସେଥିପାଇଁ ଟିକେ ଡେରି ହେଲା। ଦୁଃଖିତ...

॥ ଦୁଇ ॥

ମୁଁ ସେଇ ଅର୍ଥବାଦୀ ହେବାକୁ ଚାହେଁ ନାହିଁ, ଯାହାର ଗର୍ଭରୁ ସୃଷ୍ଟି ହେବ: ନିଦବଟିକା ଖାଇ ଶୋଉଥିବା ରାତି, ଜନ୍ମିତ ଶିଶୁ ପାଖରେ ନା ଥିବେ ବାପା/ ମାଆ, ରାଜନୈତିକ ଭାଷଣ ଦେବାକୁ ଛିଡ଼ା ହେଇଥିବ ପାର୍ଟି ପ୍ରସ୍ତୁତ ଗୋଟେ ରୋବୋ, କବିତା ପଢ଼ିବାକୁ ଛିଡ଼ା ହେଇଥିବ ଆବେଗହୀନା ସୁନ୍ଦରୀ !

॥ ତିନି ॥

ବୋକା ଗର୍ଧବ! 'ପାଣିପାଗ ଓ ଛତା' ଗପ କାହାଠୁ ଶୁଣିଲୁନି କି ଶିଖିଲୁନି, ହୁଣ୍ଡାମୁଣ୍ଡା ; ପଚାଶବର୍ଷ ଧରି ଛେଚା ଖାଇଲୁ, ଗାଳି, ଫଜିତ୍, ଅପମାନ, ରାହାଜାନିରେ ତତ'ରା ହେଲୁ। ଆହୁରି ଆଣ୍ଟିକି କହୁଚୁ କ'ଣ ନା ପର୍ବତ ଫୁଟେଇ ନଈ ବୁହାଇଦବୁ! ଉଁ...
ତୋତେ ମାଇନସ୍ ଆଶୀର୍ବାଦ ଦଉଚି... ନେ...।

E-mail: rajanikantamohanty153@gmail.com

# କେଉଁ କାମକୁ ସେ ଶୈଶବ, ଯଦି ଗପ ମନା

## ରମ୍ୟ-କଥନ


ପ୍ରାଚୀତାରା

ପିଲାଦିନ କଥା ମନେପଡ଼ିଲେ ମନଟା ଉତ୍‌ଫୁଲ୍ଲିତ ହୋଇଉଠେ। ଆମେସବୁ ବେଶ୍ ଖୁସିରେ, ଶାନ୍ତିରେ ଓ ନିଶ୍ଚିନ୍ତରେ ହସିଖେଳି ବଡ଼ ହେଇଛୁ। ଆମ ସମୟରେ ଘରେଘରେ ବିଜୁଳି ଆଲୁଅ ଆସି ସାରିଥିଲା। ଆମ ମା'ବାପାଙ୍କ ପରି ଆମକୁ ଲଣ୍ଠନ ବା ଡିବିରି ଆଲୁଅରେ ପାଠ ପଢ଼ିବାକୁ ପଡୁ ନ ଥିଲା। ଆଜିକାଲି ପରି ଗାଡ଼ି ମଟରର ସୁବିଧା ନ ଥିଲେ ମଧ୍ୟ ଆମକୁ ନଈ ପାରି ହେଇ ମାଇଲ ମାଇଲ ରାସ୍ତା ଚାଲିଚାଲି ଗାଁରୁ ସହରକୁ ପାଠ ପଢ଼ିବା ପାଇଁ ଯିବାକୁ ପଡୁ ନ ଥିଲା। ଚାଲିଚାଲି ସାଙ୍ଗମାନଙ୍କ ସହ ଗପସପ କରି ସ୍କୁଲ୍ ଯିବା ପାଠ ପଢ଼ିବାର ମଜାକୁ ଦ୍ୱିଗୁଣିତ କରୁଥିଲା। ପିଲାଦିନର ପିଲାଳିଆମି ତଥା ଦୁଷ୍ଟାମି ପାଇଁ ଗାଳି ମାଡ଼ ଖାଇବାଟା ସାଧାରଣ ଭାବେ ଗ୍ରହଣୀୟ ଥିଲା। ଖରାଛୁଟି ହେଲେ ମାମୁଘର ରହଣି ଅଥବା ଗାଁକୁ ଯିବା ନିଶ୍ଚିତ ଥିଲା। ଖରାବେଳେ ନ ଶୋଇ ଆମ୍ବ ବଗିଚାରେ ଖେଳ, ପୁଣି କେନାଲରୁ କୁନିକୁନି ମାଛ ଧରି ତାକୁ ଭାଜି କରି ଖାଇବା... ଏମିତି ଆହୁରି ଅନେକ ପିଲାଦିନର ସ୍ମୃତି ଯାହା କହିବସିଲେ ଦିନଦିନ ଗଡ଼ିଚାଲିବ।

ଏହା ଥିଲା ଆମ ପିଲାଦିନ। ଆଜିର ପିଲାମାନଙ୍କୁ ଦେଖିଲେ ଦୁଃଖ ଲାଗୁଛି। ଶୈଶବ ଉତ୍ତୀର୍ଣ୍ଣ ହେବାମାତ୍ରେ ବଡ଼ମାନଙ୍କ ଦୌଡ଼ରେ ସେମାନେ ସାମିଲ ହୋଇଯାଉଛନ୍ତି। ଗୁଡ଼ାଏ ଅଦରକାରୀ ଚାହିଦା ପୂରଣ କରିବାକୁ ମା'ବାପାଙ୍କ ଦୌଡ଼ରେ ପିଲାଟିର ପିଲାଦିନ ବଳିପଡୁଛି। ଏଥିପ୍ରତି କାହାରି ନିଘା ନାହିଁ। ସ୍କୁଲ୍ କର୍ତ୍ତୃପକ୍ଷ ଓ ଶିକ୍ଷୟିତ୍ରୀ ଶିକ୍ଷକ ପାଠ୍ୟକ୍ରମ ସାରିବାରେ ବ୍ୟସ୍ତ, ଆଉ ଘରକୁ ଆସିଲେ ମା'ବାପାଙ୍କର ପରୀକ୍ଷା ନମ୍ବରକୁ ନେଇ ଚର୍ଚ୍ଚା। ଯଦି ପିଲାଟି ବୋର୍ଡ ପରୀକ୍ଷାରେ ସ୍କୁଲ୍‌ରେ ପ୍ରଥମ ସ୍ଥାନ ଅଧିକାର କଲା, ତା'ହେଲେ ଟ୍ରାଫିକ୍ ସିଗ୍‌ନାଲରେ ତା' ଫଟୋର ବଡ଼ ହୋର୍ଡିଂ ଲାଗିବ। ସେହି ବାଟ ଦେଇ ଯା'ଆସ କରୁଥିବା ଲୋକେ ଦେଖିବେ। ସମସ୍ତେ ଜାଣିବେ ଅମୁକ ସ୍କୁଲ୍‌ର ପିଲା ଏତେ ନମ୍ବର ରଖି ଅମୁକ ସ୍ଥାନ ହାସଲ କରିଛି।

କିନ୍ତୁ ଦୁଃଖର କଥା ଏତିକି ଯେ, ଜୀବନର ଅଧାରାସ୍ତା ଅତିକ୍ରମ କରିସାରିଥିବା ଅଭିଭାବକମାନେ ବୁଝିବାକୁ ନାରାଜ ଯେ କେବଳ ପରୀକ୍ଷା ଖାତାର ନମ୍ବର ଜୀବନର ମାନ ବଢ଼ାଏ ନାହିଁ। ପଢ଼ାବହି ବାହାରେ ଥିବା ଶିକ୍ଷା ପିଲାର ବୌଦ୍ଧିକ ବିକାଶ ପାଇଁ ନିହାତି ଜରୁରୀ। ଏଥିସହିତ ଗପବହି ପଢ଼ିବା ବା ଗପ ଶୁଣିବା ପିଲାଟିର ସୃଜନଶୀଳତାର ବିକାଶରେ ସାହାଯ୍ୟ କରିଥାଏ। ପିଲାଙ୍କ ହୃଦ୍‌ବୋଧ ହେବାଭଳି ଗପଟିଏ କହିଲେ ସେଥିରୁ ସେମାନେ ଆନନ୍ଦ ଲାଭ କରିବା ସହିତ ଜୀବନର ନାନା ଦିଗ ସମ୍ପର୍କରେ ଅବହିତ ହୋଇଥାଆନ୍ତି। ଏହାଦ୍ୱାରା ତାଙ୍କ ମସ୍ତିଷ୍କର ବିକାଶ ହୋଇଥାଏ। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଗପଗୁଡ଼ିକରେ ବାସ୍ତବତା ସହିତ ଅତି କଳ୍ପନାର ମିଶ୍ରଣ ହୋଇଥାଏ। ଏହା ତା'ର ଚିନ୍ତା ଶକ୍ତିକୁ ତ୍ୱରାନ୍ୱିତ କରିଥାଏ। କେବଳ ସେତିକି ନୁହେଁ, ଗପଟିଏ ଶୁଣିଲେ ତା'ର ହୃଦ୍‌ବୋଧ ହୁଏ, ଯେପରି ଗପରେ ଥିବା କୁଆଟି ନିଜ ଚେଷ୍ଟା ବଳରେ ନିଜର ଜୀବନ ରକ୍ଷା କରିପାରିଲା, ସେ ମଧ୍ୟ ବିପଦରେ ପଡ଼ିଲେ ହାର୍ ନ ମାନି ସାହସର ସହିତ ତା'ର ମୁକାବିଲା କରିପାରିବ। ହେଉ ପଞ୍ଚତନ୍ତ୍ର କାହାଣୀ ବା ବିଭିନ୍ନ ଦେଶର ଲୋକକାହାଣୀ, ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଗପରେ ବହୁ ଶିକ୍ଷଣୀୟ କଥା ଲୁଚି ରହିଥାଏ।

ଏଇ ଗପ ଶୁଣିବା ଓ ଗପ କହିବାର ଧାରା ଘରେଘରେ ଆଉ ପ୍ରାୟ ଦେଖିବାକୁ ମିଳୁନାହିଁ। ପରିବାରର ଅନ୍ୟମାନଙ୍କ ମେଳରେ ବସି ପିଲାଟି ବଡ଼ମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମମାନ ଟେଲିଭିଜନରେ ଦେଖୁଛି। ସେଥିରେ ପିଲାର କ'ଣ କ୍ଷତି ହଉଛି, ସେ ଚିନ୍ତା କାହାରିକୁ ବିବ୍ରତ କରୁନାହିଁ। ମା'ବାପା ଦିନରାତି ଅଧିକ ପରିଶ୍ରମ କରି କିପରି ଅଧିକ ଟଙ୍କା ରୋଜଗାର କରି ପିଲାକୁ ବଡ଼ ସ୍କୁଲ୍‌ରେ ପଢ଼େଇବେ ଅଥବା ତା'ର ସାଙ୍ଗମାନଙ୍କ ପରି ତାକୁ ବଡ଼ ହୋଟେଲରେ ଖୁଆଇବେ, ଛୁଟିରେ ବାହାର ଦେଶ ବୁଲେଇବାକୁ ନେବେ ଓ ପରେପରେ ମେଡିକାଲ/ ଇଞ୍ଜିନିୟରିଂ କୋଚିଂ ପାଇଁ ଲକ୍ଷ ଲକ୍ଷ ଟଙ୍କା ଠୁଳ କରି ରଖିବେ- ଏଇଥିରେ ବ୍ୟସ୍ତ। ଏସବୁ ଭିତରେ ପିଲାର ମୂଲ୍ୟବୋଧ ତଥା ଗୁଣାତ୍ମକ ମାନର ବିକାଶ ପ୍ରତି ଧ୍ୟାନ ଦେବା ଦୂରର କଥା, ପିଲା ସହ ଏକାଠି ସମୟ ବିତାଇବା ପାଇଁ ମଧ୍ୟ ଅଭିଭାବକମାନଙ୍କ ପାଖରେ ସମୟ ନାହିଁ। ଏସବୁର ଅଭାବ ଆଉ ପରବର୍ତ୍ତୀ ସମୟରେ ପୂରଣ ଯେ କରିହୁଏ ନାହିଁ, ତାହା କିଏ ବୁଝେଇବ!

ପିଲାଟିବେଳରୁ ହିଁ ଜୀବନକୁ ଦେଖିବା ଦୃଷ୍ଟିକୋଣର ମୂଳଦୁଆ ପଡ଼ିଥାଏ। ପିଲାଙ୍କ ପାଇଁ ଲେଖାଯାଇଥିବା ଗପଗୁଡ଼ିକରେ ଜୀବନର ମୂଲ୍ୟବୋଧ ଲୁଚି ରହିବା ସହିତ ଏହା ତାକୁ ନାନା ଦେଶର ଭାଷା, ପୋଷାକ, ଚାଲିଚଳଣି ବିଷୟରେ ଅବଗତ କରାଇଥାଏ। ଗପ ହିଁ ବିଭିନ୍ନ ପଶୁପକ୍ଷୀ ତଥା ପରିବେଶ ସହିତ ପିଲାକୁ ଜଡ଼ିତ କରିଥାଏ। ଗପ ତାକୁ ଅତୀତ ସହିତ ବାନ୍ଧି ରଖେ। ଜୀବନରେ କେବେ ନିରାଶ ହେଲେ ଗପ ହିଁ ତା' ପାଇଁ ଆଶ୍ୱାସନା ଆଣିଦିଏ। ପିଲାକୁ ତା'ର ମନବୋଧ ହେବା ପରି କଥାବସ୍ତୁ ଯୋଗାଇଦେବା ତଥା ତାକୁ ସୃଜନଶୀଳ କରାଇବାରେ ଯେତିକି ଭୂମିକା ସ୍କୁଲ୍‌ମାନଙ୍କର ରହିଛି, ଅଭିଭାବକମାନଙ୍କର ମଧ୍ୟ ସେତିକି ରହିଛି। ଯଦି ଆମେ ଚାହୁଁ ସମାଜରେ ନୂଆନୂଆ କଥା ଆବିଷ୍କାର ହେଉ, ନୂଆ ଉଦ୍ଭାବନ ହେଉ, ତା'ହେଲେ ଅବଶ୍ୟ ଲୋଡ଼ା ସୃଜନାତ୍ମକ ଶିକ୍ଷା, ଶୈଶବରୁ। କେଉଁ କାମକୁ ସେ ଶୈଶବ, ଯଦି ଗପ ମନା!

E-mail: prachitaramishra@gmail.com



**ଲାପ୍‌ଟପ୍, ପିସି ମାନୁଫାକ୍‌ଚରିଂ ପାଇଁ ପ୍ରୋତ୍ସାହନ**

ଘରୋଇ ବଜାରରେ ଇଲେକ୍ଟ୍ରୋନିକ୍ସ ମାନୁଫାକଚରିଂ ପାଇଁ ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନା(ପିଏଲ୍‌ଆଇ)କୁ ସରକାର ମଞ୍ଜୁରୀ ଦେଇଛନ୍ତି। ଲାପ୍‌ଟପ୍,ଟାବ୍‌ଲେଟ, ପିସି ଏବଂ ସର୍ଭର ପ୍ରଭୃତିକୁ ଉତ୍ସାହିତ କରିବା ଲାଗି ସରକାର ୭,୩୫୦ କୋଟି ଟଙ୍କାର ପ୍ରୋତ୍ସାହନ ଯୋଗାଇଦେବେ। ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି।

# ବିକାଶରେ ସମଭାଗୀ ହେବେ ଘରୋଇ ବ୍ୟାଙ୍କ

**ନୂଆଦିଲ୍ଲୀ,୨୪।୨**

ଦେଶର ଅର୍ଥନୈତିକ ବିକାଶରେ ବର୍ତ୍ତମାନଠାରୁ ଘରୋଇ ବ୍ୟାଙ୍କଗୁଡ଼ିକ ସମାନ ଭାବେ ଭାଗୀଦାରି ହେବେ। ଘରୋଇ ବ୍ୟାଙ୍କ ପାଇଁ ରହିଥିବା ବିଭିନ୍ନ କଟକଣାକୁ ସରକାର ଉଠାଇଦେଇଛନ୍ତି। ସରକାରଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟରେ ଏହି ବ୍ୟାଙ୍କଗୁଡ଼ିକ ନିଜର ଯୋଗଦାନ ରଖିପାରିବେ। ଦେଶର ବିକାଶରେ ଅଂଶୀଦାର ହେବା ସହ ସରକାରଙ୍କ ସାମାଜିକ କ୍ଷେତ୍ର ପଦକ୍ଷେପ ଏବଂ ଗ୍ରାହକଙ୍କୁ ସୁବିଧାରେ ସେବା ଯୋଗାଣକୁ ଗୁରୁତ୍ୱ ଦେବାରେ ଘରୋଇ ବ୍ୟାଙ୍କ କାର୍ଯ୍ୟ କରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ଟୁଇଟ ଯୋଗେ କହିଛନ୍ତି।

**ନିୟମ କୋହଳ ନେଇ ସୀତାରାମନଙ୍କ ଘୋଷଣା**



ନିୟମ କୋହଳ ହୋଇଥିବାରୁ ଘରୋଇ ବ୍ୟାଙ୍କ ସରକାରଙ୍କ ବ୍ୟାଙ୍କିଙ୍ଗ୍ ସଂକ୍ରାନ୍ତ ନେଣଦେଣରେ ସାମିଲ ହୋଇପାରିବେ। ଟିକସ, ଅନ୍ୟ ରାଜସ୍ୱ ପେମେଣ୍ଟ ଫାସିଲିଟି, ପେନ୍‌ସନ ପେମେଣ୍ଟ, କ୍ଷୁଦ୍ର ସଞ୍ଚୟ ଯୋଜନା ଭଳି ବିଭିନ୍ନ ଟ୍ରାଞ୍ଜାକଶନରେ ଘରୋଇବ୍ୟାଙ୍କ ଭାଗ ନେଇପାରିବେ। ସରକାରୀ ବିଜ୍‌ନେସ ପରିଚାଳନାରେ ଏହି ବ୍ୟାଙ୍କଗୁଡିକ କାର୍ଯ୍ୟ କରିବା ଲାଗି ରିଜର୍ଭ ବ୍ୟାଙ୍କ ବିଭିନ୍ନ ବ୍ୟବସ୍ଥା କରିବ ବୋଲି ନିର୍ମଳା ମତ ପ୍ରକାଶ କରିଛନ୍ତି।

ସୀତାରାମନଙ୍କ ଏଭଳି ଘୋଷଣା ପରେ ନିଫ୍ଟିର ବ୍ୟାଙ୍କ ସୂଚକାଙ୍କରେ ବୃଦ୍ଧି ପରିଲକ୍ଷିତ ହୋଇଛି। ସେହିଭଳି ଘରୋଇବ୍ୟାଙ୍କଗୁଡିକ ମଧ୍ୟ ବେଶ୍ ଉତ୍ସାହିତ ହେଉଥିବ ନଜରକୁ ଆସିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କର ଶେୟାର କାରବାର ପ୍ରାୟ ୪ରୁ୫% ବୃଦ୍ଧି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସ ୧୦୫୦ପଏଣ୍ଟ ବୃଦ୍ଧି ହୋଇଥିବା ନଜରକୁ ଆସିଛି।

# ବଜାରରେ ନୂଆ ଆବରୋସ ସୁ




**ପୁରୀ,୨୪।୨**

ଓଡ଼ିଶା ବଜାରକୁ ନୂଆ ଆବରୋସ ବ୍ରାଣ୍ଡର ସୁ ପ୍ରବେଶ କରିଛି। ପୁରୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବ୍ରାଣ୍ଡର ବଜାର ପ୍ରବେଶ କରାଯାଇଛି। ଏହା ସ୍ପୋର୍ଟସ ସୁ ବର୍ଗରେ ଏକ ରିଭଲ୍ୟୁଶନ ଆଣିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏହି ସୁ'ର ବିତରକ ଭାବେ ଭୁବନେଶ୍ୱରର ରାମଜୀ ଏଣ୍ଟରପ୍ରାଇଜେସ୍‌କୁ ନିଯୁକ୍ତ କରାଯାଇଛି। ଟ୍ରେଡ୍ ସଂକ୍ରାନ୍ତ ବିଭିନ୍ନ ସୂଚନା ଲାଗି ରାଜ୍ୟରେ ରାମଜୀ ଏଣ୍ଟରପ୍ରାଇଜେସ୍‌କୁ ଯୋଗାଯୋଗ କରିବାକୁ କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ଗ୍ରାହକଙ୍କ ସ୍ପୋର୍ଟସ ସୁ ଆବଶ୍ୟକତାକୁ ଧ୍ୟାନରେ ରଖି ଏହାକୁ କମ୍ପାନୀ ପ୍ରସ୍ତୁତ କରିଛି। ଏଥିରେ ଗ୍ରାହକ ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଗୁଣବତ୍ତା ଲାଭ କରିପାରିବେ। ଏହି ଅବସରରେ ବିତରକମାନଙ୍କର ଏକ ସମ୍ମିଳନୀ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ପ୍ରାୟ ୨୦୦ ଡିଲର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆବରୋସ ସୁ'ର ସିଇଓ ପ୍ରମୋଦ ଶର୍ମା, ନିର୍ଦ୍ଦେଶକ ପ୍ରଦୀପ ଶର୍ମା ଏବଂ ରାମଜୀ ଏଣ୍ଟରପ୍ରାଇଜେସ୍‌ର ମୁଖ୍ୟ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସାରା ଦେଶରେ ପ୍ରଡକ୍ଟ ଉପଲବ୍ଧ କରାଇବା ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ସିଇଓ ଶର୍ମା କହିଛନ୍ତି। ଆମ ପ୍ରଡକ୍ଟରେ ଗ୍ରାହକ ଡିଜାଇନ, ଲୁକ୍ସ, ଆରାମ ଏବଂ ଟେକ୍ନୋଲୋଜିର ମିଶ୍ରଣ ଲାଭ କରିପାରିବେ। ଏହା ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

# ଫ୍ରିଡମ୍ ପକ୍ଷରୁ ରୋଡ୍ ଶୋ




**ଭୁବନେଶ୍ୱର,୨୪।୨**

ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ରୋଡ୍ ଶୋ ଅନୁଷ୍ଠିତ ହୋଇଯାଇଛି। ଫ୍ରିଡମର କଚି ଘନି ସୋରିଷ ତେଲ ଶୁଦ୍ଧତା ଏବଂ ସ୍ୱାସ୍ଥ୍ୟ ଉପରେ ରହିଥିବା ସୁପ୍ରଭାବକୁ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଅବସରରେ ଅମିୟ କୁମାର ଧଳ ୨ଟି ଯାନକୁ ସଚେତନତା ଲାଗି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଯାନଗୁଡିକ ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଭଳି ସହରରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ବର୍ତ୍ତମାନ ସାମଗ୍ରୀରେ ଅପମିଶ୍ରଣ ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ଗ୍ରାହକଙ୍କ ମଧ୍ୟରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିଛି। କମ୍ପାନୀ ସବୁବେଳେ ପ୍ରଡକ୍ଟ ଗୁଣବତ୍ତାକୁ ଧ୍ୟାନରେ ରଖିଥିବା ବେଳେ ଏ ନେଇ ଗ୍ରାହକଙ୍କୁ ସଚେତନ କରାଯାଉଛି ବୋଲି ଫ୍ରିଡମ୍ ହେଲଦି କୁକିଂ ଅଏଲର ଉପସଭାପତି ପି.ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି।

# ବ୍ରିଟେନରେ ନୀରବ ମୋଦି ମାମଲାର ଶୁଣାଣି ଆଜି

**ନୂଆଦିଲ୍ଲୀ,୨୪।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ପ୍ରାୟ ୧୩ ହଜାର କୋଟି ଟଙ୍କା ଠକେଇ କରି ଲଣ୍ଡନ ଜେଲରେ ଥିବା ପଳାତକ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଗୁରୁବାର ହେବ। ବ୍ରିଟେନ ଅଦାଲତ ଏହି ମାମଲାର ଶୁଣାଣି କରିବେ ବୋଲି ଜଣାପଡ଼ିଛି। ନୀରବଙ୍କୁ ୨୦୧୯ ମାର୍ଚ୍ଚ ୨୫ରେ ଗିରଫ କରାଯାଇଥିଲା। ଏହି ମାମଲାର ଶୁଣାଣି ଜାରି ରହିଥିବା ବେଳେ ସେ ୱାଣ୍ଡସୱାର୍ଥ ଜେଲରୁ ଭିଡିଓ ଲିଙ୍କ୍ ଜରିଆରେ ହାଜର ହେଉଥିଲେ। ତାଙ୍କୁ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଯିବ ବୋଲି କୁହାଯାଉଛି। ଜିଲା ମାଜିଷ୍ଟ୍ରେଟ ସାମୁଏଲ ଗୁଜି ତାଙ୍କ ନିଷ୍ପତ୍ତି ଶୁଣାଇବେ ବୋଲି ଜଣାପଡିଛି। ନୀରବ ଭାରତରେ କୌଣସି କୋର୍ଟଙ୍କ ସାମ୍ନାରେ ହାଜର ହେବା ନେଇ ଏହି ଶୁଣାଣି ଅନେକ ଗୁରୁତ୍ୱ ବହନ କରୁଛି। ମାଜିଷ୍ଟ୍ରେଟ୍‌ଙ୍କ ଏହି ନିଷ୍ପତ୍ତି ପରେ ଫାଇଲକୁ ବ୍ରିଟେନର ହୋମ୍ ସେକ୍ରେଟେରି ପ୍ରୀତି ପଟେଲଙ୍କ ପାଖକୁ ପଠାଇ ଦିଆଯିବ।

# ଅବସରକାଳୀନ ଜୀବନ ଲାଗି ନିବେଶ କରନ୍ତୁ

**ଅର୍ଥର ଅର୍ଥ**



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଅବସରକାଳୀନ ପାଣ୍ଠି ନିବେଶ କରିବାର ପସନ୍ଦସବୁ**

| ସ୍କିମ୍ | ସୁଧହାର (ବାର୍ଷିକ) | ନିବେଶ ଅବଧି | ନିବେଶ ଲକ୍ଷଣ | ସୁଧରାଶି ଦେୟ | ସର୍ବନିମ୍ନ ନିବେଶ | ସର୍ବାଧିକ ନିବେଶ |
|---|---|---|---|---|---|---|
| ପ୍ରଧାନମନ୍ତ୍ରୀ ବାୟା ବନ୍ଦନ ଯୋଜନା | ୭.୪୦-୭.୬୬% | ୧୦ ବର୍ଷ | ବନ୍ଧନ-ଯୁକ୍ତ | ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ ଓ ବାର୍ଷିକ | ୧,୫୬,୬୫୮ | ୧୫,୦୦,୦୦୦ |
| ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା | ୭.୪୦% | ୫ ବର୍ଷ (ଅଧିକ ୩ ବର୍ଷ) | ବନ୍ଧନ-ଯୁକ୍ତ | ତ୍ରୈମାସିକ | ୧୦୦୦ | ୧୫,୦୦,୦୦୦ |
| ଆର୍‌ବିଆଇ ଫ୍ଲୋଟିଙ୍ଗ୍ ରେଟ୍ ବଣ୍ଡ | ୭.୧୫% | ୭ ବର୍ଷ | ବନ୍ଧନ-ଯୁକ୍ତ | ଅର୍ଦ୍ଧ-ବାର୍ଷିକ | ୧୦୦୦ | ସୀମା ନାହିଁ |
| ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ | ୭.୧୦% | ୧୫ବର୍ଷ | ବନ୍ଧନ-ଯୁକ୍ତ | ପରିପକ୍ୱ ସମୟରେ | ୫୦୦(ଆର୍ଥିକ ବର୍ଷରେ) | ୧,୫୦,୦୦୦ ଆର୍ଥିକ ବର୍ଷରେ |
| ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ | ୬.୮୦% | ୫ ବର୍ଷ | ବନ୍ଧନ-ଯୁକ୍ତ | ପରିପକ୍ୱ ସମୟରେ | ୧୦୦୦ | ସୀମା ନାହିଁ |
| ଡାକଘର ମାସିକ ଆୟ ସ୍କିମ୍ | ୬.୬୦% | ୫ବର୍ଷ | ବନ୍ଧନ-ଯୁକ୍ତ | ମାସିକ | ୧୦୦୦ | ୪,୫୦,୦୦୦ |
| କିଷାନ ବିକାଶ ପତ୍ର | ୬.୯୦ | ୧୦ ବର୍ଷ ଓ ୪ ମାସ | ବନ୍ଧନ-ଯୁକ୍ତ | ପରିପକ୍ୱ ସମୟରେ | ୧୦୦୦ | ସୀମା ନାହିଁ |
| ଡେବ୍ଟ ମ୍ୟୁଚୁଆଲ୍ ଫଣ୍ଡ | ନିବେଶ ସ୍କିମ୍ ପୁଞ୍ଜିବଜାର ସହିତ ଜଡ଼ିତ | ୧-୧୦ବର୍ଷ | ବନ୍ଧନ-ଯୁକ୍ତ | ପୁଞ୍ଜିବଜାର ସହିତ | ୧୦୦ | ସୀମା ନାହିଁ |
| ଇକ୍ୟୁଟି ମ୍ୟୁଚୁଆଲ୍ ଫଣ୍ଡ | ନିବେଶ ସ୍କିମ୍ ପୁଞ୍ଜିବଜାର ସହିତ ଜଡ଼ିତ | ୧-୧୦ ବର୍ଷ | ବନ୍ଧନ-ଯୁକ୍ତ ଓ ବନ୍ଧନ-ମୁକ୍ତ | ପୁଞ୍ଜିବଜାର ସହିତ ଜଡ଼ିତ | ୧୦୦ | ସୀମା ନାହିଁ |

■ **ମୁଁ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଗତ ବର୍ଷ ଅବସର ନେଇଛି। କିଛି ଅବସରକାଳୀନ ପାଣ୍ଠି ମିଳିଛି। ଏହାକୁ ନିବେଶ କରିବାକୁ ଚାହୁଁଛି। ବର୍ତ୍ତମାନ ବ୍ୟାଙ୍କ ସୁଧ ହାର କମ୍ ରହିଛି। ପୁଞ୍ଜିବଜାରରେ ନିବେଶକରି ରିସ୍କ ନେବାକୁ ଚାହୁଁନାହିଁ। କେଉଁ ସ୍କିମ୍‌ରେ ନିବେଶ କରିବା ଉଚିତ ହେବ। ମୋ ଜୀବନଶୈଳୀ ମାସିକ ଖର୍ଚ୍ଚ ଲାଗି ଆୟର ଆବଶ୍ୟକତା ରହିଛି। ଆପଣଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ।**

**- ଲକ୍ଷ୍ମୀଧର ବାରିକ, ବାଲେଶ୍ୱର**

◆ ଯଦି ଆପଣ ଭଲ ଭାବେ ଯୋଜନା କରି ନିବେଶ କରନ୍ତି ତେବେ ଅବସର ଜୀବନ ପ୍ରକୃତରେ ଆପଣଙ୍କ ଜୀବନର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିପାରିବ। ମାସିକ ଖର୍ଚ୍ଚ ଲାଗି ଏକ ବିବିଧୀକରଣ ପୋର୍ଟଫୋଲିଓରେ ନିବେଶ କରିବା ଉଚିତ ହେବ। ଜଣେ ଅବସରପ୍ରାପ୍ତ ବ୍ୟକ୍ତି ହିସାବରେ ଆପଣଙ୍କର ପାଣ୍ଠିକୁ ଆପଣ ରିସ୍କ ବହନ କରିବାର କ୍ଷମତା ଓ ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟି ଦେଇ ବିଭିନ୍ନ ସ୍କିମ୍‌ରେ ନିବେଶ କରିପାରିବେ। ଆପଣ ଭାବୁଛନ୍ତି କି, ଏକ ବିବିଧୀକରଣ ନିବେଶ ପୋର୍ଟଫୋଲିଓ କିଭଳି ପ୍ରସ୍ତୁତ କରିବେ ; ଯାହାକି ଭଲ ସୁଧହାର ଏବଂ ମାସିକ ଆୟ ଦେଇପାରିବ। ଆୟକର ସୁବିଧା ପାଇଁ ମଧ୍ୟ ସହାୟତା କରିବ।

ଏକ ଆରାମଦାୟକ ଅବସରକାଳୀନ ଜୀବନଶୈଳୀ ଚାଲୁ ରଖିବା ପାଇଁ ନିବେଶ କରିବା ଜରୁରୀ। ମୁଦ୍ରାସ୍ଫୀତି ହାରର ପ୍ରଭାବଠାରୁ ଅଧିକ ସୁଧ ବା ଆୟ ପାଇବା ନିହାତି ଜରୁରୀ। ନଚେତ୍ ଆପଣଙ୍କ ଅବସରକାଳୀନ ନିବେଶ ପାଣ୍ଠିର ମୂଲ୍ୟ ୧୦ରୁ ୧୫ ବର୍ଷ ପରେ ବହୁତ କମ୍ ହୋଇଯାଇଥିବ କିମ୍ବା ଅଧା ହୋଇଯାଇଥିବ। ଆପଣଙ୍କ ଦୈନନ୍ଦିନ ଜୀବନଶୈଳୀ ଉପରେ ମୁଦ୍ରାସ୍ଫୀତି ହାର ବହୁତ ବଡ ପ୍ରଭାବ ପକାଇଥାଏ। ଏହାର କାରଣ ହେଉଛି, ଏହା ଆପଣଙ୍କର ଖର୍ଚ୍ଚ କରିବାର ଶକ୍ତିକୁ କମାଇଦିଏ। ଅଧିକାଂଶ ବରିଷ୍ଠ ନାଗରିକଙ୍କ ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ପଡିଥାଏ। ଏହାର କାରଣ ହେଉଛି ଅଧିକାଂଶ ବରିଷ୍ଠ ନାଗରିକ ସ୍ଥାୟୀ ଆୟ ଉପରେ ନିର୍ଭର କରିଥାନ୍ତି। ଆପଣଙ୍କ ମାସିକ ବ୍ୟାଙ୍କ ସ୍ଥାୟୀ ଜମାର ସୁଧ ଆୟ କିମ୍ବା ମାସିକ ପେନ୍‌ସନ ସ୍ଥାୟୀ ରହିଥାଏ। କିନ୍ତୁ ଦରଦାମ ବଢିଚାଲିଥାଏ।

ଅବସରକାଳୀନ ପାଣ୍ଠି ନିବେଶ କରିବା ସମୟରେ ଆପଣଙ୍କ ଆର୍ଥିକ ସ୍ଥିରତା ସହିତ ମୂଳଧନର ସୁରକ୍ଷା ଓ ମାସିକ ଆୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ବିବିଧୀକରଣ ନିବେଶ ପୋର୍ଟଫୋଲିଓରେ ନିବେଶ କରିବା ଉଚିତ ହେବ। ନିମ୍ନଲିଖିତ ସ୍କିମ୍ ସବୁକୁ ଦୃଷ୍ଟିଦେଇ ଆପଣଙ୍କ ରିସ୍କ ବହନ କରିବାର କ୍ଷମତା ଅନୁଯାୟୀ ଓ ଆବଶ୍ୟକତାକୁ ଦୃଷ୍ଟି ଦେଇ ନିବେଶ କରିପାରିବେ।

ପ୍ରତ୍ୟେକ ସ୍କିମ୍‌ରେ କେତେକ ଭଲ ଏବଂ ମନ୍ଦ ଗୁଣ ରହିଥାଏ। ଜଣେ ନିଜର ନିବେଶ ଲକ୍ଷ୍ୟ,ରିସ୍କ ବହନ କରିବାର କ୍ଷମତା ଓ ମୁଦ୍ରାସ୍ଫୀତି ପ୍ରଭାବ ଇତ୍ୟାଦିକୁ ଦୃଷ୍ଟିଦେଇ ନିବେଶ କରିବା ଉଚିତ ହେବ। ନିବେଶ କରିବା ସମୟରେ ଅନେକ ରିସ୍କ ଅଛି। ଏସବୁକୁ ବୁଝିବା ନିହାତି ଜରୁରୀ। ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନରଙ୍କ ସହ ଆଲୋଚନାକରି ଏକ ବିବିଧୀକରଣ ନିବେଶ ପୋର୍ଟଫୋଲିଓରେ ନିବେଶ କରନ୍ତୁ।

■ **୨୦ ବର୍ଷ ସମୟସୀମା ମଧ୍ୟରେ ପିପିଏଫ୍ ସ୍କିମ୍‌ରେ ୧ କୋଟି ଟଙ୍କା ପାଇବା ପାଇଁ ମାସିକ କେତେ ଟଙ୍କା ସଞ୍ଚୟ କରିବାକୁ ପଡ଼ିବ? ମୁଁ କୌଣସି ରିସ୍କ ନେବାକୁ ଚାହୁଁନାହିଁ। ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ?**

**- ସୁଜାତା ମିଶ୍ର, ନୟାଗଡ଼**

◆ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍)ର ବର୍ତ୍ତମାନ ସୁଧହାର ବାର୍ଷିକ ୭.୧୦% ରହିଛି। ପିପିଏଫ୍ ସୁଧହାର ପ୍ରତି ତ୍ରୈମାସିକ ହିସାବରେ କେନ୍ଦ୍ର ସରକାର ସ୍ଥିର କରନ୍ତି। ଯଦି ଆସନ୍ତା ୨୦ ବର୍ଷ ପାଇଁ ୭.୧୦% ସୁଧହାର ବାର୍ଷିକ ଧରିନେବା, ତେବେ ୧ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିବା ଲାଗି ମାସିକ ୧୯,୪୮୦ ଟଙ୍କା ସଞ୍ଚୟ କରିବାକୁ ପଡିବ। ନିୟମିତ ସଞ୍ଚୟ ଓ ଶୃଙ୍ଖଳା ପାଳନକଲେ ଯେକୌଣସି ଆର୍ଥିକ ଲକ୍ଷ୍ୟ ହାସଲ କରିପାରିବେ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

# ୫୦ ବର୍ଷ ପୂର୍ତ୍ତି ପାଳୁଛି କ୍ୟାଟରପିଲାର

**ନୂଆଦିଲ୍ଲୀ,୨୪।୨**

ନିର୍ମାଣ ଏବଂ ମାଇନିଂ ଯନ୍ତ୍ରାଂଶ ପ୍ରସ୍ତୁତି କ୍ଷେତ୍ରରେ ପ୍ରମୁଖ କମ୍ପାନୀ କ୍ୟାଟରପିଲାର ଭାରତରେ ମାନୁଫାକଚରିଂର ୫୦ ବର୍ଷ ପୂର୍ତ୍ତି ପାଳନ କରୁଛି। କମ୍ପାନୀ ଅତ୍ୟାଧୁନିକ ଟେକ୍ନୋଲୋଜି, ନିରାପତ୍ତା, ଉତ୍ପାଦକତା ଏବଂ ଦକ୍ଷତା ସହ ଏହାର ପ୍ରଡକ୍ଟ ବଜାରରେ ଉପଲବ୍ଧ କରାଉଥିବା କହିଛି। ସାରା ବିଶ୍ୱରେ କମ୍ପାନୀ ଦୀର୍ଘ ୯୫ ବର୍ଷ ହେବ ସଫଳତା ସହ ସେବା ଯୋଗାଣ କରୁଛି। ୧୯୩ ଦେଶରେ ଡିଲର ନେଟ୍‌ୱର୍କ ସହ ଏହା ଯାତ୍ରା ଅବ୍ୟାହତ ରଖିଛି। କମ୍ପାନୀରେ ବର୍ତ୍ତମାନ ୧.୬୦ ଲକ୍ଷ କର୍ମଚାରୀ କାମ କରୁଛନ୍ତି। କମ୍ପାନୀ ୬ ଷ୍ଟେଟ



ଅଫ୍ ଆର୍ଟ ମାନୁଫାକଚରିଂ ଫାସିଲିଟି, ୨ ଆର୍ ଆଣ୍ଡ ଡି ସେଣ୍ଟର, ୫ ସବ୍‌ସିଡିଆରି ସଂସ୍ଥା, ୮ କ୍ୟାଟରପିଲାର ବ୍ରାଣ୍ଡ ଏବଂ ଗ୍ଲୋବାଲ ସପୋର୍ଟ ଅର୍ଗାନାଇଜେଶନ ସହ କାମ କରୁଛି। ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ବିଶ୍ୱସ୍ତରୀୟ ପ୍ରଡକ୍ଟ ସଲ୍ୟୁଶନ ଏବଂ ସର୍ଭିସ ଇନୋଭେଶନ କମ୍ପାନୀ ପ୍ରଦାନ କରୁଛି। ଭାରତରେ କମ୍ପାନୀର ଡିଲର ନେଟ୍‌ୱର୍କରେ ୧୧ ହଜାର ଲୋକ କାମ କରୁଛନ୍ତି। କମ୍ପାନୀ ଭାରତରେ ଖଣି, ନିର୍ମାଣ, ପରିବହନ, ଶକ୍ତି ଉତ୍ପାଦନ ଏବଂ ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ନିଜର ଯୋଗଦାନ ରଖିଛି ବୋଲି କ୍ୟାଟରପିଲାରର ସିଇଓ ଜିମ୍ ଅମ୍ପ୍ଲିବେ କହିଛନ୍ତି।

# ଭାରତ ବନ୍ଦକୁ ଟ୍ରାନ୍ସପୋର୍ଟରଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୪।୨**

ସଡ଼କ ପରିବହନ କ୍ଷେତ୍ରର ପ୍ରମୁଖ ସଂଘ ଅଲ୍ ଇଣ୍ଡିଆ ଟ୍ରାନ୍ସପୋର୍ଟର୍ସ ୱେଲ୍‌ଫେୟାର ଆସୋସିଏଶନ (ଏଆଇଟିଡବ୍ଲ୍ୟୁଏ) ଚଳିତ ମାସ ୨୬ର ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇଛି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଏଭଳି ଧର୍ମଘଟ ଡାକରା ଦିଆଯାଇଛି। ଏହିଦିନ ସାରା ଦେଶରେ ଚକାଜାମ୍ କରିବା ନେଇ ଘୋଷଣା କରାଯାଇଛି।


**NOTICE**

No.1825 Date 23.02.21

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

In pursuance to Advt. 11766 dt.18.12.2020, objections are invited from the candidates for the post of RMNCH+A Counsellor and Data Assistant-cum-Accountant under NHM, Bargarh. For this, database has been prepared as per the documents submitted by the candidates. Candidates are requested to login the official website of Bargarh District www.bargarh.nic.in and submit their objections if any and apply through e-mail only i.e. dpmubar@nic.in on or before 28.02.2021 upto 5.00 P.M. No fresh documents shall be accepted, except documents relating to correction of typographical error if any.

**Sd./- Chief District Medical & PHO, Bargarh**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୬୫ ତା: ୯।୨।୨୧

**ବିଜ୍ଞାପନ**

No. CAD-1336: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍‌ଆଇଜି-୧୪/୬ (HIG-14/6)ଟିକୁ ଶ୍ରୀ ସୁବାସ ଚନ୍ଦ୍ର ଦାଶ, ପି.- ୰ଅଲେଖ ଚନ୍ଦ୍ର ଦାଶ, ସା: ଗୋପୀନାଥପୁର ଶାସନ, ପୋ.- ଗୋପୀନାଥପୁର, ଥା: ସାଲେପୁର, ଜି: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସୁବାସ ଚନ୍ଦ୍ର ଦାଶ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁଧୀର କୁମାର ସାହୁ, ପି.- ଉତ୍ତମ ଚରଣ ସାହୁ, ସା: ଟିଳଙ୍ଗ, ପୋ: ହଳଦିଆ, ଥା/ଜି: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0024/2021

**ODISHA JOINT ENTRANCE EXAMINATION, 2021 (OJEE - 2021)**

No: OJEE / 093 Date:24/02/2021

**TENDER CALL NOTICE**

No.h-02:- Call for Proposals and Quotations for conducting the Odisha Joint Entrance Examination - 2021 in Computer-Based-Test (CBT) Mode for total around 80,000 candidates in various courses such as B. Tech, B. Pharm, LE-Tech, MBA, MCA, M.Pharm, M.Arch, M.Plan, Int. MBA and all M.Tech Courses.

Tenders are invited from eligible, reputed and qualified IT Firms with sound technical and financial capabilities for implementation and maintenance of Computer Based System for conducting entrance examination of OJEE 2021. The tenderers may apply in the prescribed tender documents available on the websites of OJEE. i.e. www.odishajee.com / www.ojee.nic.in. The last date of submission of the tender is **18th March, 2021 by 5:00 P.M.**

The OJEE Authority reserves the right to cancel the tender without assigning any reason thereof.

**Sd./- Chairman, OJEE**
OIPR-14020/11/0002/2021

**ନୋଟିସ**

No. MM-167:- ଏତଦ୍ୱାରା ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି, ପିତା- ବିଜୟ ମହାନ୍ତି, ଗ୍ରାମ- ଭୀଷ୍ମଗିରି, ଥାନା- ଦିଗପହଣ୍ଡି, ଜିଲ୍ଲା- ଗଞ୍ଜାମଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ଦିଗପହଣ୍ଡି ବନାଞ୍ଚଳରେ ଗତ ତା-୩୦.୦୩.୨୦୨୦ରିଖରେ କେସ୍ ସଂଖ୍ୟା- ୧୦/୨୦୧୯-୨୦ ଅନୁଯାୟୀ ଜବତ ହୋଇଥିବା ଗାଡ଼ି ଯାହାର ରେଜିଷ୍ଟ୍ରେଶନ ନମ୍ବର- OR-07W-4017ର ମାଲିକାନା, ଆଞ୍ଚଳିକ ପରିବହନ ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ ଚିଠି ସଂଖ୍ୟା- 7737/ଆରଟିଏ ତା-୦୭.୧୦.୨୦୨୦ରିଖ ପ୍ରକାରେ ଆପଣଙ୍କ ନାମରେ ରେକର୍ଡ ହୋଇଅଛି ତଥା ଆପଣ ଏହି କେସ୍‌ରେ ମୁଦାଲା ଭାବରେ ରେକର୍ଡ ହୋଇଅଛନ୍ତି, ଯାହାକି ବର୍ତ୍ତମାନ ବ୍ରହ୍ମପୁର ବନଖଣ୍ଡରେ ବିଚାରାଧୀନ ଅଛି। ଆଇନ ଅନୁଯାୟୀ ଉକ୍ତ କେସ୍‌ର ବିଚାର ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଆପଣ ଉପସ୍ଥିତ ହେଉନାହାନ୍ତି । ଏଣୁ ଏହି ନୋଟିସକୁ ଭିତ୍ତିକରି ଏହାର ପ୍ରକାଶନର ପନ୍ଦର ଦିନ ମଧ୍ୟରେ ତଥା ତା-୨୩.୦୩.୨୦୨୧ରିଖ ଦିନ ଆପଣ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁରରେ ଉପସ୍ଥିତ ରହି ନିଜର ପକ୍ଷ ରଖିବା ହେବେ । ଏହି ନୋଟିସଟି ପୁନର୍ବାର ତଥା ଶେଷ ଥର ପାଇଁ ବିଚାର ନିମନ୍ତେ ସୁଯୋଗ ଦିଆଯାଉଅଛି । ଏହା ସତ୍ତ୍ୱେ ଉକ୍ତ ତାରିଖ ଓ ସ୍ଥାନରେ ଉପସ୍ଥିତ ନ ରହିଲେ, ଏଥି ସମ୍ବନ୍ଧରେ ଏକତରଫା ନିଷ୍ପତ୍ତି ନିଆଯିବ ଏବଂ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

**Sd./- Authorized Officer-cum-A.C.F.**
**Brahmapur Forest Division**
OIPR-08038/11/0011/2021

**PANCHAYAT SAMITI OFFICE, KHAPRAKHOL, DIST.: BOLANGIR**
**TENDER CALL NOTICE NO.-1/KHPRL/2020-21**

| Sl. No. | Name of the work | Cost of the work in lakh | Bid security 1% EMD in Rs. | Cost of bid documents in Rs. | Class of contractor | Bid document for sale and receive for bidding From | To | Date of opening bid | Period of completion |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Construction of Labour Room building at PHC(N) Lathore | Rs.2311154.00 | Rs.24000.00 | Rs.6000.00 | 'C' & 'B' | 22.02.2021 | 08.03.2021 | 09.03.2021 | Six calendar months |

E-mail ID: ori-khaprakhol@nic.in
Further detail can be seen from the Govt. website www.bolangir.nic.in

**Sd./-Block Development Officer, Khaprakhol**





ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏକ ସ୍ମରଣିକା ଦେଇ ୧୦୦ତମ ଟେଷ୍ଟ ଖେଳିଥିବା ଇଶାନ୍ତ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଗୃହ ମନ୍ତ୍ରୀ ଅମିତ ଶାହା। ଭାରତୀୟ ଖେଳାଳିଙ୍କ ଗାର୍ଡ ଅଫ୍ ଅନର।

# ୧୦୦ତମ ଟେଷ୍ଟ ପାଇଁ ଇଶାନ୍ତ ସମ୍ବର୍ଦ୍ଧିତ

**ଅହମଦାବାଦ, ୨୪।୨(ପି.ଟି.)**

ଇଂଲଣ୍ଡ ବିପକ୍ଷରେ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିଥିବାରୁ ଭାରତୀୟ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମ୍ୟାଚ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଏକ ସ୍ମରଣିକା ଏବଂ ଗୃହ ମନ୍ତ୍ରୀ ଅମିତ ଶାହା ସ୍ୱତନ୍ତ୍ର ବିସିସିଆଇ ଟୋପି ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଉପସ୍ଥିତ ଥିଲେ। ୩୨ ବର୍ଷୀୟ ଇଶାନ୍ତ ପୂର୍ବତନ ଅଧିନାୟକ କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଦ୍ରୁତ ବୋଲର ଭାବେ ୧୦୦ ଟେଷ୍ଟ ମ୍ୟାଚ ଖେଳିଥିଲେ। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବାରୁ ଟିମ୍ ଇଣ୍ଡିଆ ଖେଳାଳିମାନେ ପଡ଼ିଆରେ ପ୍ରବେଶ କରିବା ବେଳେ ଲାଇନ୍‌ରେ ଛିଡ଼ା ହୋଇ ଦୀର୍ଘଦିନ ଧରି ଭାରତୀୟ କ୍ରିକେଟକୁ ସେବା ପାଇଁ ଇଶାନ୍ତଙ୍କୁ ଗାର୍ଡ ଅଫ୍ ଅନର ଜଣାଇଥିଲେ। ନିଜ ୧୦୦ତମ ଟେଷ୍ଟକୁ ସ୍ମରଣୀୟ କରି ଇଶାନ୍ତ ପ୍ରଥମ ଇନିଂସରେ ଗୋଟିଏ ଉଇକେଟ ମଧ୍ୟ ନେଇଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜର ପ୍ରଥମ ଟେଷ୍ଟରେ ଇଶାନ୍ତ ୩୦୦ ଉଇକେଟ ପୂରଣ କରିଥିଲେ। ଭାରତର ତୃତୀୟ ପେସର ଏବଂ ୬ଷ୍ଠ ବୋଲର ଭାବେ ସେ ଏହି ସଫଳତା ପାଇଥିଲେ। ୨୦୦୭ରେ ବାଂଲାଦେଶ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଇଶାନ୍ତ ୧୧ ଥର ୫ ଉଇକେଟ ଏବଂ ଥରେ ଏକ ମ୍ୟାଚରେ ୧୦ ଉଇକେଟ ସଫଳତା ପାଇଥିଲେ। ଏଠାରେ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ବିରାଟ କୋହଲି, ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ଆଶିଷ ନେହେରାଙ୍କ ପରି ଅନେକ ପ୍ରତିଷ୍ଠିତ ଖେଳାଳି ଇଶାନ୍ତଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ।

## ସ୍କୋର ବୋର୍ଡ

**ଇଂଲଣ୍ଡ ପ୍ରଥମ ଇନିଂସ**
କ୍ରଲି–ଏଲ୍‌ବିଡବ୍ଲ୍ୟୁ–ଅକ୍ଷର–୫୩
ସିବ୍‌ଲେ–କ–ରୋହିତ–ବୋ–ଇଶାନ୍ତ–୦
ବେୟାରଷ୍ଟୋ–ଏଲ୍‌ବିଡବ୍ଲ୍ୟୁ–ଅକ୍ଷର–୦
ରୁଟ୍–ଏଲ୍‌ବିଡବ୍ଲ୍ୟୁ–ଅଶ୍ୱିନ–୧୭
ଷ୍ଟୋକ୍ସ–ଏଲ୍‌ବିଡବ୍ଲ୍ୟୁ–ଅକ୍ଷର–୬
ପୋପ୍–ବୋ–ଅଶ୍ୱିନ–୧
ଫୋକ୍ସ–ବୋ–ଅକ୍ଷର–୧୨
ଆର୍ଚର–ବୋ–ଅକ୍ଷର–୧୧
ଲିଚ୍–କ–ପୂଜାରା–ବୋ–ଅଶ୍ୱିନ–୩
ବ୍ରଡ୍–କ–ବୁମ୍‌ରା–ବୋ–ଅକ୍ଷର–୩
ଆଣ୍ଡରସନ–ନଟଆଉଟ–୦
ଅତିରିକ୍ତ–୬
ମୋଟ(୪୮.୪ ଓଭର, ଅଲ୍‌ଆଉଟ) ୧୧୨
ଉଇକେଟ ପତନ:୧/୨, ୨/୨୭, ୩/୭୪, ୪/୮୦, ୫/୮୧, ୬/୮୧, ୭/୯୩, ୮/୯୮, ୯/୧୦୫।
ବୋଲିଂ(ଭାରତ)
ଇଶାନ୍ତ ଶର୍ମା ୫–୧–୨୬–୧
ଯଶପ୍ରୀତ୍ ବୁମ୍‌ରା ୬–୩–୧୯–୦
ଅକ୍ଷର ପଟେଲ ୨୧.୪–୬–୩୮–୬
ରବିଚନ୍ଦ୍ରନ ଅଶ୍ୱିନ ୧୬–୬–୨୬–୩।

**ଭାରତ ପ୍ରଥମ ଇନିଂସ**
ରୋହିତ–ନଟଆଉଟ–୫୭
ଶୁବମନ–କ–କ୍ରଲି–ବୋ–ଆର୍ଚର–୧୧
ପୂଜାରା–ଏଲବିଡବ୍ଲ୍ୟୁ–ଲିଚ୍–୦
କୋହଲି–ବୋ–ଲିଚ୍–୨୭
ରାହାନେ–ନଟଆଉଟ–୧
ଅତିରିକ୍ତ–୩
ମୋଟ(୩ ଉଇକେଟ, ୩୩ ଓଭର)୯୯
ଉଇକେଟ ପତନ: ୧/୩୩, ୨/୩୪, ୩/୯୮।
ବୋଲିଂ(ଇଂଲଣ୍ଡ)
ଜେମ୍ସ ଆଣ୍ଡରସନ ୯–୬–୧୧–୦
ଷ୍ଟୁଆର୍ଟ ବ୍ରଡ୍ ୬–୧–୧୬–୦
ଜୋଫ୍ରା ଆର୍ଚର ୫–୨–୨୪–୧
ଜ୍ୟାକ୍ ଲିଚ୍ ୧୦–୧–୨୭–୨
ବେନ୍ ଷ୍ଟୋକ୍ସ–୩–୦–୧୯–୦।

# ଅକ୍ଷର, ଅଶ୍ୱିନଙ୍କ ସ୍ପିନ୍‌ରେ ଇଂଲଣ୍ଡ ଘାଇଲା

**ଅହମଦାବାଦ, ୨୪।୨**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ବୁଧବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ତୃତୀୟ ଟେଷ୍ଟ ଆରମ୍ଭ ହୋଇଛି। ଦିବାରାତ୍ର ବିଶିଷ୍ଟ ଏହି ପିଙ୍କ୍ ବଲ୍ ଟେଷ୍ଟର ପ୍ରଥମ ଦିବସରେ ଭାରତର ଦୁଇ ତାରକା ସ୍ପିନର ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ପିନ୍‌ରେ ଘାଇଲା ହୋଇ ଭ୍ରମଣକାରୀ ଇଂଲଣ୍ଡ ମାତ୍ର ୧୧୨ ରନ୍‌ରେ ଅଲ୍‌ଆଉଟ ହୋଇଛି। ଅକ୍ଷର ୬ ଉଇକେଟ ସଫଳତା ପାଇଥିବାବେଳେ ଅଶ୍ୱିନଙ୍କୁ ୩ ଉଇକେଟ ମିଳିଛି। ଏହା ବ୍ୟତୀତ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳୁଥିବା ଦ୍ରୁତ ବୋଲର ଇଶାନ୍ତ ଶର୍ମା ଗୋଟିଏ ଉଇକେଟ ନେବାରେ ସଫଳ ହୋଇଛନ୍ତି। ପ୍ରଥମ ଦିନ ଖେଳ ଶେଷ ବେଳକୁ ଭାରତ ୩ ଉଇକେଟ ହରାଇ ୯୯




**ପିଙ୍କ୍ ବଲ୍ ଟେଷ୍ଟ**
- ୧୧୨ ରନ୍‌ରେ ଭ୍ରମଣକାରୀ ଦଳ ଅଲ୍‌ଆଉଟ
- ଅକ୍ଷରଙ୍କୁ ୬ ଉଇକେଟ ସଫଳତା

ରନ ସଂଗ୍ରହ କରିଛି। ୭ ଉଇକେଟ ସୁରକ୍ଷିତ ଥିବାବେଳେ ଦଳ ଇଂଲଣ୍ଡ ପ୍ରଥମ ଇନିଂସ ସ୍କୋରଠାରୁ ୧୩ ରନ ଦୂରରେ ରହିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ମାତ୍ର ତୃତୀୟ ଓଭରରେ ଭାରତକୁ ପ୍ରଥମ ସଫଳତା ଦେଇଥିଲେ ଇଶାନ୍ତ। ତାଙ୍କ ବଲ୍ ଏପରି ବାଉନ୍ସ ହୋଇଥିଲା ଯେ ଓପନର ଡମ୍ ସିବ୍‌ଲେ ହଡ଼ବଡେଇ ଯାଇଥିଲେ। ବଲ୍ ତାଙ୍କ ବ୍ୟାଟ୍‌ରେ ବାଜି ଦ୍ୱିତୀୟ ସ୍ଲିପ୍‌ରେ ଫିଲ୍ଡିଂ କରୁଥିବା ରୋହିତ ଶର୍ମାଙ୍କ ନିକଟକୁ ଯାଇଥିଲା। ରୋହିତ ସହଜ କ୍ୟାଚ ନେଇ ଖାତା ଖୋଲି ନ ଥିବା ସିବ୍‌ଲେଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ସ୍ପିନରଙ୍କ ଜୟଯାତ୍ରା। ଦୁଇ ସ୍ପିନର ଅକ୍ଷର ଓ ଅଶ୍ୱିନ ଉଭୟ ପଟରୁ ଆକ୍ରମଣ କରି ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ଖେଳିବା କଷ୍ଟକର କରି ଦେଇଥିଲେ। ଜନି ବେୟାରଷ୍ଟୋ ଖାତା ଖୋଲିବା ପୂର୍ବରୁ ଅକ୍ଷରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିବାବେଳେ ୧୭ ରନ କରିଥିବା ଅଧିନାୟକ ଜ୍ୟାକ୍ ରୁଟ୍‌ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଅଶ୍ୱିନ। ରୁଟ୍ ରିଭ୍ୟୁ ନେଇଥିଲେ ହେଁ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ରିପ୍ଲେରେ ସ୍ପଷ୍ଟ ହୋଇଥିଲା। ଧୈର୍ଯ୍ୟର ସହ ଭାରତୀୟ ବୋଲରଙ୍କୁ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିଥିବା ଜ୍ୟାକ କ୍ରଲି ୮୪ ବଲ୍‌ରୁ ୫୩ ରନ କରିଥିବାବେଳେ ଅକ୍ଷରଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। କ୍ରଲିଙ୍କ ବ୍ୟତୀତ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ବେନ୍ ଷ୍ଟୋକ୍ସଙ୍କୁ ୬, ଜୋଫ୍ରା ଆର୍ଚରଙ୍କୁ ୧୧ ଓ ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ୩ ରନରେ ଆଉଟ କରି ଅକ୍ଷର ୫ ଉଇକେଟ ପୂରଣ କରିଥିଲେ। ଟେଷ୍ଟରେ ଏହାଥିଲା ତାଙ୍କର ଦ୍ୱିତୀୟ ୫ ଉଇକେଟ ସଫଳତା। ଚେନ୍ନାଇରେ ଅନୁଷ୍ଠିତ ସିରିଜର ଦ୍ୱିତୀୟ ଟେଷ୍ଟରେ ସେ ୬୦ ରନ ଦେଇ ୫ ଉଇକେଟ ପାଇଥିଲେ। କେବଳ ସେତିକି ନୁହେଁ ସେ ୫୮ ବଲ୍‌ରୁ ୧୨ ରନ କରିଥିବା ବେନ୍ ଫୋକ୍ସଙ୍କୁ କ୍ଲିନ୍ ବୋଲ୍ଡ କରି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇବା ସହ କ୍ୟାରିୟର ଶ୍ରେଷ୍ଠ (୬/୩୮)ବୋଲିଂ ସଫଳତା ପାଇଥିଲେ। ଓଲି ପୋପ୍ (୧) ଓ ଜ୍ୟାକ୍ ଲିଚ୍ (୩)ଙ୍କ ଉଇକେଟ ନେଇଥିଲେ ଅଶ୍ୱିନ। ଏହି ଦୁଇ ସ୍ପିନର ଏପରି ପ୍ରଭାବୀ ବୋଲିଂ କରିଥିଲେ ଯେ, ତୃତୀୟ ସ୍ପିନର ଭାବେ ଖେଳୁଥିବା ୱାଶିଂଟନ ସୁନ୍ଦର ବୋଲିଂ ସୁଯୋଗ ପାଇ ନ ଥିଲେ। ଅନ୍ୟତମ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ।

**ଭାରତ ବିପକ୍ଷରେ ଇଂଲଣ୍ଡର ସର୍ବନିମ୍ନ ସ୍କୋର**
୧୦୧: ଦି ଓଭାଲ, ୧୯୭୧
୧୦୨: ମୁମ୍ବାଇ, ୧୯୭୯–୮୦
୧୦୨: ଲିଡ୍ସ, ୧୯୮୬
୧୧୨: ଅହମଦାବାଦ, ୨୦୨୦–୨୧
୧୨୮: ଲିଡ୍ସ, ୧୯୮୬

**ଦିବାରାତ୍ର ଟେଷ୍ଟରେ ସ୍ପିନରଙ୍କ ଶ୍ରେଷ୍ଠ ପ୍ରଦର୍ଶନ**
୮/୪୯: ଦେବେନ୍ଦ୍ର ବିଶୁ ବନାମ ପାକିସ୍ତାନ, ଦୁବାଇ, ୨୦୧୬–୧୭
୬/୩୮: ଅକ୍ଷର ପଟେଲ ବନାମ ଇଂଲଣ୍ଡ, ଅହମଦାବାଦ, ୨୦୨୦–୨୧
୬/୧୬୪: ୟାସିର ଶାହ ବନାମ ଶ୍ରୀଲଙ୍କା, ଦୁବାଇ, ୨୦୧୭–୧୮




### ରୋହିତଙ୍କ ଅର୍ଦ୍ଧଶତକ: ଭାରତ ଦୃଢ଼

ପିଚ୍‌ର ପ୍ରକୃତିକୁ ଦୃଷ୍ଟିରେ ରଖି ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ୍ ଅତି ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ତେବେ ୧୫ତମ ଓଭରର ଶେଷ ବଲ୍‌ରେ ଇଂଲଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର। ଅପେକ୍ଷାକୃତ ଧୀମା ଆରମ୍ଭ କରିଥିବା ଯୁବ ଖେଳାଳି ଗିଲ୍ ୫୧ ବଲ୍‌ରୁ ୨ ଚୌକା ସହାୟତାରେ ୧୧ ରନ କରିଥିବାବେଳେ ଆର୍ଚରଙ୍କ ବଲ୍‌ରେ ଶର୍ଟଲେଗ୍ ଅଞ୍ଚଳରେ କ୍ରଲିଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୩ ରନରେ ଭାରତର ପ୍ରଥମ ଉଇକେଟ ପତନ ଘଟିଥିଲା। ମାତ୍ର ଚେତେଶ୍ୱର ପୂଜାରାଙ୍କ କ୍ରମାଗତ ବିଫଳତା ଭାରତକୁ ବିପଦରେ ପକାଇଥିଲା। ପୂଜାରା ଖାତା ଖୋଲିବା ପୂର୍ବରୁ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯିବାରୁ ୩୪ ରନରେ ଭାରତର ଦ୍ୱିତୀୟ ଉଇକେଟ ପତନ ଘଟିଥିଲା। ରୋହିତ ଓ ଅଧିନାୟକ ବିରାଟ କୋହଲି ସଫଳତାର ସହିତ ଭ୍ରମଣକାରୀ ବୋଲରଙ୍କୁ ମୁକାବିଲା କରି ଇନିଂସକୁ ଆଗେଇ ନେଇଥିଲେ। ତେବେ ତୃତୀୟ ଉଇକେଟରେ ୬୪ ରନର ଭାଗୀଦାରୀ ହେବାପରେ କୋହଲି ବ୍ୟକ୍ତିଗତ ୨୭ ରନକରି ଜ୍ୟାକ୍ ଲିଚ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ଅର୍ଦ୍ଧଶତକ ହାସଲକାରୀ ରୋହିତ ଶର୍ମା ୫୭ (୮୨ ବଲ, ୯ ଚୌକା) ରନରେ ଅପରାଜିତ ରହି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି।

# ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ଉଦ୍‌ଘାଟିତ

**ଅହମଦାବାଦ,୨୪।୨(ପି.ଟି.)**

ମୋଟେରା ଷ୍ଟାଡିୟମ୍‌ର ନୂଆ ନାମକରଣ ହୋଇଛି। ଏବେ ଏହା ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ରୂପେ ପରିଚିତ ହୋଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଶ୍ୱର ଏହି ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ୍‌ର ଉଦ୍‌ଘାଟନ କରିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଦିବାରାତ୍ର ତୃତୀୟ ଟେଷ୍ଟ ଆରମ୍ଭ ହୋଇଛି। କୋଭିଡ୍–୧୯ କାରଣରୁ ଏଠାରେ ପାଖାପାଖି କ୍ଷମତାର ଅଧା ଅର୍ଥାତ୍ ୫୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ଟସ୍ ପଡିଥିଲା। ଏତେ ସଂଖ୍ୟକ ଦର୍ଶକଙ୍କ ସାମ୍ନାରେ ଟସ୍ ପଡିବା ବେଳେ ଭାରତୀୟ ଅଧିନାୟକ ବିରାଟ କୋହଲି ବେଶ୍ ଚକିତ ଓ ଉତ୍ସାହିତ ହୋଇଥିଲେ। ଏଠାରେ ଖେଳିବା ନିଶ୍ଚିତ ଭାବେ ରୋମାଞ୍ଚକ ହେବ। ସିଟ୍‌ଗୁଡିକର ରଙ୍ଗ ନେଇ ନୁହଁ, ଲାଇଟ୍ ନେଇ ବେଶ୍ ଚିନ୍ତିତ ଅଛି। ଏଭଳି ଲାଇଟ୍‌ରେ ବଲ୍ ଦେଖିବାରେ ସମସ୍ୟା ଉପୁଜିବ। ଦୁବାଇରେ ଏହିଭଳି ଷ୍ଟାଡିୟମ୍‌ରେ ଆମେ ଖେଳିଛୁ। ଆଇପିଏଲ୍ ଖେଳିବା ବେଳେ ଆମେ କେତୋଟି ସହଜ କ୍ୟାଚ୍ ହାତଛଡ଼ା କରିଥିଲୁ ବୋଲି ସେ କହିଛନ୍ତି। ଏଥିରେ ପାରମ୍ପରିକ ଭାବେ ଖୁଣ୍ଟରେ ଲାଇଟ୍ ନାହିଁ। ବରଂ ଷ୍ଟାଡିୟମ୍‌ର ଛାତର ପରିମାପରେ ଏଲ୍‌ଇଡି ଲାଇଟ୍ ଲଗାଯାଇଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍ ରିଙ୍ଗ୍ ଅଫ୍ ଫାୟାର ଭଳି ମନେହେଉଛି। ଏଥିରେ ଫିଲ୍ଡିଂ କରିବା ନିଶ୍ଚିତ ଭାବେ କଷ୍ଟକର। ଷ୍ଟାଡିୟମ୍‌ରେ ୧୧ଟି ପିଚ୍ ରହିଛି। ଲୋହିତ ଓ କୃଷ୍ଣ ମୃତ୍ତିକାରେ ଏହି ପିଚ୍‌ଗୁଡିକ ନିର୍ମାଣ କରାଯାଇଛି। ବିଶ୍ୱର ଏକମାତ୍ର ଷ୍ଟାଡିୟମ୍ ଭାବେ ଏଠାରେ ମୁଖ୍ୟ ଓ ପ୍ରାକ୍ଟିସ୍ ପିଚ୍ ପାଇଁ ସମାନ ସର୍ଫେସର ବ୍ୟବସ୍ଥା କରାଯାଇଛି। ଗ୍ରାଉଣ୍ଡର ଡ୍ରେନେଜ ସିଷ୍ଟମ୍ ମଧ୍ୟ ଉଚ୍ଚକୋଟୀର ହୋଇଛି। ବର୍ଷା ବନ୍ଦ ହେବାର ମାତ୍ର ୩୦ ମିନିଟ୍ ପରେ ପିଚ୍‌କୁ ସମ୍ପୂର୍ଣ୍ଣ ରୂପେ ଶୁଖାଯାଇପାରିବ। ଭାରତ ଏବେ ବିଶ୍ୱ କ୍ରିକେଟର ହବ୍ ବନିଯାଇଥିବା ବେଳେ ଏହି ଷ୍ଟାଡିୟମ୍‌ର ଗୁରୁତ୍ୱ ବଢିଯାଇଛି। ଏହା ଭାରତକୁ ଏବେ ନୂଆ ପରିଚୟ ଦେବ ବୋଲି ଷ୍ଟାଡିୟମ୍ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି। ଏହି ଷ୍ଟାଡିୟମ୍ ପ୍ରଧାନମନ୍ତ୍ରୀ ମୋଦିଙ୍କର ଡ୍ରିମ୍ ପ୍ରୋଜେକ୍ଟ ବା ମାନସ ସନ୍ତାନ ଥିଲା ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି।



ତୃତୀୟ କ୍ରିକେଟ ଟେଷ୍ଟ ଅବସରରେ ଷ୍ଟାଡ଼ିୟମ୍‌ରେ ଉପସ୍ଥିତ ଦର୍ଶକ।

### ସର୍ଦ୍ଦାର ବଲ୍ଲବଭାଇ ପଟେଲ ସ୍ପୋର୍ଟ୍ସ ଏନ୍‌କ୍ଲେଭର ଭୂମି ପୂଜନ

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଷ୍ଟାଡିୟମ୍‌ରେ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଭୂମି ପୂଜନ କରିଛନ୍ତି। ଏହାର ନାମ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟ୍ସ ଏନ୍‌କ୍ଲେଭ ରଖାଯାଇଛି। ଏହି କମ୍ପ୍ଲେକ୍ସରେ ଫୁଟ୍‌ବଲ, ହକି, ବାସ୍କେଟବଲ, କବାଡି, ବକ୍ସିଂ ଓ ଲନ୍ ଟେନିସ୍ ଖେଳିବାର ବ୍ୟବସ୍ଥା ରହିବ। ଏହି ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ ୨୧୫ ଏକର ପରିମିତ ଜମି ଉପରେ ପର୍ଯ୍ୟବସିତ ହେବ ଓ ୨୦ଟି ଷ୍ଟାଡିୟମ୍ ନିର୍ମାଣ କରାଯିବ। ଆଥ୍‌ଲେଟ ଓ କୋଚ୍‌ମାନଙ୍କ ପାଇଁ ସବୁପ୍ରକାର ଭିତ୍ତିଭୂମି ଓ ସୁବିଧାସୁଯୋଗର ବ୍ୟବସ୍ଥା କରାଯିବ। ସେହିପରି ନରଣପୁରରେ ଏକାଧିକ କ୍ରୀଡ଼ାକୁ ଦୃଷ୍ଟିରେ ରଖି ଆଉ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ମଧ୍ୟ ନିର୍ମାଣ କରାଯିବ। ବିଶ୍ୱସ୍ତରୀୟ ଭିତ୍ତିଭୂମି ପାଇଁ ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅହମଦାବାଦ ସହରକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରଦାନ କରିବ। କ୍ରିକେଟ ଷ୍ଟାଡିୟମ୍, ସର୍ଦ୍ଦାର ବଲ୍ଲଭଭାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ନରଣପୁରରେ ନିର୍ମାଣ ହେବାକୁ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ନେଇ ସବୁପ୍ରକାର ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ହୋଇପାରିବ। ଏହି ୩ଟି କମ୍ପ୍ଲେକ୍ସରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ ଓ ଏପରି କି ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ବୋଲି ଶାହା କହିଛନ୍ତି। ଅହମଦାବାଦ ସ୍ପୋର୍ଟ୍ସ ସିଟି ଅଫ୍ ଇଣ୍ଡିଆ ଭାବେ ପରିଚିତ ହେବ। ଏହି ୩ଟି କମ୍ପ୍ଲେକ୍ସରେ ଭାରତ ମାତ୍ର ୬ ମାସ ମଧ୍ୟରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ସକ୍ଷମ ହୋଇପାରିବ। ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ସର୍ଦ୍ଦାର ବଲ୍ଲଭଭାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଏକ ଅଂଶବିଶେଷ ମାତ୍ର ବୋଲି କୁହାଯାଇଛି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡର ଆର୍କିଟେକ୍ଟ ଫାର୍ମ 'ପୋପୁଲସ' ଏହି କ୍ରିକେଟ ଷ୍ଟାଡିୟମ୍‌ର ଆର୍କିଟେକ୍ଟ ରହିଛି। କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ନାମରେ ଆଉ ଏକ ଷ୍ଟାଡିୟମ୍ ମଧ୍ୟ ନିର୍ମାଣ କରାଯିବ। ୧୨ ଓ ୧୫ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଦୁଇଟି ଇନ୍‌ଡୋର ଷ୍ଟାଡିୟମ୍ ମଧ୍ୟ ନିର୍ମାଣ କରାଯିବ।

# ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର, ୨୪।୨(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେବାପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ୨୨ ଜଣିଆ ମହିଳା କ୍ରିକେଟ ଦଳର ଅଧିନାୟିକା ହୋଇଛନ୍ତି ମଧୁସ୍ମିତା ବେହେରା। ମାଧୁରୀ ମେହେଟା ତାଙ୍କୁ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ।

ଓଡ଼ିଶା ମହିଳା କ୍ରିକେଟ ଦଳ: ମଧୁସ୍ମିତା ବେହେରା (ଅଧିନାୟିକା), ସରିତା ମେହେର, ଅଞ୍ଜଳି ସିଂ, ପ୍ରଜ୍ଞା ପାରମିତା ମହାନ୍ତି (ଉଇକେଟ କିପର), ସୁଶ୍ରୀ ଦିବ୍ୟଦର୍ଶିନୀ, ରସନାରା ପରବିନ, ରାଜଶ୍ରୀ ସ୍ୱାଇଁ, ଲୁଇସା ଦାସ, ବନଲତା ମଲିକ, ତନ୍ମୟୀ ବେହେରା, ସଙ୍ଗୀତା ଖାଡ଼ିଆ, ମାଧୁରୀ ମେହେଟା (ଅଧିନାୟିକା), କାଜଲ ଜେନା, ରାଣୀ ଟୁଡୁ, ରଶ୍ମିତା ଟିନାରା (ଉଇକେଟ କିପର), ପ୍ରିୟଙ୍କା ସାହୁ, ଡି. ଜାନକୀ ରେଡ୍ଡୀ, ବର୍ଷାରାଣୀ ସିଂ, ସୁଜାତା ମଲିକ, ରାମେଶ୍ୱରୀ ନାୟକ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରାନ୍ନା ପ୍ରଧାନ।

# ଏଫ୍‌ସି କ୍ଲବ ସିମୁଳିପାଳ ଚାମ୍ପିୟନ

**ବାସୁଦେବପୁର, ୨୪।୨(ଡି.ଏନ.ଏ)**

ଭଦ୍ରକ ଜିଲା ବାସୁଦେବପୁର ଶୁଙ୍ଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବାକର ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଏଫ୍‌ସି କ୍ଲବ ସିମୁଳିପାଳ ଚାମ୍ପିୟନ ହୋଇଛି। ଏଫ୍‌ସି କ୍ଲବ ସିମୁଳିପାଳ ଓ କଲିକତା ପାଞ୍ଚକୋଡ଼ା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସିମୁଳିପାଳ ଦଳ ୩–୦ ଗୋଲ୍‌ରେ ପାଞ୍ଚକୋଡ଼ାକୁ ହରାଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ସମ୍ମାନିତ ଅତିଥି କ୍ରୀଡ଼ାବିତ୍ ବସନ୍ତ ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି ଓ ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଯୋଗ ଦେଇଥିଲେ। ଏମ୍‌ପି ମଣ୍ଡଳ ବିଜୟୀ ଦଳକୁ ଟ୍ରଫି ଓ ରନର୍ସଅପ୍‌କୁ କପ୍ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଫଗୁ ହେମ୍ବ୍ରମଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ କ୍ଲବ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ବିବରଣୀ ପାଠ ଓ ସାଂସ୍କୃତିକ ସମ୍ପାଦକ ଉଦୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଗୌରାଙ୍ଗ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଦେବଦର୍ଶନ ଦାଶ ସଭା ପରିଚାଳନା କରିଥିଲେ। ସହ ସମ୍ପାଦକ ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ।

## ପାରିବାରିକ କଳହରୁ ବେକ କାଟିଲେ ଯୁବକ

ସଜନାଗଡ଼,(ଡି.ଏନ.ଏ.)-ପାରିବାରିକ କଳହରୁ ଜଣେ ଯୁବକ ଗଳାକାଟିବା ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ନୀଳଗିରି ଥାନା ସଂଗ୍ରାମପୁର ଗ୍ରାମର ଜଣେ ଯୁବକ ନିଜ ବେକ, ହାତକୁ ଏକ ଧାରୁଆ ବ୍ଲେଡରେ କାଟିଦେଇଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଛନ୍ତି। ଯୁବକ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ତେଲ ଦର ବୃଦ୍ଧି ନେଇ ଯୁବକଂଗ୍ରେସର ବିରୋଧ

## ପେଟ୍ରୋଲ ପମ୍ପରୁ ହୋର୍ଡିଂ ହଟାଇଲା ଯୁବକଂଗ୍ରେସ

ଭୁବନେଶ୍ୱର, ୨୪ା୨(ବ୍ୟୁରୋ): ତେଲ ଓ ଗ୍ୟାସ୍‌ର ଅହେତୁକ ମୂଲ୍ୟବୃଦ୍ଧି ବିରୋଧରେ ଯୁବ କଂଗ୍ରେସ ରଣହୁଙ୍କାର ଦେଇଛି। ବୁଧବାର ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପୂର୍ବ ଘୋଷଣା ଅନୁଯାୟୀ ପେଟ୍ରୋଲ ଟାଙ୍କିରେ ଲାଗିଥିବା ହୋର୍ଡିଂକୁ ଚିରିବା ସହିତ ସେଥିରେ କାଳି ବୋଳିଛନ୍ତି। ଏ ବିଷୟରେ ସ୍ମୃତି କହିଛନ୍ତି, ତେଲ ଦର ବୃଦ୍ଧି ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଜୀବନ ଯାତ୍ରାରେ ଯେତିକି ବାଧା ସୃଷ୍ଟି ହେଉଛି, ପନିପରିବାଠାରୁ ଆରମ୍ଭକରି ଖାଦ୍ୟଦ୍ରବ୍ୟର ମଧ ଦରଦାମ୍ ବ୍ୟାପକ ଭାବେ ବଢ଼ିବାରେ ଲାଗିଛି। ମୋଦି ସରକାର କେବଳ ନିଜର ନାଁ ନେବାକୁ ମିଥ୍ୟା ବାହୁସ୍ଫୋଟ ମାରି ସହର ଏବଂ ଗ୍ରାମାଞ୍ଚଳରେ ନିଜ ହୋର୍ଡିଂ ଲଗାଇ ପ୍ରଚାର ପ୍ରସାରରେ ବ୍ୟାପକ ଟଙ୍କା ବ୍ୟୟ କରିଚାଲିଛନ୍ତି। ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ମଧ ଜନସାଧାରଣଙ୍କୁ ଜୀବନ ଜୀବିକା ନିର୍ବାହରେ ଘୋର ଦୁର୍ଦ୍ଦିନରେ ପକାଇଛି। ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୈଳ ଦର ବୃଦ୍ଧିକୁ ଘୋର ବିରୋଧକରି ରାଜ୍ୟର ସମସ୍ତ ଜିଲାରେ ହୋର୍ଡିଂ ଖୋଲା ଅଭିଯାନ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ଏହି ଉପଲକ୍ଷେ ଶତାଧିକ ଯୁବକଂଗ୍ରେସ କର୍ମୀ ଏକ ବିଶାଳ ମୋଟରସାଇକେଲ ରାଲିରେ କଂଗ୍ରେସ ଭବନଠାରୁ ବାହାରି ମୋଦି ସରକାର ବିରୋଧୀ ନାରା ଦେଇ ଶହୀଦନଗର, ବାଣୀବିହାର, ଚନ୍ଦ୍ରଶେଖରପୁର, ଡମଣା ଆଦି ଅଞ୍ଚଳରେ ଥିବା ବିଭିନ୍ନ ପେଟ୍ରୋଲ ଟାଙ୍କିରେ ପହଞ୍ଚି ମୋଦିଙ୍କ ହୋର୍ଡିଂ ହଟାଇଛନ୍ତି। ଆଗାମୀ ଦିନରେ ତୈଳ ଦର ବୃଦ୍ଧିକୁ କେନ୍ଦ୍ର ସରକାର ନିୟନ୍ତ୍ରଣ କରି ନ ପାରିଲେ କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟରେ ଜୋର୍‌ଦାର ବିରୋଧ କରାଯିବ ବୋଲି ସ୍ମୃତି ଚେତାବନୀ ଦେଇଛନ୍ତି।

## ଇସ୍ପାତ ଉତ୍ପାଦନରେ ପିଏଲ୍ଆଇ ଯୋଜନାର ଲାଭ ଉଠାନ୍ତୁ ଶିଳ୍ପ ସମୂହ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୪ା୨(ବ୍ୟୁରୋ) :ଇସ୍ପାତ କ୍ଷେତ୍ର ପାଇଁ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା(ପିଏଲ୍ଆଇ) ଭାରତ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ସ୍ୱଦେଶୀ ଉତ୍ପାଦନ ବୃଦ୍ଧି ପାଇଁ ଅଣାଯାଇଥିବା ଏହି ପ୍ରମୁଖ ସଂସ୍କାରର ସମ୍ପୂର୍ଣ୍ଣ ଲାଭ ଉଠାଇବାକୁ ଶିଳ୍ପ ସମୂହଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିମନ୍ତ୍ରଣ କରିଛନ୍ତି । ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ(ଆଇଆଇଏମ୍)ର ୭୪ତମ ବାର୍ଷିକ ବୈଷୟିକ ବୈଠକରେ ଭିଡିଓ କନଫରେନ୍ସ ଜରିଆରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଧାତବ ପଦାର୍ଥ ଏବଂ ଖଣି କ୍ଷେତ୍ର ଆତ୍ମନିର୍ଭର ଭାରତ ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଅଭିବୃଦ୍ଧିର କ୍ଷେତ୍ର ଧାତବ ପଦାର୍ଥ ଏବଂ ଖଣିର ଅପାର କ୍ଷମତା ରହିଥିବା ବେଳେ ଏହା ଅର୍ଥନୀତିକୁ ମଧ ବିକାଶ କରିବାରେ ସହାୟକ ହେବ। ଆତ୍ମନିର୍ଭର ଭାରତ ଏକ ବୃହତ୍ ପରିକଳ୍ପନା ସହ ସୁଦୃଢ଼ ଭାରତ ନିର୍ମାଣ କରିବାର ଲକ୍ଷ୍ୟ ରଖିଥିବା ବେଳେ ଏହା କେବଳ ଦେଶବାସୀଙ୍କ ଆବଶ୍ୟକତା ତଥା ଚାହିଦା ପୂରଣ କରିବନି। ଏତଦ୍‌ସହିତ 'ବସୁଧୈବ କୁଟୁମ୍ବକମ୍' ବିଚାରରେ ବିଶ୍ୱ ସମୁଦାୟର ଆକାଂକ୍ଷାକୁ ମଧ ପୂରଣ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଗଣତନ୍ତ୍ରର ମନ୍ଦିରରେ ସମ୍ପତ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା କଥା କହିଛନ୍ତି। ଯଦି ଶିଳ୍ପ ସମୂହ, ସରକାର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜ ଓ ଦେଶର ଉନ୍ନତି ପାଇଁ ମିଳିତ ଭାବେ କାର୍ଯ୍ୟ କରିବେ ତେବେ ଆମେ ନିଶ୍ଚିତଭାବେ ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିକୁ ଠିକ୍‌ରେ ଅନୁଧ୍ୟାନ କରିପାରିବା। ଭାରତରେ ସମ୍ଭାବନା ରହିଛି। ଦେଶରେ ଥିବା ପ୍ରାକୃତିକ ସମ୍ପଦର ଅଧିକାରୀ ଏଠାକାର ନାଗରିକ। ତେଣୁ ଏହି ପ୍ରାକୃତିକ ସମ୍ପଦର ଆବଣ୍ଟନ ପାଇଁ ସ୍ୱଚ୍ଛ ଓ ମେକାନିଜମ୍ ଆଧାରକୁ ଆମେ ଗ୍ରହଣ କରିଛୁ। ଚଳିତ ସାଧାରଣ ବଜେଟରେ ଭବିଷ୍ୟତ ପାଇଁ ଭିତ୍ତିଭୂମି ସୃଷ୍ଟି ନିମନ୍ତେ ସରକାର ପ୍ରାଧାନ୍ୟ ଦେଇଥିବା ବେଳେ ଏହାଦ୍ୱାରା ଆଗାମୀ ଦିନରେ ଇସ୍ପାତର ଚାହିଦା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

# ୩୫ ଦିନ ଧାନ ସଂଗ୍ରହ ହେବ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୨୪ା୨(ବ୍ୟୁରୋ)

ରାଜ୍ୟ ସରକାର ଚଳିତ ବର୍ଷ ଖରିଫ ଋତୁରେ ୫୪ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଫେବୃୟାରୀ ୨୩ ସୁଦ୍ଧା ୫୬.୬୭ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଗତ ବର୍ଷ ତୁଳନାରେ ୩୦ ପ୍ରତିଶତ ଅଧିକ ଧାନ କିଣାଯାଇଛି। ରାଜ୍ୟରେ ଚଳିତ ଖରିଫ୍ ଧାନ ବିକ୍ରୟ ପାଇଁ ୧୪.୭୨ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚାଷୀମାନେ ଆଣୁଥିବା କଟ୍‌ନି ଛଟ୍‌ନି ବାବଦରେ ନିର୍ଦ୍ଦିଷ୍ଟ ତଥ୍ୟ ବିଭାଗର ହସ୍ତଗତ ହୋଇ ନାହିଁ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭା ପ୍ରଶ୍ନ କାଳରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ତଥ୍ୟ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ମଙ୍ଗଳବାର ସୁଦ୍ଧା ରାଜ୍ୟରେ ୫୬,୬୭, ୧୭୧ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଗତ ବର୍ଷ ଏହି ସମୟରେ ମୋଟ ୪୬,୯୬,୭୪୩ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଆହୁରି ୩୫ ଦିନ ଧାନ କିଣା ହେବ। ଚାଷୀଙ୍କ ଆକାଉଣ୍ଟକୁ ଏ ପର୍ଯ୍ୟନ୍ତ ୧୦,୫୦୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ରାଜ୍ୟରେ ଧାନ କିଣାରେ ୩୨୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିବା ମନ୍ତ୍ରୀ କହିଛନ୍ତି। ଧାନର ଟୋକନ ନବୀକରଣ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ଟୋକନ ଦେବାର ମାସକ ଯାଏ ଧାନ ବିକ୍ରି ପାଇଁ ଚାଷୀଙ୍କୁ ସମୟ ଦିଆଯାଉଛି। ସେହି ସମୟ ଭିତରେ ଚାଷୀ ଧାନ ବିକ୍ରି କରିବେ। ତେବେ ଚାଷୀଙ୍କ ନାମରେ କେତେକ ଦଲାଲ ଧାନ ବିକ୍ରି କରିବାକୁ ଯୋଜନା କରିଛନ୍ତି। ସେଭଳି ଟୋକନକୁ ବୈଧ କରାଯିବ ନାହିଁ। ଯେଉଁ ଚାଷୀ ଧାନ ବିକିପାରି ନାହାନ୍ତି ସେମାନଙ୍କର ଟୋକନ ଯାଞ୍ଚ ହେବ । ଏହା ପରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ଅଶୋକ ବଳ, ଅଧିରାଜ ପାଣିଗ୍ରାହୀ, ଦେବେଶ ଆଚାର୍ଯ୍ୟ ପ୍ରମୁଖ ଧାନ କିଣାକୁ ନେଇ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ।

# ରାଜ୍ୟ ସରକାରଙ୍କ ଅପାରଗତା: ଗିରିଧର ଗମାଙ୍ଗ

ଗୁଣପୁର,୨୪ା୨(ଡି.ଏନ.ଏ)

**ସୀମା ସ୍ଥିତି ଅନୁଧ୍ୟାନ କଲା ଭାଜପା ପ୍ରତିନିଧି ଦଳ**

ରାୟଗଡ଼ା ଜିଲା ଗୁଣପୁର, ରାମନାଗୁଡ଼ା ବ୍ଲକ୍ ସୀମାନ୍ତ ସଂରକ୍ଷିତ ଜଙ୍ଗଲ ଇରିଡ଼ି ଘାଟିରେ ଆନ୍ଧ୍ର ପକ୍ଷରୁ ରାସ୍ତା କାମ ଚାଲିଥିଲା। ଏଭଳି ଏକ ସମ୍ବେଦନଶୀଳ ଖବର ପଦାକୁ ଆସିବା ପରେ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଇରିଡ଼ି ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାକୁ ନେଇ ଗମାଙ୍ଗ ରାଜ୍ୟ ସରକାରଙ୍କ ବିଫଳତା ଓ ଅପାରଗତା ବୋଲି କହିଛନ୍ତି। ଆନ୍ଧ୍ର ଓଡ଼ିଶା ସୀମା ଭିତରେ ପ୍ରବେଶକରି ରାସ୍ତା ନିର୍ମାଣ କଲା। ଏ ନେଇ ଓଡ଼ିଶା ସରକାର ଜାଣି ନ ପାରିବା ପରିତାପର ବିଷୟ ବୋଲି ସେ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୫ରେ ଏହି ଅଞ୍ଚଳ ଆସୁଥିବାବେଳେ ଏହାକୁ ଆଧାର କରି ସୀମା ନିର୍ଦ୍ଧାରଣ କରାଯାଉ ବୋଲି ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କୋଟିଆକୁ ନେଇ ପୂର୍ବରୁ ବିବାଦ ରହିଛି। ଏବେ ଇରିଡ଼ିକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ତେଣୁ ସୀମା ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀ ସଜାଗ ରହି ନିଷ୍ଠାର ସହ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ବାଉଣ୍ଡରୀ ଡେଭେଲପମେଣ୍ଟ ଅଥରିଟି ଗଠନ ନିମନ୍ତେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ୱାଇ. ଗଣପତି ରାଓ, ନଗର ସଭାପତି ଶ୍ରୀନିବାସ ସ୍ୱାଇଁ, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଗୋପାଳକୃଷ୍ଣ ଦେଓପାତ୍ର, ଫାଲଗୁନି ଶବର, ମୁଖି ଦିବାକର, ଅମର ସାହୁ, ପିଙ୍କୁ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ଗମାଙ୍ଗ ପ୍ରମୁଖ ଇରିଡ଼ି ଅଞ୍ଚଳ ଗସ୍ତ କରିଥିଲେ। ସୂଚନାଯୋଗ୍ୟ, ଆନ୍ଧ୍ର ଓଡ଼ିଶାର ୧ କି.ମି.ରୁ ଊର୍ଦ୍ଧ୍ୱ ସୀମା ଜମିରେ ପଶି ରାସ୍ତା ନିର୍ମାଣ କରିଛି। କଲ୍‌ଭର୍ଟ ନିର୍ମାଣ ସହ ରାସ୍ତାର ଅଧିକାଂଶ କାମ ସରିଛି। ସ୍ଥାନୀୟ ପ୍ରଶାସନ ଜାଣିବା ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୀମାରେ ଫଳକ ନିର୍ମାଣ କରାଯାଇଛି।

## ପାଇଖାନା ଟାଙ୍କିରେ ପଡ଼ି ଶିଶୁ କନ୍ୟା ମୃତ

ସାରସକଣା,୨୪ା୨– ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ମାଟିଆଳି ଗ୍ରାମର ଏକ ପାଇଖାନା ଟାଙ୍କିରେ ପଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟୁନୁ ସିଂଙ୍କ ଅଢ଼େଇ ବର୍ଷର ଝିଅ ପ୍ରିୟା। ସେ ବାହାରେ ଖେଳୁଥିଲାବେଳେ ଜାଣି ନ ପାରି ପାଇଖାନା ଟାଙ୍କି ଭିତରେ ପଡ଼ିଯାଇଥିଲା। କିଛି ସମୟ ପରେ ପରିବାର ଲୋକେ ଖୋଜା ଖୋଜି କରି ପାଇଖାନା ଟାଙ୍କି ଭିତରୁ ତାକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।


**Government of Odisha**
**Office of the Superintending Engineer**
**Northern Circle, Rural Works, Angul**

No.O-1136:- **E-Mail - sencrwangul@yahoo.co.in, Ph: 06764 - 236404**

**Identification No. PMGSY Online AGL-16/2020-21**

No. 546 Dt. 19.02.2021

1. Name of the work : Construction of road & CD works under PMGSY Programme.
2. Total No. of package : 07 No. individual packages
3. Estimated cost of individual packages : Varies from Rs.181.62 Lakhs to Rs.562.00 Lakhs
4. Period of completion : 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| Superintending Engineer, Rural Works, Northern Circle, Angul | PMGSY Online AGL-16/2020-21 | 07 Nos. | 25.02.2021 at 11.00 A.M. | 15.03.2021 upto 3.00 P.M. |

Further details can be seen from the website "www.pmgsytenders.gov.in".

OIPR-25049/11/0015/2021 **Sd./- Superintending Engineer, N.C., Rural Works, Angul**



**OFFICE OF THE NOTIFIED AREA COUNCIL, ASKA (GANJAM)**
**(Email: askanac@gmail.com, Ph.No.-06822-273068**

L.No.576/2021/NAC, Dated 24.02.2021

**EXPRESSION OF INTEREST**

The Executive Officer, N.A.C., Aska on behalf of N.A.C., Aska invites "Expression of Interest" from Comptroller & Auditor General Empanelled Audit firms for auditing of annual accounts for the year 2013-14 to 2019-20 of NAC, Aska, Dist.- Ganjam. The expression of interest should indicate the audit fees, taxes, T.A./D.A. and accommodation charges, if any, separately with detail biodata of the firm and it should reach in the above mentioned address in sealed envelopes through registered/speed post on or before 4th March, 2021 by 12 Noon. The minimum fee of audit and criterion for selection is given hereunder. The EOI will be opened in the same day at 3.30 P.M. The interested party on their authorized representatives may attend the same.

The authority reserves all the right to accept/reject any or all the "EOI" without assigning any reason thereof.

**TECHNICAL CRITERIA FOR SELECTION**

| CRITERIA | MARKS |
|---|---|
| Nos. of CA in the firm | Upto 10 Nos.-10 marks |
| | 11 to 20 Nos.-20 marks |
| Nos. of years of establishment of firm | Upto 15 years-10 marks |
| | 15-25 years-15 marks |
| | 25-35 years- 20 marks |
| | Above 35 years-25 marks |
| Turnover per annum | Upto 20 lakh-10 marks |
| | 21 to 40 lakh-15 marks |
| | Above 40 lakh-20 marks |
| Audit experience (Maximum 30 marks) | Govt. Audit each organization-5 marks |
| | PSU, Audit each organization-5 marks |
| Head office in Odisha | 5 marks |

**SCOPE OF WORKS:** Preparation of financial statements i.e. income & expenditure account, balance sheet, all schedules to income and expenditure and balance sheet, receipt payment account and trial balance etc. and Bank reconciliation statement audited from 2013-14 to 2019-20 (Year wise).
**Terms & conditions:** 1. Audit fees per year - Rs.30,000/- (Rupees thirty thousand). 2. Necessary documents such as GSTN/PAN/Registration of firm / CAG empanelled certificate or documents should be attached. 3. All documents should be attached as indicate in the criteria for selection.

**Sd./- Executive Officer, N.A.C., Aska**



**Department of Water Resources**
**Odisha Community Tank Development Management Society**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
**(WORLD BANK PROJECT ID: P163533)**
**7th Floor, Rajiv Bhawan, Bhubaneswar-751001**
**Ph. 0674-2542421, E-mail: spuoiipcra.od@gov.in**

**Corrigendum to Invitation for Expression of Interest for Engagement of Consultancy Services**

**Date: 23.02.2021** **OIIPCRA-EoI-01/2021**

No.A-615:- In view of 05.03.2021 falling on public holiday, the date of opening of Expression of Interest for Engagement of Consultancy Services vide EoI No.: OIIPCRA-EoI-01/2021 for "Preparation of a Management and Development Plan in the Kharakhi Sub Basin in the Rushikulya River Basin for OIIPCRA Project" scheduled to be received at 3.00 P.M. & opened at 3.30 P.M. on 05.03.2021 is hereby rescheduled to be received at 3.00 P.M. & opened at 3.30 P.M. on 08.03.2021.

**Project Director, OCTDMS**
OIPR-32234/11/0007/2021



**GOVERNMENT OF ODISHA**
**HEALTH & F.W. DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
**E-mail: superintendent.vssmch@gmail.com**

**No. 2220/VIMSAR** **Dated, Burla, the 19.02.2021**

**TENDER CALL NOTICE**

No. E-591: Sealed tenders are hereby invited in prescribed format from the Medical Gas Manufacturing Company of Authorized Distributor or Authorized Dealer registered under the GST Act, for **refilling of Medical Gases** to this Hospital for the year **2020-2021** so as to reach this office on or before 24.03.21 upto 1.00 P.M. by Regd. Post/Speed Post which will be opened on next day at 11.00 A.M. The contract will be awarded initially for a period of one year.

The detailed terms and conditions of Tender Call Notice can be obtained from the Office of the Superintendent, VIMSAR, Burla, during the office hours on all working days till the last date of receipt of the tenders on deposit of **Rs.1000/- (Rupees one thousand)** only (Non-refundable) at the users fees counter of this Hospital towards the cost of tender paper. The tenderer can also download the tender paper from district website **www.sambalpur.nic.in** & can submit the same with Bank Draft of Rs.1000/- in favour of Superintendent, VIMSAR, Burla towards cost of tender paper.

**Sd./- Superintendent, VSS I.M.S&R., Burla**
**OIPR-10026/11/0031/2021**



Advertisement No.63/DCPU Date: 22.02.2021

**ADVERTISEMENT**

No.g-40:- (Applications are invited from the eligible candidates for engagement one Data Analyst & One Assistance-cum-DEO on contractual basis in the District Child Protection Unit, Nayagarh under the Integrated Child Protection scheme. Application complete in every respect with superscribed POST APPLIED FOR ONE DATA ANALYST & ONE ASSISTANCE-CUM-DATA ENTRY OPERATOR (ADEO) should reach by only Regd. Post/Speed Post in the Office of the District Child Protection Officer, Nayagarh, Room No.-5, Collectorate, Nayagarh, Pin- 752069 latest by 05.00 P.M. on or before 08.03.2021. Application forms may be downloaded from the District website www.nayagarh.nic.in. Incomplete application or any application received after the due date shall be rejected.)

**Sd./-District Child Protection Officer, Nayagarh**
OIPR-33035/11/0001/2021



**ତହସିଲଦାରଙ୍କ କାର୍ଯ୍ୟାଳୟ, କଣ୍ଟାମାଳ**
**(ଦୀର୍ଘମିଆଦୀ ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ବିଜ୍ଞପ୍ତି)**

ବିଜ୍ଞାପନ ସଂଖ୍ୟା: 637 ତାରିଖ: ୨୪.୦୨.୨୦୨୧

**No. F-109:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କଣ୍ଟାମାଳ ତହସିଲରେ ଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡ଼ିକୁ ୨୦୨୦-୨୧ ବର୍ଷଠାରୁ ୫ ବର୍ଷ ପାଇଁ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ **OMMC Rules 2016** ପ୍ରକାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ **"M"** ତିନିକିତା ପୂରଣ କରି ଏଥିସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦଦିଆ ଲଫାପାରେ ଲଫାପା ଉପରେ ଉତ୍ସର ନାମ ଲେଖା ଥାଇ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଆସନ୍ତା ତା: **26.02.2021**ରିଖଠାରୁ ତା:**06.03.2021**ରିଖ ଅପରାହ୍ନ 3.00 ଘ. ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟଦିବସରେ ଆବେଦନପତ୍ର ଦାଖଲ କରିପାରିବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ ପ୍ରାପ୍ତ କିମ୍ବା ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପ୍ରାପ୍ତ ସମସ୍ତ ଦରଖାସ୍ତଗୁଡ଼ିକୁ ତା**06.03.2021**ରିଖ ଅପରାହ୍ନ 4.00 ଘ. ସମୟରେ ସମସ୍ତ ଦରଖାସ୍ତକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଜଉମୁଦଦିଆ ବକ୍ସ ଓ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ଓ ସର୍ବୋଚ୍ଚ ଦେୟ ରାଶି ପ୍ରଦତ୍ତ ଦରଖାସ୍ତକାରୀଙ୍କୁ ଲଘୁ ଖଣିଜ ଲିଜ ପାଇଁ ଯୋଗ୍ୟ ବିବେଚନା କରାଯିବ।

କୌଣସି କ୍ଷେତ୍ରରେ ଆବେଦନକାରଙ୍କ ଦ୍ୱାରା ପ୍ରଦତ୍ତ ଅତିରିକ୍ତ ଦେୟରାଶି ରୟାଲିଟିର ଶତକଡ଼ା ୫ ଭାଗରୁ କମ ହେବନାହିଁ । ଆବେଦନକାରୀଙ୍କ ଦ୍ୱାରା ଉଲ୍ଲିଖିତ ସର୍ବୋଚ୍ଚ ଅତିରିକ୍ତ ଦେୟ ରାଶି ଭିତ୍ତିରେ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ଏକାଧିକ ଆବେଦନକାରୀ ଅନ୍ୟଥା ଯୋଗ୍ୟ ଥାଇ ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟରାଶି ଦର୍ଶାଇଥିଲେ ଲଟେରି ଦ୍ୱାରା ଯୋଗ୍ୟ ଲିଜଧାରୀ ସ୍ଥିର କରାଯିବ । ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ବିବରଣୀ ତହସିଲଦାର, କଣ୍ଟାମାଳ ଓ ଏହି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବୌଦ୍ଧ ଜିଲ୍ଲା ୱେବସାଇଟ୍ (www.boudh.nic.in)ରେ ଉପଲବ୍ଧ ହେବ । ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

OIPR-24118/11/0001/2021 **ସ୍ୱା./- ତହସିଲଦାର, କଣ୍ଟାମାଳ**



**Office of the Executive Engineer**
**Khurda Irrigation Division, Khurda, Dist.- Khurda**

No.A-613:- eekhurdairrigationdivision@gmail.com, 06755-296075

**e-Procurement Notice No. 09 (KHD)/2020-21**

1. No. of works : 02 (Two Nos.)
2. Class of contractor : 'B' & 'A' class
3. Bid identification no. : e (KHD) 09-1/2020-21 to e(KHD) 09-02/2020-21
4. Estimated cost : Varies form Rs.61.48 lakhs & Rs.79.10 lakhs (excluding GST)
5. Period of completion : 03 (Three) calendar months
6. Bid security EMD : Rs.61,500/- to Rs.79,100/-
7. Cost of tender paper : Rs.10,000/- (Non-refundable)
8. Type of contract : Percentage rate (double cover)
9. Date & time of availability of bid documents in the portal : From 25.02.2021, 10.00 A.M. to 08.03.2021, 5.00 P.M.
10. Date and time for online bid submission : From 25.02.2021, 10.00 A.M. to 08.03.2021, 5.00 P.M.
11. Date and time for opening of technical bid : 09.03.2021 at 10.30 A.M. in the O/o Executive Engineer, Khurda Irrigation Division, Khurda, Dist.-Khurda
12. Date and time for opening of financial bid : To be intimated to the qualified bidders after approval of technical bid
13. Nameof the officer inviting tender : Executive Engineer, Khurda Irrigation Division, Khurda, Dist.- Khurda

| Sl. No. | Name fo the work | Bid Identification No. |
|---|---|---|
| 1 | Permanent breach closing on Daya right embankment near Matiapada from RD 7880 mtr to RD 8249 mtr | e(KHD) 09-1/2020-21 |
| 2 | Permanent breach closing on Rajua right embankment near Tirumala from RD 410 mtr to RD 1220 mtr | e(KHD) 09-02/2020-21 |

(A) Any addendum/ corrigendum/cancellation of tender can also be seen in the said website.
(b) Further details can be seen from Government website - https://tendersodisha.gov.in
(C) The bidder shall transfer the required amount of EMD (Bid Security) and cost of bid by online through Electronics payment as per Govt. of Odisha WDOM NO. 17254/W Dt.05.12.2017 as mentioned in DTCN.

**Sd./- Executive Engineer, Khurda Irrigation Division, Khurda**
OIPR-32078/11/0006/2021



**OFFICE OF PANCHAYAT SAMITI, HARICHANDANPUR**

**Letter No. 634** **Date: 23.02.2021**

No. i-75: **DETAIL TENDER CALL NOTICE 02/2020-21 OF BDO-HARICHANDANPUR**


1. The Block Development Officer, Harichandanpur invites sealed percentage rate tenders in single cover system on behlaf of Governor of Odisha from registered and eligible class of civil contractor of the State P.W.D. (R&B)/Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the Work with Location | Scheme | Est. Cost Put to Tender (Rs.) | EMD to be Deposited 1% (Rs.) | Cost of Tender Document (Non-refundable) (Rs.) | Class of Contractors | Time of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of AWC Building at Puruna Nandara of Pithagola GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 2 | Construction of AWC Building at Salaposi of Pithagola GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 3 | Construction of AWC Building at Dhanagugu of Tentalapasi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 4 | Construction of AWC Building at Khudapasi of Tentalapasi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 5 | Construction of AWC Building at Masinabila of Tentalapasi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 6 | Construction of AWC Building at Hatinota of Tentalapasi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 7 | Construction of AWC Building at Khuntabandha of Tentalapasi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 8 | Construction of AWC Building at Durgamela of Sunapentha GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 9 | Construction of AWC Building at Tulkakhaman of Sunapentha GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 10 | Construction of AWC Building at Analajodi of Sunapentha GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 11 | Construction of AWC Building at Bahabali of Gaunighasa GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 12 | Construction of AWC Building at Kendu Sahi of Gaunighasa GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 13 | Construction of AWC Building at Mahanta Sahi of Pitapiti GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 14 | Construction of AWC Building at Sadanandapur of Pitapiti GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 15 | Construction of AWC Building at Kendubani Sahi of Rebanapalaspal GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 16 | Construction of AWC Building at Asanabahali of Rebanapalaspal GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 17 | Construction of AWC Building at Bagira of Rebanapalaspal GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 18 | Construction of AWC Building at Gelhachapal of Rebanapalaspal GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 19 | Construction of AWC Building at Masania of Bhagamunda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 20 | Construction of AWC Building at Talabeda of Bhagamunda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 21 | Construction of AWC Building at Rangamatia of Bhagamunda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 22 | Construction of AWC Building at Suadhala of Bhagamunda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 23 | Construction of AWC Building at Baghuabeda of Bhagamunda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 24 | Construction of AWC Building at Bilei Sahi Bareigoda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 25 | Construction of AWC Building at Talapada of Bareigoda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 26 | Construction of AWC Building at Deulahudi of Thakurapada GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 27 | Construction of AWC Building at Dudhianali of Manoharpur GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 28 | Construction of AWC Building at Dinabandhupur of Manoharpur GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 29 | Construction of AWC Building at Makasukhila of Manoharpur GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 30 | Construction of AWC Building at Bakalamunda of Sagadapata GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 31 | Construction of AWC Building at Modinucha of Sagadapata GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 32 | Construction of AWC Building at Ostapanga of Boxibarigaon GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 33 | Construction of AWC Building at Raghubeda Sahi of Boxibarigaon GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 34 | Construction of AWC Building at Medinpur of Jamujodi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 35 | Construction of AWC Building at Gadadharpur of Jamujodi GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 36 | Construction of AWC Building at Prahaladpur of Bhanrpur GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 37 | Construction of AWC Building at Golabandha of Badapalaspal GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 38 | Construction of AWC Building at Tentulipasi of Tangiriapal GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 39 | Construction of AWC Building at Madhusahi of Dhurudiamba GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 40 | Construction of AWC Building at B.K. Sahi of Bareiguda GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |
| 41 | Construction of AWC Building at Bhaliadiha Munda Sahi of Bauxibarigaon GP | OMBADC | 12,02,825 | 12028 | 6000 | "D" & "C" | 4 (Four) Calendar Months |

**Terms and Conditions:**

1. **Cost of Tender Paper:** The tender specification can be obtained from the Office of the Block Development Officer, Harichandanpur on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Harichandanpur in any Nationalized Bank having its branch at Keonjhar on any working day **from 26.02.2021 to 09.03.2021** for the above work.
2. **Sale of Tender Papers:** The tender documents will be sold **from 26.02.2021 to 09.03.2021** at Block Office Harichandanpur **between 10.00 A.M. to 5.00 P.M.** on working days only.
3. **Date of receipt and mode of submission of tender papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Harichandanpur in his official postal address. The last date of receipt of tender papers is **09.03.2021 upto 5.00 P.M.** The undersigned will not be responsible for postal delay if any or non receipt of the papers in time. **The tenders must superscribe the name of the work/projct on the sealed envelope.**
4. **Date of Opening of Tender Paper:** The tender paper shall be opened on **10.03.2021 at 11.00 A.M.** in the presence of the tenderers of their authorized representative having written authorization for the purpose and the memebrs of tender committee.
5. **Earnest Money Deposit:** 1% (One Percent) of the bid value in shape of Post Office Term Deposit/Short Term Deposit/N.S.C./K.V.P./Deposit Receipt of any Nationalized Bank duly pledged in favour of Block Development Officer, Harichandanpur. The tender papers without required amount of E.M.D. will not be considered and transfer of adjustment of E.M.D. is also in admissible.
6. **Documents to be attached:** The following document should be furnished with the tender papers failing which the tender will be liable to rejection.
   (a) E.M.D. pledged in favour of the Block Development Officer, Harichandanpur.
   (b) Attested copy of Contractor Registration Certificate.
   (c) Attested copy of PAN Card and Certificate of GSTIN.
   (d) Original money receipt granted by B.D.O., Harichandanpur towards cost of tender papers.
   (e) Attested copy of caste certificate issued by competent authorities in case of SC/ST contractors desirous of availing preference.
   (f) The bidders have to produce an original affidavit in support of the authenticity of documents including EMD, etc. attached with the tender papers.
   (g) Affidavit as regards the facts of availing award of work without submission of EMD/ISD during the current financial year in case of Engineer Contractors desirous of availing exemption of EMD otherwise their tender paper will be liable for rejection.
   (h) Joint venture consortium agreements are not allowed to participate in tender.
7. Shortfall of any required document(s) and EMD, the tender paper will be liable for rejection.
8. **Additional Performance Security Deposit:** The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the signing of the agreement of the contract. (Vide works Department Letter No. 13286 Date: 07.09.2017, Govt. of Odisha, Works Department).
9. **Forfeiture:** The EMD amount will be forefeited, if the tenderer backs out from the offer acceptance of tender, by the competent authority.
10. submission of more than one tender paper by a bidder for a single work will be liable for rejection of all such tender papers.
11. The Block Development Officer, Harichandanpur reserve the right to reject any or all the tenders without assigning any reasons thereof. Other details can be seen in the bidding documents.

**OIPR-24133/11/0002/2021** **Sd./- Block Development Officer, Harichandanpur**



ବିଗ୍ ବସ୍-୧୪ରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଦେଇ ଚର୍ଚ୍ଚାକୁ ଆସିଥିବା ରାକ୍ଷୀ ସାୱନ୍ତଙ୍କ ମା' କ୍ୟାନ୍ସର ସହ ଲଢୁଛନ୍ତି। ରାକ୍ଷୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୃଷ୍ଠାରେ ମା'ଙ୍କ ଫଟୋ ଶେୟାର କରି ପ୍ରାର୍ଥନା କରିବାକୁ ପ୍ରଶଂସକଙ୍କୁ କହିଛନ୍ତି। ଦୀର୍ଘଦିନରୁ ରାକ୍ଷୀଙ୍କ ମା' ଅସୁସ୍ଥ ଅଛନ୍ତି। କ୍ୟାନ୍ସର ହୋଇଥିବାରୁ ସେ କେମୋଥେରାପି ନେଉଛନ୍ତି। ଚିକିତ୍ସା ପୋଇଁ ତାଙ୍କର ବହୁତ ଟଙ୍କା ଖର୍ଚ୍ଚ ହେଉଛି। ବିଗ୍‌ବସ୍‌ରୁ ୧୪ ଲକ୍ଷ ଟଙ୍କା ପାଇ ବେଶ ଖୁସି ପ୍ରକଟ କରିଥିଲେ ରାକ୍ଷୀ। ଏଥିରେ ସେ ମା'ଙ୍କ ଚିକିତ୍ସା ଭଲ ଭାବେ କରିପାରିବେ ବୋଲକକି କହିଥିଲେ।



# ବିବାହ କରିବାକୁ ଇଚ୍ଛା ନ ଥିଲା

**ମୁମ୍ବାଇ:** ଇଚ୍ଛା ନ ଥିଲା ବିବାହ ପାଇଁ। ହେଲେ ପ୍ରେମରେ ପଡ଼ିଯାଇଥିଲେ। ଶେଷରେ ହାତକୁ ଦୁଇ ହାତ ହେବାକୁ ବାଧ ହୋଇଥିଲେ। ଏଭଳି କିଛି କାହାଣୀ ହେଉଛି ବଲିଉଡ ବ୍ଲାକ ବିୟୁଟି ବିପାସା ବାସୁଙ୍କର। ଅଭିନେତା କରନ ସିଂ ଗ୍ରୋଭରଙ୍କ ସହ ତାଙ୍କର ବିବାହ ପଛର କାହାଣୀ ବେଶ ରୋମାଞ୍ଚକର। ବିପାଶାଙ୍କୁ ବିବାହ ପୂର୍ବରୁ ଦୁଇଟି ବିବାହ କରିଥିଲେ କରନ। ସେ ଦୃଷ୍ଟିରୁ ବିପାଶା ତାଙ୍କର ତୃତୀୟ ସ୍ତ୍ରୀ। ଏପରିକି ବୟସରେ କରନ ବିପାଶାଙ୍କଠାରୁ ୩ ବର୍ଷ ସାନ। ଉଭୟ ୨୦୧୫ରେ ଫିଲ୍ମ 'ଆଲୋନ'ରେ ଅଭିନୟ କରିଥିଲେ। ଉଭୟଙ୍କ ରୋମାନ୍ସ ସେତେବେଳେ ଚର୍ଚ୍ଚାରେ ରହିଥିଲା। ଏହି ସମୟରେ ମିଛ ମିଛ ଡେଟ୍‌ରୁ ସମ୍ପର୍କର ଗାଡ଼ି ଆଗକୁ ଯାଇଥିଲା। ଧିରେ ଧିରେ କରନ୍‌ଙ୍କୁ ବିପାଶା ବେଶ ନିଜର ଲାଗିଥିଲେ। ହେଲେ ବିପାଶା ବିବାହ କରିବାକୁ ଚାହୁଁ ନ ଥିଲେ ବୋଲି ନିଜ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଥାଇଲାଣ୍ଡରେ ଥିବା ସମୟରେ ବିପାଶାଙ୍କୁ ଫିଙ୍ଗର୍ ରିଙ୍ଗ୍ ଦେଇ ପ୍ରପୋଜ କରିଥିଲେ କରନ। ପରେ ବିପାଶା ହଁ କହିବା ପରେ ଉଭୟ ବିବାହ କରୁଥିବା ନେଇ ପ୍ରଶଂସକଙ୍କୁ ସୂଚନା ଦେଇଥିଲେ। ଏବେ ଉଭୟ ବିବାହର ୫ ବର୍ଷ ପୂରଣ କରି ସାରି ଲେଣି। ଉଭୟଙ୍କ ମଧ୍ୟରେ ସମ୍ପର୍କ ପୂର୍ବଭଳି ସତେଜ ରହିଛି।

# ସହପାଠୀଙ୍କ ନାକ ଫଟାଇଦେଇଥିଲେ ଓବାମା

**ୱାଶିଂଟନ:** ଆମେରିକାର ପୂର୍ବତନ କୃଷ୍ଣକାୟ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ନାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ନିକଟରେ ସେ ଯୋଗଦେଇଥିବା ଏକ କାର୍ଯ୍ୟକ୍ରମରେ ନିଜର ସ୍କୁଲ ଦିନର ସ୍ମୃତି ରୋମନ୍ଥନ କରିଛନ୍ତି। ବର୍ଣ୍ଣବୈଷମ୍ୟବାଦ ବିରୋଧରେ ସବୁବେଳେ କଡ଼ା ସ୍ୱରରେ ନିଜର ମତ ରଖୁଥିବା ଓବାମା ନିଜ ସହପାଠୀଙ୍କ ନାକ ଫଟାଇଦେଇଥିଲେ। ଏକ କାର୍ଯ୍ୟକ୍ରମରେ ପୁରୁଣା ଦିନର ଅଭୁଲା କଥା ଉଜାଗର କରି ସେ ଏହା କହିଛନ୍ତି। ପଢ଼ିବା ସମୟରେ ଜଣେ ସହପାଠୀ ତାଙ୍କୁ ଜାତିଗତ ଆକ୍ଷେପ କରି ଟିପ୍ପଣୀ ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଓବାମା ତାଙ୍କ ନାକ ଫଟାଇ ଦେଇଥିଲେ। ଆମେରିକାର ଏହି ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ସର୍ବଦା ବର୍ଣ୍ଣବୈଷମ୍ୟବାଦର ବିରୋଧ କରି ଆସିଛନ୍ତି। ନିଜ ଦପ୍ତର ଏବଂ ଦପ୍ତର ବାହାରେ ସେ ରଙ୍ଗଭେଦ ଉପରେ କଡ଼ା ଟିପ୍ପଣୀ ଦେଇ ମାନସିକତାରେ ପରିବର୍ତ୍ତନ ଆଣିବାକୁ ସର୍ବଦା ଆହ୍ୱାନ କରୁଥିଲେ।

ନିଜର ଅନୁଭୂତି ବଖାଣି ଓବାମା କହିଛନ୍ତି, ସେ ସ୍କୁଲରେ ପଢୁଥିଲେ। ତାଙ୍କର ଜଣେ ସହପାଠୀ ଥିଲେ। ଦୁହେଁମିଶି ବାସ୍କେଟ୍‌ବଲ୍ ଖେଳୁଥିଲେ। ଉଭୟଙ୍କ ଭିତରେ ଭଲ ବୁଝାମଣା ଥିଲା। ହେଲେ ଦିନେ ସମ୍ପୃକ୍ତ ସାଙ୍ଗଙ୍କ ସହ ତାଙ୍କର ଝଗଡ଼ା ହୋଇଗଲା। ସହପାଠୀ ଜଣକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବର୍ଣ୍ଣଗତ ଆକ୍ଷେପ କରିଥିଲେ। ଧୈର୍ଯ୍ୟଚ୍ୟୁତି ହେବାରୁ ଓବାମା ବନ୍ଧୁଙ୍କ ମୁହଁକୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ନାକ ଫାଟିଯାଇଥିଲା। ଏହାପରେ ସେ ତାଙ୍କ ବନ୍ଧୁଙ୍କୁ ଏଭଳି ଆକ୍ଷେପ ଆଉ କେବେ ନ କରିବାକୁ ପରାମର୍ଶ ଦେଇଥିଲେ। ଓବାମା କହିଥିଲେ, ''ମୁଁ ଗରିବ, ଅଜ୍ଞାନ, ଅସୁନ୍ଦର ହୋଇଥାଇପାରେ। ହୁଏତ ମୁଁ ନିଜକୁ ପସନ୍ଦ କରି ନ ପାରେ। ଖୁସି ହୋଇ ନ ପାରେ। ହେଲେ ତୁମେ ଜାଣିଛ ମୁଁ କ'ଣ। ଏକଥା ସ୍ପଷ୍ଟ ଯେ, ମୁଁ ତୁମ ଭଳି ନୁହେଁ।'' ୨୦୧୫ରେ ଏକ ସାକ୍ଷାତକାରରେ ଓବାମା କହିଥିଲେ, ଆମେରିକା ଏବେ ବି ବର୍ଣ୍ଣବୈଷମ୍ୟବାଦରୁ ସମ୍ପୂର୍ଣ୍ଣ ମୁକୁଳିପାରିନାହିଁ। ସାଉଥ୍ କାରୋଲିନାର ବ୍ଲାକ୍ ଚର୍ଚ୍ଚ ଗୁଳିକାଣ୍ଡ ଘଟଣା ପରେ ଓବାମାଙ୍କ ଏହି ବୟାନ ଆସିଥିଲା।



# ଅବ୍ୟବହୃତ ଗାଡ଼ି ଲୁହାରୁ ସୁନ୍ଦର କଳାକୃତି

**ତିରୁପତି:** ଦୁନିଆରେ କୌଣସି ଜିନିଷ ଅଦରକାରୀ ନୁହେଁ। ଏହି ଚିନ୍ତାଧାରାକୁ ନେଇ ଜଣେ ପ୍ରଫେସର ଅନେକ ଅବ୍ୟବହୃତ ଜିନିଷକୁ ଉପଯୋଗକରି ସୁନ୍ଦର କଳାକୃତି କରିବାରେ ସଫଳ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରସ୍ଥିତ ଆଚାର୍ଯ୍ୟ ନାଗାର୍ଜ୍ଜୁନ ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀନିବାସ ପାଦକଣ୍ଡାଲା ଗାଡ଼ିରୁ ବାହାରୁଥିବା ପୁରୁଣା ଏବଂ ଅଦରକାରୀ ଲୁହାଗୁଡ଼ିକୁ ନେଇ ବିଭିନ୍ନ ପ୍ରକାର କଳାକୃତି ତଥା ମୂର୍ତ୍ତି ପ୍ରସ୍ତୁତ କରୁଛନ୍ତି। ଅଦରକାରୀ ବୈଦ୍ୟୁତିକ ଏବଂ ଗାଡ଼ି ଯନ୍ତ୍ରପାତିଗୁଡ଼ିକୁ ପୁନଃ ବ୍ୟବହାରଯୋଗ୍ୟ କରିବା ଦିଗରେ ଉତ୍ସାହିତ କରିବାକୁ ଏଭଳି ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ଦ୍ୱାରା ନିର୍ମିତ କଳାକୃତିଗୁଡ଼ିକ ବିଭିନ୍ନ ସହରରେ ସ୍ଥାପନ କରାଯିବା ସହ ପ୍ରଶଂସିତ ମଧ୍ୟ ହୋଇଛି। ବିଜୟୱାଡା ନିବାସୀ ପ୍ରଫେସର ଶ୍ରୀନିବାସ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସ୍ନାତକ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଫାଇନ୍ ଆର୍ଟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ଆନ୍ଧ୍ର ସମେତ ତାମିଲନାଡୁ ଏବଂ ଓଡ଼ିଶାରେ କାର୍ଯ୍ୟ କରିଛନ୍ତି। ୨୦୧୬ ଏବଂ ୨୦୧୮ରେ ବିଜୟୱାଡା ମହାନଗର ନିଗମ ପକ୍ଷରୁ ଶ୍ରୀନିବାସଙ୍କ କଳାକୃତି ସାହାଯ୍ୟରେ ସହରକୁ ସୁନ୍ଦର କରିବା ନିମନ୍ତେ ସହାୟତା ନିଆଯାଇଥିଲା। ସେହିପରି ମଦୁରାଇ, ହିନ୍ଦୁପୁର, ଅନନ୍ତପୁରଠାରେ ମଧ୍ୟ ଶ୍ରୀନିବାସଙ୍କ ମଡେଲ ସ୍ଥାନିତ ହୋଇଛି।



# ଫେରାଇଦେଲେ ୧୧ ଲକ୍ଷ ଟଙ୍କାର ଯୌତୁକ

**ଜୟପୁର:** ରାଜସ୍ଥାନର ବୁନ୍ଦି ଜିଲା ପିପରୱାଲା ଗାଁର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ପୁଅଙ୍କ ବିବାହ ଏବେ ଚର୍ଚ୍ଚାର ବିଷୟ ହୋଇଛି। ବରପକ୍ଷ ଲୋକେ ସମାଜକୁ ଏକ ବଡ ବାର୍ତ୍ତା ଦେଇଛନ୍ତି, ଯାହାକୁ ସାରା ରାଜ୍ୟରେ ପ୍ରଶଂସା କରାଯାଉଛି। ଖଜୁରୀ ପଞ୍ଚାୟତର ପିପରୱାଲା ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ବ୍ରଜମୋହନ ମୀନାଙ୍କ ପୁଅର ବିବାହ କାର୍ଯ୍ୟକ୍ରମ ସମୟରେ କନ୍ୟା ଘର ପକ୍ଷରୁ ୧୧ ଲକ୍ଷ ୧୦୧ ଟଙ୍କା ଯୌତୁକ ଦିଆଯାଇଥିଲା। କିନ୍ତୁ ବ୍ରଜମୋହନ ସେହି ଟଙ୍କାକୁ ପରେ ଫେରାଇଦେଇଥିଲେ। ଏକ ବଡ଼ ଥାଳିରେ ଟଙ୍କା ବିଡା ଧରି କନ୍ୟା ଘର ଲୋକଙ୍କୁ ଫେରାଉଥିବା ଦେଖି ଆଖପାଖ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଭଳି କରି ବ୍ରଜମୋହନ ଯୌତୁକ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି।

# ଶାଶୁଙ୍କୁ ପ୍ରଶଂସା କଲେ ଟିନା ଅମ୍ବାନୀ



**ମୁମ୍ବାଇ:** ଅମ୍ବାନୀ ପରିବାରର ବୋହୂ ଟିନା ଅମ୍ବାନୀ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଶାଶୁ କୋକିଳାବେନ ଅମ୍ବାନୀଙ୍କ ଜନ୍ମଦିନ ଉପଲକ୍ଷେ ସେ ଏହି ଫଟୋ ଅପ୍‌ଲୋଡ କରିଛନ୍ତି। ଏହି ପୋଷ୍ଟରେ ସେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଲେଖିଛନ୍ତି। ସେ ଲେଖିଛନ୍ତି, 'ଶକ୍ତି ଏବଂ ସମର୍ଥନର ସ୍ରୋତ'। ପରମ୍ପରା ଏବଂ ଆଧୁନିକର ଅବିଶ୍ୱସନୀୟ ମିଶ୍ରଣ। ଟିନା ଲେଖିଛନ୍ତି, ଆପଣ ଆମ ସମସ୍ତଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେଇଆସୁଛନ୍ତି। ଫଟୋରେ କୋକିଳାବେନ୍‌ଙ୍କ ସହ ସାନ ପୁଅ ଅନିଲ ଅମ୍ବାନି, ତାଙ୍କ ସ୍ତ୍ରୀ ଟିନା ଅମ୍ବାନୀ, ଦୁଇ ପୁଅ ଅନମୋଲ ଏବଂ ଅଂଶୁଲଙ୍କ ସହ ନଜର ଆସିଛନ୍ତି। ଆଉ ଏକ ଫଟୋରେ ଟିନା ଶାଶୁ କୋକିଳାବେନଙ୍କ ସହ ଠିଆ ହୋଇଛନ୍ତି। ଫଟୋ ଶେୟାର କରି ଟିନା ଲେଖିଛନ୍ତି, ଆପଣ ପରିବାରର ଆଧାରଶୀଳା। ଆପଣଙ୍କଠାରୁ ଆମେ ସବୁଦିନ କିଛି ନା କିଛି ଶିଖୁଛୁ। ଥ୍ୟାଙ୍କ ୟୁ ମମି। ଏମିତି ସବୁଦିନ ଆଧାରଶୀଳା ହୋଇ ରହିଥାନ୍ତୁ। ଆମକୁ ସାହସ ଏବଂ ଧୈର୍ଯ୍ୟ ଦିଅନ୍ତୁ।

# ନାତୁଣୀଙ୍କୁ ପଢ଼ାଇବା ପାଇଁ ଘର ବିକ୍ରି କଲେ ଜେଜେ

**ମୁମ୍ବାଇ:** ଜଣେ ୭୪ ବର୍ଷୀୟ ଅଟୋ ଡ୍ରାଇଭର ଦେଶରାଜ ନାତୁଣୀଙ୍କୁ ପଢ଼ାଇବାକୁ ଯାଇ ଘରଦ୍ୱାର ବିକ୍ରି କରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ଏକ ଅଭିଯାନରେ ପରିଣତ କରି ଲୋକେ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କୁ ଟଙ୍କା ଦାନ କରୁଛନ୍ତି। ଏବେ ସୁଦ୍ଧା ଦାନ ଆକାରରେ ୨୪ ଲକ୍ଷ ଟଙ୍କା ପାଇସାରିଲେଣି। ମୁମ୍ବାଇର ଅଟୋ ଚାଳକ ଦେଶରାଜ ଦିଲ୍ଲୀରେ ନାତୁଣୀଙ୍କୁ ଶିକ୍ଷା ଦେବା ପାଇଁ ନିଜ ଘର ବିକ୍ରି କରିବାର କାହାଣୀ ହ୍ୟୁମାନ୍ସ ଅଫ୍ ବମ୍ବେ ଇନଷ୍ଟିଚ୍ୟୁଟ ଏହାର ଫେସବୁକ ପେଜରେ ଶେୟାର କରିଛି। ଲୋକମାନେ ଦେଶରାଜଙ୍କ ଏହି କାହାଣୀକୁ ବହୁତ ପସନ୍ଦ କରିଥିଲେ। ଏହା ପରେ, ଏହା ଶୀଘ୍ର ଭାଇରାଲ ହେଲା। ଏହି ସମୟରେ ଦେଶରାଜଙ୍କ ପାଇଁ ଅନଲାଇନ ଦାନ ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ହ୍ୟୁମାନ୍ସ ଅଫ ବମ୍ବେ ଏହାର ଫେସବୁକ ପେଜରେ ଦେଶରାଜଙ୍କ ଏକ ପ୍ରୋଫାଇଲ ପ୍ରସ୍ତୁତ କରିଥିଲା। ତାଙ୍କ ପାଇଁ ୨୦ ଲକ୍ଷ ଟଙ୍କା ଜମା କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏବେ ସୁଦ୍ଧା ମୋଟ ୨୪ ଲକ୍ଷ ଟଙ୍କା ସଂଗ୍ରହ ହୋଇସାରିଛି। ଏହି ସମସ୍ତ ରାଶି ତାଙ୍କୁ ଚେକ ଆକାରରେ ହସ୍ତାନ୍ତର କରାଯାଇଛି।

# ଛୁଟି ପାଇଁ ଅପହରଣ ନାଟକ





**ଏରିଜୋନା:** ଅଫିସରୁ ଛୁଟି ନେବା ପାଇଁ ଲୋକେ ବିଭିନ୍ନ ପ୍ରକାର ବାହାନା ଖୋଜନ୍ତି। ଯେମିତି ଚାହିଁଥାନ୍ତି ମାଲିକ ତାଙ୍କୁ ଆରାମରେ ଛୁଟି ମଞ୍ଜୁର କରିଦିଅନ୍ତୁ। ସେହିପରି ଆମେରିକାର ଏରିଜୋନାରେ ରହୁଥିବା ୧୯ ବର୍ଷୀୟ ଜଣେ କର୍ମଚାରୀ ଛୁଟି ନେବା ପାଇଁ ଏମିତି ଏକ ନାଟକ କରିଛନ୍ତି ଯାହା ସମସ୍ତଙ୍କୁ ଚକିତ କରିଛି। ଏହି ଯୁବକ ଜଣକ ଏକ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ସେ ଛୁଟି ନେବାକୁ ଚାହୁଁଥିଲେ। ଖାସ ଏଥିପାଇଁ ନିଜେ ନିଜର ଅପହରଣ ନାଟକ ରଚିଥିଲେ। ଏକ ରିପୋର୍ଟ ଅନୁଯାୟୀ, ସହରର ୱାଟର ଟାୱାର ନିକଟରେ ଏକ ଫ୍ୟାକ୍ଟ୍ରିରେ କାମ କରୁଥିବା ୧୯ ବର୍ଷୀୟ ବ୍ରେଣ୍ଡେନ ସୁଲ୍ସ ନିଜର ଅପହରଣ ନାଟକ କରିଥିଲେ। ଯେତେବେଳେ କମ୍ପାନୀ ବ୍ୟକ୍ତିଗତ ଗୁପ୍ତଚରଙ୍କ ମାଧ୍ୟମରେ ଏହି ମାମଲାର ଅନୁସନ୍ଧାନ କରାଇଥିଲେ ମଧ୍ୟ ସୁଲ୍ସ ଅପରହଣର ସତ୍ୟତା ଜଣାପଡି ନ ଥିଲା। ପରେ କମ୍ପାନୀ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଯାଞ୍ଚ କରିବାବେଳେ ସୁଲ୍ସ ଫ୍ୟାକ୍ଟ୍ରିଠାରୁ କିଛି ଦୂରରେ ହାତଗୋଡ଼ ବନ୍ଧା ହୋଇପଡ଼ିଥିବା ଅବସ୍ଥାରେ ଦେଖିବାକୁ ପାଇଥିଲା। ଏନେଇ ସୁଲ୍ସଙ୍କୁ ପୋଲିସ ପଚାରିବାରୁ ସେ ନିଜେ ଏପରି ଅପହରଣ ନାଟକ କରିଥିବା ସ୍ୱୀକାର କରିଥିଲେ। କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ଅପହରଣ ଯୋଜନା କରିଥିବା ସୁଲ୍ସ ନିଜେ ପାଟିରେ କିଛି ରଖିଥିଲେ। ବେଲ୍ଟରେ ହାତଗୋଡ଼ି ସେ ନିଜେ ବାନ୍ଧିଥିଲେ। ଏହା ପରେ ରାସ୍ତା ପାର୍ଶ୍ୱରେ ଶୋଇପଡ଼ିଲେ। ଯେମିତି କି ଲୋକମାନେ ତାଙ୍କୁ ଦେଖି ପାରିବେ। ଆଉ ଅପହରଣ କରାଯାଇଥିବା ବିଶ୍ୱାସ କରିବେ। ମାତ୍ର ପୋଲିସ କବଳରୁ ସେ ଖସି ପାରି ନ ଥିଲେ। ଏପରି ଅପହରଣ ନାଟକ କରିଥିବାରୁ ତାଙ୍କୁ ଚାକିରି ହରାଇବା ସହ ଜେଲ ବି ଯିବାକୁ ପଡ଼ିଛି।

# ଭଁସାଲିଙ୍କୁ ବାହା ହେବାକୁ ଚାହୁଁଥିଲେ ଦୀପିକା

**ମୁମ୍ବାଇ:** ଫିଲ୍ମ ନିର୍ଦ୍ଦେଶକ ସଞ୍ଜୟଲୀଲା ଭଁସାଲୀ ବୁଧବାର ତାଙ୍କ ଜନ୍ମଦିନ ପାଳନ କରିଛନ୍ତି। ୧୯୬୩ ଫେବୃୟାରୀ ୨୪ରେ ଗୁଜୁରାଟୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ସେ ନିଜ ନାମରେ ମା'ଙ୍କ ନାମ 'ଲୀଲା' ବ୍ୟବହାର କରିଥାନ୍ତି। ତାଙ୍କ ବାପା ଜଣେ ପ୍ରଯୋଜକ ଥିଲେ। ୧୯୯୯ରେ ସଞ୍ଜୟଙ୍କ ଜୀବନ ବଦଳାଇଦେଇଥିଲା ଫିଲ୍ମ 'ହମ୍ ଦିଲ ଦେ ଚୁକେ ସନମ୍'। ଆଗାମୀ ଦିନରେ ତାଙ୍କର ଫିଲ୍ମ 'ଗଙ୍ଗୁବାଇ କାଠିୟାବାଡି' ରିଲିଜ ହେବାକୁ ଯାଉଛି। ୫୭ ବର୍ଷୀୟ ଭଁସାଲି ଆଜି ବି ଅବିବାହିତ। ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ତାଙ୍କୁ ବିବାହ କରିବାକୁ ଚାହୁଁଥିବା ଏକ ଶୋ'ରେ କହିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ *T&C
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା।
କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ।
କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ୫ମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମଦନମୋହନ ପରିଡ଼ା**
ସର୍ବୋଦୟନଗର, ପୁରୀ-୨
ତିରୋଧାନ: ୦୧।୦୨।୨୦୧୫
ଆପଣଙ୍କର ସ୍ନେହ ଶ୍ରଦ୍ଧା, ଦୃଢ଼ମନା ନିର୍ଭୀକତା, କର୍ତ୍ତବ୍ୟନିଷ୍ଠା, ସାଧୁତା, ପରୋପକାରିତା ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରିବୁ। ଆଜି ୫ମ ଶ୍ରାଦ୍ଧ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ-ନିରୁପମା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ବୃନ୍ଦ
ଧ-୨୦୦୪୩

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰କେଶବ ଚନ୍ଦ୍ର ଦାସ**
(ଅବସରପ୍ରାପ୍ତ ସମବାୟ ନିରୀକ୍ଷକ)
ସା: ମାନପୁର, ଗ୍ରା.ପ.: ଓଡ଼ିଶୋ, ବ୍ଲକ: ରସୁଲପୁର, ଜି: ଯାଜପୁର
ଆବିର୍ଭାବ: ତା୦୧।୦୧।୧୯୩୭
ତିରୋଧାନ: ତା୧୫।୦୨।୨୦୨୧
କେହି ରହି ନାହିଁ ରହିବେ ନାହିଁ ଟି ଭବରଙ୍ଗ ଭୂମିତଳେ ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସ୍ୱଚ୍ଛତା, ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ଜୀବନଶୈଳୀ ଆମମାନଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ: ସନ୍ତୋଷ, ସର୍ବେଶ୍ୱର, ସୀମାନ୍ତ, ଗଗନ, ସୋମନାଥ, ରଞ୍ଜିତ, ପ୍ରସନ୍ନଜିତ୍, ଶୁଭେନ୍ଦୁ, ପ୍ରଶାନ୍ତ, ଭାଇ-ବୋହୂ, ଝିଅ-ଜ୍ୱାଇଁ, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୦୦୫୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅଶୋକ କୁମାର ସାମନ୍ତରାୟ**
ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୨।୦୫।୧୯୬୧
ତିରୋଧାନ: ୨୨।୦୨।୨୦୦୫
ତୁମ ଆତ୍ମାର ସଦ୍‌ଗତି ହେଉ ଓ ତୁମ ଆଶିଷରେ ଆମର ଚଲାପଥ ପୁଷ୍ପିତ ହେଉ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୦୪୩୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ବ୍ରଜକିଶୋର ପାଣିଗ୍ରାହୀ**
(ଅବସରପ୍ରାପ୍ତ ଶିକ୍ଷକ), ଓଡ଼ଗାଁ, ନୟାଗଡ଼
ଆବିର୍ଭାବ: ତା୧୯।୦୫।୧୯୪୧ରିଖ
ତିରୋଧାନ: ତା୦୬।୦୨।୨୦୨୦ରିଖ
(ମାଘମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି)
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସତ୍ୟନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ପରୋପକାରିତା ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀରଘୁନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କର:
ବନ୍ଧୁ ଓ ପରିବାରବର୍ଗ
ଧ-୨୦୦୪୭


# ବଲିଉଡ୍ ହାଲଚାଲ୍

- ଅଭିନୟ ଦେଓ ଏବେ 'ଆଖେଁର ସିକୁଏଲ 'ଆଖେଁ-୨' ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏହି ଫିଲ୍ମରେ ଅମିତାଭ ବଚ୍ଚନ, ସିଦ୍ଧାର୍ଥ ମାଲହୋତ୍ରା ଏବଂ ଅକ୍ଷୟ ଖାନ୍ନା ଅଭିନୟ କରିବେ। ଉକ୍ତ ଚଳଚ୍ଚିତ୍ରର ଶୁଟିଂ ମେ' ମାସରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଅଭିନୟ।
- ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ସର୍କସ' ଚଳିତ ବର୍ଷ ଡିସେମ୍ବର ୩୧ରେ ପରଦା ଉପରକୁ ଆସିବ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରଣବୀର ସିଂ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ପୂଜା ହେଗଡେ ଏବଂ ଜ୍ୟାକଲିନ୍ ଫର୍ଣ୍ଣାଡିସ।
- କାହାଣୀ ପସନ୍ଦ ନ ହେବାରୁ ଜାହ୍ନବୀ କପୁର ନିକଟରେ ତିନୋଟି ଅଫର ହାତଛଡ଼ା କରିଛନ୍ତି। ଏଣିକି କୌଣସି ସିନେମା ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବି ବୋଲି କହନ୍ତି ଜାହ୍ନବୀ।
- ସୈଫ ଅଲ୍ଲୀ ଖାଁ, ଅର୍ଜ୍ଜୁନ କପୁର, ଜ୍ୟାକଲିନ୍ ଫର୍ନାଡିସ୍ ଏବଂ ଯାମି ଗୌତମଙ୍କ ଅଭିନୀତ 'ଭୂତ ପୋଲିସ୍' ଚଳିତବର୍ଷ ସେପ୍ଟେମ୍ବର ୧୦ରେ ପରଦା ଉପରକୁ ଆସିବ।
- ନିର୍ମାଣାଧୀନ ହିନ୍ଦୀ ସିନେମା 'ବଚ୍ଚନ ପାଣ୍ଡେ'ରେ ଅକ୍ଷୟ କୁମାର ଜଣେ ଗ୍ୟାଙ୍ଗ ଷ୍ଟାର ଭୂମିକାରେ ଅଭିନୟ କରୁଛନ୍ତି।
- ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶିତ 'ଅନେକ' ଚଳିତବର୍ଷ ସେପ୍ଟେମ୍ବର ୧୭ରେ ମୁକ୍ତିଲାଭ କରିବ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଆୟୁଷ୍ମାନ ଖୁରାନା।
- ପ୍ରଥମ ଥର ପାଇଁ ଅମିତାଭ ବଚ୍ଚନଙ୍କ ସହ ଅଭିନୟ କରିଛନ୍ତି ଇମ୍ରାନ୍ ହାସମୀ। ଫିଲ୍ମଟି ହେଲା 'ଚେହେରା'। ଏହି ଚଳଚ୍ଚିତ୍ରଟି ଚଳିତବର୍ଷ ଏପ୍ରିଲ ୩୦ରେ ରିଲିଜ ହେବାକୁ ଯାଉଛି।



ଯାମି ଗୌତମ

# ସେହି ଦଶ ଦିନ



କ୍ୟାଟ୍ରିନା

**କ୍ୟା**ଟ୍ରିନା ସେହି ଦଶ ଦିନକୁ ଭୁଲି ପାରୁନାହାନ୍ତି। 'ଅଗ୍ନିପଥ' ଚଳଚ୍ଚିତ୍ରର ସୁପରହିଟ୍ ଗୀତ 'ଚିକ୍‌ନି ଚମେଲି'ର ଲୋକପ୍ରିୟତା ଏବେ ମଧ୍ୟ ରହିଛି। ହେଲେ ଏହାର ଶୁଟିଂ ସମୟର ଅନୁଭୂତିକୁ ଏବେ ମଧ୍ୟ ମନେ ପକାଉଛନ୍ତି କ୍ୟାଟ୍ରିନା କୈଫ। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ନିଜର ଅନୁଭୂତି ସମ୍ପର୍କରେ ବଖାଣିଥିଲେ। "ଏହି ଗୀତଟି ଯେତେବେଳେ କମ୍ପୋଜିଂ ହେଲା ସେତେବେଳେ ମୁଁ ପୂର୍ବାନୁମାନ କରିଥିଲି ଯେ, ଏହା ନିଶ୍ଚୟ ଶ୍ରୋତାଙ୍କ ମନକୁ ଛୁଇଁବ। ଶେଷରେ ମୋର ଅନୁମାନ ସତ ହୋଇଥିଲା। କିନ୍ତୁ ଗୀତଟିର ପିକ୍ଚରାଇଜେଶନ ପାଇଁ ଆମକୁ ଦଶ ଦିନ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମରେ ମୋର ସ୍ପେଶାଲ ଆପିଏରାନ୍ସ ଥିଲା। ଯେତେବେଳେ ମୋତେ ଏଥିରେ ଏହି ଆଇଟମ ନମ୍ବରରେ ନାଚିବାକୁ କୁହାଗଲା ମୁଁ ରାଜି ହୋଇଥିଲି, କାରଣ ମୁଁ ଜାଣିଥିଲି ଗୀତଟି ନିଶ୍ଚୟ ହିଟ୍ ହେବ ବୋଲି କହିଥିଲେ କ୍ୟାଟ୍ରିନା।"

# ସଞ୍ଜୟଙ୍କ ପ୍ରଶଂସାରେ ଆଲିୟା



**ମ**ହେଶ ତନୟା ଆଲିୟାଙ୍କ ଖୁସି ଏବେ ବନ୍ଧବାଡ ମାନୁନି। କାରଣ ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଗାଙ୍ଗୁବାଈ କାଠିଆୱାଡ଼ି'ର ଟାଇଟଲ ଭୂମିକାରେ ସେ ଅଭିନୟ କରୁଛନ୍ତି। ଜଣେ ନାରୀର ସଂଘର୍ଷମୟ ଜୀବନୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଅନ୍ୟପକ୍ଷରେ ସଞ୍ଜୟଙ୍କ ଆଗାମୀ ସିନେମାରେ ଆଲିୟା ପୁଣି ଥରେ ଅଭିନୟ କରିବାର ଯୋଜନା ରହିଛି। ଏ ନେଇ ସଞ୍ଜୟ ପରୋକ୍ଷରେ ସଙ୍କେତ ଦେବା ପରେ ଆଲିୟାଙ୍କ ଖୁସି ଦେଖେ କିଏ। "ଯଦି ମୋତେ ପୁଣି ଥରେ ତାଙ୍କ ପରି ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିବାର ସୁଯୋଗ ମିଳେ ତେବେ ମୁଁ ନିଜକୁ ଧନ୍ୟ ମଣିବି। କାରଣ ଅଭିନୟ ବିଷୟରେ ତାଙ୍କ ନିକଟରୁ ଅନେକ କିଛି ଶିଖିଛି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ବୋଲି କହିଛନ୍ତି ଆଲିୟା।" ଏସ.ହୁସେନ୍ ଜୈଦିଙ୍କ ଚର୍ଚ୍ଚିତ ପୁସ୍ତକ 'ମାଫିଆ କୁଇନ୍ ଅଫ ମୁମ୍ବାଇ'କୁ ଆଧାର କରି 'ଗାଙ୍ଗୁବାଈ କାଠିଆୱାଡି' ପ୍ରସ୍ତୁତ ହୋଇଛି।

# ଅତୀତରୁ...

- ପୌରାଣିକ ଓଡ଼ିଆ ସିନେମା 'ରାମାୟଣ'ରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଶୁଭ୍ରା ପତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର।
- ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ବୃନ୍ଦାବନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।
- ବାବୁଲାଲ ଜୋଷୀଙ୍କ ପ୍ରଯୋଜିତ ଏବଂ ସୁଶୀଲ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ଅକ୍ଷୟତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଏହାର ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ରାଖାଲ ମହାନ୍ତି।

# ଦୀପକ ଯାହା ଚାହୁଁଥିଲେ ...



ଅନୁଭା-ଦୀପକ

**ବେ**ଳେବେଳେ ମଣିଷ ଯାହା ଚାହେଁ ତାହା ହାତପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଯେଉଁଭଳି ଏକ ରୋମାଣ୍ଟିକ ଭୂମିକା ସନ୍ଧାନରେ ଦୀପକ ଥିଲେ ତାହା କେମିତି ତାଙ୍କୁ ମିଳିଯାଇଛି। ହଁ, ସିନେମାଟି ହେଲା 'ଏଇ ବୋଧେ ଭଲ ପାଇବା'। ଏ ସମ୍ପର୍କରେ ଦୀପକ କହନ୍ତି, 'ଏହି ଫିଲ୍ମରେ ଦର୍ଶକ ମୋତେ ଏକ ଭିନ୍ନ ରୋମାଣ୍ଟିକ ରୋଲ୍‌ରେ ଦେଖିବାକୁ ପାଇବେ। ଏହି ଲଭ୍ ଷ୍ଟୋରିରେ ଏପରି ଟ୍ୱିଷ୍ଟ ରହିଛି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଯୋଗାଇବ ବୋଲି ମୋର ଆଶା ରହିଛି।' ପ୍ରଶାସକ ରଞ୍ଜନ କୁମାର ଦାସ ଏହାର କାହାଣୀ ରଚନା କରିଛନ୍ତି। ନବାଗତ ପ୍ରଯୋଜକ ଆଲେକଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମ ମାଧ୍ୟମରେ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି କୋରିଓଗ୍ରାଫର-କମ୍-ଡିରେକ୍ଟର ସୁଧାକର ବସନ୍ତ। ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମାଜଗତର ଆଗଧାଡ଼ିର ସଂଳାପକାର ତଥା ଏ ପର୍ଯ୍ୟନ୍ତ ୭୦ଟି ଚଳଚ୍ଚିତ୍ରର ସଂଳାପ ଲେଖିସାରିଥିବା ଡ. ରଜନୀ ରଞ୍ଜନ। 'ଏକ ନିଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ଯେତେବେଳେ ମୁଁ ପଢ଼ିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ସିନେମାର ସଂଳାପରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ରଜନୀ।' କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସରୋଜ ଦାସ, ନନ୍‌ସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ଅପେକ୍ଷା ହିଁ ସାର

**ପ୍ର**ଥମ ଓଡ଼ିଆ ଚିତ୍ର 'ସୀତା ବିବାହ'। ୧୯୩୬ରେ ମୁକ୍ତିଲାଭ କରିଥିଲା ଏହି ସିନେମା। ଏ ପର୍ଯ୍ୟନ୍ତ ଏହି ସଂଖ୍ୟା ୭୦୦ ଅତିକ୍ରମ କରିଛି। କିନ୍ତୁ ଗୁଣାତ୍ମକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆମ ଓଡ଼ିଆ ସିନେମାର ଭବିଷ୍ୟତ ଉପରେ ସ୍ୱତଃ ପ୍ରଶ୍ନବାଚୀ ଲାଗିଯାଉଛି। କାରଣ ଗତ କିଛି ବର୍ଷ ହେବ ପ୍ରତିବର୍ଷ ୩୦ରୁ ଊର୍ଦ୍ଧ୍ୱ ସିନେମା ରିଲିଜ ହେଉଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ କୌଣସି ଦୃଷ୍ଟିକୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିପାରୁନାହିଁ। ଆମେ କେବଳ ଏଠାରେ ଓଡ଼ିଆ ସିନେମାର ସଂଖ୍ୟା ହିସାବ କରୁଛେ। ମନକୁ ଛୁଇଁଲା ଭଳି ନିଛକ ଓଡ଼ିଆ ଚିତ୍ରଟିଏ ଦେଖିବା ବିରଳ ହୋଇଗଲାଣି। ଓଡ଼ିଆ ସିନେମା ନିର୍ମାଣ କରି ନିଜକୁ ଜଣେ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ କହି ପ୍ରଶଂସିତ ହେବାକୁ କାହାକୁ କିଏ ମନା କରୁନାହିଁ। ହେଲେ ଓଡ଼ିଆ ସିନେମାର ଦିନକୁ ଦିନ ଯେପରି ଅଧୋଗତି ହେଉଛି ତାହା ଚିନ୍ତାର କାରଣ ସାଜିଛି।

"ଗତ କିଛିବର୍ଷ ହେବ ପ୍ରତିବର୍ଷ ୩୦ରୁ ଊର୍ଦ୍ଧ୍ୱ ସିନେମା ରିଲିଜ ହେଉଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ କୌଣସି ଦୃଷ୍ଟିକୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିପାରୁନାହିଁ। ଆମେ କେବଳ ଏଠାରେ ଓଡ଼ିଆ ସିନେମାର ସଂଖ୍ୟା ହିସାବ କରୁଛେ। ମନକୁ ଛୁଇଁଲା ଭଳି ନିଛକ ଓଡ଼ିଆ ଚିତ୍ରଟିଏ ଦେଖିବା ବିରଳ ହୋଇଗଲାଣି।"



ନୂଆ ଓଡ଼ିଆ ସିନେମା ନିର୍ମାଣ ହେଉ - ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ। କାରଣ ଓଡ଼ିଆ ସିନେମା ସହ ସଂଶ୍ଳିଷ୍ଟ ଅନେକ ବ୍ୟକ୍ତିବିଶେଷଙ୍କ ପେଟପାଟଣା ଏହା ଉପରେ ନିର୍ଭର କରୁଛି। ସିନେମାଟିଏ ରିଲିଜ ହୋଇ ଯଦି ଦି' ପଇସା ଲାଭ କଲା ତେବେ ତାହା ସଂପୃକ୍ତ ପ୍ରଯୋଜକଙ୍କୁ ଆଉ ଏକ ସିନେମା ନିର୍ମାଣ କରିବାକୁ ଉତ୍ସାହିତ କରିଥାଏ। ହେଲେ ଏବେ କ'ଣ ହେଉଛି ନା କେତେକ ସିନେମାର ଶୁଟିଂ ଦିନ କେଇଟାରେ ଯେନତେନ ପ୍ରକାରେ ଶେଷ କରିଦିଆଯାଉଛି। ଆଉ ସିନେମାଟି ଦେଖିଲା ବେଳେ ଏହା ଜଳଜଳ ହୋଇ ଦେଖାଯାଉଛି। ପୁଣି ବଜେଟକୁ ନେଇ ଛକାପଞ୍ଝା ଚାଲିଛି। ଆମର ଛୋଟ ଇଣ୍ଡଷ୍ଟ୍ରି, ଏଠି ରିଟର୍ନ ମିଳୁନି। ଓଡ଼ିଆ ଫିଲ୍ମଟିଏ ନିର୍ମାଣ କରିବା କାଠିକର ପାଠ। ତେଣୁ ବଜେଟକୁ ନେଇ କମ୍ପ୍ରମାଇଜ କରିବାକୁ ପଡୁଛି-ଏମିତିକା ସଫେଇ ଦେଇ କେତେକ ପ୍ରଯୋଜକ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ଭଲ କାହାଣୀଟିଏ ଚୟନ କରିବା ଅପେକ୍ଷା ତେଲୁଗୁ-ତାମିଲ କିମ୍ବା କୌଣସି ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମା ଦେଖି ତାକୁ କପି କରିଦେଲେ କାମ ଶେଷ। ମୂଳ ସିନେମା ସହ ଆମ ଓଡ଼ିଆ ସିନେମାକୁ ମିଳାଇଲା ବେଳକୁ ଆକାଶ ପାତାଳ ଫରକ। ସମୟ ଥିଲା, ଭଲ କାହାଣୀଟିଏ ନେଇ ପ୍ରଯୋଜକ ଓଡ଼ିଆ ଫିଲ୍ମ ପ୍ରସ୍ତୁତ କରୁଥିଲେ। ଆଉ ସେଗୁଡ଼ିକୁ ଏଭଳି ନିର୍ମାଣ କରାଯାଉଥିଲା ଯାହାକୁ ଥରେ ନୁହେଁ, ୨/୩ ଥର ଦେଖିବାକୁ ଇଚ୍ଛା ହେଉଥିଲା। ହେଲେ ଏବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଅଧିକାଂଶ ଦର୍ଶକ ମନ ବଳାଉ ନ ଥିବା ଦେଖିବାକୁ ମିଳୁଛି। କେତେକ ସିନେମା ରିଲିଜ ହେବାର ଦିନେ-ଦୁଇ ଦିନ ପରେ ପ୍ରେକ୍ଷାଳୟରୁ ଓହ୍ଲାଇ ଯାଉଛି।

ବର୍ତ୍ତମାନ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଓଡ଼ିଆ ସିନେମା ନିର୍ମାଣ ପ୍ରତି ଯଦି ଆବଶ୍ୟକ ମୁତାବକ ଦୃଷ୍ଟି ଦିଆ ନ ଯାଏ ତେବେ କଥାଟି ନିଶ୍ଚୟ 'ଗୋଦରା କୋଡେ ଯେତେ ମାଡେ ସେତେ' ସଦୃଶ ହେବ। ଏଭଳି ସିନେମାଟିଏ ନିର୍ମାଣ ହେବା ଦରକାର, ଯାହା ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଆକର୍ଷିତ କରୁଥିବ। ଯଦି ନିଜର ମନୋରଞ୍ଜନ ପାଇଁ ଓଡ଼ିଆ ଚିତ୍ର ପ୍ରସ୍ତୁତ କରିବାକୁ କେହି ମନ ବଳାନ୍ତି କିମ୍ବା ଆଗେଇ ଆସନ୍ତି ତେବେ ସେମାନେ ଆରମ୍ଭରୁ ସାବଧାନ ନ ରହିଲେ କଥାଟି ବହ୍ବାରମ୍ଭରେ ଲଘୁକ୍ରିୟା ପରି ହେବ। ଓଡ଼ିଆ ସିନେମା ସଂଖ୍ୟା ବଢୁ। ତା'ସହ ଏଭଳି ସିନେମା ନିର୍ମାଣ ହେଉ, ଯାହା ଆମ ଇଣ୍ଡଷ୍ଟ୍ରିର ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦେବା ପରିବର୍ତ୍ତେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜୁ।

-ଶୁଭ୍ର ମହାପାତ୍ର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଗୁରୁବାର, ଫେବୃଆରୀ ୨୫/୨୦୨୧ Balasore, Thursday, February 25/ 2021

# ଓଡ଼ିଶାର କ୍ରମାଗତ ତୃତୀୟ ପରାଜୟ

**ଭୁବନେଶ୍ୱର,୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ପ୍ରଥମେ କେରଳଠାରୁ ୩୪ ରନରେ ଭିଜେଡି ନିୟମରେ ପରାସ୍ତ ହେବା ପରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍‌ରେ ରେଲ୍‌ୱେଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ବୁଧବାର ଓଡ଼ିଶା ତା’ର ତୃତୀୟ ମ୍ୟାଚ୍‌ରେ କର୍ଣ୍ଣାଟକଠାରୁ ମଧ୍ୟ ବୃହତ୍ ୧୦୧ ରନରେ

## ବିଜୟ ହଜାରେ ଟ୍ରଫି: ପଡିକାଲଙ୍କ ଶତକ



ହାରିଛି। କର୍ଣ୍ଣାଟକ ଓପନର ଦେବଦତ୍ତ ପଡିକାଲ ୧୪୦ ବଲ୍ ଖେଳି ୧୪ ଚୌକା ଓ ୫ ଛକା ସହ ୧୫୨ରନର ବୃହତ୍ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ବିଜୟ ସହ କର୍ଣ୍ଣାଟକ ୪ ପଏଣ୍ଟ ହାସଲ କରିଛି ଓ ଓଡ଼ିଶା ଏ ପର୍ଯ୍ୟନ୍ତ ଖାତା ଖୋଲିପାରି ନାହିଁ।

ଆଲୁରସ୍ଥିତ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ତୃତୀୟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଓଡ଼ିଶା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୨୯ ରନର ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ଓଡ଼ିଶା ୪୪ ଓଭରରେ ୨୨୮ ରନକରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା।

୩୩୦ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଓଡ଼ିଶା ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଗୌରବ ଚୌଧୁରୀ ଓ ସନ୍ଦୀପ ପଟ୍ଟନାୟକ ପ୍ରଥମ ଉଇକେଟରେ ୫୫ ରନ ସଂଗ୍ରହ କରିଥିଲେ। ତେବେ ଗୌରବ ୨୦ ରନ କରି ପ୍ରଥମେ ଆଉଟ ହେବା ପରେ ସନ୍ଦୀପ ୨୮ ରନ କରିଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ଅଧିନାୟକ ଶାନ୍ତନୁ ମିଶ୍ର ୧୧ ରନକରି ଆଉଟ ହୋଇଥିଲେ। ଶୁଭ୍ରାଂଶୁ ସେନାପତି ଓ ଅଙ୍କିତ ଯାଦବ ଅର୍ଦ୍ଧଶତକୀୟ ଇନିଂସ ଖେଳି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ଏହି ଦୁଇଜଣ ଆଉଟ ହେବା ପରେ ଓଡ଼ିଶା ଇନିଂସ ଭୁଶୁଡି ପଡିଥିଲା। ଶୁଭ୍ରାଂଶୁ ୭୮ ରନରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ସେହିପରି ଅଙ୍କିତ ୫୬ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ସନ୍ଦୀପ ଓ ଶୁଭ୍ରାଂଶୁ ରନଆଉଟ ହେବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳର ୬ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ କର୍ଣ୍ଣାଟକ ତରଫରୁ ପ୍ରସିଦ୍ଧ କ୍ରିଷ୍ଣା ଓ ଶ୍ରେୟାସ ଗୋପାଲ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ବିଜୟ କୁମାର ଭିସାକ ଓ ଜଗଦୀଶା ସୁଚିତ ଗୋଟିଏ କରି ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ତରଫରୁ ପଡିକାଲ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ବଡ଼ ଶତକ ହାସଲ କରିଥିଲେ। ଅନ୍ୟତମ ଓପନର ତଥା ଅଧିନାୟକ ରବିକୁମାର ସମର୍ଥ ୬୦, କୃଷ୍ଣମୂର୍ତ୍ତି ସିଦ୍ଧାର୍ଥ ୪୧, କରୁନ ନାୟାର ୨୫ ରନକରି ଆଉଟ ହୋଇଥିବା ବେଳେ ଅଭିମନ୍ୟୁ ମିଥୁନ ମାତ୍ର ୧୭ଟି ବଲ୍ ଖେଳି ୫ ଛକା ସହ ଦ୍ରୁତ ୪୦ ରନକରି ଅପରାଜିତ ରହିଥିଲେ। ସୁଚିତ ୫ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଓଡ଼ିଶା ତରଫରୁ ସୂର୍ଯ୍ୟକାନ୍ତ ପ୍ରଧାନ ଓ ହର୍ଷିତ ରାଠୋର ୨ଟି ଲେଖାଏ, ଶାନ୍ତନୁ ମିଶ୍ର ଗୋଟିଏ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

କର୍ଣ୍ଣାଟକ ୫୦ ଓଭରରେ ୩୨୯/୫ (ପଡିକାଲ– ୧୫୨, ସମର୍ଥ– ୬୦, ସିଦ୍ଧାର୍ଥ– ୪୧, ନାୟାର– ୨୫, ମିଥୁନ– ୪୦*, ସୂର୍ଯ୍ୟକାନ୍ତ– ୨/୫୩, ହର୍ଷିତ– ୨/୮୦, ଶାନ୍ତନୁ– ୧/୩୯)।

ଓଡ଼ିଶା ୪୪ ଓଭରରେ ୨୨୮ ଅଲ୍‌ଆଉଟ (ଶୁଭ୍ରାଂଶୁ– ୭୮, ଅଙ୍କିତ– ୫୬, ସନ୍ଦୀପ– ୨୮, ଗୌରବ– ୨୦, କ୍ରିଷ୍ଣା– ୩/୪୬, ଗୋପାଲ– ୩/୪୭)।

# ପ୍ରଗତି ୮ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଲାଇଭ୍ ଲିଜେଣ୍ଡ କ୍ରିକେଟ୍ କ୍ଲବ୍ (ଏଲ୍‌ଏଲସିସି) ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଅଲ୍ ଓଡ଼ିଶା ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୮ ଉଇକେଟରେ ଗ୍ରୀନ୍ସ ଏକାଡେମୀକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୦ ଓଭରରେ ୫ ଉଇକେଟ ହରାଇ ୨୦୧ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ୮୭ ରନ କରି ଅପରାଜିତ ରହିଥିବାବେଳେ ଜନ୍ମେଜୟ ସାମଲ ୬୨ ରନର ଯୋଗଦାନ ଦେଇଥିଲେ। ବିପକ୍ଷ ଦଳର ଅସିମ ବରଦ ୩ଟି ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ୨୬.୫ ଓଭରରେ ୨ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରି ନେଇଥିଲା। ଅସିମ ୬୫, ଯଶୱନ୍ତ ପ୍ରଧାନ ୫୭ ଓ ଦୀପ୍ତାଂଶୁ ପ୍ରିୟଦର୍ଶୀ ୨୯* ରନ କରି ଦଳକୁ ଜିତାଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅସିମ ବରଦ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସତୀଶ ପଟେଲ ଓ ମାନସୀ ରାଣୀ ସୁନ୍ଦରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରମୋହନ ବରାଳ ଓ ସୁଶାନ୍ତ ଦାଶ ମ୍ୟାଚ ପରିଚାଳନା କରିଥିଲେ।



ଅସିମ ବରଦଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ସତ୍ୟସାଇ କ୍ରିକେଟ: ସେମିଫାଇନାଲରେ ସ୍କାନ୍ ଭୁବନେଶ୍ୱର

**ରସୁଲପୁର,୨୪।୨(ଡି.ଏନ.ଏ.):** ଯାଜପୁର ବ୍ଲକ ଖାଲପଡ଼ା ସତ୍ୟସାଇ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଚତୁର୍ଥ ଦିବସରେ ଘରୋଇ ଦଳ ସତ୍ୟସାଇ କ୍ରିକେଟ ଟିମକୁ ହରାଇ ସ୍କାନ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ସତ୍ୟସାଇ କ୍ରିକେଟ ଟିମ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ଦଳ ୧୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅରସାଦ ଅଲ୍ଲୀ ୩୬ ଓ ସାକିବ ୩୨ ରନ କରିଥିଲେ। ସ୍କାନ ଦଳ ପକ୍ଷରୁ ରାମଚନ୍ଦ୍ର ମହାନ୍ତି ୨ ଉଇକେଟ ଅକ୍ତିଆରେ କରିଥିଲେ। ସ୍କାନ ଭୁବନେଶ୍ୱର ୧୪ ଓଭରରେ ୫ ଉଇକେଟ ହରାଇ ୧୩୮ରନ୍ କରିଥିଲା। ଦଳ ପକ୍ଷରୁ ଏସ୍ ସାବତ୍ ୪୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁମନ ସମ୍ଭିତ୍ ୨ ଉଇକେଟ ନେଇଥିଲେ। ରତିକାନ୍ତ ରାଉତ ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ବବି ନାରାୟଣ ସେଠୀ, ପବିତ୍ର ସାହୁ, ସଚିନ ଜେନା, ସିପୁ ବିଶ୍ୱାଳ ଓ ମଣ୍ଟୁଦାସ ସ୍କୋର ଏବଂ ଭାଷାକାର ଭାବେ ସହଯୋଗ କରିଥିଲେ। ଅରସାଦ ଅଲ୍ଲୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।




# ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଚାମ୍ପିୟନ



ଚାମ୍ପିୟନ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଦଳ।

**ଭୁବନେଶ୍ୱର, ୨୪।୨(କ୍ରୀଡ଼ା ପ୍ରତିନିଧି)**

ବିଳାସପୁରଠାରେ ଅନୁଷ୍ଠିତ ୪ର୍ଥ ନବଭାରତ ଟ୍ରଫି ସର୍ବଭାରତୀୟ ହକି ଟୁର୍ନାମେଣ୍ଟରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଚାମ୍ପିୟନ ହୋଇଛି। ବୁଧବାର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭୁବନେଶ୍ୱର ଦଳ ଶୁଟ୍ ଆଉଟ ୩–୨ ଗୋଲରେ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟକୁ ହରାଇ ଦେଇଛି। ନିର୍ଦ୍ଧାରିତ ସମୟରେ ଖେଳ ୨–୨ ଗୋଲରେ ଶେଷ ହୋଇଥିଲା। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ପକ୍ଷରୁ ସୁଶୀଲ ଧନୱାର ଓ ସେଲ୍ ପକ୍ଷରୁ ପ୍ରଶାନ୍ତ ସିଂ ୨ଟି ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ଛାତ୍ରାବାସ ପକ୍ଷରୁ ରୋଶନ ମିଞ୍ଜ, ଅଧିନାୟକ ବିଜୁ ଏକ୍କା ଓ ଷ୍ଟାନିଲ ଭିକ୍ଟର ମିଞ୍ଜ୍ ଗୋଲ ଦେଇଥିବାବେଳେ ସେଲ୍‌ର ରାଜା ଯାଦବ ଓ ତରୁଣ ଯାଦବ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚରେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଜଜ୍ ଏବଂ ରାଜିନ ଏକ୍କା ରିଜର୍ଭ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।


# କାର୍ ଦୁର୍ଘଟଣାରେ ଟାଇଗର ଉଡ୍ସ ଗୁରୁତର

**ଲସ୍ ଏଞ୍ଜେଲ୍ସ, ୨୪।୨ (ପି.ଟି.):** ଆମେରିକୀୟ ଗଲ୍ଫ ସୁପରଷ୍ଟାର ଟାଇଗର ଉଡ୍ସ କାର ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଛି। ମଙ୍ଗଳବାର ରୋଡ୍ ଡିଭାଇଡରରେ ଟାଇଗରଙ୍କ ଏସ୍‌ୟୁଭି କାର ଧକ୍କା ଦେଇଥିଲା ଓ ଏକାଧିକବାର ଲେଉଟା ମାରିବା ସହ ଓଲଟି ପଡିଥିଲା। ତେବେ ସୌଭାଗ୍ୟବଶତଃ ସେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ସବୁରବନ୍‌ସ୍ଥିତ ସଡକରେ ଏହି ଦୁର୍ଘଟଣା ଘଟିଛି। ଅଧିକାରୀମାନେ ତାଙ୍କୁ ଝରକା ଦେଇ କାର ଭିତରୁ ବାହାରକୁ ଆଣିଥିଲେ ଓ ତାଙ୍କର ସେତେବେଳେ ଚେତା ବୁଡି ନ ଥିଲା। ଏହି ଦୁର୍ଘଟଣାରେ ଆଉ କୌଣସି ଯାନବାହନ କିମ୍ବା ବ୍ୟକ୍ତି ପ୍ରଭାବିତ ହୋଇନାହାନ୍ତି। ସଡକରେ ଯେଉଁଠାରେ ହାଇସ୍ପିଡ୍ ଆକ୍ସିଡେଣ୍ଟର ହଟ୍‌ସ୍ପଟ ଲେଖାଥିଲା ସେଠାରେ ହିଁ ଏହି ଦୁର୍ଘଟଣା ଘଟିଥିଲା। ଦୁଇ ଗୋଡରେ ଆଘାତ ଲାଗିଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କ ଗୋଡରେ ଅସ୍ତ୍ରୋପଚାର କରାଯାଇଛି।

୪୫ ବର୍ଷୀୟ ଟାଇଗର ତାଙ୍କ କାରରେ ଏକା ଥିଲେ। ସେ ମଦ୍ୟପାନ କରି ନ ଥିଲେ ଓ କାର ସ୍ପିଡ୍ କେତେଥିଲା ସେ ନେଇ ଅଧିକାରୀ କିଛି ସ୍ପଷ୍ଟ କରିନାହାନ୍ତି। ଦୁଇ ଲେନ୍ ବିଶିଷ୍ଟ ରାସ୍ତାର ଗଡାଣିଆ ସ୍ଥାନରେ ଏହି ଦୁର୍ଘଟଣା ଘଟିଥିଲା। ଏକ ଗଲ୍ଫ ଟୁର୍ନାମେଣ୍ଟ ଖେଳିବାକୁ ସେ ଲସ୍‌ଏଞ୍ଜେଲ୍ସ ଆସିଛନ୍ତି। ଉଲ୍ଲେଖଥାଉ କି ଟାଇଗର ତାଙ୍କ କ୍ୟାରିୟରରେ ୧୫ଥର ମେଜର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି ଓ ସେ ପିଜିଏ ଟୁର୍‌ରେ ୮୨ଥର ବିଜୟୀ ହୋଇଛନ୍ତି। ତୃତୀୟଥର ପାଇଁ ଉଡ୍ସ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ୨୦୦୯ ଓ ୨୦୧୭ରେ ପୋଲିସ୍ ତାଙ୍କ କାରକୁ ନେଇ ତଦନ୍ତ କରିଥିଲା।



ଦୁର୍ଘଟଣାଗ୍ରସ୍ତ କାର୍



ଟାଇଗର ଉଡ୍ସ

# ବିପିନଙ୍କ ହ୍ୟାଟ୍ରିକ: ଓଡ଼ିଶା ଏଫ୍‌ସିର ଶୋଚନୀୟ ପରାଜୟ

**ବାମ୍ବୋଲିମ୍,୨୪।୨**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସି ୬–୧ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ କିନ୍ତୁ ଓଡ଼ିଶା ପ୍ରଥମ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍‌ର ନବମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଡିଏଗୋ ମୌରେସିଓ ଗୋଲ ଦେଇ ଓଡ଼ିଶାକୁ ୧–୦ରେ ଅଗ୍ରଣୀ କରିଥିଲେ। ତେବେ ଏହାପରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ମୁମ୍ବାଇ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ମୁମ୍ବାଇ ତରଫରୁ ନାଇଜେରିଆ ଫୁଟ୍‌ବଲର ବାର୍ଥୋଲେମ୍ୟୁ ଓଗ୍‌ବେଚେ ୧୩ ଓ ୪୩ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ବିପିନ ସିଂ ୩୮, ୪୭ ଓ ୮୬ତମ ମିନିଟ୍‌ରେ ସର୍ବାଧିକ ୩ଟି ଗୋଲ ଦେଇ

**ଇଣ୍ଡିଆନ ସୁପର ଲିଗ୍**

ହ୍ୟାଟ୍ରିକ ଅର୍ଜନ କରିଥିଲେ। ଜାପାନ ଫୁଟବଲର ସି ଗୋଡାର୍ଡ ୪୪ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ମୁମ୍ବାଇ ସମ୍ପୂର୍ଣ୍ଣ ରୂପେ ଓଡ଼ିଶା ଉପରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।

ଏହି ବିଜୟ ସହ ମୁମ୍ବାଇ ଏ ପର୍ଯ୍ୟନ୍ତ ୧୯ଟି ମ୍ୟାଚ୍ ଖେଳି ୧୧ଟି ବିଜୟ, ୪ଟି ଲେଖାଏ ଡ୍ର ଓ ପରାଜୟ ସହ ୩୭ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଏଟିକେ ମୋହନ ବାଗାନ ୧୯ଟି ମ୍ୟାଚ୍ ଖେଳି ୧୨ ବିଜୟ, ୪ ଡ୍ର ଓ ୩ ପରାଜୟ ସହ ୪୦ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସେହିପରି ଓଡ଼ିଶା ୧୯ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଛି। ୬ ଡ୍ର ଓ ୧୨ଟି ପରାଜୟ ସହ ଓଡ଼ିଶା ୯ ପଏଣ୍ଟ ପାଇ ତାଲିକାର ସର୍ବନିମ୍ନ ଏକାଦଶ ସ୍ଥାନରେ ରହିଛି। ଏହି ୩ ଦଳ ଲିଗ୍ ପର୍ଯ୍ୟାୟରେ ଆଉ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ।



ହ୍ୟାଟ୍ରିକ୍ ଗୋଲସ୍କୋରର କରିଥିବା ବିପିନ ସିଂ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ